# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁଲାଇ ୧୬/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, July 16/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





## ଟ୍ରେନ୍ ବାତିଲ ଯୋଗୁ ଛାତ୍ରଙ୍କ ପାଇଁ ଟ୍ୟାକ୍ସି ବୁକ୍ କଲା ରେଲୱେ

ଗୁଜରାଟର ଜଣେ ଛାତ୍ର ଟିକେଟ୍ ବୁକ୍ କରିଥିବା ଏକ ଟ୍ରେନ୍ ବାତିଲ ହେବା ଯୋଗୁ ଭାରତୀୟ ରେଳପଥ ତାଙ୍କ ପାଇଁ ଟ୍ୟାକ୍ସି ଯୋଗାଡ଼ କରିଛି। ଆଇଆଇଟି ମାଡ୍ରାସ୍ ଛାତ୍ର ସତ୍ୟମ ଗାଢ଼ଭି କଲେଜ ଯିବା ପାଇଁ ଏକତାନଗରରୁ ଭଦୋଦରା ଯିବାକୁ ଥିବା ଏକ ଟ୍ରେନ୍‌ରେ ଟିକେଟ କରିଥିଲେ। ତେବେ ବର୍ଷା ଯୋଗୁ ଟ୍ରେନ୍ ବାତିଲ ହୋଇଯାଇଥିଲା। ରେଲ୍‌ୱେ ନିଜ ଆଡ଼ୁ ସତ୍ୟମଙ୍କ ପାଇଁ ଏକ କ୍ୟାବ କରି ଗନ୍ତବ୍ୟସ୍ଥଳରେ ପହଞ୍ଚାଇଥିଲା। ସେଠାରୁ ସେ ଚେନ୍ନାଇ ଯାଇଥିଲେ। ସତ୍ୟମ ଏକ ଭିଡିଓ ଟୁଇଟ କରି ରେଲ୍‌ୱେକୁ ଧନ୍ୟବାଦ ଦେଇଛନ୍ତି।





ଥାଇଲାଣ୍ଡର ନାଖୋନ ନାୟୋକ ପ୍ରଦେଶସ୍ଥିତ ଖାଓ ୟାଇ ଜାତୀୟ ଉଦ୍ୟାନର ଏକ ଖାଲରେ ଖସିପଡ଼ିଥିବା ହାତୀ ଶାବକ ଉଠିବା ପାଇଁ ଉଦ୍ୟମ କରୁଛି।

# ଏଲନ୍ ମସ୍କଙ୍କ ତିନି ବର୍ଷୀୟା ସାବତ ଭଉଣୀ



ଜନା ବେଜୁଇଦେନହୁଟ୍

**ୱାଶିଂଟନ୍, ୧୫।୭:** ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ଏଲନ୍ ମସ୍କଙ୍କର ଜଣେ ୩ ବର୍ଷୀୟା ଭଉଣୀ ଅଛନ୍ତି। ଏଲନଙ୍କ ୭୬ ବର୍ଷୀୟ ବାପା ଏରୋଲ ମସ୍କଙ୍କ ଔରସରୁ ଜନ୍ମିତ ଉକ୍ତ ଶିଶୁକନ୍ୟାଙ୍କ ମା' ହେଉଛନ୍ତି ବିଶ୍ୱର ଏହି ସବୁଠୁ ଧନୀବ୍ୟକ୍ତିଙ୍କ ସାବତ ଭଉଣୀ। ଜନା ବେଜୁଇଦେନହୁଟ୍‌ଙ୍କ ବୟସ ୩୫, ଯିଏ କି ଏରୋଲଙ୍କ ସାବତ ଝିଅ। ଜନା ତାଙ୍କ ସାବତ ପିତାଙ୍କଠାରୁ ୪୧ ବର୍ଷ ସାନ। ୨୦୧୯ରେ ନିଜ ସାବତ ଝିଅ ସହ ସମ୍ବନ୍ଧରୁ ଦ୍ୱିତୀୟ ଗୁପ୍ତ ସନ୍ତାନ ଜନ୍ମ ହୋଇଥିବା ବିଷୟ ପ୍ରଘଟ କରି ଏରୋଲ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛନ୍ତି। ଏଲନଙ୍କ ବାପା ଏରୋଲ ମସ୍କ ଦକ୍ଷିଣ ଆଫ୍ରିକାରେ ଜଣେ ଇଞ୍ଜିନିୟର। ବ୍ରିଟେନର ଏକ ପତ୍ରିକାକୁ ସାକ୍ଷାତ୍‌କାର ଦେଇ ଏରୋଲ କହିଛନ୍ତି, 'ଆମେ ଏ ପୃଥିବୀରେ ବସବାସ କରୁଛୁ କେବଳ ପ୍ରଜନନ ପାଇଁ'। ଏରୋଲ ଏବଂ ଜନାଙ୍କ ପ୍ରଥମ ଶିଶୁପୁତ୍ର ଇଲିଅଟ୍ ରଶ୍ ୨୦୧୭ରେ ଜନ୍ମଗ୍ରହଣ କରିଥିଲେ। ୧୯୭୯ରେ ଏଲନ୍‌ଙ୍କ ମା' ମାୟେ ହେଲ୍‌ଡମ୍ୟାନ୍ ମସ୍କଙ୍କୁ ଏରୋଲ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ବିଚ୍ଛେଦ ହେବା ପରେ ସେ ହିଡେ ବେଜୁଇଦେନହୁଟ୍‌ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହିଡେ ଏବଂ ଏରୋଲଙ୍କ ସମ୍ପର୍କରୁ ୨ ସନ୍ତାନ ଜନ୍ମ ନେଇଥିଲେ। ହିଡେଙ୍କ ଏକ ଅନ୍ୟ ସମ୍ପର୍କରୁ ଜନାଙ୍କ ଜନ୍ମ। ୧୮ ବର୍ଷ ଧରି ଏକାଠି ରହିବା ପରେ ଏରୋଲ ଓ ହିଡେଙ୍କ ବିବାହ ବିଚ୍ଛେଦ ହୋଇଥିଲା। ତେବେ ଏରୋଲ ତାଙ୍କ ସାବତ ଝିଅ ଜନାଙ୍କ ଲାଳନପାଳନରେ ସାହାଯ୍ୟ କରିଥିଲେ। ୨୦୧୭ରେ ଜନା ପ୍ରଥମ ଗର୍ଭ ଧାରଣ କରିଥିବା ଖବର ଜଣାପଡ଼ିବା ପରେ ଏହାକୁ ନେଇ ଏଲନ ଏବଂ ଏରୋଲଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏଲନ ଏବଂ ତାଙ୍କ ପରିବାର ଏହାକୁ ପସନ୍ଦ କରୁ ନ ଥିଲେ ବୋଲି ଏରୋଲ କହିଛନ୍ତି।

## ସାବତ ଝିଅ ସହ ସମ୍ପର୍କରୁ ଜନ୍ମିତ ଶିଶୁକୁ ନେଇ ମୁହଁ ଖୋଲିଲେ ଏରୋଲ୍ ମସ୍କ





# କାଲିର ନାୟକ ଆଜି ଖଳନାୟକ

## ମହିନ୍ଦା, ବାସିଲଙ୍କୁ ଶ୍ରୀଲଙ୍କା ଛାଡ଼ିବା ମନା



ମହିନ୍ଦା ରାଜପାକ୍ସେ    ଗୋଟାବାୟା ରାଜପାକ୍ସେ    ବାସିଲ୍ ରାଜପାକ୍ସେ

**କଲମ୍ବୋ, ୧୫।୭**

ଶ୍ରୀଲଙ୍କାର ସାମ୍ପ୍ରତିକ ଦୁର୍ଦ୍ଦଶା ପାଇଁ କାହାକୁ ଦାୟୀ କରାଯିବ? ୨୦୦୫ରେ ମହିନ୍ଦା ରାଜପାକ୍ସେ ପ୍ରଥମେ ରାଷ୍ଟ୍ରପତି ନିର୍ବାଚିତ ହେବା ପରଠୁ ଦ୍ୱୀପରାଷ୍ଟ୍ରର ରାଜନୀତିରେ ଆଧିପତ୍ୟ ବିସ୍ତାର କରିଥିବା ପ୍ରଭାବଶାଳୀ ରାଜପାକ୍ସେ ପରିବାରକୁ? ମହିନ୍ଦାଙ୍କୁ ତୃତୀୟ ଥର ରାଷ୍ଟ୍ରପତି ହେବାରେ ବାଧା ଦେଇଥିବା ସମ୍ବିଧାନ ସଂଶୋଧନକାରୀ ତାଙ୍କ ଭାଇ ଗୋଟାବାୟା ରାଜପାକ୍ସେଙ୍କୁ? ନା ଏହି ପରିବାରର ନେତୃତ୍ୱକୁ ସହୃଦୟେ ଗ୍ରହଣ କରିନେଇଥିବା ସିଂହଳୀ ବୌଦ୍ଧ ମତଦାତାଙ୍କୁ? ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ପଳାୟନ କରିବା ପରେ ଶ୍ରୀଲଙ୍କାର ରାଜନୈତିକ ବିଶ୍ଳେଷକମାନେ ଏବେ ଏଭଳି ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛନ୍ତି। କାରଣ ଏକଦା ଶ୍ରୀଲଙ୍କାର 'ତ୍ରାଣକର୍ତ୍ତା' ବିବେଚନା କରାଯାଉଥିବା ରାଜପାକ୍ସେ ଭ୍ରାତା ଏବେ ଲୋକଚକ୍ଷୁରେ ଖଳନାୟକ ପାଲଟିଯାଇଛନ୍ତି। ଇତିମଧ୍ୟରେ ବିବାଦୀୟ 'ରାଜପାକ୍ସେ' ପରିବାରକୁ ଶୁକ୍ରବାର ଆଉ ଏକ ବଡ଼ ଝଟ୍‌କା ଲାଗିଛି।

ବିଦାୟୀ ନେତା ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ସିଙ୍ଗାପୁର ପଳାୟନ କରିବା ପରେ ତାଙ୍କ ଦୁଇଭାଇଙ୍କ ବିଦେଶ ଗସ୍ତ ଉପରେ କଟକଣା ଲଗାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍ସେ ଓ ପ୍ରାକ୍ତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ ଜୁଲାଇ ୨୮ ପର୍ଯ୍ୟନ୍ତ ଦେଶ ଛାଡ଼ି କୁଆଡ଼େ ଯାଇପାରିବେ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଅନ୍ତରୀଣ ରାୟ ଦେଇଛନ୍ତି। ଗତ ମେ' ୯ରେ ଦେଶର ଆର୍ଥିକ ସଙ୍କଟ ପାଇଁ ମହିନ୍ଦାଙ୍କୁ ଦାୟୀ କରି ବିକ୍ଷୋଭକାରୀମାନେ ତାଙ୍କ ଘର ଓ ଅଫିସକୁ ଟାର୍ଗେଟ କରିଥିଲେ। ଏହା ପରେ ମହିନ୍ଦା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏକ ଅଜ୍ଞାତ ସ୍ଥାନରେ ଅଛନ୍ତି। ଆତ୍ମନିର୍ବାସନରେ ଥିବା ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଦୁଇଭାଇଙ୍କ ବିଦେଶ ଗସ୍ତ ଉପରେ କଟକଣା ଜାରି କରାଯାଉ ବୋଲି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଶ୍ରୀଲଙ୍କା (ଟିଆଇଏସ୍‌ଏଲ୍) ଏବଂ ଅନ୍ୟ ୩ ଆବେଦନକାରୀ ପିଟିଶନ ଦାଏର କରିଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ଗୋଟାବାୟାଙ୍କୁ ଶାସକ ଦଳର ପ୍ରଶଂସା

ଦ୍ୱୀପରାଷ୍ଟ୍ରର ଶାସକ ଶ୍ରୀଲଙ୍କା ପୋଦୁଜନ ପେରାମୁନା ପାର୍ଟି (ଏସ୍‌ଏଲ୍‌ପିପି) ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ କାର୍ଯ୍ୟକୁ ପ୍ରଶଂସା କରିଛି। ଦେଶରେ ଦୀର୍ଘ ୩୦ ବର୍ଷ ଧରି ଚାଲିଥିବା ତାମିଲ ଇଲମ୍ ବିଦ୍ରୋହୀଙ୍କ ଉଗ୍ରବାଦର ଅବସାନ ଘଟାଇବାରେ ଗୋଟାବାୟାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଏସ୍‌ଏଲ୍‌ପିପି ପକ୍ଷରୁ କୁହାଯାଇଛି। ଦଳର ସାଧାରଣ ସମ୍ପାଦକ ସାଗର କରିୟାୱାସମ୍ କାମଚଳା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି କହିଛି।

## ଶପଥ ନେଲେ ରାନିଲ



ଶ୍ରୀଲଙ୍କାର ୭୩ ବର୍ଷୀୟ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେ ଶୁକ୍ରବାର ଦେଶର କାମଚଳା ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି। ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜୟନ୍ତ ଜୟସୁରିୟା ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନୂଆ ଦାୟିତ୍ୱ ନେବା ପରେ ରାନିଲ ରାଷ୍ଟ୍ରପତିଙ୍କୁ ସମ୍ବୋଧନ ପାଇଁ ଉଦ୍ଦିଷ୍ଟ ହିଜ୍ ଏକ୍ସେଲେନ୍ସି (ମହାମହିମ) ଶବ୍ଦ ଉଚ୍ଚାରଣକୁ ନାପସନ୍ଦ କରିଛନ୍ତି। ଏଥିସହ ଦେଶର ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ନିଜ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

ଗୋଟାବାୟା ରାଜପାକ୍ସେ ରାଷ୍ଟ୍ରପତି ପଦରେ ରହି ଶ୍ରୀଲଙ୍କାକୁ ଋଣବୋଝରେ ବୁଡ଼ାଇଦେବା ପରେ ସୃଷ୍ଟ ଆର୍ଥିକ ସଙ୍କଟକୁ ନେଇ ଦେଶରେ ସବୁଠୁ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହାକୁ ନେଇ ଗୋଟାବାୟା ଦେଶ ଛାଡ଼ି ପଳାୟନ କରିଛନ୍ତି। ସେ ସିଙ୍ଗାପୁରରେ ପହଞ୍ଚିବା ପରେ ଗୁରୁବାର ରାତିରେ ବାଚସ୍ପତି ମହିନ୍ଦା ୟାପା ଆବେୟୱର୍ଦ୍ଦେନାଙ୍କ ନିକଟକୁ ନିଜ ଇସ୍ତଫାପତ୍ର ଇ-ମେଲ୍ ଜରିଆରେ ପଠାଇଥିଲେ। ଆସନ୍ତା ସପ୍ତାହରେ ଗୋଟାବାୟାଙ୍କ ଉତ୍ତରାଧିକାରୀ ନିର୍ବାଚନ ହେବା ଯାଏ ରାନିଲ ଏହି ଦାୟିତ୍ୱ ତୁଲାଇବେ। ଇତିମଧ୍ୟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଶ୍ରୀଲଙ୍କା ସ୍ଥିତି ଉପରେ ନଜର ରଖିଛି। ସ୍ଥିତି ସ୍ୱାଭାବିକ ହେଲେ ଯଥାଶୀଘ୍ର ସମ୍ଭବ ବେଲ୍‌ଆଉଟ୍ ପ୍ୟାକେଜ୍ ପ୍ରଦାନ ପାଇଁ ଆଲୋଚନା କରାଯିବ ବୋଲି ଆଇଏମ୍‌ଏଫ୍ କହିଛି।

### 'ମହାମହିମ' ସମ୍ବୋଧନକୁ ନା

## ଭଗତ ସିଂଙ୍କୁ ଆତଙ୍କବାଦୀ କହିଲେ ପଞ୍ଜାବ ଏମ୍‌ପି

**ଚଣ୍ଡିଗଡ଼, ୧୫।୭:** ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କୁ ଆତଙ୍କବାଦୀ କହି



ବିବାଦକୁ ଆସଛନ୍ତି ପଞ୍ଜାବ ଏମ୍‌ପି ତଥା ଶିରୋମଣି ଅକାଳୀ ଦଳ ନେତା ସିମ୍ରନଜିତ୍ ସିଂ ମାନ୍। ସିମ୍ରନ୍‌ଜିତ କହିଛନ୍ତି, 'ଭଗତ ସିଂ ଇଂଲିଶ ନୌସେନାର ଜଣେ ଯୁବ ଅଫିସର ଏବଂ ଜଣେ ଅମୃତଧାରୀ ଶିଖ୍ କନଷ୍ଟେବଲଙ୍କୁ ହତ୍ୟା କରିଥିଲେ। ସେତେବେଳେ ସେ ନ୍ୟାଶନାଲ ଆସେମ୍ବ୍ଲିକୁ ବୋମାମାଡ଼ କରିଥିଲେ। ଏବେ କୁହନ୍ତୁ ଭଗତ ସିଂ ଜଣେ ଆତଙ୍କବାଦୀ କି ନୁହେଁ'। ସିମ୍ରନ୍‌ଜିତଙ୍କ ଏଭଳି ମନ୍ତବ୍ୟକୁ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନିନ୍ଦା କରିଛି। ଦେଶ ପାଇଁ ପ୍ରାଣବଳି ଦେଇଥିବା ଜଣେ ସ୍ୱାଧୀନତା ସଂଗ୍ରାମୀଙ୍କୁ ସେ ଅପମାନିତ କରିଛନ୍ତି ଏବଂ ଏହାଦ୍ୱାରା ଦେଶବାସୀଙ୍କ ଭାବନା ଆହତ ହୋଇଛି। ତେଣୁ ସିମ୍ରନ୍‌ଜିତ ତୁରନ୍ତ ଏଥିପାଇଁ କ୍ଷମା ମାଗନ୍ତୁ ବୋଲି ଏଏପି ପକ୍ଷରୁ ଟୁଇଟ୍ କରାଯାଇଛି।

## ନିର୍ଦ୍ଦେଶକ ପ୍ରତାପ ପୋଥେନଙ୍କ ପରଲୋକ



**ଥିରୁଭାନନ୍ତପୁରମ୍, ୧୫।୭:** ମାଲୟାଲମ୍ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତା ତଥା ନିର୍ଦ୍ଦେଶକ ପ୍ରତାପ ପୋଥେନ(୬୯)ଙ୍କ ଶୁକ୍ରବାର ସକାଳେ ଚେନ୍ନାଇସ୍ଥିତ ବାସଭବନରେ ପରଲୋକ ଘଟିଛି। ୪ ଦଶନ୍ଧିର ଫିଲ୍ମ କ୍ୟାରିୟର ମଧ୍ୟରେ ସେ ଶତାଧିକ ମାଲୟାଲମ, ତାମିଲ, ତେଲୁଗୁ ଓ ହିନ୍ଦୀ ଫିଲ୍ମରେ ଅଭିନୟ କରିବା ସହ ଅନେକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଥମେ ଅଭିନେତ୍ରୀ ରାଧିକାଙ୍କୁ ସେ ବିବାହ କରିଥିଲେ। ତାଙ୍କଠାରୁ ଅଲଗା ହେବାପରେ ସେ ଅନ୍ୟତ୍ର ବାହା ହୋଇଥିଲେ।

## ୨୦ ହଜାର ଟପିଲା ଦୈନିକ ସଂକ୍ରମଣ

**ନୂଆଦିଲ୍ଲୀ, ୧୫।୭:** ଦେଶରେ ପୁଣି କରୋନା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୨୦,୦୩୮ ଜଣ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବାବେଳେ ଦିନକରେ ୪୭ ଜଣ ପ୍ରାଣ ହରାଇଛନ୍ତି। ଫଳରେ ମୋଟ ସଂକ୍ରମଣ ୪,୩୭,୧୦,୦୨୭କୁ ବୃଦ୍ଧି ପାଇଛି। ସକ୍ରିୟ ମାମଲା ବଢ଼ି ୧,୩୯,୦୭୩ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି କରୋନାଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୫,୬୦୪କୁ ବୃଦ୍ଧିପାଇଛି। ଦୈନିକ ପଜିଟିଭିଟି ହାର ୪.୪୪% ରହିଛି। 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣା ବୁଷ୍ଟର ଡୋଜ ପ୍ରଦାନ ଆରମ୍ଭ ହୋଇଛି। ୭୫ ଦିନ ପର୍ଯ୍ୟନ୍ତ ଏହି ଟିକାକରଣ ଜାରି ରହିବ।

## କାନ୍ଥ ଭୁଶୁଡ଼ି ୫ ମୃତ

**ନୂଆଦିଲ୍ଲୀ ୧୫।୭**

ଦିଲ୍ଲୀର ନରେଲା ଅଞ୍ଚଳରେ ଏକ ନିର୍ମାଣାଧୀନ ଗୋଦାମର କାନ୍ଥ ଭୁଶୁଡ଼ି ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳେ ଫସି ରହିଥିବା ୧୫ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଘଟଣାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି।

## ହିନ୍ଦୁଧର୍ମ ସହନଶୀଳ

**ନୂଆଦିଲ୍ଲୀ ୧୫।୭:** ହିନ୍ଦୁଙ୍କ ଧର୍ମୀୟ ଭାବନାକୁ ଆଘାତ ଅଭିଯୋଗରେ ଗିରଫ ହୋଇଥିବା ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କୁ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହିନ୍ଦୁ ଧର୍ମ ସର୍ବପୁରାତନ ଧର୍ମ ମଧ୍ୟରୁ ଅନ୍ୟତମ ଏବଂ ସବୁଠୁ ସହନଶୀଳ। ପଟିଆଲା ହାଉସ୍ କୋର୍ଟର ଅତିରିକ୍ତ ସେସନ୍ସ ଜଜ୍ ଦେବେନ୍ଦର କୁମାର ଜାଙ୍ଗଲା ଜାମିନ ରାୟବେଳେ ଟିପ୍ପଣୀ ଦେଇଥିଲେ। ହିନ୍ଦୁ ଧର୍ମକୁ ଅନୁସରଣ କରୁଥିବା ବ୍ୟକ୍ତିଙ୍କଠାରେ ମଧ୍ୟ ବହୁ ସହନଶକ୍ତି ରହିଛି। ଫଳରେ ଅନେକ ଅନୁଷ୍ଠାନ, ସଙ୍ଗଠନ ସମେତ ଏହି ଧର୍ମର ଲୋକେ ଦେବଦେବୀଙ୍କ ନାଁରେ ଗର୍ବର ସହ ପିଲାଙ୍କ ନାମ ରଖିଥାନ୍ତି ବୋଲି ଜଜ୍ କହିଛନ୍ତି। ୫୦ ହଜାର ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ଜୁବୈରଙ୍କୁ ଜାମିନ ମିଳିଛି।

### ଜୁବୈରଙ୍କୁ ଜାମିନ ପ୍ରଦାନବେଳେ କୋର୍ଟଙ୍କ ଟିପ୍ପଣୀ



## ୧୪ ଥର ଗର୍ଭପାତ କରାଇଥିଲେ ପ୍ରେମିକ

**ନୂଆଦିଲ୍ଲୀ ୧୫।୭**

### ବିବାହ ପାଇଁ ମନା କରିବାରୁ ପ୍ରେମିକାଙ୍କ ଆତ୍ମହତ୍ୟା



ପ୍ରେମିକ ଜୋରଜବରଦସ୍ତି ଗର୍ଭପାତ କରାଇବା କାରଣରୁ ଦିଲ୍ଲୀର ଜଣେ ୩୩ ବର୍ଷୀୟା ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମହିଳା ଜଣକ ଗତ ୫ ତାରିଖରେ ଜଇତପୁର ଅଞ୍ଚଳରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ତାଙ୍କ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି। ସମ୍ପୃକ୍ତା ମହିଳା ପ୍ରେମିକଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ ଏବଂ ତାଙ୍କ ସହ ଶାରୀରିକ ସମ୍ପର୍କ ଥିବା କଥା ଉକ୍ତ ନୋଟରେ ରହିଛି।

ପୋଲିସ ସୂଚନା ଅନୁସାରେ, ପ୍ରେମିକ ଜଣକ ଏକ ସଫ୍ଟୱେର କମ୍ପାନୀରେ କାର୍ଯ୍ୟ କରନ୍ତି। ମହିଳା ଜଣକ ବିବାହିତ ହୋଇଥିବାବେଳେ ୬/୭ ବର୍ଷ ହେବ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଲିଭ୍-ଇନ୍‌ରେ ରହୁଥିଲେ। ସେ ଗର୍ଭବତୀ ହେବା ପରେ ପ୍ରେମିକ ବାରମ୍ବାର ତାଙ୍କ ଗର୍ଭପାତ କରାଉଥିଲେ। ପ୍ରାୟ ୧୪ ଥର ସେ ଜବରଦସ୍ତି ପ୍ରେମିକାଙ୍କ ଗର୍ଭପାତ କରାଇଥିବା ଜଣାପଡ଼ିଛି। ପରେ ଯୁବକ ଜଣକ ତାଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ମହିଳା ଚରମ ପନ୍ଥା ଆପଣାଇଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ବଳାତ୍କାର, ଆତ୍ମହତ୍ୟା କରିବାକୁ ଉସୁକାଇବା ଅଭିଯୋଗରେ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ପୂର୍ବାହ୍ନ ୯.୩୦ରେ ଶୁଣାଣି କଲେ ଜଷ୍ଟିସ୍ ଲଳିତ

**ନୂଆଦିଲ୍ଲୀ, ୧୫।୭**

ସୁପ୍ରିମକୋର୍ଟରେ ପୂର୍ବାହ୍ନ ୧୦ଟା ୩୦ ମିନିଟରେ ମାମଲାଗୁଡ଼ିକର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିନ୍ତୁ ଶୁକ୍ରବାର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆସନ୍ତା ଅଗଷ୍ଟରେ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ହେବାକୁ ଯାଉଥିବା ଜଷ୍ଟିସ୍ ୟୁ.ୟୁ. ଲଳିତ ପୂର୍ବାହ୍ନ ୯ଟା ୩୦ରେ ଏକ ମାମଲାର ଶୁଣାଣି କରି ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଜଷ୍ଟିସ୍ ଲଳିତଙ୍କ



ଅଧ୍ୟକ୍ଷତା ତଥା ଜଷ୍ଟିସ୍ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ କୋର୍ଟ ନମ୍ବର ୨ରେ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ଶୁଣାଣି କରିଥିବାବେଳେ ପୂର୍ବତନ ଆଟର୍ନି ଜେନେରାଲ ମୁକୁଲ ରହତୋଗି ଖୁସି ବ୍ୟକ୍ତ କରିଥିଲେ। ଏନେଇ ଜଷ୍ଟିସ୍ ଲଳିତ କହିଥିଲେ, ଯଦି ସ୍କୁଲ ପିଲାମାନେ ସକାଳ ୭ଟାରେ ପାଠ ପଢ଼ିବାକୁ ଯାଇପାରୁଛନ୍ତି ତେବେ ବିଚାରପତି ଓ ଆଇନଜୀବୀମାନେ ସେମାନଙ୍କ କାମ ୯ଟାରେ କାହିଁକି ଆରମ୍ଭ କରିପାରିବେ ନାହିଁ। ସୁପ୍ରିମକୋର୍ଟ ୯ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବା ପରେ ବିରତି ନେଇ ଅପରାହ୍ନରେ ପୁଣି ଚାଲିପାରିବ। ଏପରି କଲେ ଆଇନଜୀବୀମାନେ ସନ୍ଧ୍ୟାରେ ଅଧିକ କାମ କରିପାରିବେ ବୋଲି ଜଷ୍ଟିସ୍ ଲଳିତ ପ୍ରସ୍ତାବ ଦେଇଛନ୍ତି। ପ୍ରକାଶ ଯେ, ବର୍ତ୍ତମାନର ସିଜେଆଇ ଏନ୍.ଭି. ରମନା ଆସନ୍ତା ଅଗଷ୍ଟ ୨୭ରେ ଅବସର ନେବେ। ତାଙ୍କ ସ୍ଥାନରେ ଜଷ୍ଟିସ୍ ଲଳିତ ସିଜେଆଇ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସିଜେଆଇ ରୂପେ ସେ ନଭେମ୍ବର ୮ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇପାରିବେ।

### ଯଦି ପିଲାମାନେ ସକାଳ ୭ଟାରେ ସ୍କୁଲ ଯାଇପାରୁଛନ୍ତି...

# ଧରିତ୍ରୀ
DHARITRI

ଶନିବାର, ଜୁଲାଇ ୧୬/୨୦୨୨ | Saturday, July 16/2022 | ପୃଷ୍ଠା-୧




## ସିନ୍ଧୁ ସେମିଫାଇନାଲରେ

ପି. ଭି. ସିନ୍ଧୁ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।


୧୪



୧୦


## ରିୟଲିଟି ଶୋ’ରେ ଆମିର

ଫିଲ୍ମ ‘ଲାଲ୍ ସିଂ ଚଡ୍ଢା’ର ପ୍ରମୋଶନ ପାଇଁ ପ୍ରଥମ ଥର ଲାଗି ବଲିଉଡ୍ ଅଭିନେତା ଆମିର ଖାନ ରିୟଲିଟି ଶୋ’ରେ ଅଂଶ ଗ୍ରହଣ କରିଛନ୍ତି।






ଭୁବନେଶ୍ୱର ଲୋକସେବା ଭବନଠାରେ ଶୁକ୍ରବାର ଚେସ୍ ଅଲିମ୍ପିଆଡ୍ ରିଲେ ଟର୍ଚ୍ଚ ହସ୍ତାନ୍ତର ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେସ୍ ଗୋଟି ଚାଳନା କରୁଛନ୍ତି।

# ‘ଦେଶ ପାଇଁ ଗର୍ବର ମୁହୂର୍ତ୍ତ’

■ ପଦ୍ମିନୀଙ୍କୁ ଚେସ୍ ଅଲିମ୍ପିଆଡ୍ ରିଲେ ଟର୍ଚ୍ଚ ହସ୍ତାନ୍ତର କଲେ ମୁଖ୍ୟମନ୍ତ୍ରୀ

■ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଚେସ୍‌କୁ ପ୍ରୋତ୍ସାହିତ କରାଯିବ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

୭୫ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଭାରତରେ ଚେସ୍ ଅଲିମ୍ପିଆଡ୍ ଆୟୋଜନ ଦେଶ ପାଇଁ ଗର୍ବର ମୁହୂର୍ତ୍ତ। ଭାରତ ଚେସ୍‌ର ଉତ୍ପତ୍ତି ସ୍ଥଳ। ଅତୀତରେ ଚେସ୍‌କୁ ସତରଞ୍ଚ ଭାବେ ଖେଳାଯାଉଥିଲା। ଏହି ଖ୍ୟାତିସମ୍ପନ୍ନ କ୍ରୀଡ଼ାରେ ଓଡ଼ିଶା ଭଲ ପ୍ରଦର୍ଶନ କରି ଆସୁଛି। ଅନେକ ଓଡ଼ିଆ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ସାଉଁଟୁଛନ୍ତି। ଓଡ଼ିଶାରେ ୨୦୧୬ରେ ବିଶ୍ୱ କନିଷ୍ଠ ଚେସ୍ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ଏହି ଖେଳ ପାଇଁ ବିଶେଷ କ୍ରୀଡ଼ା ଭିତ୍ତିଭୂମି କିମ୍ବା ସରଞ୍ଜାମର ଆବଶ୍ୟକତା ନାହିଁ। ରାଜ୍ୟରେ ଏହି କ୍ରୀଡ଼ାର ପ୍ରସାର ପାଇଁ ପ୍ରୋତ୍ସାହିତ କରାଯିବ। ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ପେସାଦାର ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ଚେସ୍ ଅଲିମ୍ପିଆଡ୍ ମଶାଲକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଥିବାବେଳେ ଲୋକସେବା ଭବନରେ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେ ଓଡ଼ିଶାରେ ଚେସ୍‌ର ବିକାଶ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି ରିଲେ ଟର୍ଚ୍ଚକୁ ଲୋକସେବା ଭବନକୁ ଆଣିଥିଲେ। ଏହାକୁ ମୁଖ୍ୟମନ୍ତ୍ରୀ ଚେସ୍ ତାରକା ପଦ୍ମିନୀ ରାଉତଙ୍କୁ ହସ୍ତାନ୍ତର କରିଥିଲେ। ଓଡ଼ିଶାକୁ ମଶାଲ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି।

ଚେସ୍ ଅଲିମ୍ପିଆଡ ମଶାଲ କିଟ୍ କନ୍‌ଭେନଶନ-ପୁରୀ-କୋଣାର୍କ ସୂର୍ଯ୍ୟ ମନ୍ଦିର ପରିକ୍ରମା କରି ଭୁବନେଶ୍ୱର ବିମାନବନ୍ଦରକୁ ବାହୁଡ଼ିବ। ସେଠାରୁ ରାୟପୁର ଅଭିମୁଖେ ଯିବ। ସୂଚନାଯୋଗ୍ୟ, ଶୁକ୍ରବାର ସକାଳୁ ଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ମଶାଲକୁ ସ୍ୱାଗତ କରାଯାଇଥିଲା। ସେଠାରୁ ବିରାଟ ଶୋଭାଯାତ୍ରାରେ ମଶାଲକୁ ରାଜ୍ୟ ଅତିଥି ଭବନକୁ ନିଆଯିବା ପରେ ଲୋକସେବା ଭବନରେ ପହଞ୍ଚିଥିଲା। ସୂଚନାଯୋଗ୍ୟ, ଆସନ୍ତା ୨୮ରୁ ତାମିଲନାଡୁ ମହାବଲ୍ଲିପୁରମ୍‌ରେ ଚେସ୍ ଅଲିମ୍ପିଆଡ୍ ଅନୁଷ୍ଠିତ ହେବ। ଏଥିରେ ୧୮୮ ଦେଶ ଭାଗ ନେବେ। ଓଡ଼ିଶାରୁ ପଦ୍ମିନୀଙ୍କ ସମେତ ୬ ଜଣ ଅଂଶଗ୍ରହଣ କରିବେ। ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ହଜାରେ ଟପିଲା ସଂକ୍ରମଣ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ କରୋନା ଭୂତାଣୁ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛି। କ୍ରମାଗତ ଭାବେ ଆକ୍ରାନ୍ତ ସଂଖ୍ୟା ବଢ଼ି ଚାଲିଛି। ବିଶେଷକରି ଜୁଲାଇ ମାସର ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ମାତ୍ର କେଇଟା ଦିନରେ ଦୈନିକ ଆକ୍ରାନ୍ତ ସଂଖ୍ୟା ହଜାରେ ଟପିଛି। ୩ ଦିନରେ ଡବଲ୍ ହେଉଛି ସଂକ୍ରମଣ। ସେପଟେ ଶିଶୁଙ୍କ ସଂକ୍ରମଣ ବି ଶହେ ଛୁଇଁଛି। ମଙ୍ଗଳବାର ରାଜ୍ୟରୁ ୫୦୯ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ବୁଧବାର ୭୪୩, ଗୁରୁବାର ୮୦୪ ସଂକ୍ରମିତ ବାହାରିଥିବାବେଳେ ଗତ ୨୪ ଘଣ୍ଟାରେ ୧,୦୪୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୬୦୯ଜଣ ଓ ସ୍ଥାନୀୟ ☞ପୃଷ୍ଠା-୨



**୩ ଦିନରେ ଦୁଇଗୁଣ**

**ଆଜିର ସମ୍ପାଦକୀୟ**

**ମଠୁଆଙ୍କୁ ଜାଗା ନାହିଁ**

# ଲଗାତର ପ୍ରଶ୍ନପତ୍ର ଲିକ୍

## ପରୀକ୍ଷା ବାତିଲ: ୫ ହଜାର ଛାତ୍ରୀଛାତ୍ର ପ୍ରଭାବିତ

**ସମ୍ବଲପୁର ବିଶ୍ୱବିଦ୍ୟାଳୟ**

■ କୁଚିଣ୍ଡା ସରକାରୀ ଏଡେଡ୍ କଲେଜ ଅଧ୍ୟାପକଙ୍କୁ ନୋଟିସ

■ ସାଇବର ଥାନାରେ ଅଭିଯୋଗ, ବଦଳିବ ପ୍ରଶ୍ନପତ୍ର

■ ୧୯ରେ ଏଜୁକେଶନ, ୨୨ରେ ଫିଜିକ୍ସ ପରୀକ୍ଷା ପାଇଁ ପୁଣି ଦିନଧାର୍ଯ୍ୟ

■ ଘଣ୍ଟାକ ପୂର୍ବରୁ ମେଲ୍ କରାଯିବ ସାନି ପ୍ରଶ୍ନପତ୍ର

**ସମ୍ବଲପୁର,୧୫।୭(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଦ୍ୱାରା ପରିଚାଳିତ ଯୁକ୍ତ୩ ଶେଷବର୍ଷ ପରୀକ୍ଷାର ପ୍ରଶ୍ନପତ୍ର ଲଗାତର ଦ୍ୱିତୀୟ ଦିନ ପାଇଁ ଲିକ୍ ହୋଇଛି। ଗୁରୁବାର ଯୁକ୍ତ୩ ଶେଷବର୍ଷ ଏଜୁକେଶନ ଅନର୍ସ ପରେ ଶୁକ୍ରବାର ଫିଜିକ୍ସ ଅନର୍ସ (ଷ୍ଟାଟିଷ୍ଟିକାଲ ମେକାନିକ) ପ୍ରଶ୍ନପତ୍ର ସର୍ବସାଧାରଣରେ ପ୍ରଘଟ ହୋଇଛି। ଏହା ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟ ଅଧୀନ ୨୦୫ କଲେଜରେ ପରୀକ୍ଷା ବାତିଲ କରିଦିଆଯାଇଛି। ଫଳରେ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। ଏହାସହ ଏସ୍‌ୟୁ ପକ୍ଷରୁ ଏକ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ କରାଯାଉଛି। ପ୍ରଶ୍ନପତ୍ର ତିଆରି ହୋଇଥିବା ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ପ୍ରଶ୍ନପତ୍ର ତିଆରି ଦାୟିତ୍ୱରେ ଥିବା କୁଚିଣ୍ଡା ସରକାରୀ ଅନୁଦାନପ୍ରାପ୍ତ କଲେଜର ଫିଜିକ୍ସ ଅଧ୍ୟାପକଙ୍କୁ ନୋଟିସ୍ କରାଯିବା ପରେ ସେ ଆସି ଲିଖିତ ଭାବେ ଜଣାଇଛନ୍ତି। ଶନିବାର ପୁଣି ଉକ୍ତ କଲେଜର ଅଧ୍ୟକ୍ଷ ଓ ଅଧ୍ୟାପକଙ୍କ ସହ ପ୍ରଶ୍ନପତ୍ର ଲିକ୍ ସମ୍ପର୍କରେ ଆଲୋଚନା କରାଯିବ। ଅନ୍ୟପଟେ ପ୍ରଶ୍ନପତ୍ର ସେଟ୍ ଦାୟିତ୍ୱରେ ଥିବା ଏସ୍‌ୟୁର ଅଧ୍ୟାପକ ଓ ଅଧିକାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଉଛି। ଏଥିରେ ଯାହାର ଲିଙ୍କ୍ ଥିବା ଜଣାପଡ଼ିବ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବାତିଲ ହୋଇଥିବା ଏଜୁକେଶନ ପରୀକ୍ଷା ଜୁଲାଇ ୧୯ ଓ ଫିଜିକ୍ସ ପରୀକ୍ଷା ଜୁଲାଇ ୨୨ରେ ଅନୁଷ୍ଠିତ ହେବ ବୋଲି କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ସୂଚନା ଦେଇଛନ୍ତି।

କୁଳପତି ମିତ୍ତଲ ଆହୁରି କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା। ଏ ନେଇ ବୁର୍ଲା ଥାନାରେ ଅଭିଯୋଗ କରାଯାଇଛି। ସାଇବର ଥାନାରେ ମଧ୍ୟ ଅଭିଯୋଗ ହୋଇଛି। ଦୁଇଟି ସ୍ଥାନରୁ ଲିକ୍ ହୋଇଥିବା ସନ୍ଦେହ କରାଯାଉଛି। ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କୁ ନୋଟିସ୍ କରାଯାଇଛି। ଆଗକୁ ବାକି ରହିଥିବା ସମସ୍ତ ବିଷୟର ପ୍ରଶ୍ନପତ୍ରରେ ପରିବର୍ତ୍ତନ କରାଯିବ। ପୁଣିଥରେ ପ୍ରଶ୍ନପତ୍ର ତିଆରି କରାଯିବ। ତାହାକୁ ପରୀକ୍ଷାର ୧ଘଣ୍ଟା ପୂର୍ବରୁ ବିଭିନ୍ନ କଲେଜକୁ ମେଲ୍ କରାଯିବ। ସେମାନେ ପ୍ରଶ୍ନପତ୍ର ଡାଉନ୍‌ଲୋଡ କରି ସୁବିଧାରେ ପରୀକ୍ଷା କରିପାରିବେ। ଘଟଣାକୁ ନେଇ ସବୁ ଦିଗରୁ ତଦନ୍ତ କରାଯାଉଛି। କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଶ୍ଚିତ ଭାବେ ଗ୍ରହଣ କରାଯିବ ବୋଲି କୁଳପତି ମିତ୍ତଲ କହିଛନ୍ତି।



**ମାନସିକ ଚାପରେ ପରୀକ୍ଷାର୍ଥୀ**

ପ୍ରଶ୍ନପତ୍ର ଲିକ୍ ଯୋଗୁ ପୂର୍ବାହ୍ନ ୯ ଟା ୫୩ ମିନିଟରେ ଫିଜିକ୍ସ ପରୀକ୍ଷା ବାତିଲ ହେବା ନେଇ ସୂଚନା ଆସିଥିଲା। ପରୀକ୍ଷା ଦେବା ପାଇଁ ପିଲାମାନେ ବସିଥିବା ବେଳେ ଶେଷ ମୁହୂର୍ତ୍ତରେ ବାତିଲ ନେଇ ସୂଚନା ଦିଆଯାଇଥିଲା। ଏହା କଲେଜ କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ସମସ୍ୟା ବୋଲି ବିଶ୍ୱବିଦ୍ୟାଳୟ ଅଧୀନ କେସେଇବାହାଲ କଲେଜ ପ୍ରିନ୍ସିପାଲ ଦୟାସାଗର ପ୍ରଧାନ କହିଛନ୍ତି। ଧମାର ମା’ ଝାଡ଼େଶ୍ୱରୀ କଲେଜ ଛାତ୍ରୀ ଜୋତ୍ସ୍ନାମୟୀ ନାଏକ କହିଛନ୍ତି, ପରୀକ୍ଷା ପାଇଁ ପ୍ରସ୍ତୁତ ରହିଥିଲି। ପରୀକ୍ଷା ହଲରେ ପ୍ରଶ୍ନପତ୍ର ଦିଆଯାଇଥିଲା। ଏହାକୁ ପଢୁଥିବା ସମୟରେ ଲିକ୍ ହୋଇଥିବା କହି ଫେରାଇ ନିଆଗଲା। ହଠାତ୍ ଏହା ଶୁଣି ଆମେ ବିଶ୍ୱାସ କରି ପାରି ନ ଥିଲୁ। ଶେଷରେ ବାଧ ହୋଇ ପରୀକ୍ଷା ହଲ୍‌ରୁ ବାହାରି ଆସିଥିଲୁ। ପରୀକ୍ଷା ଦେବା ପାଇଁ ଆଉଥରେ ପ୍ରସ୍ତୁତି କରିବାକୁ ହେବ ବୋଲି ସେ କହିଥିଲେ।

# ଏନ୍‌ଆଇଆର୍‌ଏଫ୍‌ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ

■ ଶ୍ରେଷ୍ଠ ୧୦୦ରେ ସ୍ଥାନ ପାଇଲାନି ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ

■ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

■ ବିଶ୍ୱବିଦ୍ୟାଳୟ ବର୍ଗରେ ୮୮ତମ ସ୍ଥାନରେ ଉତ୍କଳ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାତୀୟ ଶିକ୍ଷାନୁଷ୍ଠାନ ମାନ୍ୟତା ବା ନ୍ୟାଶନାଲ ଇନଷ୍ଟିଚ୍ୟୁଶନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ପ୍ରକାଶ ପାଇଛି। ସାମଗ୍ରିକ ଭାବେ ଆଇଆଇଟି ମାଡ୍ରାସ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମାନ୍ୟତା ପାଇଥିବାବେଳେ ଏହି ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ୪ ଶିକ୍ଷାନୁଷ୍ଠାନ ସ୍ଥାନ ପାଇଛି। ସୋଆ ବିଶ୍ୱବିଦ୍ୟାଳୟ ୩୦ତମ ର୍‍ୟାଙ୍କରେ ଥିବାବେଳେ ୩୪ତମ ସ୍ଥାନରେ କିଟ୍, ୩୯ରେ ରାଉରକେଲା ଏନ୍‌ଆଇଟି ଓ ୬୫ତମ ସ୍ଥାନରେ ଭୁବନେଶ୍ୱର ଆଇଆଇଟି ରହିଛି। ତେବେ ଶ୍ରେଷ୍ଠ ୧୦୦ ତାଲିକାରେ ରାଜ୍ୟ ସରକାରଙ୍କ କୌଣସି ବି ଶିକ୍ଷାନୁଷ୍ଠାନ ସ୍ଥାନ ପାଇନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଙ୍ଗରେ ୧୦୧-୧୫୦ ମଧ୍ୟରେ ରହିଛି। ମହାବିଦ୍ୟାଳୟ ବର୍ଗରେ ଓଡ଼ିଶାକୁ ମଧ୍ୟ ନିରାଶ ହେବାକୁ ପଡ଼ିଛି। ରାଜ୍ୟର ☞ପୃଷ୍ଠା-୨

# ସଂସଦରେ ବିକ୍ଷୋଭ ମନା

**ନୂଆଦିଲ୍ଲୀ,୧୫।୭**

ଆଗକୁ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ, ଧାରଣା, ଅନଶନ କିମ୍ବା ଧର୍ମୀୟ ଉତ୍ସବ କରାଯାଇପାରିବ ନାହିଁ। ଏନେଇ ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ଗୁରୁବାର ଏକ ସର୍କ୍ୟୁଲାର ଜାରି କରାଯାଇଛି। ଉଭୟ ସଦନରେ ‘ଅସଂସଦୀୟ ଶବ୍ଦ’ ବ୍ୟବହାର ଉପରେ କଟକଣାର ଦିନକ ପରେ ପ୍ରକାଶ ପାଇଥିବା ଏହି ରିପୋର୍ଟକୁ ନେଇ କେନ୍ଦ୍ର ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ପୁଣି ଟାର୍ଗେଟ କରିଛନ୍ତି।

ଜୁଲାଇ ୧୮ରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ପୂର୍ବରୁ ରାଜ୍ୟ ସଭା ସେକ୍ରେଟାରି ଜେନେରାଲ ପି.ସି. ମୋଦି ନିର୍ଦ୍ଦେଶାବଳୀ ସମ୍ବଳିତ ଏକ ବୁକ୍‌ଲେଟ୍ ଜାରି କରି ବିକ୍ଷୋଭ ନ କରିବା ନିମନ୍ତେ ଏମ୍‌ପିମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଏନେଇ କଂଗ୍ରେସ ସାଧାରଣ ସମ୍ପାଦକ ତଥା ରାଜ୍ୟ ସଭାରେ ଦଳର ମୁଖ୍ୟ ସଚେତକ ଜୟରାମ ରମେଶ ଟୁଇଟ୍ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଜୟରାମ ଏଥିରେ ‘ବିଶ୍ୱଗୁରୁର ସଦ୍ୟ ଟାର୍ଗେଟ: ଧାରଣା ମନା’ ଉଲ୍ଲେଖ କରି ସର୍କ୍ୟୁଲାରର ଏକ କପି ଶେୟାର କରିଛନ୍ତି। ସେହିପରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଡେରେକ୍ ଓ’ବ୍ରାଏନ୍ ମଧ୍ୟ ଏହି ପ୍ରସଙ୍ଗରେ କେନ୍ଦ୍ରକୁ ଘେରିଛନ୍ତି। ବିକ୍ଷୋଭ, ଧାରଣା, ଅନଶନ ଆଦି ହେଉଛି ବିରୋଧ ଜଣାଇବା ପାଇଁ ବୈଧ ସଂସଦୀୟ କୌଶଳ। ଆମକୁ କେହି ଅଟକାଇପାରିବେ ନାହିଁ। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏହାର ପ୍ରତିବାଦରେ ଶନିବାର ଦିଲ୍ଲୀରେ ଏକାଠି ହୋଇ ☞ପୃଷ୍ଠା-୨



■ କେନ୍ଦ୍ରକୁ ବିରୋଧୀଙ୍କ ଟାର୍ଗେଟ

■ ବାଚସ୍ପତି କହିଲେ ନିୟମିତ ପ୍ରକ୍ରିୟା

# ସ୍ତ୍ରୀ କଟାମୁଣ୍ଡ ଧରି ୧୨ କି.ମି.

■ ପରକୀୟା ପ୍ରୀତି ସନ୍ଦେହରୁ ନୃଶଂସ ହତ୍ୟାକାଣ୍ଡ

■ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଜିମା ଦେଲେ ଲୋକେ

**ଢେଙ୍କାନାଳ ଅଫିସ, ୧୫।୭**

ପରକୀୟା ପ୍ରୀତି ସନ୍ଦେହ ପାଇଁ ଛାରଖାର ହୋଇଯାଇଛି ପରିବାର। ବିବାହ ବେଦିରେ ସାରାଜୀବନ ସୁରକ୍ଷା ଦେବାକୁ ପ୍ରତିଶ୍ରୁତି ଦେଇଥିବା ସ୍ୱାମୀ ଗଣ୍ଡିରୁ ମୁଣ୍ଡକୁ ଅଲଗା କରି ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି ସ୍ତ୍ରୀଙ୍କୁ। ଏଭଳି ନାରକୀୟ କାଣ୍ଡ ଘଟାଇବା ପରେ ଗୋଟିଏ ହାତରେ ବ୍ୟାଗ୍‌ରେ କଟାମୁଣ୍ଡ ଏବଂ ଅନ୍ୟ ହାତରେ ରକ୍ତଭିଜା କଟୁରି ଧରି ଚାଲି ଚାଲି ଅତିକ୍ରମ କରିସାରିଥିଲେ ଦୀର୍ଘ ୧୨ କି.ମି. ରାସ୍ତା। ଥାନାରେ ଆତ୍ମସମର୍ପଣ କରିବା ପୂର୍ବରୁ ବାଟରେ ଅଭିଯୁକ୍ତ ନାକଫୋଡ଼ି ମାଝି (୫୫)ଙ୍କୁ ସ୍ଥାନୀୟ ବାସିନ୍ଦା କାବୁ କରି ପୋଲିସ ଜିମା ଦେଇଛନ୍ତି। ଗଁଦିଆ ବ୍ଲକରେ ଗୁରୁବାର ରାତିରେ ଘଟିଥିବା ଏଭଳି ଏକ ଲୋମହର୍ଷଣକାରୀ ଘଟଣା କେବଳ ଢେଙ୍କାନାଳ ନୁହେଁ, ସାରା ରାଜ୍ୟରେ ସୃଷ୍ଟି କରିଛି ଆଲୋଡ଼ନ।



ଅଭିଯୁକ୍ତ ନାକଫୋଡ଼ି ମାଝି।

ଚନ୍ଦ୍ରଶେଖରପୁର ଗ୍ରାମର ଅଭିଯୁକ୍ତ ନାକଫୋଡ଼ିଙ୍କ କହିବା କଥା, ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ସ୍ତ୍ରୀ ସୁଚଳା ମାଝିଙ୍କ ଅନୈତିକ ସମ୍ପର୍କ ଥିଲା। ଏହାକୁ ସେ ନିଜ ଆଖିରେ ଦେଖିଥିଲେ। ଏହାର ପ୍ରତିବାଦ କରିବାରୁ ସ୍ତ୍ରୀ ଓଲଟା ଗାଳିଗୁଲଜ କରିଥିଲେ। ନାକଫୋଡ଼ି ଜଣେ ଦିନମଜୁରିଆ ହୋଇଥିବାବେଳେ ଦିନସାରା କାମ କରି ରାତିରେ ଘରକୁ ଫେରିଥାଆନ୍ତି। ହେଲେ ସ୍ତ୍ରୀ ସୁଚଳା ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ, ଯେଉଁଥିରେ ସେ ଅତିଷ୍ଠ ହୋଇପଡ଼ିଥିଲେ। ତେଣୁ ସେ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଗୁରୁବାର ରାତିରେ ଦୁହେଁ ଖାଇପିଇ ଏକାଠି ଶୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ନାକଫୋଡ଼ି ପାଖରେ ରଖିଥିବା କଟୁରିରେ ବିଳମ୍ବିତ ରାତି ପ୍ରାୟ ୩ଟାରେ ସ୍ତ୍ରୀଙ୍କ ବେକକୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଗଭୀର ନିଦରେ ଶୋଇଥିବାରୁ ସୁଚଳା ମୃତ୍ୟୁ ଫାଶରୁ ବର୍ତ୍ତିପାରି ନ ଥିଲେ। ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

ଶୁକ୍ରବାର ସକାଳେ ଅଭିଯୁକ୍ତ ଜଣକ ସ୍ତ୍ରୀଙ୍କ କଟାମୁଣ୍ଡ ଏବଂ ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................

ବୟସ:..........................................

ଜନ୍ମ ତାରିଖ: ..................................



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ଦ୍ୟନ୍ତେ ଧନୁ ବଙ୍କା,**
**ଚନ୍ଦ୍ର ବଙ୍କା ଦିନେ ଦିନେ,**
**ତେନ୍ତୁଳି ସର୍ବଦା ବଙ୍କା,**
**ମୂର୍ଖ ବଙ୍କା ସବୁଦିନେ।**

ଗୁଣ ଚଢ଼ାଇଲାବେଳେ ଧନୁ ବଙ୍କା ହୁଏ। ପକ୍ଷ ଅନୁସାରେ ଚନ୍ଦ୍ରର କ୍ଷୟ ବୃଦ୍ଧି ଘଟିଥାଏ। ତେନ୍ତୁଳି ମୂଳରୁ ବଙ୍କା ଥାଏ। ସେହିପରି ମୂର୍ଖ ବ୍ୟକ୍ତି ସବୁଦିନେ ସେହିଭଳି ଅବୁଝା ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଗଣ୍ଡିଆ କାହାର ଘଇତା**
**ନା, ଦାରୀ କାହାର ମାଇପ?**

ଗଣ୍ଡିଆ ବା କୃପଣ ସ୍ୱଭାବ ବ୍ୟକ୍ତି ହାତରୁ ପଇସାଟିଏ ମଧ ଛାଡିବାକୁ ଉଚିତ ମଣି ନ ଥାଏ। ଫଳସ୍ୱରୂପ ସେ ନିଜ ସ୍ତ୍ରୀର ଭଲ ମନ୍ଦ ବୁଝିବାରେ ଅବହେଳା କରିଥାଏ। ସେହିପରି ପତ୍ନୀ ଏକ ପତିବ୍ରତା ନାରୀ ପରନ୍ତୁ ଦାରୀ ବା ବିଟପୀ ନାରୀର ପତି ଅନେକ ଓ କ୍ଷଣିକ। ସେମାନେ କେବେ ଗୋଟିଏ ପତିରେ ସନ୍ତୁଷ୍ଟ ହୋଇପାରି ନ ଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# classifieds

**Everyday**
**0674-2580101, 2549302**




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର Ravi Talkies 1.5.k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-.8114929186.** D-73936

ଭୁବନେଶ୍ୱରରେ ଏକ ଲକ୍ଷରେ ପ୍ଲଟ୍ ସୁନ୍ଦରପଦାରେ କିଣନ୍ତୁ। Mob: 7978783341, 9438054314, 9178265078, 8895296342. D-1007

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

ଭୁବନେଶ୍ୱରରେ ସ୍ଥିତିବାନ୍ ପ୍ଲଟ୍ ବିକ୍ରି ହେଉଅଛି। ଅନ୍ଧାରୁଆରେ sqft.-1500/-, ଦାଶପୁରରେ sqft.-800/-, ପାତ୍ରପଡ଼ାରେ 2BHK ତିଆରି ଫ୍ଲାଟ୍ 60,000,00/-ରେ ବିକ୍ରି ହେଉଅଛି। 9348549059, 8984896693, 06747964979. D-73839

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

## PURCHASE

Wanted land in Bhubaneswar based on sharing&marketing. 9937816565, 8249017091. D-967




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278




Office for rent at CRP Square, Amrita Shopping Arcade. 1st Floor. Area 300sqft. Fully furnished with AC, Latrine, Bath & 24 hours water supply. Contact:7978225862, 9437037329. D-1010

5000 Sqft. ground floor office cum godown space available for rent at Gautam Nagar, Bhubaneswar near Kalpana Square. Contact: 9776117523. D-71349




Refreshments rejuvenation body massage therapy with experienced therapists, Bhubaneswar. 7854099233. D-73844

Newly open full body massage ladies & gents available. 8093726714. D-73620

**One hour any therapy by expert therapist @999 only. 9078484455.** D-73621

All types hair cutting, body massage by smart lady room services available. Contact: 9938582450. D-71346

Newly open full body massage ladies and gents. 8327740003, 8093860513. D-73937

Refreshing your mind and body with the best therapy, 7873794731. D-872

Newly opened full body massage center by expert therapist. 7381172169. D-73622

Full body massage in homely atmosphere all therapy. Mob.- 8114881641. D-73415

**Relax, Refresh your body, Mind at Saikrupa Spa with best therapies. 8984068077.** D-980

## LOST

ମୁଁ ଶ୍ରୀମତୀ ମମତା ପାଇକରାୟ, ସ୍ୱା- ପ୍ରଶାନ୍ତ ପାଇକରାୟ ମୋର ସଂଯୁକ୍ତ ଦଲିଲ ନଂ.-1963/2007 ଏବଂ 2358/2007 ଏବଂ ପଟ୍ଟା, ତା 02.06.2021 ଯାହା ମମତା ପାଇକରାୟଙ୍କ ନାମରେ ରହିଥିବା ଦଲିଲଟି ହଜିଯାଇଛି। କେହି ଯଦି ଉକ୍ତ ଦଲିଲଟିକୁ ଠାବ କରନ୍ତି ବା ପାଆନ୍ତି ଦୟାକରି ସୁରେଶ ଚନ୍ଦ୍ର ତ୍ରିପାଠୀ (ଓକିଲ)ଙ୍କୁ ସମ୍ପର୍କ କରିବାକୁ ଅନୁରୋଧ। ମୋବାଇଲ- 9238648167. D-1011

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାଶୀପୁର ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ



ଡାକ୍ତରଖାନାରେ ଚିକିତ୍ସାଧୀନ ଆକ୍ରାନ୍ତମାନେ।

- **୨ଦିନରେ ୬ ମୃତ, ୩୦ରୁ ଊର୍ଦ୍ଧ୍ୱ ଚିକିତ୍ସାଧୀନ**
- **ଆରମ୍ଭରୁ ଗୁରୁତ୍ୱ ଦେଲାନି ସ୍ୱାସ୍ଥ୍ୟ ବିଭାଗ**
- **ସ୍ଥିତି ଗମ୍ଭୀର ହେବାପରେ ପହଞ୍ଚିଲା ଡାକ୍ତରୀ ଟିମ୍**

**ରାୟଗଡ଼ା ଅଫିସ,୧୫।୭**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଝାଡ଼ାବାନ୍ତି ସ୍ଥିତି ଅଣାୟତ୍ତ ହେଉଛି। ୨ଦିନ ମଧ୍ୟରେ ୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ବୁଧବାର ରାତିରେ ଟିକିରି ଅଞ୍ଚଳର ଧୋବା ମାଝିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିଲା। ଦିନକ ମଧ୍ୟରେ ଆଉ ୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିପରି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କାଶୀପୁର, ରାୟଗଡ଼ା ଏବଂ କୋରାପୁଟରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟ ୫ ମୃତକ ହେଲେ ଗୋବରୀଘାଟି ଗ୍ରାମର କହ୍ନେଇ ମାଝି, ଟିକିରି ଝୋଡ଼ିଆସାହିର ସରୋଜିନୀ ଝୋଡ଼ିଆ, ଅଞ୍ଜୁ ଝୋଡ଼ିଆ, ରଜନୀ ଝୋଡ଼ିଆ ଏବଂ ଦୁଡୁକାବାହାଲର ସବିତା ନାଏକ।

ପରିତାପର ବିଷୟ ହେଲା ରବିବାରଠାରୁ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ ହୋଇଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ମୃତ୍ୟୁ ସଂଖ୍ୟା ବଢ଼ିବା ପରେ ରାୟଗଡ଼ା ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଛି। ସିଡିଏମ୍‌ଓଙ୍କ ନିର୍ଦ୍ଦେଶରେ ଏଡିଏମ୍‌ଓ ଡା. ଭି.ଏଲ୍.ଏନ୍ ରାଜୁଙ୍କ ନେତୃତ୍ୱରେ ସ୍ଥାନୀୟ ବିଡିଓ ଦେବାଶିଷ କର, ଡା. ଆର୍. ରାବଣା ରାଓଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଟିକିରି ଝୋଡ଼ିଆ ସାହିରେ ପହଞ୍ଚି ସ୍ଥିତି ଆନୁଧ୍ୟାନ କରିଛନ୍ତି। ତେବେ ପରିସ୍ଥିତି ନିୟନ୍ତ୍ରଣକୁ ଆସିପାରିନାହିଁ। ଏଭଳି ସ୍ଥିତିରେ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଖାମଖିଆଲ ନୀତିକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମାତ୍ର ୨ରୁ ୩ ଥର ଝାଡ଼ାବାନ୍ତି ହୋଇ ଲୋକଙ୍କ ଜୀବନ ଚାଲିଯାଉଛି।

ପ୍ରତ୍ୟେକ ବର୍ଷ କାଶୀପୁର ଅଞ୍ଚଳରେ ଝାଡ଼ାବାନ୍ତିରେ ଲୋକଙ୍କ ଜୀବନ ଯାଉଛି। ତଥାପି ଏହାର କାରଣ କିମ୍ବା ସ୍ଥାୟୀ ପ୍ରତିକାରର ବାଟ ବାହାରିପାରୁନାହିଁ। ଏ ନେଇ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ନେତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ୬ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସେମାନଙ୍କ ମଳ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ୪୮ ଘଣ୍ଟା ପରେ ରିପୋର୍ଟ ଆସିବ। ଏହା ହଇଜା କିମ୍ବା କଲେରା ତାହା ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସେହିପରି ଉପଜିଲାପାଳ ଭୀମସେନ ଶବରଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, ୧୭ ଜଣ ଅବ୍‌ଜରଭେସନରେ ଅଛନ୍ତି। ୬ ମୃତକଙ୍କ ମଧ୍ୟରୁ ଜଣଙ୍କ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣଙ୍କ କାଶୀପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସ୍ଥିତି ଅନୁଧ୍ୟାନ କରାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ସମୟରେ ଡାକ୍ତରଙ୍କ ଅନୁପସ୍ଥିତି ସମସ୍ୟା ବଢ଼ାଉଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ଲୋକେ ଏବେ ସ୍ଥାନୀୟ କ୍ୱାକ୍ ଉପରେ ଭରସା କରୁଛନ୍ତି। ଏହି କାରଣରୁ ଲୋକେ ମୃତ୍ୟୁ ମୁଖରେ ପଡୁଥିବା ଅଞ୍ଚଳବାସୀ କହିଛନ୍ତି। ଝାଡ଼ାବାନ୍ତି ସମସ୍ୟା ବଢ଼ିବା ପରେ ଗୁରୁବାର ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କୁ ଏଠାରେ କାମଚଳା ଦାୟିତ୍ୱ ଦିଆଯାଇଛି। ତେବେ ମୃତ୍ୟୁ ସଂଖ୍ୟା ବଢ଼ିବା ପୂର୍ବରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ପ୍ରଥମ ପୃଷ୍ଠାରୁ...

### ହଜାରେ ଟପିଲା ...

ସଂକ୍ରମିତ ୪୩୪ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୧୦୦ ଜଣ ଆକ୍ରାନ୍ତ ରହିଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୩୩୫ଜଣ ଚିହ୍ନଟ ହୋଇଥିବାବେଳେ କଟକରୁ ୨୦୫, ସୁନ୍ଦରଗଡ଼ ୧୦୬, ସୋନପୁର ୩୨, ସମ୍ବଲପୁର ୩୧, ପୁରୀ ୨୮, ମୟୂରଭଞ୍ଜ ୨୮, ଜଗତସିଂହପୁର ୨୨, ବାଲେଶ୍ୱର ୨୦, ନୟାଗଡ଼ ୧୯, ଯାଜପୁର ୧୮, କେନ୍ଦ୍ରାପଡ଼ା ୧୫, ବୌଦ୍ଧ ୧୩, ଝାରସୁଗୁଡ଼ା ୧୨, କଳାହାଣ୍ଡି ୧୦ ଓ ଗଜପତିରୁ ୧୦ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଏକ ଅଙ୍କରେ ରହିଥିବାବେଳେ ଦୁଇଟି ଜିଲାରୁ କୌଣସି ସଂକ୍ରମିତ ବାହାରିନାହାନ୍ତି। ତେବେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇଲେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୭,୧୭୫ରେ ପହଞ୍ଚିଛି।

ରାଜ୍ୟରେ ବଢୁଥିବା ସଂକ୍ରମଣ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି, ସଂକ୍ରମଣ ଯେତେ ବଢୁଛି ତା'ସହ ପଜିଟିଭ୍ ରେଟ୍ ବି ବଢୁଛି। ଏହା ଗ୍ରହଣ କରିବାକୁ ପଡ଼ିବ। କିନ୍ତୁ ପୂର୍ବ ଲହରଗୁଡ଼ିକ ଅପେକ୍ଷା ବଢ଼ିବା ହାର କମ୍ ରହିଛି। ସେହିଭଳି ହସ୍ପିଟାଲାଇଜେଶନ ରେଟ୍ ଏତେ ଉଦ୍‌ବେଗଜନକ ନୁହେଁ। ସମୁଦାୟ ପଜିଟିଭ କେସ୍‌ରୁ ୧.୧% ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲରେ ପର୍ଯ୍ୟାପ୍ତ ବେଡ୍ ଅଛି। ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ, ଯେତେବେଳେ ଦରକାର ପଡ଼ିବ ବ୍ୟବସ୍ଥାକୁ ବଢ଼ାଯିବ। ତେବେ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ରାଜ୍ୟରେ ପଜିଟିଭିଟି ହାର ବୃଦ୍ଧିକୁ ଦେଖି ସରକାର ସ୍କୁଲ କଲେଜ ବନ୍ଦ ନିଷ୍ପତ୍ତି ନେବେ। ଯେ ପର୍ଯ୍ୟନ୍ତ ସେଭଳି ପରିସ୍ଥିତି ନ ଉପୁଜିଛି ସବୁ ବନ୍ଦ କରିଦେବା ଠିକ୍ ହେବ ନାହିଁ। ଏ ବିଷୟରେ ରାଜ୍ୟ ସରକାର ଠିକ୍ ସମୟରେ ନିଷ୍ପତ୍ତି ନେବେ। ଦେଶର ଅନ୍ୟ ସ୍ଥାନରେ ମଧ ସଂକ୍ରମଣ ବଢୁଛି। ପୂର୍ବରୁ ମଧ ଅନ୍ୟ ରାଜ୍ୟଗୁଡ଼ିକରେ ଯେବେ ବଢ଼ିଥାଏ, ତା'ର କିଛିଦିନ ବ୍ୟବଧାନରେ ଓଡ଼ିଶାରେ ବଢ଼ିବା ଆରମ୍ଭ ହୁଏ। ତେଣୁ ଥରେ ବଢ଼ିବା ଆରମ୍ଭ ହେଲେ କିଛିଦିନ ନିଶ୍ଚିତ ଭାବରେ ବଢ଼ିବ। ଯେତେବେଳେ ପାଣ୍ଡେମିକ ବଢ଼େ, କିଛିଦିନ ବଢ଼ିଲା ପରେ ସ୍ଥିରତା ଆସେ ଏବଂ ତାପରେ ହ୍ରାସ ପାଏ। ବର୍ତ୍ତମାନ ଆମେ ସଂକ୍ରମଣର ଊର୍ଦ୍ଧ୍ୱମୁହାଁ ସ୍ଥିତିରେ ଅଛନ୍ତି। ଏହାର ସ୍ଥିରତା କେବେ ଆସିବ ଏବେଠାରୁ କହି ହେବ ନାହିଁ। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସର୍ଭେଲାନ୍ସକୁ ଆହୁରି ଜୋରଦାର କରାଯିବ। ସବୁ ଦିନର ପରିସଂଖ୍ୟାନକୁ ଅନୁଧ୍ୟାନ କରି ସରକାର ନିଷ୍ପତ୍ତି ନେଉଛନ୍ତି। ସ୍କୁଲ, ଭିଡ଼ ହେଉଥିବା ଜାଗା ଉପରେ ଫୋକସ୍ ଦିଆଯିବ। ଆତଙ୍କିତ ହୁଅନ୍ତୁ ନାହିଁ କିମ୍ବା ଅବହେଳା କରନ୍ତୁ ନାହିଁ। ଏବେ ଘରେ ଘରେ ଥଣ୍ଡା ଜ୍ୱର ଦେଖିବାକୁ ମିଳୁଛି। ତେଣୁ ଲକ୍ଷଣ ଆସିଲେ, ତୁରନ୍ତ ଟେଷ୍ଟ କରାନ୍ତୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

### ସଂସଦରେ ବିକ୍ଷୋଭ ....

ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି। ଅତୀତରେ ପାର୍ଲାମେଣ୍ଟ ପରିସର ଓ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ବିରୋଧୀ ସଦସ୍ୟମାନେ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଆସିଛନ୍ତି। ତେଣୁ ବିରୋଧୀ ଦଳଗୁଡ଼ିକ ଏହା ଉପରେ ଆପତ୍ତି ଉଠାଇଛନ୍ତି। ପ୍ରକାଶ ଯେ, ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ବୁଧବାର କେତେକ ଶବ୍ଦକୁ ଅସଂସଦୀୟ ଦର୍ଶାଇ ଏକ ସର୍କୁଲାର ଜାରି କରାଯାଇଥିଲା। ଏହାର ଦିନକ ପରେ ରାଜ୍ୟ ସଭା ସେକ୍ରେଟାରିଏଟ୍ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ନ କରିବାକୁ କହିବା ପରେ ବିରୋଧୀ ଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଓ ଏହାର ମୁଖ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ କିପରି ଧ୍ୱଂସ କରିଚାଲିଛନ୍ତି, ବିତର୍କ ବେଳେ ତାହା ବର୍ଣ୍ଣନା କରିବାକୁ ଯାଇ ବିରୋଧୀ ସଦସ୍ୟ ବ୍ୟବହାର କରୁଥିବା ଶବ୍ଦଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିବା ବିରୋଧୀ କହିଛନ୍ତି। ବିବାଦ ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ପାର୍ଲାମେଣ୍ଟରେ କୌଣସି ଶବ୍ଦର ବ୍ୟବହାର ଉପରେ କଟକଣା ଜାରି କରାଯାଇ ନାହିଁ। କିନ୍ତୁ ସଦସ୍ୟମାନେ ଗୃହର ମର୍ଯ୍ୟାଦା ରକ୍ଷା କରିବା ଉଚିତ। ଅସଂସଦୀୟ ଶବ୍ଦାବଳୀ ଜାରି କରିବା ଏକ ନିୟମିତ ପ୍ରକ୍ରିୟା, ଯାହାକି ୨୦୦୯ରୁ ଚାଲିଆସିଛି। ଏହାକୁ ନେଇ କୌଣସି ପ୍ରକାର ରାଜନୀତି ହେବା ଅନୁଚିତ।

### ସ୍ତ୍ରୀ କଟା ମୁଣ୍ଡ ...

କଟୁରି ଧରି ଗଁଦିଆ ଥାନା ପରିବର୍ତ୍ତେ ସଦର ଥାନାରେ ଆତ୍ମସମର୍ପଣ କରିବାକୁ ଚାଲି ଚାଲି ଆସୁଥିଲେ। ସଦର ଥାନା ଜଙ୍ଗିରା ନିକଟରେ ସ୍ଥାନୀୟ ବାସିନ୍ଦା ସନ୍ଦେହରେ ତାଙ୍କୁ ଅଟକାଇ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା। ସୂଚନା ପାଇ ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂତିଆ ସଦଳବଳ ପହଞ୍ଚି ନାକଫୋଡ଼ିଙ୍କୁ ହେପାଜତକୁ ନେଇଥିଲେ। ତାଙ୍କଠାରୁ ରକ୍ତଲଗା କଟୁରି ଓ କଟାମୁଣ୍ଡ ଜବତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରାଯିବା ସହ ହତ୍ୟାକାଣ୍ଡ ସ୍ଥଳରେ ପୋଲିସ ତଦନ୍ତ କରିଛି। ସୁଚଲାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ନଂ. ୧୯୩/୨୨ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ନାକଫୋଡିଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

#### ମୁଁ ସେମିତିଆ ଲୋକ ନୁହେଁ, ରାଗରେ ହାଣିଦେଲି

'ଆଜ୍ଞା ମୁଁ ସେମିତିଆ ଲୋକ ନୁହେଁ। ମୂଲ ଲାଗି ପରିବାର ଚଳାଏ। ଦୁଇ ପୁଅଙ୍କୁ ବଡ଼ କଷ୍ଟରେ ପାଠ ପଢ଼େଇ ମଣିଷ କରିଛି। ମୋର ସ୍ତ୍ରୀ ଭଲ ନୁହେଁ। ପରପୁରୁଷ ସହ ସମ୍ପର୍କ ରଖୁଥିଲା। ୩ଥର ନିଜ ଆଖିରେ ଏକଥା ଦେଖିଛି। କାମକରି ଘରକୁ ଫେରିଲେ ସେ ଖାଇବାକୁ ଦିଏନି। ମରିଯା, ତୋତେ ଠାକୁରାଣୀ ଖାଉ ବୋଲି ଗାଳି କରେ। ପ୍ରତିବାଦ କଲେ ଧମକଚମକ ଦିଏ। ମୁଁ ତାକୁ କହିଥିଲି, ରହ ତତେ ହାଣିଦେବି। ରାଗରେ ହାଣିଦେଲି ଆଜ୍ଞା।' ଏହା ହେଉଛି ସ୍ତ୍ରୀ ହତ୍ୟା ଅଭିଯୋଗରେ ଗିରଫ ହୋଇଥିବା ନାକଫୋଡ଼ି ମାଝି ସର୍ବସମ୍ମୁଖରେ ଦେଇଥିବା ବୟାନର କିୟଦଂଶ। ସ୍ତ୍ରୀଙ୍କ ପରକୀୟା ପ୍ରୀତି ଏବଂ ନିର୍ଯାତନାରେ ଅତିଷ୍ଠ ହୋଇ ଅଭିଯୁକ୍ତ ହିତାହିତ ଜ୍ଞାନ ହରାଇ ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ତାଙ୍କ କଥାରୁ ଜଣାପଡୁଛି। ଅଭିଯୁକ୍ତଙ୍କ ବୟାନ ଆଧାରରେ ପୋଲିସ ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

#### ଦୁଇ ପୁଅ ରୋଜଗାରିଆ

ନାକଫୋଡ଼ିଙ୍କ ଦୁଇପୁଅ ମଧ୍ୟରୁ ଜଣେ ସାମରିକ ବାହିନୀ (ସ୍ଥଳସେନା)ରେ କାର୍ଯ୍ୟରତ ଥିବାବେଳେ ଅନ୍ୟ ଜଣେ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଦୁଇ ରୋଜଗାରିଆ ପୁଅ ଥାଉ ଥାଉ ବାପା ମଜୁରି ଲାଗିବା ଭିନ୍ନ ଦିଗକୁ ସୂଚାଉଛି। ଦାମ୍ପତ୍ୟ ଜୀବନରେ କଳହ ପାଇଁ ନାକଫୋଡ଼ି ଅଧିକାଂଶ ସମୟ ଘରେ ରହୁ ନ ଥିଲେ। କାମଧନ୍ଦା ସାରି ରାତିରେ ଘରକୁ ଫେରୁଥିଲେ। ତାଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିଲା। ଏବେ ସ୍ତ୍ରୀ ହତ୍ୟା ଅଭିଯୋଗରେ ଗିରଫ ହେବା ପରେ ନାକଫୋଡ଼ି ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରୁ ଅନେକେ ବିଶ୍ୱାସ କରିପାରୁନାହାନ୍ତି।

### ଏନ୍‌ଆଇଆର୍‌ଏଫ୍‌ରେ...

କୌଣସି ସରକାରୀ କିମ୍ବା ଘରୋଇ ମହାବିଦ୍ୟାଳୟ ଏହି ବର୍ଗରେ ସ୍ଥାନ ପାଇପାରିନାହାନ୍ତି। ତେବେ ବିଶ୍ୱବିଦ୍ୟାଳୟ ବର୍ଗରେ ଶ୍ରେଷ୍ଠ ୧୦୦ରେ ଓଡ଼ିଶାର ୩ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିବା ବେଳେ ଗୋଟିଏ ସରକାରୀ ଶିକ୍ଷାନୁଷ୍ଠାନ ରହିଥିବା ଜଣାପଡ଼ିଛି। ସୋଆ ବିଶ୍ୱବିଦ୍ୟାଳୟ ୧୬ତମ ସ୍ଥାନରେ ଥିବାବେଳେ କିଟ୍ ୨୦ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ୮୮ ତମ ସ୍ଥାନରେ ରହିଛି। ଇଞ୍ଜିନିୟରିଂରେ ଏନ୍‌ଆଇଟ୍ ରାଉରକେଲାକୁ ୧୫, ସୋଆକୁ ୨୭, ଭୁବନେଶ୍ୱର ଆଇଆଇଟି ୩୬, କିଟ୍ ୪୨ ଓ ସିଭି ରମଣ କଲେଜକୁ ୯୮ ତମ ର୍‍ୟାଙ୍କ୍ ମିଳିଛି। ସ୍ୱାସ୍ଥ୍ୟ ଶିକ୍ଷାରେ ଶ୍ରେଷ୍ଠ ୫୦ରେ ସୋଆ ୧୮, ଭୁବନେଶ୍ୱର ଏମ୍ସ ୨୬, କିଟ୍ ୩୦ ଓ ଏସ୍‌ସିବି ୪୪ତମ ସ୍ଥାନରେ ରହିଛି। ଗବେଷଣା ଶିକ୍ଷାନୁଷ୍ଠାନ ବର୍ଗରେ ଶ୍ରେଷ୍ଠ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ରାଉରକେଲା ଏନ୍‌ଆଇଟି ୨୪ତମ ର୍‍ୟାଙ୍କରେ ଥିବାବେଳେ ଆଇଆଇଟି ଭୁବନେଶ୍ୱର ୩୭, ସୋଆ ୪୫ ଓ କିଟ୍ ୪୭ତମ ସ୍ଥାନ ହାସଲ କରିଛି।

ସୂଚନାଯୋଗ୍ୟ, ଦେଶରେ ଉଚ୍ଚଶିକ୍ଷାର ମାନବୃଦ୍ଧି ତଥା ଏକ ସୁସ୍ଥ ପ୍ରତିଯୋଗିତାମୂଳକ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ପ୍ରତିବର୍ଷ ଏନ୍‌ଆଇଆର୍‌ଏଫ୍ ଏଭଳି ର୍‍ୟାଙ୍କିଂ ଘୋଷଣା କରିଥାଏ। ଶିକ୍ଷାନୁଷ୍ଠାନରେ ପାଠପଢ଼ା, ଭିତ୍ତିଭୂମି, ଗବେଷଣା, ଶିକ୍ଷାର ମାନ, ଶିକ୍ଷାର ବାତାବରଣ, ଛାତ୍ରୀଛାତ୍ରଙ୍କ ସଫଳତା ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ୧୧ଟି ବର୍ଗରେ ର୍‍ୟାଙ୍କିଂ କରାଯାଇଥାଏ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ଏବଂ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ଧାର୍ମିକ କାର୍ଯ୍ୟ ସମ୍ପାଦନ, ଦେବଦର୍ଶନ ପାଇଁ ଇଚ୍ଛା ଜାଗ୍ରତ ହେବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**: ଆଜି ଯେତେ ଭଲ କରିବା ପାଇଁ ଚାହିଁଲେ ମଧ ସମୟ, ପରିବେଶ ଓ ପରିସ୍ଥିତି ତାହା କରାଇ ଦେବନାହିଁ। ଉଚ୍ଚସ୍ତରର ବନ୍ଧୁଙ୍କ ଦେଖା ମିଳିବ, କିନ୍ତୁ ଦି'ପଦ କଥା ହୋଇପାରିବେ ନାହିଁ। ଆତ୍ମୀୟମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ, ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ମିଥୁନ**: ନିକଟତମ ବ୍ୟକ୍ତିମାନଙ୍କ ସାହାଯ୍ୟ ନ ପାଇଲେ ମଧ ଆପଣଙ୍କର କୌଣସି କାମ ଅଟକି ରହିବ ନାହିଁ। ଆକସ୍ମିକ ଭାବରେ ଯୋଜନା ନ ଥାଇ ଦୂର ସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ, ବ୍ୟବସାୟରୁ ସୁଫଳ ପାଇବେ। କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ପ୍ରଶଂସିତ ହେବେ।

**କର୍କଟ**: ଅନାବଶ୍ୟକ ଖର୍ଚ୍ଚ ବଢ଼ିବା ସାଙ୍ଗକୁ ମାନସିକ ସନ୍ତୁଳନ ହରାଇବେ। କୌଣସି ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ତୀବ୍ର ହେବ। ପ୍ରତ୍ୟୁଷ ଯାତ୍ରା ସମୟରେ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ପ୍ରଭୃତିରେ ସମସ୍ୟା ଆଂଶିକ ସମାଧାନ ହୋଇପାରିବ।

**ସିଂହ**: ପାରିପାର୍ଶ୍ୱିକ ପରିସ୍ଥିତି ଓଲଟା ରହିବା ହେତୁ ଯାହା ଭାବିବେ ତାହା କରିପାରିବେ ନାହିଁ। ପରିସ୍ଥିତିବଶତଃ ବିଭିନ୍ନ ସମସ୍ୟା ରହିବ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମକୁ ଚଳାଇ ନେବେ। ବ୍ୟବସାୟିକ କ୍ଷେତ୍ର, ମାଙ୍ଗଳିକ କାମ, ଆଲୋଚନା ସଭା, ପ୍ରଶାସନ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାରର ରହିବ।

**କନ୍ୟା**: ମାନସିକ ଅସ୍ଥିରତା ଅନୁଭବ କଲେ ମଧ କାମ ସାମାନ୍ୟ ବ୍ୟତିକ୍ରମ ଭିତରେ ସମ୍ପନ୍ନ ହେବ। ଦୃଢ଼ ପଦକ୍ଷେପ ନେଇ ସ୍ଥଗିତ କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅଫିସ୍‌ରେ କୌଣସି ଅତ୍ୟାବଶ୍ୟକ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଆଲୋଚନା ପରିସରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା**: ସାମାନ୍ୟ ବ୍ୟତିକ୍ରମ ଦେଖାଦେଲେ ମଧ ଆଜି କୌଣସି ଅସୁବିଧା ହେବ ନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆପଣାଛାଏଁ ସମାଧାନ ହୋଇଯିବ। ସୁଯୋଗ ବିଭିନ୍ନ ଦିଗରୁ ଆସିବ ଏବଂ ଆବଶ୍ୟକତା ମଧ ପୂରଣ ହେବ । ବାଣିଜ୍ୟାରମ୍ଭ, ଶୁଭ କାର୍ଯ୍ୟ ସମ୍ପାଦନ, ସତ୍‌ସଙ୍ଗ ହେତୁ ଆନନ୍ଦ ଅନୁଭବ କରିବେ।

**ବିଛା**: କର୍ମକ୍ଷେତ୍ରରେ ବିଚାରଧାରା ଭିନ୍ନ ହେବା କାରଣରୁ କାର୍ଯ୍ୟପଦ୍ଧତି ବିଶୃଙ୍ଖଳିତ ରହିବ। ସ୍ୱାସ୍ଥ୍ୟସମସ୍ୟା ଦେଖାଦେଇପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ପ୍ରକାଶନ, ପ୍ରଶାସନ, ନିର୍ମାଣାଦି କାର୍ଯ୍ୟ ଠିକଠାକ୍ ଚାଲିବ। ପରୋକ୍ଷ ଶତ୍ରୁତା ହେତୁ କୌଣସି ଦୀର୍ଘମିଆଦୀ କାମ ସକାଶେ ଚିନ୍ତିତ ରହିପାରନ୍ତି।

**ଧନୁ**: ନୂତନ ଯୋଜନାକୁ ସାକାର କରିବାକୁ ଚେଷ୍ଟା କରିବେ। କିନ୍ତୁ ଗ୍ରହମାନଙ୍କ କୁପ୍ରଭାବରେ ଆଜି ବିବାଦୀୟ ପରିସ୍ଥିତିରେ ଅପମାନିତ ହେବାକୁ ପଡ଼ିପାରେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାହିତ୍ୟ, ଗବେଷଣା, କଳା-ସଂସ୍କୃତି, ବିଦେଶ ଯାତ୍ରା, ମାଙ୍ଗଳିକ କାର୍ଯ୍ୟ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ମକର**: ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହି ପାରିବେ ନାହିଁ। ବନ୍ଧୁଙ୍କ ଭିଡ଼ରେ ନିଜ ଲୋକଙ୍କର କଥା ଶୁଣିବାକୁ ବେଳ ପାଇବେ ନାହିଁ। ଅସାବଧାନତାବଶତଃ କୌଣସି ଜିନିଷ ହଜିଯିବ କିନ୍ତୁ ଅଳ୍ପ ସମୟ ପରେ ମଧ ପାଇଯିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ କିନ୍ତୁ ମନର ରାଗ ଭିତରେ ଭିତରେ କୁହୁଳି ଉଠିପାରେ ।

**କୁମ୍ଭ**: ସକାଳୁ ସକାଳୁ ଅନ୍ୟମନସ୍କତା ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ। ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଜମିଜମା, କଳକାରଖାନା, ହୋଟେଲ ଶିଳ୍ପ, ମନୋରଞ୍ଜନ, ଯାତ୍ରା ଓ ଭ୍ରମଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ମୀନ**: ପାରିବାରିକ ଓ ଲୋକ ସମର୍ଥନ ଆପଣଙ୍କ ପଛରେ ରହିଥିବା କାରଣରୁ ସମସ୍ୟା ମୁକ୍ତ ହେବେ। ଆକସ୍ମିକ ଭାବରେ ଜଣେ ନୀଚଜାତିର ବ୍ୟକ୍ତିଙ୍କ ଅବଦାନ ଭୁଲି ପାରିବେ ନାହିଁ। ନିଜର ଆତ୍ମୀୟ ତଥା ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ଈର୍ଷା ଓ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଖର୍ଚ୍ଚ ପରିମାଣ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୫୭,୮୨,୧୦୬ | ୬୩,୮୨,୯୦୭ | ୫୩,୭୨,୪୭,୦୭୯ |
| ଭାରତ | ୪,୩୭,୧୦,୦୨୭ | ୫,୨୫,୬୦୪ | ୪,୩୦,୪୫,୩୫୦ |
| ଓଡ଼ିଶା | ୧୨,୯୭,୧୭୫ | ୯୧୨୮(+୫୩) | ୧୨,୮୩,୬୮୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ସ୍କୁଲ ଯାଇ ଘରକୁ ଫେରିପାରିଲେନି ୧୪ ଛାତ୍ରୀଛାତ୍ର

ବୌଦ୍ଧ, ୧୫।୭(ଡି.ଏନ୍.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ଡିଗିସିରା ଗ୍ରାମର ୧୪ ଛାତ୍ରୀଛାତ୍ର ଗୁରୁବାର ସ୍କୁଲକୁ ଯାଇ ଘରକୁ ଫେରିପାରି ନ ଥିଲେ। ଅପରାହ୍ନରେ ସ୍କୁଲରୁ ଘରକୁ ଫେରୁଥିବାବେଳେ ଲକ୍ଷ୍ମୀନାଳରେ ଉଛୁଳା ପାଣି ପ୍ରବାହିତ ହେଉଥିବାରୁ ନାଳ ପାରିହୋଇ ନ ପାରି ଅଟକି ଯାଇଥିଲେ। ତେଣୁ ନାଳ ପାର୍ଶ୍ୱରେ ଜାତୀୟ ରାଜପଥ କଡ଼ରେ ଥିବା ଏକ ଗ୍ୟାରେଜରେ ରାତିରେ ରହିବାକୁ ବାଧ ହୋଇଥିଲେ। ଶୁକ୍ରବାର ସକାଳୁ ନାଳରେ ପାଣି କମିବା ପରେ ସେମାନଙ୍କ ସମ୍ପର୍କୀୟ ଗ୍ୟାରେଜକୁ ଆସି ଛାତ୍ରୀଛାତ୍ରଙ୍କୁ କାନ୍ଧରେ ବୋହି ନାଳ ପାରକରି ଘରକୁ ନେଇଥିଲେ।

ହରଭଙ୍ଗା ବ୍ଲକର ହେଡକ୍ୱାର୍ଟର ପଞ୍ଚାୟତ ବାଣୀଭୂଷଣପୁର ହୋଇଥିଲେ ବି ଉକ୍ତ ପଞ୍ଚାୟତର କେତେକ ଗ୍ରାମକୁ ଏବେବି ଠିକ୍ ଭାବେ ରାସ୍ତା ନାହିଁ। ସେଥିମଧ୍ୟରେ ଡିଗିସିରା ଅନ୍ୟତମ। ଗ୍ରାମରେ ପାଖାପାଖି ୧୦୦ରୁ ଅଧିକ ଗରିବ ପରିବାର ବସବାସ କରନ୍ତି। ଗ୍ରାମଟି ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡ଼ରେ ଥିଲେ ମଧ୍ୟ ଗାଁକୁ ଯିବାକୁ ହେଲେ ଲକ୍ଷ୍ମୀନାଳ ପାରହେବାକୁ ପଡ଼ିଥାଏ। ଗ୍ରାମବାସୀ ନାଳ ପାରି ହେବା ପରେ ହିଁ ଦୈନନ୍ଦିନ ସାମଗ୍ରୀ କିଣିବା ପାଇଁ ବଜାରକୁ ଯାଆନ୍ତି। ପିଲାମାନେ ମଧ୍ୟ ପାଠପଢ଼ିବାକୁ ବାହାରକୁ ଯାଇଥାନ୍ତି। ଗ୍ରାମରେ କୌଣସି ବିଦ୍ୟାଳୟ ନ ଥିବାରୁ ପିଲାମାନେ ନିକଟସ୍ଥ ଯାଜପୁରଠାରେ ଥିବା ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଜଙ୍ଗଲ ରାସ୍ତାରେ ଯାଇ ପାଠ ପଢୁଥିବାବେଳେ ଉଚ୍ଚ ଶିକ୍ଷା ପାଇଁ ପୁରୁଣାକଟକ କିମ୍ବା ଚାରିଛକ ଉପରେ ନିର୍ଭର କରିଥାନ୍ତି। ପୁରୁଣାକଟକ କିମ୍ବା ଚାରିଛକ ଆସିବାକୁ ହେଲେ ଉକ୍ତ ନାଳ ପାର ହେବାକୁ ପଡ଼ିଥାଏ। ସବୁଦିନ ପରି ଗୁରୁବାର ଗ୍ରାମର ୧୪ ଛାତ୍ରୀଛାତ୍ର ପୁରୁଣାକଟକକୁ ପାଠ ପଢ଼ିବାକୁ ଆସିଥିଲେ। କିନ୍ତୁ ବିଦ୍ୟାଳୟ ଛୁଟି ପରେ ଘରକୁ ଫେରିବା ସମୟରେ ବର୍ଷା ଯୋଗୁ ଲକ୍ଷ୍ମୀନାଳରେ ଉଛୁଳା ପାଣି ପ୍ରବାହିତ ହୋଇଥିଲା। ତେଣୁ ଛାତ୍ରୀଛାତ୍ର ଘରକୁ ଫେରିପାରି ନ ଥିଲେ।

ପ୍ରକାଶ ଯେ, ବର୍ଷାଦିନେ ନାଳ ଯୋଗୁ ଗ୍ରାମର ଛାତ୍ରୀଛାତ୍ରଙ୍କ ଅଧାଦିନ ପାଠପଢ଼ିବା ବନ୍ଦ ହୋଇଯାଇଥାଏ। ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମକୁ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଛାତ୍ରୀଛାତ୍ରଙ୍କୁ ପରିବାର ଲୋକେ କାନ୍ଧେଇ ଘରକୁ ନେଉଛନ୍ତି।

- ବର୍ଷା ଯୋଗୁ ନାଳରେ ଉଛୁଳା ପାଣି ପ୍ରବାହିତ ହେବାରୁ ଅଟକି ଗଲେ
- ରାତିରେ ଗ୍ୟାରେଜରେ ରହିଲେ ଛାତ୍ରୀଛାତ୍ର

# ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

କରୋନାର ବର୍ଦ୍ଧିତ ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଟିକାକରଣକୁ ତ୍ୱରାନ୍ୱିତ କରିଛନ୍ତି। ପ୍ରଥମ, ଦ୍ୱିତୀୟ ଡୋଜ୍ ପରେ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ ଉପରେ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ବରିଷ୍ଠ ନାଗରିକ ଓ ସମ୍ମୁଖ ଯୋଦ୍ଧାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଥିଲା। ଶୁକ୍ରବାରଠାରୁ ୧୮ରୁ ୫୯ ବର୍ଷ ବର୍ଗଙ୍କୁ ମାଗଣାରେ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଛି। ରାଜ୍ୟର ୨,୩୨୦ ଟିକାକରଣ କେନ୍ଦ୍ରରେ ଏହି ଟିକା ଦିଆଯାଉଥିବାବେଳେ କେବଳ ଭୁବନେଶ୍ୱରରେ ୧୯ଟି କେନ୍ଦ୍ରର ବ୍ୟବସ୍ଥା ହୋଇଛି। ଏହି ବୟସ ବର୍ଗରେ ୨ କୋଟି ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟିକା ନେବାକୁ ଅଛନ୍ତି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୮ରୁ ୫୯ ବର୍ଷ ବର୍ଗରେ ଏ ପର୍ଯ୍ୟନ୍ତ ୧ ଲକ୍ଷ ୫୨ ହଜାର ପ୍ରିକଶନ ଡୋଜ୍ ନେଇଛନ୍ତି। ଉଭୟ ଅନ୍‌ଲାଇନ୍ ଓ ଅନ୍‌ସାଇଟ୍ ପଞ୍ଜୀକରଣ କରି ଟିକା ନେଇପାରିବେ। ରାଜ୍ୟରେ ୧୩ ଲକ୍ଷ ଡୋଜ୍ ଟିକା ମହଜୁଦ ରହିଛି। ଏହାପରେ ଅଧିକ ଟିକା ଯୋଗାଇଦେବାକୁ କେନ୍ଦ୍ରକୁ ଅନୁରୋଧ କରାଯିବ। ସବୁ ଲୋକଙ୍କୁ ଟିକାକରଣ ପାଇଁ କେନ୍ଦ୍ର ସଂଖ୍ୟାକୁ ମଧ ୩,୦୦୦ରୁ ଅଧିକ କରାଯିବ। ଶିକ୍ଷାନୁଷ୍ଠାନରେ କ୍ୟାମ୍ପ୍ କରି ଟିକା ଦେବାକୁ ବ୍ୟବସ୍ଥା ହୋଇଛି। ଏହି ଟିକାକରଣ ୭୫ଦିନ ଧରି ଚାଲିବ। ଲୋକମାନେ ଆଗ୍ରହ ଦେଖାଇଲେ ଅଧିକ ଲୋକଙ୍କ ଟିକାକରଣ କରାଯାଇପାରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

## ରାଜ୍ୟରେ ୧୩ଲକ୍ଷ କୋଭିଡ୍ ଟିକା ମହଜୁଦ



# ମୟୂରଭଞ୍ଜରେ ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ଦାୟିତ୍ୱ କେନ୍ଦ୍ରର

## ନିର୍ଦ୍ଦେଶ ଦେବାକୁ ମନାକଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ ୧୫।୭

ମୟୂରଭଞ୍ଜ ଜିଲାରେ ବ୍ରିଟିଶ ଶାସନ ଅମଳ ତଥା ୧୯୪୦ ମସିହାର ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରି ସେଠାରେ ବିମାନବନ୍ଦର ନିର୍ମାଣ ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। କେନ୍ଦ୍ର ସରକାର ଟ୍ରାଫିକ୍ ଓ ଅନେକ କଥା ବିଚାରକୁ ନେଇ ଏକ ବିମାନବନ୍ଦର ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥାନ୍ତି ବୋଲି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୁବ୍ରମଣ୍ୟମ୍ ପ୍ରସାଦଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇଛନ୍ତି।

ଦିଲ୍ଲୀ ହାଇକୋର୍ଟରେ ପୂର୍ବରୁ ଏକ ପିଟିଶନ ଦାଏର ହୋଇଥିଲା। ଆବେଦନକାରୀ ଜଣେ ଆଇନଜୀବୀ। ସେ ନିଜ ପିଟିଶନରେ ଦର୍ଶାଇଥିଲେ ଯେ, ୧୯୪୦ରେ ଓଡ଼ିଶାର ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍‌ରେ ଏହି ଏୟାରଷ୍ଟ୍ରିପ୍ ନିର୍ମିତ ହୋଇଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ହେବା ପରେ ଏହାକୁ କାର୍ଯ୍ୟକ୍ଷମ କରାଯିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଇନାହିଁ। ସେଠାରେ ସ୍ଥାନୀୟ ଲୋକଙ୍କ ପାଇଁ ଏକ ବିମାନବନ୍ଦରର ଆବଶ୍ୟକ ଥିବାରୁ କେନ୍ଦ୍ର ସରକାର ଉକ୍ତ ଏୟାରଷ୍ଟ୍ରିପ୍‌ର ପୁନରୁଦ୍ଧାର କରି ଏକ ଏୟାରପୋର୍ଟ ନିର୍ମାଣ କରନ୍ତୁ। ହାଇକୋର୍ଟ ଏ ନେଇ କେନ୍ଦ୍ରକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପିଟିଶନରେ ନିବେଦନ କରାଯାଇଥିଲା। ହେଲେ ଏଥିପାଇଁ ଅଦାଲତ କୌଣସି ନିର୍ଦ୍ଦେଶ ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ଭାରତ ସରକାରଙ୍କ ଦାୟିତ୍ୱ। ସେଠାରେ ବିମାନବନ୍ଦରର ଆବଶ୍ୟକତା ଅଛି କି ନାହିଁ ଏବଂ ଏୟାରପୋର୍ଟ ନିମନ୍ତେ ସମସ୍ତ ମାନଦଣ୍ଡ ପୂରଣ ହେଉଛି କି ନା ତାହା ଯାଞ୍ଚକରି କେନ୍ଦ୍ର ସରକାର ଓ ବେସମାରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏ ଦିଗରେ ପଦକ୍ଷେପ ନେଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।


DSPL - 102
ଓଡ଼ିଶା ସରକାର
ସାବଧାନ !
ରାଜ୍ୟରେ କୋଭିଡ୍ ସଂକ୍ରମଣ ପୁଣି ଦ୍ରୁତ ଗତିରେ ବଢୁଛି।
କୋଭିଡ୍ ନିୟମ ପାଳନରେ ସାମାନ୍ୟ ଅବହେଳା ବଡ ବିପଦକୁ ଡାକି ଆଣିବ।
ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ହାତକୁ ବାରମ୍ବାର ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
ଜନଗହଳି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ
ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକାର ଆବଶ୍ୟକ ମାତ୍ରା ନିଶ୍ଚୟ ନିଅନ୍ତୁ
ଜ୍ୱର, ସର୍ଦ୍ଦି, ଥଣ୍ଡା କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ କୋଭିଡ୍ ପରୀକ୍ଷା କରାଇ ଗୃହ ପୃଥକ୍‌ବାସରେ ରୁହନ୍ତୁ।
ବୟସ୍କ ବ୍ୟକ୍ତି, ଛୋଟ ପିଲା ଓ ଅଣ ସଂକ୍ରାମକ ରୋଗରେ ପୀଡିତ ବ୍ୟକ୍ତି ବିଶେଷ ସତର୍କତା ଅବଲମ୍ବନ କରନ୍ତୁ।
ଅଧିକ ଜାଣିବା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।
OIPR-10003/13/0036/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha



DSPL - 105
ଓଡ଼ିଶା ସରକାର
॥ କୋଭିଡ୍ ଟୀକାକରଣ ଅମୃତ ମହୋତ୍ସବ ॥
ପ୍ରିକସନ୍ ଡୋଜ୍
୧୮ ରୁ ୫୯ ବର୍ଷ ବ୍ୟକ୍ତିଙ୍କ ପାଇଁ ଚଳିତ ଜୁଲାଇ ୧୫ ତାରିଖ ଠାରୁ କୋଭିଡ୍ ପ୍ରିକସନ୍ ଡୋଜ୍ ସରକାରୀ କୋଭିଡ୍ ଟୀକାକରଣ କେନ୍ଦ୍ରମାନଙ୍କରେ ୭୫ ଦିନ ପାଇଁ ବିନା ମୂଲ୍ୟରେ ଦିଆଯାଉଅଛି।
COVID-19 VACCINE
• କୋଭିଡ୍ ଟୀକାର ୨ୟ ମାତ୍ରା ନେଇଥିବା ବ୍ୟକ୍ତିମାନେ ୬ ମାସ ପରେ ପ୍ରିକସନ୍ ଡୋଜ୍ ନେଇପାରିବେ।
କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନେବା ନିଜକୁ ସୁରକ୍ଷିତ ରଖିବା
ଅଧିକ ଜାଣିବା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ, କୋ-ୱିନ୍ ପୋର୍ଟାଲ୍ ଲଗ୍-ଇନ୍ କରନ୍ତୁ କିମ୍ବା ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।
କୋଭିଡ୍ ଟୀକାର ସମ୍ପୂର୍ଣ୍ଣ ମାତ୍ରା ନେଇଥିଲେ ମଧ କୋଭିଡ୍ ନିୟମ କଡାକଡି ପାଳନ କରନ୍ତୁ
ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ
ନିୟମିତ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ
ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ
ଜନଗହଳି ବା ଭିଡରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ
OIPR-10003/13/0035/2223
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha

# ମଠୁଆଙ୍କୁ ଜାଗା ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେବାନିବୃତ୍ତ ବୟସ ପୂର୍ବରୁ ଅବସର(ପ୍ରିମାଚ୍ୟୁର ରିଟାୟରମେଣ୍ଟ) ଦେବା ଲାଗି କେନ୍ଦ୍ରର ବ୍ୟବସ୍ଥା ରହିଛି। ତାହାକୁ ଲକ୍ଷ୍ୟ କରି ଦିଲ୍ଲୀ ସରକାର ସେଭଳି ବାଟ ଆପଣାଇଛନ୍ତି। ନିକଟରେ ଦିଲ୍ଲୀ ସରକାରଙ୍କ ଅର୍ଥ ବିଭାଗ ଅବସର ନେବାକୁ ଥିବା ଏବଂ ପ୍ରଦର୍ଶନ ଭଲ ନ ଥିବା ଆକାଉଣ୍ଟ କ୍ୟାଡର ଅଧିକାରୀମାନଙ୍କ କ୍ୟାରିୟରକୁ ନେଇ ନିୟମିତ ବ୍ୟବଧାନରେ ସମୀକ୍ଷା କରିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଛି। ଏହି ବାବୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଅବସର ଦେବା ଉଦ୍ଦେଶ୍ୟରେ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଜଣାପଡ଼ିଛି ଯେ, ଦିଲ୍ଲୀର ଲ୍ୟୁଟନାଣ୍ଟ ଗଭର୍ନର ବିନୟ କୁମାର ସକ୍ସେନାଙ୍କ ସମେତ ସମସ୍ତେ ଏହି ଯୋଜନାକୁ ଗ୍ରହଣ କରିଛନ୍ତି। ଏହି ବିଷୟକୁ ସକ୍ସେନା ଗମ୍ଭୀରତାର ସହ ନେଇଛନ୍ତି ଏବଂ ଦିଲ୍ଲୀ ସରକାରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କର ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଉ ବୋଲି ଚାହିଁଛନ୍ତି। ବ୍ୟବସ୍ଥାରେ କାର୍ଯ୍ୟକରୁଥିବା ମାନ୍ଦା ବା ମଠୁଆ ଏବଂ ବାଧା ସୃଷ୍ଟିକାରୀ ଅଧିକାରୀମାନଙ୍କୁ ସଫା କରିବା ଲାଗି ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ ଆରମ୍ଭ କରିବାକୁ ସେ ଚାହୁଁଥିବା ସ୍ପଷ୍ଟ ହୋଇଛି। ଆକାଉଣ୍ଟ କ୍ୟାଡର ଅଧିକାରୀ, ଡେପୁଟି କମ୍ପ୍ଟ୍ରୋଲର ଅଫ୍ ଆକାଉଣ୍ଟସ୍, ସିନିୟର ଆକାଉଣ୍ଟସ୍, ଆକାଉଣ୍ଟ ଅଧିକାରୀ ଏବଂ ସହକାରୀ ଆକାଉଣ୍ଟ ଅଧିକାରୀ ଯେଉଁମାନେ ଡିଓପିଟିର ପ୍ରିମାଚ୍ୟୁର ରିଟାୟରମେଣ୍ଟ ନିୟମ ଅଧୀନରେ ରହୁଛନ୍ତି, ସେମାନଙ୍କ ରିପୋର୍ଟ ଦାଖଲ କରିବା ଲାଗି ସମସ୍ତ ମୁଖ୍ୟ ବିଭାଗଗୁଡ଼ିକୁ ଅର୍ଥ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ ରିପୋର୍ଟ ଉପରେ ଏକ ସମୀକ୍ଷା କମିଟି ଯାଞ୍ଚ କରିବ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ସୁପାରିସ କରିବ। ତେବେ ଏହି ନିଷ୍ପତ୍ତିରେ ପ୍ରଭାବିତ ହେବାକୁ ଥିବା ବାବୁମାନେ କିଭଳି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସେ ସମ୍ପର୍କରେ ଏଯାବତ କିଛି ଜଣାପଡ଼ିନାହିଁ।

### ଚମକିବେ କାନ୍ତ

ଭାରତର ଜି ୨୦ ଟିମ୍ ମୁଖ୍ୟ ଭାବେ ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତଙ୍କ ନିଯୁକ୍ତି ପରେ ଏହା ଅଧିକ ଶକ୍ତିଶାଳୀ ହୋଇଛି। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଅତ୍ୟଧିକ କାର୍ଯ୍ୟଚାପର କାରଣ ଦର୍ଶାଇ ଦାୟିତ୍ୱରୁ ଓହରି ଯିବା ପରେ ତାଙ୍କ ସ୍ଥାନରେ କାନ୍ତ ନିଯୁକ୍ତ ହୋଇଛନ୍ତି। କାନ୍ତଙ୍କୁ ଏଭଳି ଦାୟିତ୍ୱ ମିଳିବ ବୋଲି କେହି ବିଶ୍ୱାସ କରି ନ ଥିଲେ। ତାଙ୍କୁ କୌଣସି ଏକ ରାଜ୍ୟର ଗଭର୍ନର କରାଯିବାର ସୂଚନା ମିଳୁଥିଲା, କିନ୍ତୁ ସରକାର କାନ୍ତଙ୍କ ପାଇଁ ଏକ ଉତ୍ତମ ଯୋଜନା କରିଥିଲେ ବୋଲି ଏବେ ସ୍ପଷ୍ଟ ହେଲା। ତଥାପି ଚଳିତ ବର୍ଷ ଶେଷ ଆଡକୁ ଜି୨୦ରେ ଭାରତ ଅଧ୍ୟକ୍ଷତା କରିବ ବୋଲି ଆଶା କରାଯାଉଥିବା ଏବଂ ଆସନ୍ତା ବର୍ଷ ଜି୨୦ ସମ୍ମିଳନୀ ଆୟୋଜନ କରିବା ପାଇଁ ପ୍ରସ୍ତୁତ ହେବାର ଠିକ୍ ପୂର୍ବରୁ ଏହା ଏକ ସମୟୋପଯୋଗୀ ପଦକ୍ଷେପ। କାନ୍ତ ଏବେ ପୂର୍ବତନ ବୈଦେଶିକ ସଚିବ ତଥା ଭାରତର ମୁଖ୍ୟ ଜି୨୦ ସଂଯୋଜକ ଶ୍ରୀଙ୍ଗଲାଙ୍କ ସହିତ ଯୋଗଦେବେ। ଜି୨୦ ପାଇଁ ଭାରତ ଏକ ପୂର୍ଣ୍ଣକାଳୀକ ମୁଖ୍ୟ ଆବଶ୍ୟକ କରୁଥିବା ଏବଂ ଗୋଏଲ ବିଭିନ୍ନ ମନ୍ତ୍ରଣାଳୟ ଓ ସଂସଦୀୟ ଦାୟିତ୍ୱଗୁଡ଼ିକରେ ବ୍ୟସ୍ତ ରହିଥିବା ଯୋଗୁ ଏଭଳି ସ୍ଥିତିରେ ଅନ୍ୟମାନଙ୍କ ମଧ୍ୟରେ କାନ୍ତ ହିଁ ଯୋଗ୍ୟ । ଏନ୍‌ଡିଏ ସରକାର ଏବଂ ପରେ ନୀତି ଆୟୋଗର ଦୀର୍ଘଦିନ ଧରି ନୀତି ବିଶେଷଜ୍ଞ ଭାବେ କାର୍ଯ୍ୟ କରିବା ପରେ ଅନ୍ତର୍ଜାତୀୟ ମଞ୍ଚରେ ପ୍ରକାଶିତ ବା ଚମକିବା ଲାଗି କାନ୍ତଙ୍କର ଏହା ଏକ ଅଭିଯାନ। କାନ୍ତଙ୍କ ଭଳି ଆଇଏଏସ୍ ଏବଂ ଶ୍ରୀଙ୍ଗଲା ପରି ଆଇଏଫ୍ଏସ୍ ଯୋଡ଼ି ରଣନୀତିକ ଫୋରମରେ ବୈଶ୍ୱିକ ସଙ୍କଟ ସୁଧୁରିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ସମୟରେ ବେଶ୍ ଉପଯୋଗୀ ହେବ।

### ଅଗ୍ନିହୋତ୍ରୀ ବିଦା ହେଲେ

ଏକ ତ୍ୱରିତ ପଦକ୍ଷେପରେ କେନ୍ଦ୍ର ନ୍ୟାଶନାଲ ହାଇ-ସ୍ପିଡ୍ ରେଲ୍ କର୍ପୋରେଶନ ଲିମିଟେଡ(ଏନ୍ଏଚ୍ଏସ୍ଆର୍ସିଏଲ୍) ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତୀଶ ଅଗ୍ନିହୋତ୍ରୀଙ୍କୁ ଚାକିରିରୁ ବିଦା କରିବା ପରେ ରାଜେନ୍ଦ୍ର ପ୍ରସାଦଙ୍କୁ ଅତିରିକ୍ତ ଏମ୍‌ଡି ଦାୟିତ୍ୱ ପ୍ରଦାନ କରିଛି। ପ୍ରସାଦ ଏବେ ଏନ୍ଏଚଏସ୍ଆର୍ସିଏଲ୍ ପ୍ରୋଜେକ୍ଟସ୍‌ର ନିର୍ଦ୍ଦେଶକ ରହିଛନ୍ତି। ଏନ୍‌ଡିଏ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବୁଲେଟ୍ ଟ୍ରେନ୍ ପ୍ରୋଜେକ୍ଟକୁ ଏହି କମ୍ପାନୀ କାର୍ଯ୍ୟକାରୀ କରୁଛି। ଯଦିଓ ସରକାର ଅଗ୍ନିହୋତ୍ରୀଙ୍କ ଚାକିରି ଶେଷ କରିବାର କାରଣ ଦର୍ଶାଇନାହାନ୍ତି, ତଥାପି ବିଶ୍ୱାସ କରାଯାଉଛି ଯେ, ତାଙ୍କ ବିରୋଧରେ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଯୋଗୁ ତାଙ୍କ ଏମ୍‌ଡି ପଦବୀ ଅସ୍ଥିର ହୋଇଯାଇଥିଲା। କୌତୂହଳର କଥା, ଚାକିରି ଶେଷ ହେବା ଭଳି କର୍ପୋରେଶନରେ ଏମ୍‌ଡି ଭାବେ ତାଙ୍କ ନିଯୁକ୍ତି ମଧ୍ୟ ଆହୁରି ନାଟକୀୟ ଥିଲା। ୨୦୧୮ରେ ୧୯୮୨ ବ୍ୟାଚ୍‌ର ଇଣ୍ଡିଆନ୍ ରେଲୱେ ସର୍ଭିସ ଅଧିକାରୀ ଅଗ୍ନିହୋତ୍ରୀଙ୍କୁ ଅବସର ପରେ ଏନ୍ଏଚ୍ଏସଆର୍ସିଏଲ୍‌ର ମୁଖ୍ୟ ଭାବେ ସରକାର ନିଯୁକ୍ତ କରିଥିଲେ। ସେତେବେଳେ କୁହାଯାଇଥିଲା ଯେ, ବିଜ୍ଞାପିତ ବୟସ ମାନଦଣ୍ଡ ଅନୁଯାୟୀ ଅଗ୍ନିହୋତ୍ରୀ ସେହି ପଦବୀ ପାଇଁ ଯୋଗ୍ୟ ନୁହନ୍ତି। ତଥାପି ଅନ୍ୟ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ପଛରେ ପକାଇ ସେ ନିଯୁକ୍ତି ପାଇଥିଲେ ବି ତାଙ୍କ ପତନ ଶୀଘ୍ର ହୋଇଛି। ମୋଦି ସରକାରଙ୍କ ପାଇଁ ବୁଲେଟ ଟ୍ରେନ ଏକ ସମ୍ମାନଜନକ ପ୍ରୋଜେକ୍ଟ ହୋଇଥିବାରୁ ଏହାକୁ ସଫଳତାର ସହ ଶେଷ କରିବା ଲାଗି ଦାୟିତ୍ୱ ବହନ କରିଥିବା ଅଧିକାରୀମାନଙ୍କ ଉପରେ କୌଣସି ଅଭିଯୋଗକୁ ସରକାର ସହ୍ୟ କରିବେ ନାହିଁ ବୋଲି ଅଗ୍ନିହୋତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ସ୍ପଷ୍ଟ କରିଦେଲେ।

Email: dilipcherian@gmail.com

# ଯାହାକୁ ଯେତେ...



ଅକ୍ଷୟ କୁମାର ମିଶ୍ର

ଆମ ରାଜ୍ୟର ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏ ବର୍ଷ ୫ ଲକ୍ଷ ୮୫ ହଜାର ୭୩୦ ଛାତ୍ରୀଛାତ୍ର ୩ ହଜାର ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଏଥିରୁ ୫ ଲକ୍ଷ ୧୭ ହଜାର ୮୪୭ ଜଣ ପାସ୍ କରିଛନ୍ତି ଅର୍ଥାତ୍ ୯୦.୫୫ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। କିନ୍ତୁ ୮୬୯୯ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି ବୋଲି ବୋର୍ଡ ତରଫରୁ ପ୍ରକାଶ କରାଯାଇଛି। ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୩ ହଜାର ୮ଜଣ ପିଲା ଗ୍ରେଡ୍ A ପାଇଛନ୍ତି। ୧୧୭୦ଟି ବିଦ୍ୟାଳୟର ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଯଦି ପୂର୍ବବର୍ଷ ପରି ହୁଏ ତେବେ ବିଭିନ୍ନ ସଂସ୍ଥା ଓ ସଙ୍ଗଠନ ତରଫରୁ A-1 ପାଇଥିବା ପିଲାମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ। ସ୍ୱତନ୍ତ୍ର ମଞ୍ଚ କରାଯାଇ ଏମାନଙ୍କୁ ପ୍ରେରଣା ଦିଆଯିବ। ଆମେ ସଭିଏ ଚାହିଁବା ଏମାନେ ଆଗକୁ ବଢ଼ନ୍ତୁ। ଭବିଷ୍ୟତରେ ଆହୁରି ଭଲ କରନ୍ତୁ। ରାଜ୍ୟର ବିକାଶରେ ଅଂଶୀଦାର ହୁଅନ୍ତୁ। ଦେଶ ପାଇଁ ଶ୍ରେଷ୍ଠ ମାନବ ସମ୍ବଳର ପରିଚୟ ସୃଷ୍ଟି କରନ୍ତୁ।

ତେବେ ଏହି ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କିଛି ଗୁଞ୍ଜରଣ ଶୁଣିବାକୁ ମିଳୁଛି। ଲୋକେ କୁହାକୁହି ହେଉଛନ୍ତି, ପରୀକ୍ଷା ଫଳ ଯେମିତି ହୋଇଛି କେହି ଅସନ୍ତୋଷ ବ୍ୟକ୍ତ କରିପାରିବେ ନାହିଁ। ଯଦି କେହି ଅସନ୍ତୋଷ ପ୍ରକାଶ କରେ ତେବେ ତା' ପାଇଁ ଉତ୍ତର ହେଲା 'ଯାହାକୁ ଯେତେ ମିଛୁଟାରେ ଗୋଡ଼ କଟାଡୁ କେତେ।' କାହିଁକି ନା ଏ ବର୍ଷ ୮୧୧୯ ଜଣ A-1 ଅର୍ଥାତ୍ 90 ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ପାସ୍ କରିଛନ୍ତି। ସର୍ବକାଳୀନ ରେକର୍ଡକୁ ଏହା ଅତିକ୍ରମ କରିଯାଇଛି। ଆମେ ଯଦି ବିଗତ ବର୍ଷଗୁଡ଼ିକର ପରୀକ୍ଷା ଫଳ ଉପରେ ନଜର ପକାଇବା ତେବେ କିଛି ସନ୍ଦେହ ଆସିବ ହିଁ ଆସିବ। ସଭିଏ ଜାଣିଛନ୍ତି କରୋନା କାରଣରୁ ୨୦୨୧ରେ ମାଟ୍ରିକ୍ ପରୀକ୍ଷା ହୋଇପାରି ନ ଥିଲା। ଶିକ୍ଷକମାନେ ପଠାଇଥିବା ନମ୍ବରକୁ ଭିତ୍ତିକରି ଫଳ ପ୍ରକାଶ ପାଇଥିଲା, ଯେଉଁଥିରେ ପାସ୍‌ହାର ଥିଲା ୯୭.୮୯ ପ୍ରତିଶତ ଓ A-1 ପାଇଥିଲେ ୨୬୫୬ ଜଣ। ୨୦୨୦ ଓ ୨୦୧୯ର (ଯେଉଁ ଦୁଇ ବର୍ଷ ଓଏମ୍ଆର ନ ଥାଇ ପରୀକ୍ଷା ହୋଇଥିଲା) ପାସ୍‌ହାର ଯଥାକ୍ରମେ ୭୮.୭୬ ଓ ୭୦.୭୮ ପ୍ରତିଶତ ଥିଲା। ଏହି ଦୁଇ ବର୍ଷ A-1 ପାଇଥିବା ପିଲାଙ୍କ ସଂଖ୍ୟା ଏକ ହଜାରରୁ କମ୍ ଥିଲା। ପୁଣି ୨୦୧୮ ଓ ୨୦୧୭ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବୋର୍ଡ ପରୀକ୍ଷାରେ ଯଥାକ୍ରମେ ୯୨.୪୭ ଓ ୮୫.୨୮ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ସତ କିନ୍ତୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ପିଲାଙ୍କ ସଂଖ୍ୟା ସୀମିତ ଥିଲା। ବିଗତ ବର୍ଷଗୁଡ଼ିକର ପରୀକ୍ଷା ଫଳକୁ ନେଇ ବିଚାର କଲେ ପରୀକ୍ଷାରେ ଓଏମ୍ଆର ବ୍ୟବହାର ପରୀକ୍ଷା ଫଳରେ ପରିମାଣାତ୍ମକ ବୃଦ୍ଧିରେ ଯେ ସହାୟକ ହୋଇଛି ଏଥିରେ ସନ୍ଦେହ ନାହିଁ। ଯାହାବି ହେଉ ମାଟ୍ରିକ ପାସ୍ କରିବାର ଦକ୍ଷତା ନ ଥିବା ପିଲାଟି ହାତରେ ପାସ୍ ସାର୍ଟିଫିକେଟ ଖଣ୍ଡିଏ ଧରାଇଦେବା ଯେତିକି ଦୋଷାବହ ନୁହେଁ ମେଧାଶକ୍ତି ନ ଥାଇ କାହାକୁ ମେଧାବୀ ତାଲିକାରେ ଅନ୍ତର୍ଭୁକ୍ତ କରିଦେବା ଅତ୍ୟନ୍ତ ମାରାତ୍ମକ।



ଆଲୋଚ୍ୟ ବିଷୟ ପାଲଟିଛି ହଠାତ୍ କ'ଣ ହେଲା ଯେ ଆମ ରାଜ୍ୟର ମାଟ୍ରିକ୍ ପରୀକ୍ଷାର ମେଧା ତାଲିକା ଏମିତି ପୃଥୁଳକାୟ ହୋଇଗଲା ? କାହା ହାତରେ ଏ କୁହୁକ ବାଡ଼ି? ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ନା ବୋର୍ଡ ନା ସରକାର ହାତରେ ? ଅଭିଭାବକ ବିସ୍ମିତ। ଅଧିକାଂଶ ଛାତ୍ରୀଛାତ୍ର ଗଣମାଧ୍ୟମ ସମ୍ମୁଖରେ ମତ ରଖୁଛନ୍ତି ସେମାନେ ଯେତିକି ଆଶା କରିଥିଲେ ତା'ଠାରୁ ଅଧିକ ନମ୍ବର ଆସିଛି। ଶିକ୍ଷକମାନେ କୁହାକୁହି ହେଉଛନ୍ତି ଏମିତି କେମିତି ହେଲା। ଯିଏ B-1 ପାଇବା କଥା ନୁହେଁ ସେ A-1 ପାଇଛି। କିଛି କହୁଛନ୍ତି, "ଆରେ ଭାଇ ଖାଲି କ'ଣ ସେତିକି, ମୋ ବିଦ୍ୟାଳୟରେ ଯିଏ ଶ୍ରେଣୀ ପରୀକ୍ଷାରେ ସବୁବେଳେ ପ୍ରଥମ ହେଉଥିଲା ତା'ଠାରୁ ପଞ୍ଚମରେ ରହୁଥିବା ପିଲାଟି ଟପିଯାଇଛି। ଏବେ ସିନା ବଡ଼ ଅଫିସରଙ୍କୁ କୈଫିୟତ ଦେବାକୁ ପଡ଼ିବନି ହେଲେ ନିଜ ବିବେକକୁ ଆମେ ଉତ୍ତର ଦେଇପାରୁନୁ।" ବୋର୍ଡର ଉତ୍ତର ହେଲା ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିପାଇଁ ଏତେ ତର୍ଜମା କାହିଁକି? ସିବିଏସ୍‌ଇ ଓ ଆଇସିଏସ୍‌ଇ ପରୀକ୍ଷା ଫଳକୁ ଦେଖି ତ କେହି ପ୍ରଶ୍ନ ଉଠାଉ ନାହାନ୍ତି? ସେମାନଙ୍କ ପିଲା ଶତପ୍ରତିଶତ ନମ୍ବର ରଖିଲେ ବି କେହି କିଛି କହୁନାହାନ୍ତି। ଅଥଚ ଆମ ବୋର୍ଡ ଯଦି ଉତ୍ତମ ପ୍ରଦର୍ଶନ କଲା ତେବେ ଜିରାରୁ ଶିରା ବାଛିବା ଆରମ୍ଭ ହୋଇଗଲା। ସରକାରଙ୍କ ତରଫରୁ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ହେଲା ପିଲାମାନେ ମନ ଲଗାଇ ପଢ଼ିଛନ୍ତି। ଶିକ୍ଷକମାନେ ମଧ୍ୟ କଠିନ ପରିଶ୍ରମ କରିଛନ୍ତି। ଅନ୍‌ଲାଇନ ପାଠପଢ଼ା ସହାୟତା ଦେଇଛି। ଏମିତି ଫଳ ମିଳିଛି। କିନ୍ତୁ ଯାହା ଜଣାପଡୁଛି ବୋର୍ଡ ଆଉ ଯେମିତି ଏକ ସ୍ୱୟଂଶାସିତ ସଂସ୍ଥା ହୋଇ ରହିନାହିଁ।

ଏ ପ୍ରକାର ଉତ୍ତମ ପରୀକ୍ଷା ଫଳକୁ ଦେଖି ଯେକେହି ଈର୍ଷା କରୁଛି, ଏହା ବିଚାର କରିବା ଠିକ୍ କଥା ନୁହେଁ। ଆମ ପିଲାଙ୍କର ଇଂଲିଶ୍ ବା ସାହିତ୍ୟରେ ପୂର୍ଣ୍ଣ ନମ୍ବର ରଖିବାର ଦକ୍ଷତା ନାହିଁ। ଯଦି କେହି କହନ୍ତି, ତାହା ସେମାନଙ୍କ ହେୟ ମନୋଭାବ ବୋଲି ଧରିନିଆଯାଇପାରେ। କଥା ହେଉଛି, କିଛି ଅସଂଗତି ପଦାକୁ ଆସୁଛି, ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଥମ କଥାଟି ହେଲା କିଛି ପ୍ରଶ୍ନର ଉତ୍ତର ଦୀର୍ଘମୂଳକ ହୋଇଥିବା ବେଳେ ଇଂଲିଶ୍ ଓ ସାହିତ୍ୟରେ ଶତପ୍ରତିଶତ ନମ୍ବର ରଖିବା ସହଜ ନୁହେଁ। ଗୋଟିଏପଟେ କୁହାଯାଉଛି ବିଦ୍ୟାଳୟରେ ଶିକ୍ଷକ ନ ଥିବା ଯୋଗୁ ସଂସ୍କୃତ ଶିକ୍ଷକ ଇଂଲିଶ ପଢ଼ାଉଛନ୍ତି। ଖେଳ ଶିକ୍ଷକ ବାଧ୍ୟହୋଇ ସାହିତ୍ୟ ପଢ଼ାଉଛନ୍ତି। ଅଥଚ ପରୀକ୍ଷାରେ ଶହେରୁ ଶହେ।

ଚଳିତ ବର୍ଷ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ଚାରୋଟି ଫର୍ମେଟିଭ ଆସେସ୍‌ମେଣ୍ଟ ହେଲା ସମେଟିଭ ଆସେସ୍‌ମେଣ୍ଟ - ୧ ପିଲାମାନେ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାଦେଲେ । ସମେଟିଭ ଆସେସ୍‌ମେଣ୍ଟ - ୨(ବାର୍ଷିକ ପରୀକ୍ଷା) ବେଳକୁ ନିୟମର ପରିବର୍ତ୍ତନ ଘଟିଲା ଓ ଯେଉଁଠି ପରୀକ୍ଷା କେନ୍ଦ୍ର ହେଲା ସେହି ସ୍କୁଲର ପିଲା ସେହି କେନ୍ଦ୍ରରେ ପରୀକ୍ଷା ଦେଲେ । କିନ୍ତୁ ହେଲା କ'ଣ ? ଗତବର୍ଷ ଯେତିକି ପିଲା A-1 ଗ୍ରେଡ୍ ପାଇଥିଲେ ତା'ର ତିନିଗୁଣ ପିଲା ସେହି ସଫଳତା ପାଇଛନ୍ତି। ଏହା ନିଶ୍ଚୟ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ପାଇଁ ଖୁସିର ଖବର। ଏହି ସଫଳତାର ଧାରାବାହିକତା ରହିଲେ ହେଲା। ଶୁଣାଯାଏ ସମେଟିଭ ଆସେସ୍‌ମେଣ୍ଟ-୧, ଯାହା ପ୍ରତି ବିଷୟରେ ୫୦ ନମ୍ବର ସଂକ୍ଷିପ୍ତ ପ୍ରଶ୍ନ ପୁଣି ଓଏମ୍ଆର ମାଧ୍ୟମରେ କରାଯାଇଥିଲା। ସେଥିରେ ଯେଉଁ ପରୀକ୍ଷାର୍ଥୀ ଯେତେ ନମ୍ବର ରଖିଥିଲେ ତାହାକୁ ଦୁଇଗୁଣ କରିଦେଇ ପରୀକ୍ଷା ଫଳ ପ୍ରକାଶ କରାଯାଇଛି। ଏହା ଯଦି ସତ୍ୟ ହୋଇଥାଏ ତେବେ ଦୁର୍ଭାଗ୍ୟଜନକ। ଏମିତି ତ୍ରୁଟିପୂର୍ଣ୍ଣ ପଦ୍ଧତି ଆପଣେଇବା ଆଦୌ ବିଜ୍ଞାନସମ୍ମତ ନୁହେଁ। ଫର୍ମେଟିଭ ଆସେସ୍‌ମେଣ୍ଟ ଓ ସମେଟିଭ ଆସେସ୍‌ମେଣ୍ଟ-୨କୁ ଗୁରୁତ୍ୱ ନ ଦେବା ମସ୍ତବଡ଼ ଭୁଲ।

ନମ୍ବରକୁ ଦେଖି ଭବିଷ୍ୟତ ମାର୍ଗ ନିର୍ଦ୍ଧାରଣ କରିବା ଉଚିତ୍ ହେବନାହିଁ। ପ୍ରକୃତ ମେଧାବୀ ସିଏ, ଯାହାର ସୃଜନଶୀଳ କ୍ଷମତା ଥାଏ ଅନନ୍ୟ। ଯିଏ ଯେତେ ନମ୍ବର ରଖିଥାଉନା କାହିଁକି ସେଥିପ୍ରତି ଗୁରୁତ୍ୱ ନ ଦେଇ ସମସ୍ତ ପିଲା କେମିତି ନିଜ ଭବିଷ୍ୟତ ଗଠନରେ ବ୍ରତୀ ହେବେ ଏବଂ ଭଲ ମଣିଷ ହେବେ ସେହି ପ୍ରେରଣା ଓ ପରାମର୍ଶ ଦେବା ଆବଶ୍ୟକ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା,
ମୋ: ୭୦୦୮୦୭୩୫୯୯

# ଈର୍ଷାକୁ ଜାଣ କି



ଆରତି ମହାନ୍ତି

ଈର୍ଷା ହେଉ କି ଲୋଭ କିମ୍ବା ଘୃଣା-ଏଗୁଡ଼ିକ ଦେଖାଦେବା ମାତ୍ରକେ ଯଦି ସେଗୁଡ଼ିକ ତୁମକୁ ଯନ୍ତ୍ରଣା ଦେଇଥାଏ ବୋଲି ଜାଣିଯାଅ ତେବେ ସେଥିରୁ ଅକ୍ଳେଶରେ ବାହାରି ଯାଇପାରିବ। ମନରେ ଜାତ ହେଉଥିବା ଈର୍ଷା ହେଉ କି ଘୃଣା କିମ୍ବା କ୍ରୋଧ ପ୍ରତି ସଙ୍ଗେ ସଙ୍ଗେ ସତର୍କ ରହି ତାକୁ ହୃଦୟଙ୍ଗମ କଲେ ସେସବୁରୁ ମୁକ୍ତି ମିଳିପାରିବ। ତମେ କୁହ -'ମୁଁ ରାଗିଗଲି ଏମିତି ହୋଇଗଲା ଏଣିକି ଆଉ ରାଗିବି ନାହିଁ । କିମ୍ବା ଭାବ 'ଆରେ ଏଥିରେ ମୋର ପାପ ହବ ଆଉ ମୁଁ ଈର୍ଷା କରିବି ନାହିଁ।' ହେଲେ ତାହା କ'ଣ ତମକୁ ଛାଡ଼ିଦିଏ ? ସମୟକାଳ, ପରିସ୍ଥିତି ଉତ୍ତେଜନା ଦେଖି ତୁମ ଅଜାଣତରେ ସେ ତା' ମୁହଁ ବାରମ୍ବାର ଦେଖାଏ। ଟିକେ ଭାବି ଦେଖ ତ-ସେଇଟା କ'ଣ ତୁମେ ନିଜେ ନୁହଁ? ଅବା ସେଇଟା କଣ ତୁମ 'ସ୍ୱ'ରୁ ଅଲଗା ? ସେମିତି ତୁମର କ୍ରୋଧ, ଘୃଣା, ଲୋଭ କ'ଣ ତୁମ ଭିତରେ ମିଶି ରହି ନ ଥାଏ ? ମଣିଷର ଚେତନା ତ ସେସବୁକୁ ନେଇ ଗଢ଼ା ହୋଇଛି। କଥାଟା ହେଲା ସେସବୁ ଗୁଣ ଆମ ଭିତରେ ଥାଏ ଆଉ ବେଳକାଳ ଦେଖି ଉତ୍ତେଜନା ଯୋଗୁ ମାତିଉଠେ।

ଆମ ଭିତରେ 'ଚେତନା' ଅଛି। ଆମର କାମଦାମ, ଭାବନା, ଚିନ୍ତା ସବୁ ସେଇ ଚେତନା ଭିତରେ ହିଁ ରହିଥାଏ। ଯଦି ଆମେ କହୁ ଆମେ ନିଜେ ହେଉଛୁ ସେଇ ଚେତନାର ବିଷୟବସ୍ତୁ ତେବେ ସେତକ ବୁଝିବାରେ କିଛି ଅସୁବିଧା ନାହିଁ। ଆମେ କହିଲେ ଆମ ଚେତନାକୁ ବୁଝାଏ, ପୁଣି ଚେତନା କହିଲେ ଆମ କାମଦାମର ଅନୁଭବ ଆଦି ସବୁ। ତେଣୁ ହୃଦୟଙ୍ଗମ କରିବା ଦରକାର ଯେ ଚେତନା ଆଉ ଚେତନାର ବିଷୟବସ୍ତୁ ଅଲଗା ନୁହଁ। ସେଇ ଚେତନାର ବିଷୟବସ୍ତୁ ପ୍ରତି ଜଣେ ସତର୍କ ରହି ଦେଖି ଚାଲିଲେ ଅନ୍ୟ କାହାରି ସାହାଯ୍ୟ ଦରକାର ପଡ଼େ ନାହିଁ। ଅତି ସାଧାରଣ ଜିନିଷ ଭିତରେ ଛପି ରହିଥାଏ ଅମୂଲ୍ୟ ଶିକ୍ଷାର ଭଣ୍ଡାର। ଏହା ହିଁ ହେଉଛି ପ୍ରତ୍ୟକ୍ଷ ଜ୍ଞାନ-ତାହା ହେଉଛି ନିଜଠୁ ଶିଖିବା। ଆମେ ମନକୁ ସତର୍କ ଓ ସଚେତନ ରହି ଏହା ଲକ୍ଷ୍ୟକରି ପାରିବୁ କି? ଏପରି ପର୍ଯ୍ୟବେକ୍ଷଣ କରିବା ଦ୍ୱାରା ଯେକୌଣସି ଜିନିଷର ସତ୍ୟତା ଫୁଟିଉଠେ। ଯାହାସବୁ ତୁମ ଆଖି ଆଗରେ ଘଟି ଚାଲିଛି ଏ ସବୁ କଥାକୁ ସ୍ମୃତି ଭାବରେ ସାଇତି ନ ରଖି ତତ୍‌କ୍ଷଣାତ୍ ସାମ୍ନାସାମ୍ନି ହୁଅ । ପଛକୁ ରଖି ବସିଥିଲେ ଜୀବନ ସରିଯିବ ପଛକେ ତୁମେ କଦାପି ନିଜ ଆତ୍ମଜ୍ଞାନ ଲାଭ କରିପାରିବ ନାହିଁ।

କ୍ରୋଧ, ଈର୍ଷା କି ଘୃଣା ତୁମଠୁ ଅଲଗା ନୁହଁ, ଅର୍ଥାତ୍ ଦୁଇଟା ଏକା ଜିନିଷ, ଏଇ ଉପଲବ୍ଧି ଆସିଗଲେ ଆଉ ମୁଁ ଓ ଈର୍ଷା ବୋଲି ଦୁଇଟା ନ ଥାଏ । ତୁମକୁ ଯଦି କେହି ପ୍ରଶ୍ନ କରେ ଈର୍ଷା ବା କ୍ରୋଧକୁ ଜାଣ କି? ସେତେବେଳେ ତୁମେ ହୁଏତ କୌଣସି ବହି କି ଧର୍ମପୁସ୍ତକ କି ଅନ୍ୟ କାହାଠାରୁ ସେ ବିଷୟରେ ଶୁଣିଥିବା କିଛି କଥା ବର୍ଣ୍ଣନା କରିବାକୁ ବାହାରିପଡ଼। କିନ୍ତୁ ତୁମେ ଏ କଥାଟାକୁ ନିଜେ ଜାଣିଛ,



ଶିଖିଛ ବୋଲି ତ କଦାପି କହିପାରିବ ନାହିଁ । କାରଣ ତାହା ହେଉଛି ପରୋକ୍ଷ ଜ୍ଞାନ-ପ୍ରତ୍ୟକ୍ଷ ଜ୍ଞାନ ନୁହେଁ, ଅର୍ଥାତ୍ ଅନ୍ୟର ଉପଲବ୍ଧିକୁ ବିଚାର କରି, ବିଶ୍ଳେଷଣ କରି, ମସ୍ତିଷ୍କରେ ସ୍ମୃତି ରୂପେ ସାଇତି ରଖିଥାଅ ଓ ତାକୁ ଅନୁସରଣ କରି କରି ଜୀବନର ଦିନଗୁଡ଼ିକ କଟାଇବାକୁ ଚେଷ୍ଟା କରି ଚାଲିଥାଅ। ଫଳରେ ସେଠି ଦୁଇଟା ବିଭାଗ ଦେଖାଦିଏ। ଗୋଟିଏ ହେଉଛି ତୁମେ ଯିଏକି ଚେଷ୍ଟା କରୁଥାଅ, ଆଉ ଅନ୍ୟଟି ତୁମେ ଆଉ କିଛି ହବାକୁ ଚେଷ୍ଟା ଚଳାଇଥାଅ। ଏଇ ଦୁଇଟା ବିଭାଗ ଭିତରେ ଅବିରତ ଯେଉଁ ସଂଘର୍ଷ ଲାଗିଥାଏ ସେଇଟା ହିଁ ହେଉଛି ଦୁଃଖଯନ୍ତ୍ରଣା।

ଶିଖିବା ଲାଗି କୌଣସି ଧର୍ମଗ୍ରନ୍ଥ କି ଗୁରୁଙ୍କର ଦରକାର ପଡ଼େ ନାହିଁ। ମଣିଷର ସ୍ୱୀୟ ମନ ହେଉଛି ଶିକ୍ଷାର ଅସୀମ ପାରାବାର। ଯିଏ ନିଜକୁ ନିଜେ ଉଭୟ ଶଷ୍ୟ ଓ ଗୁରୁ ଅବସ୍ଥାରେ ରଖି ଶିଖିବାକୁ ଆରମ୍ଭ କରେ ତା'ର ଜୀବନ ହିଁ ତା'ର ଗୁରୁ ହୋଇଯାଏ। ଯିଏ କହେ 'ମୁଁ କିଛି ଜାଣି ନାହିଁ, ସେ ସରଳ, ନିଷ୍କପଟ ମନରେ ଶିଖିବାରେ ଲାଗେ। ଏକ ସତ୍ୟ ଘଟଣା। ଜଣେ ବୃଦ୍ଧ ବ୍ରାହ୍ମଣ ତାଙ୍କର ଏକମାତ୍ର ପୁଅ ଉପରେ ଭରସା କରି ରହିଥିଲେ। ପୁଅକୁ ନାନା ଶ୍ଳୋକ, ସ୍ତୋତ୍ର ଆଦି ଶିଖାଇ ଜଣେ ନୈଷ୍ଠିକ ବ୍ରାହ୍ମଣ କରିବାରେ ତାଙ୍କ ପରିଶ୍ରମ ଥିଲା ଅତୁଳନୀୟ। ପୁଅ ମଧ୍ୟ ଜଣେ ଜ୍ଞାନୀ ଭାବରେ ନିଜକୁ ପ୍ରତିଷ୍ଠା କରିପାରିଥିଲେ। ପ୍ରତିଦିନ ସକାଳୁ ସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣିଦେବା ବେଳକୁ ନାନା ଶ୍ଳୋକ ଆବୃତ୍ତି କରି ମହାପାତକରୁ ରକ୍ଷାକରିବା ପାଇଁ ବାରମ୍ବାର ଆହ୍ୱାନ କରୁଥିଲେ। କିନ୍ତୁ ଅତି ରାଗୀ ସ୍ୱଭାବର ହୋଇଥିବାରୁ ଅନେକ ସମୟରେ ନିଜ ବୃଦ୍ଧ ପିତାଙ୍କୁ ଗାଳିଗୁଲଜ କରୁଥିଲେ। ଫଳରେ ସେ ଶେଷ ବୟସରେ ଏକ ଆକସ୍ମିକ ଦୁର୍ଘଟଣାର ଶିକାର ହୋଇ ପ୍ରାୟ ପଙ୍ଗୁ ହୋଇ ଦୁଃଖରେ କାଳ କାଟୁଥିଲେ। ସ୍ତ୍ରୀ ଓ ଏକମାତ୍ର ପୁଅ ତାଙ୍କୁ ସଦାସର୍ବଦା ଅବଜ୍ଞା କରୁଥିଲେ। ସେଥିପାଇଁ ସେ ମାନସିକ ଯନ୍ତ୍ରଣାର ଶିକାର ହେଉଥିଲେ। କିନ୍ତୁ ତାଙ୍କର ଅନ୍ୟ କର୍ମଗୁଡ଼ିକ ଧାର୍ମିକ ଥିବାରୁ ଅନ୍ୟମାନେ ତାଙ୍କର ସେବା କରିବାକୁ ଆସୁଥିଲେ। ବାସ୍ତବରେ ଏପରି ଘଟଣା ତ ଆମ ଜୀବନରେ କେତେ କେତେ ଦେଖିବାକୁ ମିଳେ। ନିଜର ପାପ ଧ୍ୱଂସ କରିବା ଲାଗି ଇଷ୍ଟ ଦେବତାଙ୍କୁ ଯେତେ ଆବାହନ କଲେ ମଧ୍ୟ କେହି କ'ଣ ତା' ନିଜ କୃତକର୍ମକୁ ଉଦ୍ଧାର ପାଇପାରେ? ମନ ଭିତରେ କୁଭାବନା ଆସିବାକୁ ନ ଦେବା ହେଉଛି ପ୍ରକୃତ ସାଧନା। ମଣିଷ ସଚେତନ ନ ରହିଲେ କୁକର୍ମ କରିପାରେ। କର୍ମର ଭିତର ବାହାର ବୋଲି କିଛି ନାହିଁ। ତେଣୁ ଯେତେବେଳେ ଜଣେ ନିଜ ଭିତରେ ଈର୍ଷା, ଘୃଣା କିମ୍ବା କ୍ରୋଧକୁ ଦେଖି ତତ୍‌କ୍ଷଣାତ୍ ବାହାରି ଆସିପାରେ ଓ ସଦାବେଳେ ସଚେତନ ରହି ସେଥିରୁ ବିରତ ହୁଏ-ସେଇ ବ୍ୟକ୍ତି ହିଁ କର୍ମମୁକ୍ତ ହୋଇଯାଏ।

ଶ୍ରୀରାମ ନଗର, ଭୁବନେଶ୍ୱର
ମୋ: ୯୬୯୨୦୯୮୦୫୪

## ଏଇ ଭାରତରେ

ଏଥର ବର୍ଷସାରା ତାଜା ଆମ୍ବ ଖାଇବାକୁ ମିଳିବ। ଏହା ସମ୍ଭବ ହୋଇଛି ରାଜସ୍ଥାନ କୋଟାର ୫୫ ବର୍ଷୀୟ କୃଷକ ଶ୍ରୀକ୍ରିଷ୍ଣ ସୁମନଙ୍କ ଦ୍ୱାରା। ସୁମନ ନିଜସ୍ୱ ଉଦ୍ୟମ ଓ ଗବେଷଣା ମାଧ୍ୟମରେ ନୂଆ କିସମର ଆମ୍ବ ଉତାରିପାରିଛନ୍ତି। ଏହି ଆମ୍ବ ବର୍ଷକୁ ତିନଥର ଫଳୁଛି। ଏକାଦଶ ଯାଏ ପଢ଼ିଥିବା ସୁମନ ୧୯୯୮ରେ ଆମ୍ବ ଉପରେ ଗବେଷଣା ଆରମ୍ଭ କରି ୧୦ ବର୍ଷ ପରେ 'ସଦାବାହାର ଆମ୍ବ' ଗଛ ଉତାରିବାରେ ସକ୍ଷମ ହୋଇଥିଲେ। ପରେ ସୁମନ କଲମୀ ପଦ୍ଧତିରେ ଅଧିକ ଗଛ ସୃଷ୍ଟି କରି ଚାଷ ଆରମ୍ଭ କରିଥିଲେ। ଏହି ଆମ୍ବ ଉତାରିବାରେ ସଫଳ ହେବା ପରେ ରାଜସ୍ଥାନର ଉଦ୍ୟାନ ବିଭାଗ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଥିଲା ଓ ସମୁନଙ୍କ କାର୍ଯ୍ୟରେ ସେମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲା। ରାଜସ୍ଥାନର କୃଷକ ଅଧିକାର ସଂରକ୍ଷଣ ପ୍ରାଧିକରଣ ଏହି କିସମ ଆମ୍ବକୁ ସଦାବାହାର ନାମରେ ପେଟେଣ୍ଟ କରି ଏହାର ସବୁ ଶ୍ରେୟ ଓ ଚାଷର ଅଧିକାର ସୁମନଙ୍କୁ ଦେଇଥିଲା। ପରେ ସୁମନ ଚାଷ କରି ବର୍ଷକୁ ଆମ୍ବରୁ ୨୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏହାବାଦ୍ ସେ ଚାରା କରି ବିକ୍ରି କରୁଛନ୍ତି। ମୋଟରେ ଆମ୍ବ ଓ ଚାରାରୁ ସେ ଗତ ପାଞ୍ଚ ବର୍ଷରେ ୧ କୋଟି ଟଙ୍କାରୁ ଅଧିକ ପାଇଛନ୍ତି। ଏହି ଗଛ ଅତି ବେଶିରେ ୧୫ ଫୁଟ୍ ବଢୁଛି। ବର୍ଷକୁ ତିନିଥରରେ ମୋଟ ୧୦୦ରୁ ୧୫୦ କେଜି ଆମ୍ବ ଫଳୁଛି। ପ୍ରତିଟି ଆମ୍ବ ୨୫୦ରୁ ୩୦୦ ଗ୍ରାମ୍ ହେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୭

- ଇଣ୍ଡୋନେସିଆର ସୁମାତ୍ରା ପ୍ରଦେଶ ଅନ୍ତର୍ଗତ ତୁବା ହ୍ରଦରେ ଏକ ଡଙ୍ଗା ବୁଡ଼ିଯିବାରୁ ୬୦ ମୃତ।
- ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ଲାଗି ତାମିଲ ସିନେମାର ଖ୍ୟାତନାମା ଅଭିନେତା ଶିବାଜୀ ଗଣେଶନଙ୍କୁ ମର୍ଯ୍ୟାଦାପୂର୍ଣ୍ଣ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ।
- ଯାଜପୁର ଜିଲା ଡୁବୁରୀଠାରେ ୨.୫ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ମୁମ୍ବାଇର ଉତ୍ତମ ଷ୍ଟିଲ୍ ସହ ରାଜ୍ୟ ସରକାରଙ୍କ ବୁଝାମଣାପତ୍ର ସ୍ୱାକ୍ଷରିତ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | 3 | 6 | | | | |
| 6 | | | | | 8 | | | |
| | | 9 | 5 | 1 | | 3 | | |
| | 3 | 1 | | | | | | |
| | 7 | | | 8 | | 2 | | |
| | | | 9 | | | | | 4 |
| 5 | 6 | | | 2 | | | | 9 |
| | | | | | 5 | 8 | 7 | |
| | 2 | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 1 | 6 | 8 | 4 | 7 | 2 |
| 2 | 1 | 4 | 7 | 9 | 5 | 6 | 3 | 8 |
| 7 | 6 | 8 | 2 | 4 | 3 | 1 | 9 | 5 |
| 5 | 4 | 3 | 6 | 8 | 1 | 7 | 2 | 9 |
| 1 | 8 | 2 | 4 | 7 | 9 | 5 | 6 | 3 |
| 6 | 9 | 7 | 5 | 3 | 2 | 8 | 4 | 1 |
| 8 | 7 | 5 | 3 | 2 | 4 | 9 | 1 | 6 |
| 9 | 2 | 6 | 8 | 1 | 7 | 3 | 5 | 4 |
| 4 | 3 | 1 | 9 | 5 | 6 | 2 | 8 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପରିବେଶ ବନ୍ଧୁ ଶାଗୁଣା ଆଉ ନାହାନ୍ତି

ମହାଶୟ,

କାଳଚକ୍ର ପ୍ରଭାବରେ କେତେ କ'ଣ ଘଟିଯାଏ। ସୃଷ୍ଟିର ବିବର୍ତ୍ତନ ପ୍ରକ୍ରିୟାରେ କେତେ ପ୍ରାଣୀଙ୍କର ଜନ୍ମ ହୋଇଛି, ପୁଣି ସମ୍ପୂର୍ଣ୍ଣ ଭାବେ ବିନାଶ ହୋଇଛି। ଅତୀତରେ ଡାଇନୋସର ଭଳି ଜୀବର ବିଲୋପ ଘଟିଛି। ବୃହତ୍ତାକାୟ ହସ୍ତୀ ମ୍ୟାମଥ୍‌ର ବି ବିନାଶ ଘଟିଛି। ମ୍ୟାମଥ ବର୍ତ୍ତମାନର ହାତୀଠାରୁ ବହୁଗୁଣରେ ବଡ଼। ମ୍ୟାମଥ ହେଲା ପ୍ରାଗୈତିହାସିକ ଯୁଗର ହାତୀ। ଡାଇନୋସର ଚାଲିଲେ ତା' ମୁହଁ କୁଆଡ଼େ ତାଳଗଛକୁ ବାଜେ। ସେ ଜୀବ ଥିଲେ ମଣିଷ ଘରୁ ବାହାରି ପାରନ୍ତାନି। ଈଶ୍ୱରଙ୍କ ସୃଷ୍ଟିରେ ଏମିତି କେତେରକମର ଜୀବ ଜନ୍ମ ହୋଇଛନ୍ତି, କେତେ ବିନାଶ ହୋଇଛନ୍ତି, ହିସାବ ଦେଇହେବନି। ହେଲେ ବର୍ତ୍ତମାନ ଏକ ଉପକାରୀ ପକ୍ଷୀକୁ ଦେଖିବାକୁ ମିଳୁନି। ଏ ଉପକାରୀ ପକ୍ଷୀ ହେଲା ପରିବେଶର ବନ୍ଧୁ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ ଶାଗୁଣା। ଗୋରୁ ମଇଁଷିଙ୍କ ମୃତଦେହକୁ ଏମାନେ ଖାଇ ପରିଷ୍କାର କରିଦିଅନ୍ତି। ଫଳରେ ପରିବେଶ ବିଶୁଦ୍ଧ ହୋଇଥାଏ। ପୂତି ଗନ୍ଧମୟ ଦ୍ୱାରା ମଣିଷ ଶ୍ୱାସରୁଦ୍ଧ ହୁଏନି। ଏବେ ଗାଁରେ ଶାଗୁଣାମାନେ ମୋ ଜାଣିବାରେ ଦଶବର୍ଷ ହେଲାଣି ଦେଖିବାକୁ ମିଳୁନାହାନ୍ତି। ଯାହା ଜଣାପଡୁଛି ସେମାନଙ୍କ ବଂଶ ଲୋପ ପାଇଗଲାଣି। ଏହା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଡାର୍‌ଉଇନଙ୍କ ବିବର୍ତ୍ତନବାଦ ବୋଧହୁଏ ସଫଳ ହୋଇଛି। ନନ୍ଦନକାନନରେ ଶାଗୁଣା ବଂଶ ବିସ୍ତାର ପାଇଁ ଯେତେ ଚେଷ୍ଟା କରାଗଲେ ମଧ୍ୟ ସଫଳ ହେଉନି। ଗୋରୁଙ୍କ ଶରୀରରେ ଥିବା କୀଟନାଶକ ଓ ଔଷଧ ପ୍ରଭାବରେ ଶାଗୁଣା ବଂଶର ବିନାଶ ଘଟୁଛି ବୋଲି କୁହାଯାଉଛି।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଦୂରରେ ଦେଖି ଯାହା ଝୁରଇ ମରମ
ସେ ରୂପ ପାଶେ ଆସି ଲଭଇ ସରମ
ଦୂରର ପ୍ରିୟାପାଶେ ଧରାର ଦୟିତ
ପେଶଇ ଦୂତ କରି ଆଷାଢ଼ ବୋଇତ
ଢାଳଇ ପରାଣର ବେଦନା ପରମ
ଦୂରରେ ଦେଖି ଯାହା ଝୁରଇ ମରମ।
-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱାସ୍ଥ୍ୟ ସମସ୍ୟା ନେଇ ସଭ୍ୟାସଭ୍ୟଙ୍କ ଉଦ୍‌ବେଗ

**ବରଗଡ଼ ଅଫିସ୍,୧୫।୭**


ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକ

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତୀୟା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ପୂର୍ଣ୍ଣିମା ରଣା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ସାଧୁଚରଣ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ସିଡିଏମଓ ଦାଶ ଜିଲାରେ ଆବଶ୍ୟକ ଡାକ୍ତର, କର୍ମଚାରୀଙ୍କ ଅଭାବ, ଖେଦାପାଲିକୁ ସଂଯୋଗ କରୁଥିବା ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରୋଗୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ କରି ସଭ୍ୟାସଭ୍ୟ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଏକ୍ୱାଗାର୍ଡ୍ କେତେକ କେନ୍ଦ୍ରରେ ବ୍ୟବହାର କରା ନ ଯାଇ କେତେକ କର୍ମୀ ନିଜ ଘରେ ବ୍ୟବହାର କରୁଥିବା ନେଇ ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ଅଭିଯୋଗ କରିଥିଲେ। ଜିଲାରେ ଖାଲି ପଡ଼ିଥିବା ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ପାଇଁ ଜିଲା ପରିଷଦ ସଭ୍ୟ ଗଡ଼ତୀୟା ଗୃହରେ ଦାବି ଉପସ୍ଥାପନ କରିଥିଲେ। ସେହିପରି କେତେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ରହିଥିବା ଅଭିଯୋଗ କରି ସଭ୍ୟାସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଗାଁ କଲ୍ୟାଣ ସମିତିକୁ ଯୋଗାଇ ଦିଆଯାଉଥିବା ଅନୁଦାନର ଦୁରୁପଯୋଗ ହେଉଥିବା ନେଇ ଜିଲା ପରିଷଦ ସଭ୍ୟ ଗଡ଼ତୀୟା ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣାଧୀନ ରହିଥିବା ନେଇ ସିଡିଏମଓ ଦାଶ କହିଥିଲେ।

# ନିଶା ବଟିକା ଦେଇ ପିଲା ଚୋରି ଉଦ୍ୟମ

**ବେଲପଡା,୧୫।୭(ଡି.ଏନ.ଏ.)**

ଶୁକ୍ରବାର ବଲାଙ୍ଗୀର ଜିଲା ଟିକ୍ରାପଡା ଫାଣ୍ଡି ଅନ୍ତର୍ଗତ ଦେଓଗାଁ ଗ୍ରାମର ଜଣେ ନାବାଳକଙ୍କୁ ନିଶା ବଟିକା ଦେଇ ୨ ଜଣ ଯୁବକ ଚୋରି ଉଦ୍ୟମ କରୁଥିବା ଜଣାପଡିଛି । ଦେଓଗାଁର ଅନାବ ପୁଟେଲଙ୍କ ପୁଅ ଦେବଦତ୍ତ (୧୦)ଙ୍କୁ ଅପରାହ୍ନ ପ୍ରାୟ ୩ ଟାରେ ଏକ ବାଇକ୍ ଯୋଗେ ସମ୍ପୃକ୍ତ ଯୁବକଦ୍ୱୟ ନିଶା ବଟିକା ଦେଇ ଗାଁରୁ ଚୋରି କରି ନେଇଥିଲେ । ସେମାନେ ବେଲପଡା ଅଭିମୁଖେ ନେଉଥିବା ସମୟରେ ବେଲପଡାସ୍ଥିତ ଗିରିଗୋବର୍ଦ୍ଧନ ମନ୍ଦିର ନିକଟରେ ନାବାଳକଙ୍କର ହୋସ ଆସିବା ମାତ୍ରେ ସେ ପାଟି କରିଥିଲେ । ପରେ ଯୁବକମାନେ ନାବାଳକଙ୍କୁ ରାସ୍ତା କଡରେ ଫିଙ୍ଗି ଦେଇ ଫେରାର୍ ମାରିଥିଲେ। ନାବାଳକଙ୍କୁ ରାସ୍ତା କଡରୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ । ନିଶା ବଟିକା ଯୋଗୁ ସେ ଠିକ୍ ସେ କଥାବାର୍ତ୍ତା କହି ପାରୁ ନ ଥିବାବେଳେ ବାନ୍ତି ମଧ୍ୟ କରିଥିଲେ। । ତାଙ୍କୁ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ପାଟଣାଗଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ଆନନ୍ଦ ମାର୍ଗ ଯୋଗ ଶିବିର ଓ ସେମିନାର ଉଦ୍‌ଘାଟିତ


ଆନନ୍ଦ ମାର୍ଗ ତ୍ରିଦିବସୀୟ ଯୋଗ ଶିବିର ଓ ସେମିନାର ଉଦଘାଟନୀ ଉତ୍ସବ।

**ସମ୍ବଲପୁର,୧୫।୭ (ବ୍ୟୁରୋ)**

ଆନନ୍ଦ ମାର୍ଗ ପ୍ରଚାରକ ସଂଘ ପକ୍ଷରୁ ତ୍ରିଦିବସୀୟ ଯୋଗ ଶିବିର ଓ ସେମିନାର ଗୁରୁବାର ସମ୍ବଲପୁର ବୁଢାରଜା ଜାଗୃତି ଆଶ୍ରମଠାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ପ୍ରଶିକ୍ଷକ ଭାବେ ଆଚାର୍ଯ୍ୟ ସିଦ୍ଧବିଦ୍ୟାନନ୍ଦ ଅବଧୁତ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ପ୍ରଫେସର ଲୋକନାଥ ପ୍ରଧାନ ମୁଖ୍ୟବକ୍ତା ଓ ଆନନ୍ଦ ମାର୍ଗ କୋଲକାତା ରିଜିଅନର ରିଜିଓନାଲ ସେକ୍ରେଟାରୀ ଆଚାର୍ଯ୍ୟ ନବରୁଣନନ୍ଦ ଅବଧୂତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୋଶଲ ସମାଜ ମହାସଚିବ ଦିଲୀପ କୁମାର ପଣ୍ଡା ସଭା ସଂଯୋଜନା କରିଥିଲେ। ଶରତ ଚନ୍ଦ୍ର ସେଠ ଅତିଥି ପରିଚୟ ଓ ଆନନ୍ଦ ମାର୍ଗ ସମ୍ବଲପୁର ଜିଲାର ଦେବଦତ୍ତ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାତଃରେ ଅଖଣ୍ଡ କୀର୍ତ୍ତନ ସିଦ୍ଧ ମହାମନ୍ତ୍ର, ବାବା ନାମ କେବଲମ ଆୟୋଜିତ ହୋଇଥିଲା। ଏଥିରେ ବରଗଡ଼, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ବୌଦ୍ଧ ଜିଲାର ବହୁ ସକ୍ରିୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଧରୁଆପଡ଼ାକୁ କାଠପୋଲ ଭରସା

**ବୋଡେନ,୧୫।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅନେକ ଗ୍ରାମ ଏବେ ବି ଗମନାଗମନ ସୁବିଧା ପାଇବାରୁ ବଞ୍ଚିତ ଅଛି। ଏଭଳି ଏକ ଗ୍ରାମ ଭଇଁସାଦାନୀ ପଞ୍ଚାୟତ ସିଆଲଟି ଗ୍ରାମର ପଡାଗ୍ରାମ ଧରୁଆପଡା। ଏହି ପଡାବାସୀଙ୍କ ଗମନାଗମନର ଭରସା ହୋଇଛି ଏକ କାଠ ପୋଲ। ଧରୁଆପଡାବାସୀ ପଞ୍ଚାୟତ ହେଉ କି ବ୍ଲକ, ଡାକ୍ତରଖାନା ହେଉ କି ବଜାର ଯେଉଁ ସ୍ଥାନକୁ ଯିବାକୁ ହେଲେ ସିଆଲଟି ଆସିବାକୁ ପଡେ। ଏହି ପଡା ଓ ସିଆଲଟି ମଝିରେ କାହିଁ କେଉଁ ଦିନରୁ ପଡି ରହିଛି ଏକ ଭଙ୍ଗା ପୋଲ। ପୋଲ ତିଆରି ହୋଇଥିଲା ହେଲେ ପୋଲର ସ୍ଲାବ୍ ଭାଙ୍ଗି ଯିବା ପରେ ଦୁଇ ପଟେ ପୋଲର କାନ୍ଥ ଠିଆ ହୋଇଛି। ଗମନାଗମନ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ତିଆରି କରିଛନ୍ତି କାଠପୋଲ। ଏହି ବିପଦ ସଙ୍କୁଳ କାଠପୋଲ ଉପରେ ଦୈନିକ ଅଙ୍ଗନୱାଡିଠାରୁ ସ୍କୁଲ ପର୍ଯ୍ୟନ୍ତ କୋମଳମତୀ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇ ପାରି ନାହିଁ। ପ୍ରଶାସନ ଏହାପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପୋଲ ମରାମତି ବ୍ୟବସ୍ଥା କରିବାକୁ ଦାବି ହେଉଛି।


ପିଲାମାନେ କାଠପୋଲରେ ଯାଉଛନ୍ତି।

# ଦେବଗଡ଼ରେ କରୋନା ପ୍ରତିଷେଧକ ବୁଷ୍ଟର ଡୋଜ୍ ଶୁଭାରମ୍ଭ

**ଦେବଗଡ଼,୧୫।୭ (ଡି.ଏନ.ଏ.)**

କରୋନା ପ୍ରତିଷେଧକ ପାଇଁ ଶତ ପ୍ରତିଶତ ଟିକା କରଣ ଅଭିଯାନ ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅମ୍ରିତ ମହତ୍ସବ କ୍ୟାମ୍ପେନ ଅନ୍ତର୍ଗତ ୧୮ରୁ ୫୯ ବର୍ଷୀୟଙ୍କ ପାଇଁ ମାଗଣା ବୁଷ୍ଟର ଡୋଜ୍ ଟିକାକରଣ ଶୁଭାରମ୍ଭ ହୋଇଛି। ଆଗାମୀ ୭୫ଦିନ ଯାଏ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସିଏଚ୍‌ସି, ପିଏଚ୍‌ସିରେ ମାଗଣାରେ ଏହି ବୁଷ୍ଟର ଡୋଜ ପ୍ରଦାନ କରାଯିବ । ଜିଲାପାଳ ସୋମେଶ ଉପାଧ୍ୟାୟ ଏହି ଟିକାକରଣର ଶୁଭାରମ୍ଭ କରିଥିଲେ। ଏହାର ସୁଯୋଗ ନେବାକୁ ଜିଲାପାଳ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାଧନା ଦାସ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ନରେଶ ଚନ୍ଦ୍ର ଦାସ,ଏଡିଏମ୍‌ଓ ଧନଞ୍ଜୟ ମହନ୍ତ ଓ ଡିପିଏମ୍ ଉମେଶ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।


ଅତିଥିଙ୍କ ଗହଣରେ ଟିକାକରଣ ଚାଲିଛି।

# ଟ୍ରାଫିକ ଜାମ୍‌ରେ ଫସିଲେ ଲୋକେ

**ସମ୍ବଲପୁର,୧୫।୭(ବ୍ୟୁରୋ)**

## ପୋଲିସର ଅବହେଳାକୁ ଦାୟୀ କଲେ

ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଶୁକ୍ରବାର ସମ୍ବଲପୁର ଜିଲା ଗସ୍ତରେ ଆସିଥିବାବେଳେ କ୍ଷେତରାଜପୁର ଥାନା ଅଞ୍ଚଳରେ ଆଦିବାସୀ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମହାତ୍ମା ଗାନ୍ଧୀ ମାର୍ଗ (ରିଂରୋଡ)ରେ ଟ୍ରାଫିକ୍ ଜାମ୍ ହୋଇଥିଲା। ଦୁର୍ଗାପାଲି ଗ୍ରାମ ନିକଟରେ ପୋଲିସ ନିୟୋଜିତ ହୋଇଥିବାବେଳେ ରିଂରୋଡର ଉଭୟ ରାସ୍ତାକୁ ବ୍ଲକ କରି ଦେଇଥିଲା। ଯାତ୍ରୀମାନଙ୍କୁ ପୋଲିସ ଦୁର୍ଗାପାଲି ଗ୍ରାମ ଦେଇ ଜାତୀୟ ରାଜପଥକୁ ଯିବାକୁ କହୁଥିଲା। ଫଳରେ ଗ୍ରାମ ଦେଇ ୪ ଚକିଆ, ୨ ଚକିଆ ଆଦି ଗାଡି ଚଳାଚଳ କରିବାରୁ ଗାଁ ରାସ୍ତାରେ ଟ୍ରାଫିକ ଜାମ୍ ଲାଗିରହିଥିଲା। ଏପଟେ ସଭା ପାଇଁ ଭିଡ ଓ ଅନପଟେ ଜାତୀୟ ରାଜପଥକୁ ଯିବା ପାଇଁ ରାସ୍ତାରେ ମାଟି ଖୋଳାଯାଇଥିଲା। ତେଣୁ ଅଧିକାଂଶ ଗାଡି ଫେରିବାକୁ ଉଚିତ ମଣିଥିଲେ। ଏଥିପାଇଁ ପୋଲିସର ଅବହେଳାକୁ ଦାୟୀକରି ଲୋକେ ଗାଳି କରିବାକୁ ପଛାଇ ନ ଥିଲେ। ଅନ୍ୟପଟେ ରିଂରୋଡରେ ମଧ୍ୟ ଗାଡି ଜାମ୍ ରହିଥିଲା। ଏମ୍‌ପିଙ୍କ ଗସ୍ତ ସମୟରେ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଲୋକେ ଗ୍ରହଣ କରି ନ ଥିଲେ। ରିଂରୋଡକୁ ୱାନ ୱେ କରି ମଧ୍ୟ ଗାଡିଗୁଡିକ ଚଳାଚଳ କରାଯାଇ ପାରିଥାନ୍ତା ବୋଲି ସେମାନେ ମତ ଦେଉଥିଲେ। ପୋଲିସ ପାଇଁ ଲୋକେ ହଇରାଣ ହେବ ସହ ସମୟ ନଷ୍ଟ ହୋଇଥିଲା। ତେଣୁ କୌଣସି କାର୍ଯ୍ୟକ୍ରମ ହେବା ପୂର୍ବରୁ ଜନସାଧାରଣଙ୍କୁ ରୁଟ୍ ଚାଟ ଦିଆଯାଉ ଓ ରାସ୍ତା ବନ୍ଦ ନ କରି କାର୍ଯ୍ୟକ୍ରମ କରାଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ କ୍ଷେତ୍ରରାଜପୁର ଥାନା ଅଧିକାରିଣୀ ମମତା ନାଏକଙ୍କୁ ପଚାରିବାରୁ ରାଲି ପାଇଁ କିଛି ସମୟ ବନ୍ଦ କରାଯାଇଥିଲା ଓ ପରେ ସ୍ୱାଭାବିକ ହୋଇଥିଲା ବୋଲି କହିଥିଲେ।

# ଦେଶସେବା ପାଇଁ ଯୁବବର୍ଗଙ୍କୁ ପରାମର୍ଶ


ବିଶ୍ୱ ଯୁବ ଦକ୍ଷତା ଦିବସରେ ଅତିଥିଙ୍କ ଗହଣରେ ବିକାଶ କର୍ତ୍ତୃପକ୍ଷ।

**ବରଗଡ଼ ଅଫିସ୍,୧୫।୭**

## ବିକାଶରେ ବିଶ୍ୱ ଯୁବ ଦକ୍ଷତା ଦିବସ

ବରଗଡ଼ର ବିକାଶ ଲ ସ୍କୁଲରେ ଶୁକ୍ରବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି। ଏହି ଅବସରରେ ବିକାଶ ଲ ସ୍କୁଲ, ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଏବଂ ବିକାଶ ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଏକ ଯୁବ କୌଶଳ କର୍ମଶାଳା ଆୟୋଜିତ ହୋଇଥିଲା। ଲ ସ୍କୁଲ ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଏହି ଅବସରରେ ସେସନ୍ସ ଜଜ୍ ଅସୀମ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗ ନିଜ ବ୍ୟକ୍ତିଗତ ସମସ୍ୟାରେ ବିଚଳିତ ନ ହୋଇ ଛାତ୍ର ଜୀବନରୁ ହିଁ ଦେଶରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ଚେୟାର ପର୍ସନ ବିଦ୍ୟୁତ୍ କୁମାର ଦାଶ ବକ୍ତା ଭାବେ ଯୋଗଦେଇ ୟୁଥ୍ ସ୍କିଲ ଡେଭଲପମେଣ୍ଟ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ବଲପୁର ଜିଲା କଞ୍ଜ୍ୟୁମର୍ସ ରିଡ୍ରେସାଲ କମିଶନ୍ ସଭାପତି ଡ. ରମାକାନ୍ତ ଶତପଥୀ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସ୍କିଲ ଡେଭଲପମେଣ୍ଟ ଅନ୍ ରାଇଟ୍ ଟୁ ଇନଫର୍ମେଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୁବବର୍ଗରେ ଦକ୍ଷତା ଓ କୌଶଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା ଯୁବବର୍ଗରେ ରହିଥିବା ଲୁକ୍କାୟିତ ଦକ୍ଷତାର ସନ୍ଧାନ ଉପରେ ଆଲୋକପାତ କରିଥିଲେ। ଲ ସ୍କୁଲ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ନୀରଜା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ବରଗଡ଼ ଡିଷ୍ଟ୍ରିକ୍ଟ କୋର୍ଟର ରେଜିଷ୍ଟ୍ରାର ବିଶ୍ୱ ବିସ୍ୱତ କର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିକାଶ ଲ ସ୍କୁଲ ଅଧ୍ୟାପକ ଶିବାନନ୍ଦ ସାହୁ, ନୟନଜ୍ୟୋତି ଦାସ, ରୋଜି ମେହେର, ସାରିକା ଦାଶ, ସାଗରିକା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିକାଶ ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସ୍ ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଯୋଜନା ହେଉଛି ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନଙ୍କ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯାଉଥିବା ଏକ ଛାତ୍ରବୃତ୍ତି ଯୋଜନା । ଏସ୍‌ସି ଏବଂ ଅନ୍ୟାନ୍ୟ ବଞ୍ଚିତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଯୋଗାଇବା ଏହାର ଲକ୍ଷ୍ୟ ଅଟେ । ଭାରତରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଯୋଜନା ପାଇଁ ଯୋଗ୍ୟ ଅଟନ୍ତି, ଯାହାକୁ ଆବେଦନକାରୀଙ୍କ ଅର୍ଥାତ୍ ସେ ବାସ କରୁଥିବା ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ପ୍ରଦାନ କରାଯିବ ।

**ଉଦ୍ଦେଶ୍ୟ:**

ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ବଞ୍ଚିତ ବର୍ଗର ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ସେମାନଙ୍କ ପ୍ରାକ୍-ମାଟ୍ରିକ ପର୍ଯ୍ୟାୟରେ ଅଧ୍ୟୟନରତ ସନ୍ତାନଙ୍କ ଶିକ୍ଷାରେ ସହାୟତା କରିବା, ଯାହାଦ୍ୱାରା ସେମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରାଯାଇପାରିବ ।

ବିଶେଷ ରୂପେ ପ୍ରାଥମିକରୁ ମାଧ୍ୟମିକ ସ୍ତରରେ ଅଧାରୁ ପାଠପଢ଼ା ଛାଡ଼ିବାର ଘଟଣାକୁ ପ୍ରତିରୋଧ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଅଟେ ।

ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଥାନ୍ତି ଏବଂ ଶିକ୍ଷାର ମାଟ୍ରିକୋତ୍ତର ପର୍ଯ୍ୟାୟକୁ ଅଗ୍ରଗତି କରିବା ପାଇଁ ସେମାନଙ୍କ ନିକଟରେ ଅଧିକ ଉତ୍ତମ ସୁଯୋଗ ରହିଥାଏ ।

**ଯୋଗ୍ୟତା:**

**ଉପାଦାନ ୧:**

**ଏସ୍‌ସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି**

- ଛାତ୍ରଛାତ୍ରୀ ନବମ ଏବଂ ଦଶମ ଶ୍ରେଣୀରେ ପୂର୍ଣ୍ଣକାଳୀନ ଅଧ୍ୟୟନ କରୁଥିବା ଆବଶ୍ୟକ ।
- ଛାତ୍ରଛାତ୍ରୀମାନେ ଅନୁସୂଚିତ ଜାତିରୁ ହୋଇଥିବା ଆବଶ୍ୟକ ।
- ସେମାନଙ୍କ ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ଟ.୨.୫୦ ଲକ୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

**ଉପାଦାନ ୨:**

**ଅସ୍ୱଚ୍ଛ ଏବଂ ବିପଜ୍ଜନକ ବୃତ୍ତିରେ ନିୟୋଜିତ ପିତାମାତା/ଅଭିଭାବକଙ୍କ ପିଲାଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି**

- ଛାତ୍ରଛାତ୍ରୀ ପ୍ରଥମରୁ ଦଶମ ଶ୍ରେଣୀରେ ପୂର୍ଣ୍ଣକାଳୀନ ଅଧ୍ୟୟନ କରୁଥିବା ଆବଶ୍ୟକ ।
- ଚମଡ଼ା ବିଶୋଧନ ଓ ତତ୍‌ସମ୍ବନ୍ଧୀୟ ବର୍ଗ; ଆବର୍ଜନା ଗୋଟାଳି; ବିପଜ୍ଜନକ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷ; ଏବଂ ମେହେନ୍ତର କାମ କରୁଥିବା ବ୍ୟକ୍ତିବିଶେଷଙ୍କ ପିଲା ।
- ଏହି ଉପାଦାନ ଅଧୀନରେ କୌଣସି ପାରିବାରିକ ଆୟର ସୀମା ନାହିଁ ।

**ଛାତ୍ରବୃତ୍ତିର ଉପାଦାନ:**

**୨୦୨୨-୨୩ଠାରୁ, ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ସମ୍ମିଳିତ ଶିକ୍ଷାଗତ ଭତ୍ତା ପାଇବେ ।**

**ଦିବାଧାୟୀ** – ଟ.୩୫୦୦ ବାର୍ଷିକ

**ଛାତ୍ରାବାସ ନିବାସୀ**–

**ଉପାଦାନ ୧** – ଟ.୭୦୦୦ ବାର୍ଷିକ

**ଉପାଦାନ ୨** – ଟ.୮୦୦୦ ବାର୍ଷିକ (ଶ୍ରେଣୀ ୩ୟ-୧୦ମ ପାଇଁ)

**୨୦୨୨-୨୩ ପାଇଁ ପଞ୍ଜୀକରଣ ଖୋଲା:**

- ପଞ୍ଜୀକରଣ ପାଇଁ ପୋର୍ଟାଲକୁ ୧୪ ଏପ୍ରିଲ, ୨୦୨୨ଠାରୁ ଖୋଲିଦିଆଯାଇଛି
- **https://scholarship.gov.in/**ରେ ଏବେ ହିଁ ଆବେଦନ କରନ୍ତୁ

ଯୋଜନା ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଏହାକୁ ସ୍କାନ୍ କରନ୍ତୁ

CBC 38101/11/0015/2223

## ସଂକ୍ଷେପରେ

### ଜାତୀୟ ରାଜପଥ କଡ଼ରେ ୧୭ ଟିକିଆ ହାତୀପଲ

**ଦେବଗଡ଼,୧୫।୭ (ଡି.ଏନ.ଏ.):** ବାରକୋଟ ଥାନା ଅନ୍ତର୍ଗତ କଲା ଗ୍ରାମ ନିକଟ ୪୯ ନମ୍ବର ଜାତୀୟ ରାଜପଥ କଡରେ ଥିବା ଉଦ୍ୟାନ ବିଭାଗ ଫାର୍ମରେ ଶୁକ୍ରବାର ପ୍ରତ୍ୟୁଷରୁ ୧୭ ଟିକିଆ ହାତୀପଲ ପଶିଆସିଥିଲେ। ହାତୀପଲଙ୍କୁ ଦେଖିବା ପାଇଁ ରାଜପଥରେ ଜନ ଗହଳି ଲାଗିରହିଥିଲା। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ କର୍ମଚାରୀ ଦୃଷ୍ଟି ରଖିଛନ୍ତି। ତେବେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ରୁଗୁଡ଼ ଗ୍ରାମ ଅତିକ୍ରମ କରୁଥିବା ବେଳେ ସକାଳ ହୋଇଯିବାରୁ ଫାର୍ମ ନିକଟରେ ଅଟକି ଯାଇଥିବା ଜଣାପଡିଛି।

### ବଜ୍ରପାତରେ ଜଣେ ମୃତ

**ରିଆମାଳ,୧୫।୭ (ଡି.ଏନ.ଏ.):** ରିଆମାଳ ବ୍ଲକ କୁଣ୍ଡେଇଗୋଲା ଥାନା ଦେଓଝରଣ ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉତ୍ତରପ୍ରଦେଶ ରାଜ୍ୟ ମିର୍ଜାପୁର ଜିଲାର ଦୀପ ଚାନ୍ଦ (୨୨)। ସୂଚନା ଅନୁସାରେ ଦୀପ ଗତ ଦୁଇସପ୍ତାହ ହେଲା ନିଜର ସହଯୋଗୀ ସହ ଓଟ ଧରି ରିଆମାଳ ବ୍ଲକ ଅଞ୍ଚଳରେ ଭିକ୍ଷା ବୃତ୍ତି କରୁଥିଲେ। ଗୁରୁବାର ସକାଳୁ ସେ କୁଣ୍ଡେଇଗୋଳା ଅଞ୍ଚଳରେ ବୁଲୁଥିବାବେଳେ ହଠାତ୍ ବର୍ଷା ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କୁଣ୍ଡେଇଗୋଳା ଥାନା ଅଧିକାରୀ ସରୋଜ କୁମାର ସେଠୀ ସଦଳବଳ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୁବ ଦକ୍ଷତା ଦିବସ

**ଦେବଗଡ଼,୧୫।୭(ଡି.ଏନ.ଏ.):** ତିଲେଇବଣି ବ୍ଲକ କଂସରସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମଧମିକ ବିଦ୍ୟାଳୟରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ଅନୁପ କୁମାର ବାର୍ଲାଙ୍କ ତତ୍ତ୍ୱାବଧାନ ତଥା କ୍ରୀଡା ଶିକ୍ଷକ ଟଙ୍କଧର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧକ୍ଷା ଡକ୍ଟର ବିନୀତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

**ଝାରସୁଗୁଡ଼ା ଅଫିସ,୧୫।୭:** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଯୋବ ଛକର ଏକ ଗ୍ୟାରେଜରୁ ଚୋରି ଅଭିଯୋଗରେ ଗଙ୍ଗାନଗର ଅଞ୍ଚଳର ମହମ୍ମଦ ସକିଲ (୨୨)ଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗତ ୧୨ ତାରିଖ ରାତିରେ ଗ୍ୟାରେଜରେ ଥିବା ପୋକଲିନ ମେଶିନର ଗିୟର ବକ୍ସ ଚୋରି ହୋଇଥିବା ଗ୍ୟାରେଜ ମାଲିକ ପ୍ରଶାନ୍ତ ବେନିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଗଙ୍ଗାନଗର ଫାଟକପଡ଼ା ଅଞ୍ଚଳର ସକିଲଙ୍କୁ ଗିରଫ କରି ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଜଣଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କଲ୍ୟାଣୀ ବେହେରା କହିଛନ୍ତି।

# ପାକ୍ସ ସଭାପତିଙ୍କ ସମେତ ୮ ଗିରଫ

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ଜଳଯୋଗାଣ ପ୍ରକଳ୍ପ କାମ କରୁଥିବା ଏଲ୍‌ଆଣ୍ଡଟି କମ୍ପାନୀରୁ ଡକାୟତି ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆ-କଟାପାଲି ସେବା ସମବାୟ ସମିତି ସଭାପତି ଝାରମୁଣ୍ଡା ଗ୍ରାମର ଚିତ୍ତରଞ୍ଜନ ମହନ୍ତ (୫୬), ବୈଜାମୁଣ୍ଡା ଗ୍ରାମର ପିଣ୍ଟୁ ଭୋଇ(୨୮), କାହ୍ନା ବେହେରା (୨୩), ଧିରେନ୍ଦର କଣ୍ଟା (୨୬), ସିକିଡି ଗ୍ରାମର ଯୋଗେଶ ବାରିକ (୨୪), କ୍ଷୀରୋଦ ତାଣ୍ଡିଆ (୨୯), ଦେବେନ୍ଦ୍ର ଥେଥୁର (୩୪) ଓ ଅଜୟ ମାଝି (୨୭)। ଏମାନଙ୍କ ନିକଟରୁ ଏଲ୍‌ଇଡି, ସିସିଟିଭି କ୍ୟାମେରା, ବ୍ୟାଟେରି, ଏସି କମ୍ପ୍ରେସର, ଡ୍ରୋନ କ୍ୟାମେରା, ଅଗ୍ନିନିରାପତ୍ତା ସାମଗ୍ରୀ ଜବତ ହୋଇଛି। ଏ ନେଇ ଥାନାରେ ୩୮୦/୨୨ରେ ମାମଲା ରୁଜୁ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

**କମ୍ପାନୀରୁ ଡକାୟତି ଘଟଣା**

ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ଜୁଲାଇ ୮ ତାରିଖ ରାତି ପ୍ରାୟ ୧୨ଟାରେ ଦୁର୍ବୃତ୍ତମାନେ ବୈଜାମୁଣ୍ଡାଠାରେ ଥିବା କମ୍ପାନୀ କ୍ୟାମ୍ପକୁ ଆସିଥିଲେ। ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ କର୍ମଚାରୀ ଓ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରି ବିଭିନ୍ନ ସମାଗ୍ରୀ ଲୁଟି ନେଇ ପଳାଇଥିଲେ। ଏ ନେଇ କମ୍ପାନୀ ପ୍ରଶାସନିକ ଅଧିକାରୀ ମନୋଜ ସାବତ ଥାନାରେ ଅଭିଯୋଗ କରିଥିଲେ। ହୀରାକୁଦ ଏସ୍‌ଡିପିଓ ଏସ୍. ଦାସଙ୍କ ନେତୃତ୍ୱରେ ଟିମ୍ ଗଠନ ହୋଇଥିଲା। ବିଭିନ୍ନ ସ୍ଥାନରେ ପୋଲିସ ଟିମ୍ ଚଢାଉ କରି ଜଣଙ୍କ ପରେ ଜଣେ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏହା ସହ ଲୁଟ୍ ହୋଇଥିବା ସମସ୍ତ ସାମଗ୍ରୀ ମଧ ଜବତ କରିଥିଲା।

# ଆୟବ୍ୟୟ ହିସାବ ସର୍ବସାଧାରଣ କରିବାକୁ ଦାବି

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଧୁମ୍‌ଧାମରେ ପାଳନ ହୋଇଥାଏ। ସହର ତଥା ଆଖପାଖ ଅଞ୍ଚଳର ବହୁ ଲୋକ ଏଥିରେ ସାମିଲ ହୋଇଥାନ୍ତି। ସହରବାସୀ ତଥା ହିନ୍ଦୁମାନଙ୍କ ଏହା ଏକ ବଡ ପର୍ବ ଭାବେ ଗଣାଯାଇଥାଏ। କୋଭିଡ୍ କଟକଣା କୋହଳ ହେବା ପରେ ଚଳିତବର୍ଷ ଏପ୍ରିଲ ମାସରେ ପାଳନ ହୋଇଥିବା ଜୟନ୍ତୀ ଉତ୍ସବରେ ହଜାର ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। ପ୍ରତିବର୍ଷ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଏହା ପାଳନ କରାଯାଇଥାଏ। ଅନେକ ଧର୍ମିକ ବ୍ୟକ୍ତି ଓ ବିଭିନ୍ନ ସଂଗଠନ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଦେଇଥାନ୍ତି। ହେଲେ ଚଳିତ ବର୍ଷ ହନୁମାନ ଜୟନ୍ତୀ ପ୍ରସ୍ତୁତି ବୈଠକରେ ବିଗତ ବର୍ଷର ବ୍ୟୟ ଅଟକଳକୁ ନେଇ ହଟ୍ଟଗୋଳ ହୋଇଥିଲା। ଏହାକୁ ନେଇ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଜୟନ୍ତୀର ଆୟବ୍ୟୟ ହିସାବ ୧୦ଦିନ ଭିତରେ ସର୍ବସାଧାରଣ କରାଯିବ ବୋଲି

**ପ୍ରତିଶ୍ରୁତି ରଖିଲା ନାହିଁ ସମନ୍ୱୟ ସମିତି**

ସୂଚନା ଦିଆଯାଇଥିଲା। ସମିତି ସଭାପତି ଗିରିଶ ପଟେଲ ଓ ସଦସ୍ୟମାନେ ଦୃଢତାର ସହ ଏହା କହିଥିଲେ। ହେଲେ ପ୍ରାୟ ୩ ମାସ ବିତିଯାଇଥିଲେ ମଧ୍ୟ ବ୍ୟୟ ଅଟକଳ ସର୍ବ ସାଧାରଣରେ ପ୍ରକାଶ କରାଗଲା ନାହିଁ। ତେଣୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ବ୍ୟକ୍ତିଗତ ଭାବେ ସାହାଯ୍ୟ କରିଥିବା ଲୋକଙ୍କ ନାମ ଗୋପନ ରଖି ସମ୍ପୂର୍ଣ୍ଣ ଆୟବ୍ୟୟ ହିସାବ ସର୍ବସାଧାରଣ କରି ସମିତି ନିଜ ପ୍ରତିଶ୍ରୁତି ପାଳନ କରୁ ବୋଲି ଦାବି ହେଉଛି। ଏ ସମ୍ପର୍କରେ ସମିତି ସଭାପତି ପଟେଲ କହିଛନ୍ତି, ଜନସାଧାରଣଙ୍କୁ ସମସ୍ତ ସୂଚନା ଶୀଘ୍ର ଦିଆଯିବ। କୋର କମିଟି ବୈଠକରେ ଆୟବ୍ୟୟ ହିସାବ ହୋଇଯାଇଛି। ସମିତର କୋଷାଧକ୍ଷ ବହୁ ଦିନରୁ ଅନୁପସ୍ଥିତ ରହିଛନ୍ତି, ତେଣୁ ସୂଚନା ଦିଆଯାଇ ପାରୁନାହିଁ ବୋଲି କହିଥିଲେ।

# ହକ୍ ପାଇଁ ସ୍ୱର ଉତ୍ତୋଳନ କରିବି: ନିରଞ୍ଜନ

ସମ୍ବଲପୁର,୧୫।୭(ବ୍ୟୁରୋ)

ରାଜ୍ୟ ସଭା ସଦସ୍ୟ ହେବା ପରେ ଆଦିବାସୀ ନେତା ନିରଞ୍ଜନ ବିଶି ପ୍ରଥମ କରି ବୁଧବାର ସମ୍ବଲପୁର ଜିଲା ଗସ୍ତ କରିଛନ୍ତି। ଜିଲାର ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ସଭା ସମିତି କରାଯାଇ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଅନୁଷ୍ଠିତ ରାଲିରେ ଜିଲାର ବାମରା, ଜମନକିରା, ରେଢାଖୋଲ, ରେଙ୍ଗାଲି, ମାନେଶ୍ୱର, ଯୁଯୁମୁରା ବ୍ଲକର ସଦସ୍ୟ ସାମିଲ ହୋଇଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟ ସହ ଶୋଭାଯାତ୍ରାରେ ପାଛୋଟି

**ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ**

ନିଆଯାଇଥିଲା। ଦୁର୍ଗାପାଲି ନିକଟରେ ଅନୁଷ୍ଠିତ ସାଧାରଣ ସଭାରେ ରାଜ୍ୟ ସଭା ସଦସ୍ୟ ବିଶି କହିଥିଲେ, ପୂର୍ବରୁ ଦଳିତ, ଗରିବ, ପଛୁଆବର୍ଗଙ୍କ ପାଇଁ ସେ ରାଜରାସ୍ତା, ବିଭିନ୍ନ ପ୍ରଶାସନିକ ଅଫିସ ସମ୍ମୁଖରେ ବିକ୍ଷୋଭରେ ସାମିଲ ହେଉଥିଲେ। ଏବେ ରାଜ୍ୟ ସଭାରେ ସ୍ୱର ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ଲାଟଫର୍ମ ଦେଇଛନ୍ତି। ଏହାର ସୁଯୋଗ ନେଇ ପଶ୍ଚିମ ଓଡିଶା ବିକାଶ ଓ ଲୋକଙ୍କ ସମସ୍ୟା ସମାଧାନ ନେଇ କାମ କରିବେ। ଲୋକମାନେ ମୋ ସହିତ ଥିବାରୁ ମୋର ମନୋବଳ ବୃଦ୍ଧି ପାଇଛି। ସନ୍ଧ୍ୟାରେ ଓଡିଶା ସାଂସ୍କୃତିକ ସମାଜ ଭବନରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ଉପ ସଭାପତି ମାଧବ ମିର୍ଦ୍ଧା, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ଅଧକ୍ଷ ନିହାଲ ସିଂ ସଭାପତିତ୍ୱ କରିଥିଲେ।

# ଅସରାଏ ବର୍ଷାରେ ବେହାଲ ଗାଁ ରାସ୍ତା


କଟୁପାଲି ଗ୍ରାମ ରାସ୍ତା ଜଳାର୍ଣ୍ଣବ।

କୁଚିଣ୍ଡା,୧୫।୭(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ କଟୁପାଲି ଗ୍ରାମ ହରିଜନପଡ଼ା ରାସ୍ତା ବର୍ଷାଦିନେ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଅସରାଏ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ପଡାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ଦୀର୍ଘବର୍ଷ ହେବ ରାସ୍ତା ଉପରେ ଏଭଳି ପାଣି ଜମା ହୋଇ ରହୁଛି। ପଡାବାସୀ ବହୁ କଷ୍ଟରେ ନିଜର ବିଲବାଡି,ବନ୍ଧକଟା ଆଦିକୁ ଯିବାଆସିବା କରୁଛନ୍ତି। ଏପରି କି ନିକଟସ୍ଥ ସ୍ୱପ୍ନେଶ୍ୱର ଶିବ ମନ୍ଦିର, ବୁଟିପଡ଼ା, ଲାଙ୍ଗବାହାଲ, ମହୁଲପାଲି ଆଦି ଗ୍ରାମକୁ ଯାତାୟାତ ବେଳେ ଲୋକେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରେଳବାଇ ନିରାପତ୍ତା ଆୟୁକ୍ତଙ୍କ ଗସ୍ତ ଆଜି

ସମ୍ବଲପୁର,୧୫।୭ (ବ୍ୟୁରୋ)

ଦକ୍ଷିଣପୂର୍ବ ସର୍କଲ ରେଲବାଇ ନିରାପତ୍ତା ଆୟୁକ୍ତ ଏ.ଏମ୍. ଚୌଧୁରୀ ଶନିବାର ଓ ରବିବାର ଦୁଇଦିନ ଧରି ସମ୍ବଲପୁର ରେଳ ମଣ୍ଡଳ ଅର୍ନ୍ତଗତ ଉନ୍ନତିମୂଳକ କାର୍ଯ୍ୟ ନିରୀକ୍ଷଣ କରିବା କାର୍ଯ୍ୟକ୍ରମ ରହିଛି । ସେ ସିକିର-ଟିଟିଲାଗଡ ଦୋହରୀକରଣ ଓ ଟିଟିଲାଗଡ-କେସିଙ୍ଗା ତୃତୀୟ ଲାଇନ କାର୍ଯ୍ୟ ନିରୀକ୍ଷଣ କରିବେ। ସେହିପରି ୧୭ ତାରିଖ ସକାଳ ୯ଟାରୁ ସିକିର-ଟିଟିଲାଗଡ-କେସିଙ୍ଗା ଷ୍ଟେଶନ ମଧ୍ୟରେ ସ୍ପିଡ୍ ଟ୍ରାଏଲ କରାଯିବ ବୋଲି ପ୍ରେସ ବିବୃତିରେ ସୂଚିତ କରାଯାଇଛି।

# କଂଗ୍ରେସ ବିରୋଧରେ ଭାଜପାର ବିକ୍ଷୋଭ



ଝାରସୁଗୁଡା ବସ୍‌ଷ୍ଟାଣ୍ଡ ନିକଟରେ କର୍ମକର୍ତ୍ତାଙ୍କ ବିକ୍ଷୋଭ।

ଝାରସୁଗୁଡ଼ା ଅଫିସ,୧୫।୭

ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ନେତା ଅଜୟ କୁମାରଙ୍କ କଟୁ ମନ୍ତବ୍ୟକୁ ନେଇ ଭାଜପା ତରଫରୁ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଝାରସୁଗୁଡା ବସ୍‌ଷ୍ଟାଣ୍ଡ ନିକଟ ଗାନ୍ଧୀମୂର୍ତ୍ତି ତଳେ ଦଳୀୟ କର୍ମକର୍ତ୍ତା ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କଂଗ୍ରେସ ବିରୋଧୀ ସ୍ଲୋଗାନ ଦେଇଥିଲେ। ପରେ କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ବିମଳେନ୍ଦୁ ଭୋଳ, ତ୍ରିନାଥ ଗୁଆଲ, ନବାଲ ଅଗ୍ରୱାଲ, ନେତାଜୀ ପଟ୍ଟନାୟକ, ରୀନା ପଟେଲ, ହେମାରଞ୍ଜନ ସିଂହ, ଡମ୍ବରୁଧର କଣ୍ଟା, ବାସୁଦେବ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭାଜପା ଜିଲା ଯୁବମୋର୍ଚ୍ଚା ତରଫରୁ ବ୍ରଜରାଜନଗର ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଜିଲା ଉପସଭାପତି ବବୁଲ ଦାଶ, ମଣ୍ଡଳ ସଭାପତି ଚକ୍ରଣ ଧୁରୁଆ, ସ୍ଲୋକ ସରନା, ପ୍ରକାଶ ବର୍ମା, ପ୍ରଦୀପ ଶର୍ମା, ମନିଷ ପଟେଲ, ଜତିନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୭ରେ ଗୋଣ୍ଡୱନା ଯୁବ ଓ ଛାତ୍ର ମହାଅଧିବେଶନ

ଝାରସୁଗୁଡ଼ା ଅଫିସ,୧୫।୭

ପ୍ରଥମ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ଯୁବ ଓ ଛାତ୍ର ମହାଅଧିବେଶନ ଆସନ୍ତା ୧୭ରେ ସମ୍ବଲପୁର ସହର ତପସ୍ୱିନୀ ହଲରେ ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ସର୍ବଭାରତୀୟ ଗୋଁଣ୍ଡୱନା ଛାତ୍ର ସଂଘ ସଭାପତି ରାମଜୀତ ଉଇକେ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଥିବାବେଳେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସଭାପତିତ୍ୱ କରିବେ। ଛାତ୍ରମାନଙ୍କର ଶିକ୍ଷାର ଉନ୍ନତି ସହିତ ପୂର୍ବରୁ ପ୍ରଚଳିତ ଥିବା ମେଧା ସମ୍ମାନ, ପୌଷଶିକ୍ଷାର୍ଥି ଯୋଜନା, ଅନଲାଇନ ଗୋଁଣ୍ଡ ପାଠାଗାରର ସମୀକ୍ଷା, ବିଭିନ୍ନ ପଦପଦବୀରେ ନିଯୁକ୍ତି ତଥା ପିଲାମାନଙ୍କର ଷ୍ଟାଇପେଣ୍ଡ ଆଦି ଉପରେ ଆଲୋଚନା ହେବ। ଆଦିବାସୀମାନେ ଅବହେଳିତ ଭାବରେ ଜୀବନ ବିତାଉଛନ୍ତି। ସମାଜର ନେତୃମଣ୍ଡଳୀ ଏହାର ଆଶୁ ସମାଧାନ ଉପରେ ପଦକ୍ଷେପ ଗ୍ରହଣ ସହ ଗୋଁଣ୍ଡୱନା ରାଜ୍ୟ ସାମ୍ବିଧାନ ଭବନ ରାଜ୍ୟର ମଧ୍ୟବର୍ତ୍ତୀ ସ୍ଥଳରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ ହେବ। ଏହି ଅବସରରେ ରାଜ୍ୟ ଯୁବ ଓ ଗୋଁଣ୍ଡୱନା ଛାତ୍ର ସଂଘ ଗଠନ ହେବ ବୋଲି ରାଜ୍ୟ ସଭାପତି ନାଏକ କହିଛନ୍ତି। ଏଥିରେ ରାଜ୍ୟ, ଜିଲା, ବ୍ଲକ, ଗୁଡି, ମହିଳା, ଯୁବ ଓ ଛାତ୍ର ସଂଗଠନ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ବାର୍ଷିକ ମରାମତି ପାଇଁ ଇବ୍‌ଥର୍ମାଲ ୨ୟ ୟୁନିଟ୍ ବନ୍ଦ



ଝାରସୁଗୁଡ଼ା ଅଫିସ,୧୫।୭

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ୨ୟ ୟୁନିଟ୍ ବାର୍ଷିକ ମରାମତି ପାଇଁ ଗୁରୁବାର ମଧ୍ୟରାତ୍ରରୁ ବନ୍ଦ କରାଯାଇଛି। ମରାମତି କାର୍ଯ୍ୟ ୩୦ଦିନ ଧରି ଚାଲିବ। ଏଥିରୁ ଉତ୍ପାଦନ ହେଉଥିବା ୨୧୦ମେଗାଓ୍ୱାଟ୍ ବିଦ୍ୟୁତ୍ ମଧ ବନ୍ଦ ରହିବ। ଏ ନେଇ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତରଫରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

# ପରିବେଶ ଆଧାରିତ କବିତା ଆସର

ଜମନକିରା,୧୫।୭(ଡି.ଏନ.ଏ.)

ଜମନକିରା ବ୍ଲକ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ସାହୁଙ୍କ ସଭାପତିତ୍ୱରେ ବନ ମହୋତ୍ସବ ଉପଲକ୍ଷେ ଏକ ପରିବେଶ ସମ୍ପର୍କିତ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପରେ ସ୍କୁଲ ପରିସର ଓ ରାସ୍ତା କଡରେ ବୃକ୍ଷ ରୋପଣ କରାଯାଇଥିଲା। ଅବସର ପ୍ରାପ୍ତ କଲେଜ ଅଧକ୍ଷ ତଥା ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକକୁ ସବୁଜ ସୁନ୍ଦର କରି ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡା ଝରଣା ସାହିତ୍ୟ ସଂସଦ ସମ୍ପାଦକ ପ୍ରେମ ସାଗର ଦେହେରିଆ ସମାଜ ଗଠନ ପାଇଁ ଜଙ୍ଗଲ ସୁରକ୍ଷା ଆବଶ୍ୟକ ବୋଲି କହିଥିଲେ। ଆବାହକ ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ପଟେଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କବି ରଜନୀ ପଟେଲ ଅତିଥି ପରିଚୟ ସହ କବିତା ଆସରକୁ ସଂଯୋଜନା କରିଥିଲେ। ପ୍ରମୋଦ କୁମାର ନାୟକ, ସୁଶୀଲ କୁମାର ମହାକୁଳ, ଶମ୍ଭୁ ନାଥ ସାହୁ, ମାନସ କୁମାର ଦେହେରି, ଅଜିତ କୁମାର ପ୍ରଧାନଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପରେ ସିଆର୍‌ସିସି ସୁଦୀପ୍ତ କୁମାର ପଟେଲ, ଶିକ୍ଷକ ଅଜିତ କୁମାର ସାହୁ, ଶିକ୍ଷିକା ରାଜେଶ୍ୱରୀ ନାୟକ, ବିଶ୍ୱନାଥ ନାୟକ, ବିଜୟ ସାହୁ, ବିଜବର ଜାମୁଡାଳିଆ ପ୍ରମୁଖଙ୍କ ନେତୃତ୍ୱରେ ଅତିଥି, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଦୁଇ ଶହ ଚାରା ରୋପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଓକିଲ ସଂଘ ସଦସ୍ୟଙ୍କ ବିୟୋଗରେ ଶୋକସଭା

ଝାରସୁଗୁଡ଼ା ଅଫିସ,୧୫।୭

ଝାରସୁଗୁଡା ବାର୍ ଆସୋସିଏଶନ ସଦସ୍ୟ ତଥା ଆଇନଜୀବୀ ଚନ୍ଦ୍ରିକା ପ୍ରସାଦ ଶ୍ରୀୱାସ (୭୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲ୍‌ରେ ମୃତ୍ୟୁ ହୋଇଛି । ଏ ନେଇ ଜିଲା ବାର୍ ଆସୋସିଏଶନ ତରଫରୁ ଶୁକ୍ରବାର କୋର୍ଟ କାର୍ଯ୍ୟ ବନ୍ଦ କରାଯାଇଥିବାବେଳେ କୋର୍ଟ ପରିସରରେ ସଭାପତି ତ୍ରିନାଥ ଗୁଆଲଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଦୌରାଜଜ୍ ନିଶିଥ ନିଶାଙ୍କ, କୋର୍ଟର ଜଜ୍ ଓ ବାର୍ ସଦସ୍ୟମାନେ ଉପସ୍ଥିତରହି ତାଙ୍କ ସ୍ମୃତିଚାରଣ କରିଥିଲେ। ସଂଘ ସମ୍ପାଦକ ତୁଳସୀ ଦାଶ, ଦୀନେଶ ଜୈନ, ସନ୍ଦିପ ଅବସ୍ଥୀ, ଲୋକନାଥ ଗୁରୁ, ନାରାୟଣ ମହାପାତ୍ର, କିଶୋର ପଟେଲ, ବନ୍ଦନା ମୁନ୍ଦ୍ରା ପ୍ରମୁଖ ଉପସ୍ଥିତିରହି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଜିଲାରେ ବୁଷ୍ଟର ଡୋଜ୍ ଆରମ୍ଭ

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁର ଜିଲରେ ଶୁକ୍ରବାରଠାରୁ କୋଭିଡ୍ ଟିକା (ବୁଷ୍ଟର ଡୋଜ) ଦେବା ଆରମ୍ଭ ହୋଇଛି। ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିଛି। ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଟିକା କେନ୍ଦ୍ର ପରିଦର୍ଶନ କରି ଟିକା ଦିଆଯିବା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ସମସ୍ତେ କୋଭିଡ୍ ନିୟମାବଳୀ ଠିକ୍ ଭାବେ ପାଳନ କଲେ ପୂର୍ବ ପରି ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଜିଲାପାଳ ଦାସ ଲୋକମାନଙ୍କୁ କହିଥିଲେ। ସହରାଞ୍ଚଳରେ ଟିକାକରଣ ବ୍ୟାପକ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମାସ୍କ ପରିଧାନ, ସାମାଜିକ ଦୂରତା, ଗହଳି ଜାଗାକୁ ନ ଯିବା ଭଳି କଟକଣା ପାଳନ କରିବାକୁ କହିଥିଲେ। ପରେ ଜିଲା ମୁଖ୍ୟ ଡାକ୍ତରଖାନା ବୁଲି ଦେଖିଥିଲେ।



:ସମ୍ବଲପୁରରେ ଟିକାକରଣ।

**ଟିକାକରଣ ବ୍ୟାପକ କରିବାକୁ ଜିଲାପାଳଙ୍କ ପରାମର୍ଶ**

ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡ଼ିଏମ୍‌ଓ ଡାକ୍ତର ଅଶୋକ କୁମାର ପଟେଲ, ଡିପିଏମ୍ ମୌସୁମୀ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଜିଲାପାଳ ଦାସ ଅପରାହ୍ନରେ ସହରରେ ଥିବା ଭିକ୍ଟୋରିୟା ମେମୋରିଆଲ ହଲ ପରିଦର୍ଶନ କରି ନବୀକରଣ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମନ୍ଦିର ରକ୍ଷଣାବେକ୍ଷଣକୁ ନେଇ ଅବହେଳା

**ବଲାଙ୍ଗୀର ଅଫିସ, ୧୫।୭**

**ବଲାଙ୍ଗୀର**

ବଲାଙ୍ଗୀର ସହରରେ ଥିବା ସମଲେଶ୍ୱରୀ ଦେବୀ, ପାଟଣେଶ୍ୱରୀ ଦେବୀ ଓ ଗୋପାଳଜୀ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ସମଲେଶ୍ୱରୀ ମନ୍ଦିରର ମୁଖଶାଳା ଗମ୍ବୁଜ ଗତ ୨୨ ଅକ୍ଟୋବର ୨୦୨୧ରେ ଭୁଶୁଡି ପଡିଥିଲା । ପାଟଣେଶ୍ୱରୀ ମନ୍ଦିରକୁ ଗତବର୍ଷ ବର୍ଷାଜଳ ପ୍ରବେଶ କରିଥିଲା । ଏପରିକି ଦେବୀଙ୍କ ପ୍ରତିମା ମଧ୍ୟ ବର୍ଷାଜଳରେ ଉବୁଟୁବୁ ହୋଇଥିଲେ । ଗମ୍ଭୀରା ଘର ମଧ୍ୟରେ ଫାଟ ଦେଖାଦେଇଛି । ଦେବୀଙ୍କ ରୋଷଇ ଘର ନ ଥିବାରୁ ବାହାରୁ ଭୋଗ ରନ୍ଧା ହୋଇ ଅଣାଯାଉଛି । ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଦେବାଳୟଗୁଡିକ ମରାମତି କିମ୍ବା ପୁନରୁଦ୍ଧାର କାର୍ଯ୍ୟ କରାଯାଉନାହିଁ ବୋଲି ଦେବାଳୟ ସୁରକ୍ଷା କମିଟି ଆବାହକ ପ୍ରଶାନ୍ତ ମହାକୁର, ସୂଚନା କର୍ମୀ ଶମ୍ଭୁ ପ୍ରସାଦ ଶତପଥୀ, ନାଗରିକ କମିଟି ସମ୍ପାଦକ ମନୋରଞ୍ଜନ ସାହୁ, ସିଭିଲ ସୋସାଇଟି ସଭାପତି ସଭାପତି ନୀଳମଣି ମିଶ୍ର, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଭାକର ମିଶ୍ର ଶୁକ୍ରବାର ସ୍ଥାନୀୟ ଯାଦବ ଭବନ ଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି । ତୁରନ୍ତ ଜରାଜୀର୍ଣ୍ଣ ମନ୍ଦିରଗୁଡିକର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ଧ୍ୟାନ ଦେବାକୁ ଦାବି କରିଥିଲେ । ସମଲେଶ୍ୱରୀ ମନ୍ଦିରର ଗର୍ଭଗୃହରେ ଫାଟ ଦେଖାଦେଇଥିବା ସୂଚନା ଦେଇଥିଲେ । ବଲାଙ୍ଗୀରବାସୀଙ୍କ ଭାବାବେଗ ପରିତାପର ବିଷୟ ବୋଲି କହିଥିଲେ । ସୂଚନା ଅଧିକାର ଆଇନରେ ମିଳିଥିବା କେତେକ ତଥ୍ୟକୁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପିତ କରାଯାଇଥିଲା । ଗୋପାଳଜୀ ମନ୍ଦିର ପରିସରରେ ୨୯ଟି ଦୋକାନ ଗୃହ ରହିଥିବା ବେଳେ ବାର୍ଷିକ ଆୟ ହେଉଛି ମାତ୍ର ୧ ଲକ୍ଷ ୪୮ ହଜାର ୨୦୦ଟଙ୍କା । ସମଲେଶ୍ୱରୀ ମନ୍ଦିର ପରିସରରେ ୨୩ଟି ଦୋକାନଗୃହରୁ ବାର୍ଷିକ ଆୟ ମାତ୍ର ୧ ଲକ୍ଷ ୩୦ ହଜାର ୨୦୦ ଟଙ୍କା ଥିବା ବେଳେ ପାଟଣେଶ୍ୱରୀ ମନ୍ଦିର ପରିସରରେ ରହିଥିବା ୨ଟି ଦୋକାନ ଗୃହରୁ ବାର୍ଷିକ ୧୪ ହଜାର ୪୦୦ ଟଙ୍କା ଆୟ ହେଉଛି । ଡେଲି ମାର୍କେଟ ରୋଡରେ ରହିଥିବା ୨୪ଟି ଦୋକାନ ଗୃହରୁ ମାତ୍ର ୧ ଲକ୍ଷ ୭୭ ହଜାର ୬୦୦ ଟଙ୍କା ଆଦାୟ ହେଉଛି । ସେହିପରି ରାଜଶ୍ରୀ ମାର୍କେଟର ୩୭ଟି ଦୋକାନ ଗୃହରୁ ୩ ଲକ୍ଷ ୧୮ ହଜାର ୬୦୦ଟଙ୍କା ଆଦାୟ ହେଉଛି । ସିନେମା ହଲ ରୋଡର ୩୩ଟି ଦୋକାନ ଗୃହରୁ ୨ ଲକ୍ଷ ୫୪ ହଜାର ୪୦୦ ଟଙ୍କା ଓ ରାଜଶ୍ରୀ ଧର୍ମଶାଳାର ୮ଟି କୋଠରୀରୁ ୪୮ ହଜାର ଟଙ୍କା ଏହିଭଳି ସର୍ବମୋଟ ବାର୍ଷିକ ୧୦ ଲକ୍ଷ ୯୧ ହଜାର ୪୦୦ ଟଙ୍କା ଆଦାୟ ହେଉଥିବା ସୂଚନା ଦେଇଥିଲେ । ମୋଟ ୧୩୮ଟି ଦୋକାନ ଗୃହ ବଲାଙ୍ଗୀର ଦେବୋତ୍ତର ବିଭାଗ ଅଧୀନରେ ରହିଛି । ଏହି ୧୩୮ଟି ଦୋକାନ ଗୃହକୁ ଶାଗମାଛ ଦରରେ ଭଡା ଦିଆଯାଇ ବଲାଙ୍ଗୀର ଦେବୋତ୍ତର ବିଭାଗର ପ୍ରାୟ ୧୨ରୁ ୧୫ କୋଟି ଟଙ୍କା ରାଜସ୍ୱ କ୍ଷତି କରାଯାଇଥିବା ଅଭିଯୋଗ ଅଣାଯାଇଥିଲା । ଯେଉଁ ୧୦ ଲକ୍ଷ ୯୧ ହଜାର ୪୦୦ ଟଙ୍କା ବାର୍ଷିକ ହାରରେ ଭଡା ସୂତ୍ରରେ ଦେବୋତ୍ତର ବିଭାଗକୁ ମିଳିଛି ତାକୁ ମଧ୍ୟ ମନ୍ଦିରଗୁଡିକର ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯାଉ ନାହିଁ । ଫଳରେ ମନ୍ଦିରଗୁଡିକର ଅବସ୍ଥାରେ ଅବନତି ଘଟିଛି ବୋଲି କୁହାଯାଇଥିଲା । ରାଜ୍ୟର ଦେବାଦେବୀ ପୀଠଗୁଡିକୁ ସରକାର ଧ୍ୟାନ ଦେଇ ଉନ୍ନତିମୂଳକ କାର୍ଯ୍ୟ କରୁଥିବା ବେଳେ ବଲାଙ୍ଗୀର ପାଇଁ କାହିଁକି ଅବହେଳା କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ ।

# କୃଷି କର୍ମଚାରୀଙ୍କୁ ବର୍ଷିଲେ ଜିଲାପାଳ

**ବରଗଡ଼ ଅଫିସ୍, ୧୫।୭**



ଜିଲା କୃଷି ନିର୍ଦ୍ଧାରଣ ବୈଠକରେ ଜିଲାପାଳ ଏବଂ କୃଷି ଅଧିକାରୀ, କର୍ମଚାରୀବୃନ୍ଦ ।

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ସନ୍ଧ୍ୟା ୫ଟାରେ ଖରିଫ୍-୨୦୨୨ ପାଇଁ ଜିଲା କୃଷି ନିର୍ଦ୍ଧାରଣ ବୈଠକ ଅନୁଷ୍ଠିତ ହୋଇଛି । ତେବେ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ଉପସ୍ଥିତ ଅଧିକାରୀଙ୍କୁ ତାଗିଦ୍ କରିବା ଏବଂ ବୈଠକ ଅଧାରୁ ଅଟକିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । କେବଳ ସେତିକି ନୁହେଁ, ଜିଲାପାଳ ବୈଠକରେ ଅନୁପସ୍ଥିତ କର୍ମଚାରୀ ଏବଂ ଠିକ୍ ତଥ୍ୟ ଦେଇ ପାରି ନ ଥିବା ଅଧିକାରୀଙ୍କ ଦରମା ବନ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପଟେ ଉକ୍ତ ବୈଠକ ପୁଣି ଆସନ୍ତା ୨୨ ତାରିଖ ସନ୍ଧ୍ୟା ୫ଟାରେ ହେବ ବୋଲି ସୂଚନା ଦିଆଯାଇଛି । ପ୍ରକାଶ ଯେ, ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟସୂଚୀ ଅନୁସାରେ ଉକ୍ତ ବୈଠକ ଚିରାଚରିତ ଢ଼ଙ୍ଗରେ ଆରମ୍ଭ ହୋଇଥିଲା । ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କ ସମେତ

## ଅଟକିଲା ବୈଠକ, ଦରମା ବନ୍ଦ ନିର୍ଦ୍ଦେଶ

ଅନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ । କିଛି କର୍ମଚାରୀ ବୈଠକକୁ ଆସି ନ ଥିଲେ । ତେବେ ବୈଠକ ଆରମ୍ଭ ହେବା ପରେ ଜିଲାପାଳ ଉପସ୍ଥିତ କୃଷି ଅଧିକାରୀଙ୍କୁ କୃଷି ସମ୍ପର୍କୀତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । କେତେକ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ । ଏପରି କି ଭୁଲ ତଥ୍ୟ ଦେଇଥିବା ଜିଲାପାଳଙ୍କ ନଜରକୁ ଆସିଥିଲା । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗୀୟ ଅଧିକାରୀ ଠିକ୍ ତଥ୍ୟ ଦେଇ ନ ପାରିବା ଏବଂ ଅନେକ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ ରହିବା ଜାଣି ଜିଲାପାଳ ବାନାର୍ଜୀ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ବର୍ଷିଥିଲେ । ଏହା ସହିତ ସମ୍ପୃକ୍ତ କୃଷି ଅଧିକାରୀ, କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇ ବୈଠକରୁ ଉଠି ଯାଇଥିଲେ ।

# ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ମୁରିବାହାଲ,୧୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ମୁରିବାହାଲ ହଳଦୀ ରାସ୍ତାରେ ଶୁକ୍ରବାର ଅପରାହ୍ନରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ଯୁବକ ହେଲେ ରିଙ୍କୁ ପାତ୍ର (୨୮) । ପ୍ରକାଶ ଯେ, ଏକ ବୁଲେଟ ମୋଟର ସାଇକେଲ ଯୋଗେ ରିଙ୍କୁ ଓ ବାଲିଖମାର ଗ୍ରାମର ଜ୍ୟୋତି ଖେତି (୨୮) ମୁରିବାହାଲ ପଟରୁ ହଲହି ରାସ୍ତାରେ ଯାଉଥିବା ବେଳେ ଗାଡିଟି ଜମୁନା ଗ୍ରାମ ନିକଟସ୍ଥ ଏକ ବୁଲାଣିରେ ଭାରସାମ୍ୟ ହରାଇ ଏକ ନିମ୍ବ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଘଟଣାସ୍ଥଳରେ ଚଣାବାହାଲ ଗ୍ରାମର ରିଙ୍କୁ ଙ୍କର (୨୮)ମୃତ୍ୟୁ ଘଟିଥିବା ବେଳେ ଜ୍ୟୋତି ଗୁରୁତର ହୋଇଥିଲେ । ଜ୍ୟୋତିଙ୍କୁ ସ୍ଥାନୀୟ ଯୁବକମାନେ ମୁରିବାହାଲ ଅଗ୍ନିଶମ ବାହିନୀ ସହାୟତାରେ ମୁରିବାହାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ପୋଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିଛି ।

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2022-07, ତା.12.07.2022ରିଖ

**କାର୍ଯ୍ୟର ନାମ :** ଲେଭେଲ କ୍ରସିଙ୍ଗ୍ ଫାଟକ (ଆରଙ୍ଗ ମହାନଦୀ-ଏଲସି-RV 25, ଅରଣ୍ଡ-ଏଲସି-RV 38, ମୁରୀବାହାଲ-ଏଲସି-RV 137 ଏବଂ ହୀରାକୁଦ-ଏଲସି-JT 29) ଗୁଡ଼ିକର ଇଣ୍ଟରଲକିଙ୍ଗ୍ ସମ୍ବନ୍ଧୀୟ ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଆରଙ୍ଗ ମହାନଦୀ, ଅରଣ୍ଡ, ମୁରୀବାହାଲ, ହୀରାକୁଦ ଷ୍ଟେସନ ଠାରେ MEDHA ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI)ସିଷ୍ଟମ୍‌ର ରୂପାନ୍ତରଣଜନିତ ଇନ୍‌ଡୋର ସିଗ୍ନାଲିଙ୍ଗ୍ କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 59,50,152/-, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,19,000/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.08.2022 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-292/N/22-23

## OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR
## INVITATION FOR BIDS (IFB)

File No. C-IIM-IFB-06/2019(PT) No.26997 Dtd.13.07.2022

**1st Corrigendum Bid Indentification No. CE-DPI & R-08/2022-23**

No.B-368:- The following changes are made to the works invited vide Bid Indentification No. CE-DPI & R-08/2022-23 vide letter No. 25525 dtd. 29.06.2022.

(i) The Approx. value of work "Improvement such as widening and strengthening to Baruan-Balichandrapur road from 18/000 km. to 22/370 Km. in the district of Jajpur under State Plan" at Sl. No. 1 of NIT may be read as Rs.10.05 Crore.

All other terms and conditions remain unchanged.

**Sd./- Chief Engineer, DPI & Roads, Odisha**

OIPR-34111/11/0014/2223

## ଭାରତ ସରକାର
### ବିକାଶ ଆୟୁକ୍ତ (ଏମ୍‌ଏସ୍‌ଏମ୍‌ଇ)
### ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ

*ଛଅ ସପ୍ତାହବ୍ୟାପୀ ଉଦ୍ୟମିତା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଇ-ଏସ୍‌ଡିପି) ପାଇଁ ଦରଖାସ୍ତ ଆହ୍ୱାନ କରୁଛନ୍ତି*

**ଆୟୋଜକ:**

**ଏମ୍‌ଏସ୍‌ଏମ୍‌ଇ-ବିକାଶ ଓ ସୁବିଧା କାର୍ଯ୍ୟାଳୟ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ, ଭାରତ ସରକାର, କଟକ ଏବଂ ଏହାର ଶାଖା**

| କ୍ର. ସଂ. | ସ୍ଥାନ | କାର୍ଯ୍ୟକ୍ରମର ତାରିଖ | ବିଷୟ/ଲକ୍ଷ୍ୟ ସମୂହ | କାର୍ଯ୍ୟକ୍ରମ ସଂଯୋଜକ |
|---|---|---|---|---|
| ୧ | ଢେଙ୍କାନାଳ | ୨୫।୦୭।୨୨ରୁ ୦୫।୦୯।୨୨ | ଘରୋଇ ବ୍ୟବହାର୍ଯ୍ୟ ରାସାୟନିକ (ମହିଳା) | ଡି.ସି. ମିଶ୍ର, ସହକାରୀ ନିର୍ଦ୍ଦେଶକ, ଜିଆର୍.୧ ମୋ.: ୯୪୩୮୫୮୧୯୭୩ |
| ୨ | ନିଆଳି, ଜିଲ୍ଲା: କଟକ | ୨୮।୦୭।୨୨ରୁ ୦୮।୦୯।୨୨ | ଭର୍ମିକମ୍ପୋଷ୍ଟ ବିନିର୍ମାଣ (ସାଧାରଣ) | |
| ୩ | ଭୁବନେଶ୍ୱର | ୨୬।୦୭।୨୨ରୁ ୦୬।୦୯।୨୨ | ଅଗ୍ନି ଉଦ୍ଧାର ସେବା (ସାଧାରଣ) | ଏସ୍.ଏନ୍. ଦାଶ, ସହକାରୀ ନିର୍ଦ୍ଦେଶକ (ଇ.ଆଇ.), ଜିଆର୍.୧, ମୋ.: ୯୮୬୧୪୩୮୪୧୧ |
| ୪ | ଫୁଲବାଣୀ | ୨୯।୦୭।୨୨ରୁ ୧୨।୦୯।୨୨ | ପୋଷାକ ବିନିର୍ମାଣ (ଏସ୍.ଟି.) | |
| ୫ | ବାରିପଦା | ୧୯।୦୭।୨୨ରୁ ୨୯।୦୮।୨୨ | ଡିଟିପି ଓ ସ୍କିନ୍ ପ୍ରିଣ୍ଟିଂ (ଏସ୍.ଟି.) | ଏ. ମୋଦି, ତଦନ୍ତକାରୀ ମୋ.: ୯୪୩୭୫୬୮୧୭୧ |
| ୬ | ତାଳଚେର, ଅନୁଗୁଳ | ୨୦।୦୭।୨୨ରୁ ୩୦।୦୮।୨୨ | ଫୁଡ୍ ପ୍ରୋସେସିଂ (ଏସ୍.ସି.) | ବି.ପି. ବେହେରା, ସହକାରୀ ନିର୍ଦ୍ଦେଶକ, ଜି.ଆର୍. ୧, ମୋ. ୯୩୪୮୭୩୩୭୩ |
| ୭ | ବୌଦ୍ଧ | ୨୭।୦୭।୨୨ରୁ ୦୬।୦୯।୨୨ | ଆଗ୍ରୋ ବେସ୍ ପ୍ରଡକ୍ଟ (ଏସ୍.ସି.) | |
| ୮ | ନବରଙ୍ଗପୁର | ୨୬।୦୭।୨୨ରୁ ୦୭।୦୯।୨୨ | ହୋଜରୀ ସାମଗ୍ରୀ (ମହିଳା) | ଏନ୍. କୋଟିରତ୍ନମ୍ ସହକାରୀ ନିର୍ଦ୍ଦେଶକ, ବିଆର୍.ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ, ରାୟଗଡ଼ା ମୋ.: ୯୪୩୭୨୬୮୪୪୮ |
| ୯ | ନବରଙ୍ଗପୁର | ୨୭।୦୭।୨୨ରୁ ୦୮।୦୯।୨୨ | ହୋଜରୀ ସାମଗ୍ରୀ (ଏସ୍.ଟି.) | |
| ୧୦ | କଟକ | ୨୫।୦୭।୨୨ରୁ ୦୮।୦୯।୨୨ | ପାରିବାରିକ ରାସାୟନିକ ଉତ୍ପାଦ (ସାଧାରଣ) | ସୁବାସ କୁମାର ସାହୁ, ସହକାରୀ ନିର୍ଦ୍ଦେଶକ ମୋ. ୯୪୩୭୨୬୭୦୯୭ |

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସ୍ଥାପନ କରିବା ପାଇଁ ଇଚ୍ଛୁକ ଆଗ୍ରହୀ ଶିକ୍ଷିତ ଯୁବକଯୁବତୀମାନେ କାର୍ଯ୍ୟକ୍ରମ(ଗୁଡ଼ିକ)ରେ ଅଂଶଗ୍ରହଣ କରିବା ପାଇଁ ଉପରୋକ୍ତ କାର୍ଯ୍ୟକ୍ରମ ସଂଯୋଜକଙ୍କ ସହିତ ଯୋଗାଯୋଗ କରିପାରିବେ ।

ଯୋଗ୍ୟତା: ୧୮ ବର୍ଷ ବୟସ ସମ୍ପୂର୍ଣ୍ଣ କରିବା ସହିତ ୮ମ ଶ୍ରେଣୀ କିମ୍ବା ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତାଧାରୀ ହୋଇଥିବା ଜରୁରୀ ।

କାର୍ଯ୍ୟକ୍ରମର ବିବରଣୀ: ଏହି ଇ-ଏସ୍‌ଡିପି ସମ୍ପୃକ୍ତ ବୈଷୟିକ ବିଷୟ ଉପରେ ଉଭୟ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ବଳିତ ଅଟେ ।

**ଦୟାକରି ଆବେଦନ କରନ୍ତୁ:**

**ନିର୍ଦ୍ଦେଶକ, ଏମ୍‌ଏସ୍‌ଏମ୍‌ଇ ବିକାଶ ଅନୁଷ୍ଠାନ, କଲେଜ ଛକ, କଟକ, ଓଡ଼ିଶା-୭୫୩୦୦୩**

**www.msmedicuttack.gov.in**

**ଇମେଲ୍: dcdi-cuttack@dcmsme.gov.in**

CBC 25113/12/0014/2223

## ODISHA PUBLIC SERVICE COMMISSION, CUTTACK
### NOTICE

**No. 6423/PSC Dt.15.07.2022**
**PF-1E-11-2021/22 (DR-III)**

No. D-99: It continuation to Notice No. 6184/PSC Dt.07.07.2022, it is for information of all concerned that, pursuant to Advt. No. 24 of 2021-22, 18 (Eighteen) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Sanskrit**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 scheduled to be held on 18.07.2022 & 19.07.2022 has been rescheduled on 18.07.2022 due to Odisha Bandh called by some student organization. The revised programme of Interview is given below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 18.07.2022 | 10.30 A.M. | 00123843, 00123846, 00121970, 00120851, 00091776, 00123422, 00115285, 00117290, 00131262 & 00114196 = **10 Candidates** |
| | | 03.00 P.M. | 00132245, 00133221, 00114079, 00121669, 00114441, 00124606, 00127417 & 00116235 = **08 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

**OIPR-12002/11/0108/2223** **Sd./- Secretary**

## THE ODISHA STATE COOPERATIVE BANK LTD.

Pandit Jawaharlal Nehru Marg, Bhubaneswar - 751001

**Ref. No. OSCB/HRDD/1941/2022-23** **Date: 14.07.2022**

### NOTICE

No. LL-9: The candidates bearing the following Roll Numbers who appeared in the Online Examination conducted on 30.01.2022 for recruitment to the post of Junior Manager in Odisha State Co-opeative Bank are selected for appointment in the post of Junior Manager.

| Roll No. | Roll No. | Roll No. | Roll No. | Roll No. |
|---|---|---|---|---|
| 1810000101 | 1310000014 | 1310000005 | 1510000001 | 1710000116 |
| 1810000077 | 2210000006 | 1510000070 | 1510000041 | 1710000378 |
| 1710000180 | 1710000107 | 1710000146 | 1710000025 | 1710000296 |
| 2210000057 | 1710000216 | 2210000024 | 1710000301 | 1810000001 |
| 1710000034 | 1710000159 | 1210000027 | 1710000208 | 1710000382 |

**OIPR-39012/11/0015/2223** **Sd./- Managing Director**

GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION-I, BHADRAK

E-mail: ee_rwbdk@yahoo.com

No.O-649:-

**"e" Procurement Notice for Road Works**
**Bid Identification No.Online Tender 4 of 2022-23**

1. Name of the work: Road. 2. Total No. of works: 1 No. 3. Estimated cost: Rs.45.62 lakh. 4. Class of contractor: As per Annexure. 5. Period of completion: Two months. 6. Type of tender : Single cover. 7. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Bhadrak | Online-4 of 2022-23 | 19.07.22 at 10.00 A.M. | 27.07.22 at 5.00 P.M. | 26.07.22 at 5.00 P.M. | 28.07.22 at 11.00 A.M. |

Further details can be seen from the e-procurement portal "https://tendersorissa.gov.in"

**Sd./- Er. Santanu Kumar Naik, Superintending Engineer, R.W. Division, Bhadrak**

OIPR-25060/11/0005/2223

## ODISHA PUBLIC SERVICE COMMISSION, CUTTACK
### NOTICE

**No. 6436/PSC Dt.15.07.2022**
**(2PE-10-22/23) (DR-I)**

No. D-98: It is for information of all concerned that, pursuant to Advt. No. 09 of 2021-22, 71 (Seventy One) candidates bearing following PPSAN have been allowed to appear in the interview to determine their eligibility for recruitment to the post of **Assistant Professor, Teacher Education (Zoology)**. The Interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 on 26.07.2022, 27.07.2022, 28.07.2022, 29.07.2022 & 30.07.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of Candidates |
|---|---|---|
| 26.07.2022 | 10.30 A.M. | 00080693, 00089318, 00094730, 00089743, 00085527, 00112070, 00080040, 00112266, 00091444 = **09 Candidates** |
| | 02.45 P.M. | 00088780, 00086488, 00112175, 00090044, 00093613, 00094935 = **06 Candidates** |
| 27.07.2022 | 10.30 A.M. | 00112562, 00088148, 00100472, 00094483, 00111225, 00088731, 00095415, 00090974, 00095944 = **09 Candidates** |
| | 02.45 P.M. | 00018671, 00112603, 00079668, 00087708, 00055016, 00093252 = **06 Candidates** |
| 28.07.2022 | 10.30 A.M. | 00061562, 00097636, 00094958, 00087978, 00091921, 00080575, 00088940, 00092242, 00112253 = **09 Candidates** |
| | 02.45 P.M. | 00086018, 00093528, 00112116, 00094095, 00057931, 00051119 = **06 Candidates** |
| 29.07.2022 | 10.30 A.M. | 00095009, 00096908, 00081163, 00089903, 00091235, 00094338, 00056720, 00103510, 00071732, 00097492 = **10 Candidates** |
| | 02.45 P.M. | 00112244, 00112597, 00112836, 00112607, 00096061, 00093318 = **06 Candidates** |
| 30.07.2022 | 10.30 A.M. | 00112335, 00051427, 00101451, 00072524, 00081444, 00093608, 00112289, 00111574, 00079070, 00096145 = **10 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

The candidates are further advised to bring three sets of Xerox copies of published research papers as earlier produced during verification.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the commission for the purpose.

**OIPR-12002/11/0109/2223** **Sd./- Secretary**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE DIVSIONAL HEAD (ELECTRICAL), IDCO, IDCO TOWER, BHUBANESWAR

**Tender Call Notice No.BBSR/ELECT/E4007/18-19/1564,Dt.13.07.22**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**No.CAD-1121:**Name of the Work: Construction of 33/0.4 KV, 250 KVA Substation with 33KV line and service connection to MSME Park at Chandia, Kalinga Nagar, Jajpur.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-05/22-23 | 20.07.2022 at 12.00 Hrs. | 27.07.2022 at 17.00 Hrs. |

Further details can be seen from the e-procurement portal: www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

**Sd./- Divisional Head (Elect.)**
**IDCO, Bhubaneswar**
**OIPR-14003/11/0073/2223**

GOVERNMENT OF ODISHA
## OFFICE OF THE BLOCK DEVELOPMENT OFFICER
### LEPHRIPARA BLOCK, SUNDARGARH
### INVITATION TENDER CALL NOTICE

**No. 1183/Dev.** **Dt.14.07.2022**

The Block Development Officer, lephripara, Sundargarh on behalf of Governer of Odisha invites **Percentage Rate Bids** in sealed cover for the following works from the class of eligible contractors as mentioned in Column-8 (eight) registered with the State Governments having validity of Civil Licence and contractors of equivalent Grades/Class registered with Central Government/MES/Railways and other State Government having validity of Civil Licence for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who was not registered under Odisha State Government has to register under the State PWD in appropriate class of eligibility before signing of the aggrement. The bidders may submit bids for the following works.

| Sl. | GP | Name of the Work | Amount put to Tender in Rs. | Cost of Tender Paper (Non-refundable) in Rs. | Bid Security EMD 1% in Rs. | Last Dt. of Completion | Class of Contractor |
|---|---|---|---|---|---|---|---|
| 1 | Hurmei | Const. of AWC Building at Sarda | 13,83,805/- | 6,000/- | Exempted | 30.11.2022 | C & D |
| 2 | Giringkela | Const. of AWC Building at Bairagibahal | 13,83,827/- | 6,000/- | - do - | 30.11.2022 | C & D |

01.The bid documents and detailed terms and conditions can be downloaded from the District website **www.sundargarh.nic.in** & also published in daily Oriya Newspaper "The Dharitri & The Sakala".

02.All other detailed clauses/guidelines can be seen in the DTCN/Bid documents.

**Sd./- Block Development Officer, Lephripara**

## Directorate of Fisheries, Odisha, Cuttack
## Government of Odisha

Date: 12.07.2022

### CORRIGENDUM

No.M-21:- With reference to the earlier advertisement published for RFP-8 on 07.06.2022 in daily newspaper inviting sealed proposals from eligible bidders for "**Implementation of Indigenous Vessel Tracking and Two-way MSS Communication System for Marine Fishing Crafts (Mechanized Boats) in EEZ including territorial waters of Odisha using ISRO Satellite Transponders**". It is informed that, the last date for submission of tender documents has been extended and revised as per details mentioned below.

| Sl. No. | List of Key Events | Critical Dates |
|---|---|---|
| 1 | Last date for submission of bid | 16th August 2022, 2 P.M. |
| 2 | Date of opening of technical bid | 17th August 2022, 12 P.M. |
| 3 | Date of opening of financial bid | Will be intimated later |

- Tender documents are now available till 16.08.2022 (Tuesday) 2.00 P.M. at www.fishfedodisha.in
- The proposal complete in all respects must reach the undersigned by **Speed Post / Registered Post / Drop inthe Tender Box** only latest by **16th August 2022, 2 P.M.** in a sealed envelope clearly mentioning onthe top of it **"Implementation of Indigenous Vessel Tracking and Two-way MSS Communication System for Marine Fishing Crafts (Mechanized Boats) in EEZ including territorial waters of Odisha using ISRO Statellite Transponders"**. The proposals received beyond the last date and time will be rejected. The authority reserves the right to reject any / all proposals without assigning any reason thereof.
- All the terms and conditions as prescribed in previous RFP notice will remain the same.

**Sd./- Director of Fisheries, Odisha, Cuttack**

OIPR-06015/11/0010/2223

## ସଂକ୍ଷେପରେ

### ବଲ୍ ଖେଳୁ ଖେଳୁ ଚାଲିଗଲା ଶିଶୁ ଜୀବନ

**ସୁନ୍ଦରଗଡ଼,୧୫।୭(ଡି.ଏନ.ଏ.):** ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ମସନିକାନୀ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗୁରୁବାର ରାତି ପ୍ରାୟ ୧୦ଟାରେ ଘରେ ବସି ବଲ ଖେଳୁ ଖେଳୁ ଚାଲିଯାଇଛି ଜଣେ ତିନି ବର୍ଷ ବୟସର ଶିଶୁ ପୁତ୍ରର ଜୀବନ। ସାମାନ୍ୟ ଅସାବଧାନତା କେତେ ବଡ ବିପଦ ଡାକିପାରେ ଏହି ଘଟଣାରୁ ତାହା ସ୍ପଷ୍ଟ ହୋଇଛି। ମିଳିଥିବା ଖବର ଅନୁସାରେ, ମସନିକାନୀ ଗ୍ରାମର ଡିଲେଶ୍ୱର୍ ରକ୍ସା ଏବଂ ରଞ୍ଜୁ ରକ୍ସାଙ୍କ ଶିଶୁ ପୁତ୍ର ହାତରେ ରବର୍ ବଲ ଧରି ଖେଳୁଥିଲେ। ଭୁଲବଶତଃ ବଲ ପାଟିକୁ ଚାଲି ଯାଇଥିଲା। ପରିବାର ଲୋକେ ତାଙ୍କୁ ଧରି ରାତିରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ପାଟିରେ ଲଟକି ଥିବା ବଲକୁ ଡାକ୍ତର ବାହାର ମଧ କଲେ। ମାତ୍ର ଶିଶୁର ଜୀବନ ରହିଲା ନାହିଁ। ଏପରି ଏକ ଘଟଣାକୁ ନେଇ ଶିଶୁର ପରିବାର ଓ ସ୍ଥାନୀୟ ଗ୍ରାମବାସୀଙ୍କ ମଧରେ ଶୋକର ଛାୟା ଖେଳାଇ ଦେଇଛି।

### ଚାକିରି କରାଇବାକୁ କହି ଠକିନେଲେ ୫୦ ହଜାର ଟଙ୍କା

ରାଉରକେଲା ଅଫିସ,୧୫।୭: ଆରଏସ୍‌ପିରେ ଚାକିରି କରାଇଦେବାକୁ କହି ୫୦ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ଏନେଇ ପ୍ଲାଣ୍ଟସାଇଟ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଝାଡ଼ଖଣ୍ଡ ବାନୋ ଅଞ୍ଚଳରେ ସୁଖମଣୀ ଲୁଗୁନ(୨୨) ପରିବାର ବାସ କରନ୍ତି। ଗତ ୩ ମାସ ପୂର୍ବେ ସେ ରାଉରକେଲା ଅଞ୍ଚଳରେ କାମ କରିବାକୁ ଆସିଥିଲେ। ଏହି ସମୟରେ ଟ୍ରାଫିକଗେଟ ଛକରେ ବିଜୟ୍ ହୁରୁଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା। ବିଜୟ୍ ତାଙ୍କୁ ଆରଏସ୍‌ପିର ମ୍ୟାନେଜର ପରିଚୟ୍ ଦେଇ ତାଙ୍କୁ ରାଉରକେଲା ଷ୍ଟିଲପ୍ଲାଣ୍ଟରେ ଚାକିରି କରାଇ ଦେବାକୁ କହିଥିଲେ। ୫୦ହଜାର ଟଙ୍କା ପ୍ରଥମ ପର୍ଯ୍ୟାୟରେ ଲାଗିବ କହି ଠକି ନେଇ ଯାଇଥିଲେ। ପରେ ସୁଖମଣୀ ଚାକିରି ବାବଦରେ ଜାଣିବାକୁ ବିଜୟ୍‌କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଫୋନ ସୁଇଚ୍‌ଅଫ ହୋଇ ଯାଇଥିଲା। ଏନେଇ ବିଜୟ୍ ଗୁରୁବାର ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରି ଦେଇଛି।

# ସାଇବର ଠକେଇ: ୩ ଗିରଫ

**ଅବସରପ୍ରାପ୍ତ ରେଲୱେ କର୍ମଚାରୀଙ୍କ ଆକାଉଣ୍ଟରୁ ୧୫ ଲକ୍ଷ ୫୬ ହଜାର ଟଙ୍କା କରିଥିଲେ ଗାଏବ**



ପୋଲିସ ଦ୍ୱାରା ଗିରଫ ହୋଇଥିବା ୩ ଯୁବକ।

ରାଉରକେଲା ଅଫିସ,୧୫।୭

ସାଇବର ଠକେଇ ଅଭିଯୋଗରେ ରାଉରକେଲା ସାଇବର ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡି ଆରିଫ ଅନ୍‌ସାରୀ(୨୧), ଏମ୍‌ଡି ରାଜୱାଲ(୩୦) ଓ ଜାମ୍‌ସେଦ ଅନସାରୀ(୩୭)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, କୁତ୍ରାଥାନା ଅନ୍ତର୍ଗତ ଗଙ୍ଗାଜଳ ଗ୍ରାମରେ ନଳିନ୍ଦ୍ର କୁମାର ଟୋପୋ ପରିବାର ସହ ବାସ କରନ୍ତି। ନଳିନ୍ଦ୍ର ରେଲୱେ କର୍ମଚାରୀ ଭାବେ କାମ କରୁଥିବାବେଳେ ୨୦୨୧ ମେ’ ୧ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ପରେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟକୁ ନଭେମ୍ବର ମାସ ୨୯ରେ ୩୪ଲକ୍ଷ ୯୯ ହଜାର ୯୦୮ ଟଙ୍କା ଅବସରକାଳୀନ ଭତ୍ତା ଆସିଥିଲା। ଏହି ଟଙ୍କା ଆସିବା କିଛି ଦିନ ପରେ ଏସ୍‌ବିଆଇ ଦିଲ୍ଲୀ ଶାଖା ମୋବାଇଲ ନଂ.ଯୋଗେ ନିଜ ବ୍ୟାଙ୍କ ଆକାଉଣ୍ଟରେ ଇଣ୍ଟର୍‌ନେଟ୍ ବ୍ୟାଙ୍କିଙ୍ଗ ଅଛି କି ନାହିଁ ବୋଲି ଏକ କଲ ଆସିଥିଲା। ଏହାକୁ ନେଇ ଟୋପୋ ମନା କରିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ଏସ୍‌ବିଆଇ ସେଭିଙ୍ଗ୍ ଆକାଉଣ୍ଟରେ ଇଣ୍ଟନେଟ ବ୍ୟାଙ୍କିଙ୍ଗ୍ ସଂଯୋଗ କରିବା ପାଇଁ ଏକ ଓଟିପି ପଠାଇଥିଲେ। ଏହି ଓଟିପି ନମ୍ବର ଟୋପୋଙ୍କୁ ମାଗି ଅଭିଯୁକ୍ତମାନେ ତାଙ୍କ ଏସ୍‌ବିଆଇ ଆକାଉଣ୍ଟରୁ ପ୍ରଥମ ଥର ୨୦ ହଜାର ପରେ ୨୦ ହଜାର କରି ପ୍ରାୟ ୩ଟି ଆକାଉଣ୍ଟରୁ ସମୁଦାୟ ୧୫ଲକ୍ଷ ୫୬ ହଜାର ଟଙ୍କା ଠକି ନେଇଥିଲେ। ଏନେଇ ନଳିନ୍ଦ୍ର ଗତବର୍ଷ ଡିସେମ୍ବର ୨ରେ ସାଇବର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଦୀର୍ଘ ୬ ମାସ ପରେ ଜୁଲାଇ ୧୩ରେ ଉଦିତନଗର ସାଇବର ଥାନା ଅଧିକାରୀ ସେରିଫିନା ଖେସ୍‌ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଝାଡ଼ଖଣ୍ଡ ରାଜ୍ୟ ଜାମତରା ଜିଲା ନାରାୟଣପୁରକୁ ଯାଇ ପ୍ରଥମେ ଜାମ୍‌ସେଦ ଅନସାରିଙ୍କୁ ଗିରଫ କରିଥିଲେ। ପରେ ଝାଡ଼ଖଣ୍ଡ ଆଲିପୁର ଅଞ୍ଚଳରୁ ରାଜୱାଲ ଓ ଆରିଫଙ୍କୁ ଗିରଫ କରିଥିଲେ। ଏମାନଙ୍କ ଠାରୁ ପୋଲିସ ୪ଟି ମୋବାଇଲ, ଏସ୍‌ବିଆଇ ମ୍ୟାନେଜର ନକଲି ପରିଚୟପତ୍ର, ବିଭିନ୍ନ ବ୍ୟାଙ୍କର ଚେକ୍ ସହ ୫ ହଜାର ଟଙ୍କା ଓ ଅନ୍ୟାନ ପରିଚୟପତ୍ରକୁ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ନିଜ ରାଜ୍ୟରେ ନ ରହି ଫେରାର ହୋଇ ଏଭଳି ଲୋକଙ୍କୁ ଠକୁଥିବାକୁ ନେଇ ବମ୍ବେରେ ମଧ୍ୟ କିଛି ମାମଲା ରହିଥିବା ଥାନା ଅଧିକାରୀ ଖେସ୍ ସୂଚନା ଦେଇଛନ୍ତି।

## ଦୁଇ ଶିଶୁଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଲା ଦନ୍ତା

ଟେନ୍‌ସା,୧୫।୭(ଡ଼ି.ଏନ.ଏ)

ସୁନ୍ଦରଗଡ଼ ଜିଲା କୋଇଡା ବନାଞ୍ଚଳରେ ଥମିବାର ନାଁ ଧରୁନି ଗୋଠଛଡ଼ା ଦନ୍ତା ହାତୀର ଉତ୍ପାତ। ଦୁଇ ସପ୍ତାହରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ସକାଳୁ କୋଇଡା ବନାଞ୍ଚଳର ବଡ଼ଇନ୍ଦୁପୁର ଗ୍ରାମରେ ହାତୀ ଆକ୍ରମଣରେ ଦୁଇ ଜଣ ଶିଶୁ ଗୁରୁତର ଆହତ ହୋଇଛନ୍ତି। ବଡ଼ଇନ୍ଦୁପୁର ଗ୍ରାମର କାର୍ମୁ ମୁଣ୍ଡାଙ୍କ ସ୍ତ୍ରୀ ଏବଂ ତିନି ଶିଶୁ ହାତୀ ଭୟରେ ଗ୍ରାମର ଅନ୍ୟଜଣଙ୍କ ଘରକୁ ରାତିରେ ଶୋଇବାକୁ ଯାଇ ସକାଳୁ ଘରକୁ ଫେରୁଥିବାବେଳେ ହାତୀ ସାମ୍ନାକୁ ଆସି ଯିବାରୁ ପ୍ରାଣ ବିକଳରେ ମା’ ଛୁଆ ଦୌଡି ଥିଲେ। ଦୌଡ଼ିବା ବେଳେ ଦୁଇ ଶିଶୁ ତଳେ ପଡିଯିବାରୁ ହାତୀ ଶୁଣ୍ଢରେ ଟେକି ନେଇ କଚାଡି ଦେଇଥିଲା। ଫଳରେ ଜଣଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅନ୍ୟଜଣେ ଶିଶୁ ହାତ ଭାଙ୍ଗି ଯାଇଥିଲା। ତୁରନ୍ତ ଦୁଇ ଶିଶୁଙ୍କୁ କୋଇଡା ମେଡ଼ିକାଲ ଆଣି ଚିକିତ୍ସା କରାଯାଇଥିବା ସୂଚନା ମିଳିଛି। ବାରମ୍ବାର ହାତୀ ଆକ୍ରମଣରେ ପ୍ରାଣହାନି ନେଇ ଅଞ୍ଚଳବାସୀ ହାତୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ବନ ବିଭାଗକୁ ଜଣାଇ ଆସୁଥିବାବେଳେ ବିଭାଗୀୟ ଅଧିକାରୀମାନେ ଚୁପ ବସିଛନ୍ତି। ଏଥିପ୍ରତି ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୁତ୍ରା, ୧୫।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶୁକ୍ରବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ତହସିଲଦାର ରବିନ୍ଦ୍ର କୁମାର ସେଠି, ବ୍ଲକ ଅଧକ୍ଷା ଶାନ୍ତିଲତା ଲାକ୍ରା, ଉପାଧକ୍ଷ କୌସ୍ତୁବ ଭୂଷଣ ହୋତା ଉଦ୍‌ଘାଟନ କରିଥିଲେ। ସିଡିପିଓ ସୁବାଶି ମୁଣ୍ଡୁ, ଏବିଓ ଲକ୍ଷ୍ମଣା ଜାମୁଣ୍ଡା,ଜିପିଓ ଜାଗେନ୍ଦ୍ର କୁମାର ଦାସ ଉପସ୍ଥିତ ଥିଲେ। ଶିବିରରେ ୧୬ ପଞ୍ଚାୟତରୁ ୨୧୦ଜଣ ପଞ୍ଜିକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ଶାରୀରିକ ବିକଳାଙ୍ଗ ୬୯, ଦୃଷ୍ଟିହୀନ ୧୬, ଶ୍ରବଣ ଶକ୍ତି ଦୁର୍ବଳରେ ୩୫, ମାନସିକ ଅନଗ୍ରସର ୩୭, ସିକିଲସେଲ ୭, ଅନଲାଇନ ସାର୍ଟିଫିକେଟ ନେବା ପାଇଁ ୪୬ ଜଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମଚାରୀ, ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କୁତ୍ରା ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଛାତ୍ର ସହଯୋଗ କରିଥିଲେ।

## ଖତକୁରବାହାଲ ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି: ପୋଲିସ ମୁତୟନ



ଖତକୁରବାହାଲରେ ପୋଲିସ ମୁତୟନ ଅଛନ୍ତି।

କୁତ୍ରା, ୧୫।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ସ୍ଥିତ ଜିନ୍ଦଲ ଚୂନପଥର ଖଣିରେ ଗଣ୍ଡଗୋଳ ଘଟଣାକୁ ନେଇ କୁତ୍ରା ପୋଲିସ ପକ୍ଷରୁ ଗୁରୁବାର ଗ୍ରାମର ୪ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଚୂନପଥର ଖଣିରେ ନିୟୋଜିତ ଥିବା ଠିକାଦାର ଏମଡି ଜାବୁଲ,ଏମଡି ହାସିଆ, ଏମଡି ଅକିଲ, ଏମଡି ଆକାଙ୍କ ଘରେ ପଥର ମାଡ କରିବା ସହିତ ଭଙ୍ଗାରୁଜା ହୋଇଥିଲା। ଜିନ୍ଦଲ କମ୍ପାନୀ ଦ୍ୱାରା ନିର୍ମାଣ ହେଉଥିବା ନୂତନ ପଞ୍ଚାୟତ ଗୃହ ଓ ତାର ପାଚେରୀକୁ ଭଙ୍ଗାଯାଇଥିବା ନେଇ ଶୁକ୍ରବାର ପୁଣି ଥରେ କୁତ୍ରା ଥାନାରେ ଭିନ୍ନଭିନ୍ନ ୫ଟି ଏତଲା ଦିଆଯାଇଛି। ଏହାକୁ ନେଇ ଗୁରୁବାର ରାତିରେ ସୁନ୍ଦରଗଡ଼ ଏସପି ସାଗରିକା ନାଥ ଖତକୁରବାହାଲ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥିତିକୁ ଦେଖି ବର୍ତ୍ତମାନ ଖତକୁରବାହାଲରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ଶାନ୍ତ ଥିବା ଜଣାପଡିଛି।

## ଆର୍‌ଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର।

ରାଉରକେଲା ଅଫିସ,୧୫।୭

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ଇସ୍ପାତ ଜେନେରାଲ ହସ୍ପିଟାଲର ସହଯୋଗରେ ସହରର ବାସିନ୍ଦା ତଥା ପାର୍ଶ୍ୱାଞ୍ଚଳ ଜନସାଧାରଣଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏନେଇ ସେକ୍ଟର-୮ ସ୍ଥିତ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସମଲେଶ୍ୱରୀ ବସ୍ତି ଓ ଖଟାଲ ବସ୍ତି ଅଞ୍ଚଳରେ ବାସ କରୁଥିବା ୫୮ଜଣ ବ୍ୟକ୍ତି ଉପକୃତ ହୋଇଥିଲେ। ଏହି ଶିବିରରେ ଭେଷେଜ ବିଶେଷଜ୍ଞ ଡାକ୍ତର ଏନ୍. ପ୍ରିୟଦର୍ଶୀ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତ ପରୀକ୍ଷଣରେ ଲିଲି ଖାଡିଆ ଓ ଔଷଧ ବିତରଣରେ ସଂଗ୍ରାମ କେଶରୀ ମହାନ୍ତି ସହାୟତା କରିଥିଲେ। ଏହି ଶିବିରରୁ ୧୬ଟି ଅନିୟମିତ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସେହିଭଳି ଲାଠିକଟା ବ୍ଲକ ଜଲଦା ପୁନର୍ବସତି କଲୋନୀରେ ଆୟୋଜିତ ଅନ୍ୟ ଏକ ସ୍ୱାସ୍ଥ୍ୟ ଶିବିରରେ ଶହେରୁ ଉର୍ଦ୍ଧ୍ୱ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଏଥିରେ ଭେଷେଜ ବିଶେଷଜ୍ଞ ଡାକ୍ତର ସତ୍ୟପ୍ରକାଶ ମିଶ୍ର ଓ ଡାକ୍ତର ସୋନାଲି କଙ୍ଗାରି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ୨୨ଟି ଅନିୟମିତ ରକ୍ତ ସଂଗ୍ରହ କରାଯାଇଥିଲା। ଶିବରକୁ ଲିଲି ଖାଡିଆ, ମିହିର ପ୍ରସାଦ ମହାନ୍ତି, କୁଲସେନ୍ ବାର୍ଲା ପରିଚାଳନାରେ ସହଯୋଗ କରିଥିଲେ। ସେକ୍ଟର-୧୪ ଅଞ୍ଚଳରେ ଆୟୋଜିତ ହୋଇଥିବା ସ୍ୱାସ୍ଥ୍ୟ ଶିବିର ଶାନ୍ତିନଗର ବସ୍ତି, ଶିବ ମନ୍ଦିର ଅଞ୍ଚଳର ପ୍ରାୟ ୮୨ ଜଣ ବ୍ୟକ୍ତି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଡାକ୍ତର ସମ୍ରନ ପ୍ରଧାନ ରୋଗୀସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଲିଲି ଖାଡିଆ ରକ୍ତ ପରୀକ୍ଷଣ କରିଥିଲେ। ଜିତେନ୍ଦ୍ର ନାୟକ ଔଷଧ ବିତରଣରେ ସହଯୋଗ କରିଥିଲେ। ଏହି ଶିବିରରୁ ୧୬ ଜଣଙ୍କ ଅନିୟମିତ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ସମସ୍ତ ଶିବିରକୁ ସିଏସ୍‌ଆର ଟିମ ପରିଚାଳନା କରିଥିବାବେଳେ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ଓ ରକ୍ତନମୁନା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ବଡ଼ଭାଇଙ୍କୁ ହତ୍ୟାକଲେ ସାନଭାଇ

ଲେଫ୍ରିପଡା,୧୫।୭(ଡ଼ି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ବରହାଖାଇ ଗ୍ରାମରେ କୌଣସି କଥା ନେଇ ସାନଭାଇ ନିଜ ବଡ଼ଭାଇ ସହ ଝଗଡା କରି ଇଟାରେ ଛେଚି ହତ୍ୟା କରିଥିବା ଜଣାପଡିଛି। ବରହାଖାଇ ଗ୍ରାମର ଗଙ୍ଗାଧର ଭିତ୍ରିଆଙ୍କ ପୁଅ ଅଭିଯୁକ୍ତ ପ୍ରମୋଦ ଭିତ୍ରିଆ (୨୯) ଗୁରୁବାର ସନ୍ଧ୍ୟାରେ ବଡ଼ଭାଇ ପଞ୍ଚାୟତରୁ ଆଣିଥିବା ପିଡିଏସ ଚାଉଳରୁ କିଛି ମାଗିଥିଲା। ତେବେ ବଡ଼ଭାଇ ଅଶୋକ ତାହା ମନାକରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ପ୍ରମୋଦ ଉତକ୍ଷିପ୍ତ ହୋଇ ଏକ ଇଟାରେ ଅଶୋକଙ୍କ ମୁଣ୍ଡକୁ ବାରମ୍ବାର ଛେଚିଥିଲା। ଏହି ସମୟରେ ବାପା ଗଙ୍ଗାଧର ବିଲରୁ ଫେରି ଘରେ ପହଞ୍ଚିବା କ୍ଷଣି ପ୍ରମୋଦ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଅଶୋକଙ୍କୁ ସୁନ୍ଦରଗଡ଼ ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳେ ଖବରପାଇ ଲେଫ୍ରିପଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ବାପା ଗଙ୍ଗାଧର ଏନେଇ ଲେଫ୍ରିପଡ଼ା ଥାନାରେ ଏତଲା ଦେବାପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଇଆଇସି ସୁମନ୍ତ ନାଏକଙ୍କ ନେତୃତ୍ୱରେ ପୋଲିସ ଟିମ୍ ହତ୍ୟାକାରୀ ପ୍ରମୋଦଙ୍କୁ ଗିରଫ ପାଇଁ ଉଦ୍ୟମ ଚଳାଇଥିବା ଜଣାପଡିଛି।

## ପ୍ରଥମ ଦିନ ଟିକା ନେଲେ ୩, ୬୫୨ ହିତାଧିକାରୀ

ସୁନ୍ଦରଗଡ଼, ୧୫।୭(ଡି.ଏନ.ଏ.)

**ସୁନ୍ଦରଗଡ଼ ଜିଲାରେ ୧୮ରୁ ୫୯ ବର୍ଷ ବର୍ଗଙ୍କୁ କୋଭିଡ ବୁଷ୍ଟର ଡୋଜ**



କୋଭିଡର ବୁଷ୍ଟର ଡୋଜ ଦିଆଯାଉଛି।

ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ସାରା ଦେଶରେ ୧୮ରୁ ୫୯ ବର୍ଷ ବୟସ ବର୍ଗର ଲୋକଙ୍କୁ ମାଗଣାରେ କୋଭିଡର ବୁଷ୍ଟର ଡୋଜ ଦିଆଯାଉଛି। ଏହି କାର୍ଯ୍ୟାକ୍ରମରେ ସୁନ୍ଦରଗଡ଼ ଜିଲା ମଧ୍ୟ ଯୋଗ ହୋଇଛି। ଏହି ଟିକାକରଣ ପାଇଁ ଜିଲାରେ ୪୦ରୁ ଅଧିକ କେନ୍ଦ୍ର କରାଯାଇଛି।

ସୁନ୍ଦରଗଡ଼, ରାଜଗାଙ୍ଗପୁର ଏବଂ ବୀରମିତ୍ରପୁର ପୌରପାଳିକା ସହିତ ରାଉରକେଲା ମହାନଗର ନିଗମ ଏବଂ ଜିଲାର ବିଭିନ୍ନ ବ୍ଲକରେ ଟିକାକରଣ କେନ୍ଦ୍ର କରାଯାଇଛି। ପ୍ରଥମ ଦିନରେ ୩ ହଜାର ୬୫୨ ଜଣ ଟିକା ନେଇଛନ୍ତି। ଆସନ୍ତା ୭୫ ଦିନ ଯାଏଁ ଏହି କାର୍ଯ୍ୟକ୍ରମ ଚାଲିବ। ସୁନ୍ଦରଗଡ଼ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲଠାରେ ଏହି ଟିକାକରଣ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ଶୁଭାରମ୍ଭ କରିଥିଲେ। ଏହାସହ ଟିକା ନେବାକୁ ଆସିଥିବା ହିତାଧିକାରୀଙ୍କ ସହ ସେ କଥା ହୋଇଥିଲେ। ପ୍ରଥମ ଦିନରେ ହିତାଧିକାରୀମାନେ କରୋନା ନିୟମ ମାନି ଅନସାଇଟ ପଞ୍ଜିକରଣ କରି ବିଭିନ୍ନ କେନ୍ଦ୍ରରେ ଟିକା ନେଇଛନ୍ତି। କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବୁଷ୍ଟର ଡୋଜ ଟିକାକରଣକୁ ବ୍ୟାପକ କରିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜିଲାରେ ବୁଷ୍ଟର ଡୋଜ ସହିତ କୋଭିଡର ପ୍ରଥମ ଓ ଦ୍ୱିତୀୟ ଡୋଜ ଟିକାକରଣ ମଧ୍ୟ କରାଯାଉଛି।

## ବିଭିନ୍ନ ଦାବିନେଇ ସିପିଆଇଏମ୍ ପକ୍ଷରୁ ସ୍ମାରକପତ୍ର

ଲହୁଣୀପଡ଼ା,୧୫।୭(ଡି.ଏନ.ଏ.)



ଲହୁଣୀପଡ଼ାରେ ସିପିଆଇଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସିପିଆଇଏମ ପାର୍ଟି ପକ୍ଷରୁ ଶୁକ୍ରବାର ଲହୁଣୀପଡା ଓ ଖୁଣ୍ଟୁଗାଁ ଆଞ୍ଚଳିକ କମିଟି ତରଫରୁ ବିଭିନ୍ନ ଦାବି ନେଇ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ନରେନ୍ଦ୍ର ମୋଦି ସରକାର କ୍ଷମତାସୀନ ହେବା ଠାରୁ ଆଜି ପର୍ଯ୍ୟନ୍ତ ଦେଶର ସାଧାରଣ ଜନତାଙ୍କ ପାଇଁ ଆସୁଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗକୁ ପର୍ଯ୍ୟାୟ କ୍ରମେ ପ୍ରତ୍ୟାହାର କରି ଚାଲିଛନ୍ତି। ଭାରତ ବର୍ଷରେ ଓ ଆମ ରାଜ୍ୟର ବହୁ ଗରିବ ଲୋକ ବଣ୍ଟନ ବ୍ୟବସ୍ଥା ଉପରେ ନିର୍ଭରଶୀଳ ଅଟନ୍ତି। ବିଶେଷ ଭାବେ ଚାଉଳ, ଗହମ, କିରୋସିନ ଇତ୍ୟାଦି ସାମଗ୍ରୀର ଗଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଲୋକମାନଙ୍କୁ ପ୍ରଦାନ କରାଯାଇଥାଏ। କିନ୍ତୁ କେନ୍ଦ୍ର ଶାସିତ ମୋଦି ସରକାର ଏହି ବଣ୍ଟନ ବ୍ୟବସ୍ଥାକୁ କ୍ରମଶଃ ଦୁର୍ବଳ କରି ଦେବା ପାଇଁ ଚକ୍ରାନ୍ତ ଚଳାଇବା ସହିତ ପର୍ଯ୍ୟାୟ କ୍ରମେ ସାମଗ୍ରୀ ବଣ୍ଟନ ବନ୍ଦ କରି ଦେବାକୁ ଆରମ୍ଭ କରିଛନ୍ତି। ଯଦ୍ୱାରା କି ଓଡ଼ିଶା ଭଳି ରାଜ୍ୟ ପୁନର୍ବାର ଭୋକର ଭୂଗୋଳ ଭଳି ପରିଚୟ ବହନ କରିବାକୁ ବାଧ୍ୟ ହେବ। କାରଣ ଗଣ ବଣ୍ଟନ ମାଧ୍ୟମରେ ମିଳୁଥିବା କିରୋସିନର ଦାମ ଲିଟର ପିଛା ୧୦୦ ଟଙ୍କାକୁ ଛୁଇଁଥିବା ବେଳେ କେତେକ ଜିଲାରେ ଗହମ ଦେବା ବନ୍ଦ କରି ଦେଲେଣି। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ନିକଟରେ ଜମିର ବେଞ୍ଚମାର୍କ ମୂଲ୍ୟ, ହୋଲ୍ଡିଂ ଟିକସ, ଭୂମିକର, ୟୁଜର୍ସ ଫି ବଢାଇଛନ୍ତି। ଫଳରେ ସାଧାରଣ ଲୋକଙ୍କ ଉପରେ ଆର୍ଥିକ ବୋଝ ବହୁ ଗୁଣରେ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ସରକାର ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ସିପିଆଇଏମ ପକ୍ଷରୁ ଦାବି କରି ଲହୁଣୀପଡା ବ୍ଲକ ଆଞ୍ଚଳିକ କମିଟି ତରଫରୁ ଏକ ଦାବିପତ୍ର ଲହୁଣୀପଡା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁକା ଓରାମଙ୍କୁ ପ୍ରଦାନ କରାଯାଇଛି। ଦଳର ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତଙ୍କ ନେତୃତ୍ୱରେ ବାବୁରାମ ମାହାନ୍ତ, ପ୍ରଦୀପ ବେହେରା, ନୃପମଣି କିଷାନ, ନିଳାମ୍ବର ମାହାନ୍ତ, ତୀର୍ଥ ପାତ୍ର, ଡିଲେଶ୍ୱର ବେହେରା, ଝସକେତନ ମାହାନ୍ତ, ପବିତ୍ର ମାହାନ୍ତ, ଦେବ ପ୍ରକାଶ ବେହେରା, ଗଣେଶ କିଷାନ, ଉପେନ୍ଦ୍ର କିଷାନ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

## ଦରଦାମ୍ ବୃଦ୍ଧି ନେଇ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ

ରାଉରକେଲା ଅଫିସ,୧୫।୭




ରାଉରକେଲାରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ କରାଯାଉଛି।

କେନ୍ଦ୍ର ସରକାରଙ୍କ ବିଭିନ୍ନ ଦରଦାମ୍ ବୃଦ୍ଧିକୁ ନେଇ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇଏମ୍) ରାଉରକେଲା ଆଞ୍ଚଳିକ କମିଟି ଓ ରଘୁନାଥପାଲି ଆଞ୍ଚଳିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଉଦିତନଗର ସ୍ଥିତ ପାନପୋଷ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ପାର୍ଟିର ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ସାଧାରଣ ବଣ୍ଟନରେ ମିଳୁଥିବା ଗହମ, ଚାଉଳ, କିରୋସିନ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଚକ୍ରାନ୍ତ ବିରୋଧରେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଜମିରେ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି, ହୋଲଡିଙ୍ଗ୍ ଟିକସ ଓ ୟୁଜର୍ସ ଫି ବୃଦ୍ଧି କରିବାକୁ ଦଳର କର୍ମକର୍ତ୍ତାମାନେ ବିରୋଧ କରିଥିଲେ। ଏନେଇ ପାର୍ଟିର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଗଣବିକ୍ଷୋଭରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ମହାନ୍ତି, ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ରାଜ କିଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ବି.ପି ମହାପାତ୍ର, ଲକ୍ଷ୍ମୀଧର ନାୟକ, ନୃସିଂହ ନାରାୟଣ ପାଣିଗ୍ରାହୀ, ବିଶ୍ୱଜିତ ମାଝୀ, ପ୍ରମୋଦ ପରିଡା, କବି ପ୍ରଧାନ, ଚନ୍ଦ୍ରଭାନୁ ଦାସ, ଯଯାତି କେଶରୀ ସାହୁ, ବସନ୍ତ ପାଢ଼ୀ, ଅନାଦି ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ବିଦ୍ୟୁତ୍ ବଣ୍ଟନ କମ୍ପାନୀଙ୍କ ପିପିଏସି ବୃଦ୍ଧି ପ୍ରତିବାଦରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବାସଭବନ ସମ୍ମୁଖରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ।

# ଉଦ୍ଧବଙ୍କ ନିଷ୍ପତ୍ତିର ପୁନର୍ବିଚାର ହେବ: ଶିନ୍ଦେ

**ଔରଙ୍ଗାବାଦ ଏବଂ ଓସ୍ମାନାବାଦର ନାମ ପରିବର୍ତ୍ତନ ପ୍ରସଙ୍ଗ**

ମୁମ୍ବାଇ,୧୫।୭: ମହାରାଷ୍ଟ୍ରରେ କ୍ଷମତାସୀନ ହେବା ପରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଉଦ୍ଧବ ଠାକରେ ସରକାରଙ୍କ ନିଷ୍ପତ୍ତି ଉପରେ ରୋକୋ ଲଗାଇବା ଆରମ୍ଭ କରିଛନ୍ତି। ଏହି କ୍ରମରେ ଔରଙ୍ଗାବାଦ ଏବଂ ଓସ୍ମାନାବାଦର ନାମ ପରିବର୍ତ୍ତନ ଲାଗି ନେଇ ଥିବା ଉଦ୍ଧବଙ୍କ ନିଷ୍ପତ୍ତି ଉପରେ ରୋକୋ ଲଗାଇଛନ୍ତି ଶିନ୍ଦେ। ସୂଚନାଯୋଗ୍ୟ, ଉଦ୍ଧବ ଠାକରେ ତାଙ୍କ ଶେଷ କ୍ୟାବିନେଟ ବୈଠକରେ ଔରଙ୍ଗାବାଦକୁ ସମ୍ଭାଜିନଗର ଏବଂ ଓସ୍ମାନାବାଦକୁ ଧରାଶିବ ନାମରେ ନାମିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏତଦ ବ୍ୟତୀତ ନଭିମୁମ୍ବାଇ ବିମାନବନ୍ଦରର ନାମ ମଧ୍ୟ ଡିବି ପାଟିଲଙ୍କ ନାମାନୁସାରେ ହେବ ବୋଲି ଘୋଷଣା କରାଯାଇଥିଲା। ଅନ୍ୟପଟେ ଏକନାଥ ଶିନ୍ଦେ କହିଛନ୍ତି, ଉଭୟ ସହରର ନାମ ପରିବର୍ତ୍ତନ କରିବା ନିଷ୍ପତ୍ତି ତରବରିଆ ଭାବେ ନିଆଯାଇଥିଲା। ଏଭଳି ପରିସ୍ଥିତିରେ ସରକାର ଏହାର ପୁନର୍ବାର ବିଚାର କରିବେ ଏବଂ ଏହି ପ୍ରସ୍ତାବକୁ ନେଇ କ୍ୟାବିନେଟ୍‌ରେ ଆଲୋଚନା ହେବ ବୋଲି ଶିନ୍ଦେ କହିଛନ୍ତି।

# ଦ୍ରୌପଦୀଙ୍କୁ ରାଜଭରଙ୍କ ସମର୍ଥନ



ଓମ୍ ପ୍ରକାଶ ରାଜଭର

ଲକ୍ଷ୍ନୌ,୧୫।୭

ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସୁହେଲଦେବ ଭାରତୀୟ ସମାଜ ପାର୍ଟି(ଏସ୍‌ବିଏସ୍‌ପି)ସଭାପତି ଓମ୍ ପ୍ରକାଶ ରାଜଭର ସମର୍ଥନ ଦେବେ। ଶୁକ୍ରବାର ଲକ୍ଷ୍ନୌରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜଭର ଏ ବିଷୟ ଘୋଷଣା କରିଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନରେ ଆମ ଦଳର ୬ ବିଧାୟକ ଦ୍ରୌପଦୀଙ୍କୁ ସମର୍ଥନ କରିବେ। ନିକଟରେ ଦ୍ରୌପଦୀ ଲକ୍ଷ୍ନୌ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆମକୁ ରାତ୍ର ଭୋଜନ ପାଇଁ ଡାକିଥିଲେ। ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁ ଆମର ସମର୍ଥନ ଲୋଡିଥିଲେ। ତେଣୁ ଆମେ ତାଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛୁ। ସୂଚନାଯୋଗ୍ୟ, ସମାଜବାଦୀ ପାର୍ଟି(ଏସପି)ର ସହଯୋଗୀ ଥିବା ରାଜଭର ୟୁପି ବିଧାନସଭା ନିର୍ବାଚନ ଫଳାଫଳ ଆସିବା ପରେ ଏସ୍‌ପି ସଭାପତି ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଥିଲେ। ଏହାକୁ ନେଇ ଉଭୟ ନେତାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ନିକଟରେ ଅନୁଷ୍ଠିତ ବିଧାନ ପରିଷଦ ନିର୍ବାଚନକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ରାଜଭର ତାଙ୍କ ପୁଅ ଅରବିନ୍ଦଙ୍କୁ ବିଧାନ ପରିଷଦକୁ ପଠାଇବାକୁ ଚାହୁଁଥିଲେ, କିନ୍ତୁ ଅଖିଳେଶ ତାଙ୍କ ସ୍ଥାନରେ ଆରଏଲଡି ସଭାପତି ଜୟନ୍ତ ଚୌଧୁରୀଙ୍କୁ ପଠାଇଥିଲେ। ଅପରପକ୍ଷରେ ରାଷ୍ଟ୍ରପତି ନିର୍ବାଚନ ନେଇ ମିଳିତ ବିରୋଧୀ ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଅଖିଳେଶ ରାଜଭରଙ୍କୁ କିଛି ପଚାରି ନ ଥିବାବେଳେ ଜୟନ୍ତ ଚୌଧୁରୀଙ୍କୁ ଡାକି ମଞ୍ଚରେ ବସାଇଥିଲେ। ସେବେଠାରୁ ରାଜଭର ଖୋଲାଖୋଲି ଅଖିଳେଶଙ୍କୁ ଟାର୍ଗେଟ କରିଆସୁଛନ୍ତି।

## ଜେଏମ୍ଏମ୍‌ର ନିଷ୍ପତ୍ତିକୁ ସ୍ୱାଗତ କଲେ ଅର୍ଜୁନ ମୁଣ୍ଡା

ରାଞ୍ଚି,୧୫।୭: ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ଅଧ୍ୟକ୍ଷ ଶିବୁ ସୋରେନ ଗୁରୁବାର ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବାକୁ ତାଙ୍କ ଦଳର ଏମ୍‌ପି ଓ ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଦଳ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ ଏକ ଅଧାଦେଶ ଜାରି କରାଯାଇଛି। ଜେଏମ୍ଏମ୍‌ର ଏହି ନିଷ୍ପତ୍ତିକୁ ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଟୁଇଟ୍ କରି ସ୍ୱାଗତ ଜଣାଇଛନ୍ତି। ଦିଶୋମ ଗୁରୁ ଶିବୁ ସୋରେନ ଓ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସେ ଧନ୍ୟବାଦ ଦେବା ସହ ପ୍ରଶଂସା କରିଛନ୍ତି। ଅପରପକ୍ଷେ ଜେଏମ୍ଏମ୍‌ର ଏହି ଅଧାଦେଶ ଜାରି ପରେ କଂଗ୍ରେସକୁ ଝଟ୍‌କା ଲାଗିଛି। କାରଣ ଝାଡ଼ଖଣ୍ଡରେ କଂଗ୍ରେସ ଓ ଜେଏମ୍ଏମ୍ ମେଣ୍ଟ ସରକାର କ୍ଷମତାରେ ରହିଛି। ଦ୍ରୌପଦୀଙ୍କୁ ଜେଏମ୍ଏମ୍‌ର ସମର୍ଥନ କଂଗ୍ରେସ ମେଣ୍ଟ ଭିତରେ ଫାଟ ସୃଷ୍ଟି କରିପାରେ ବୋଲି ଚର୍ଚ୍ଚା ହେଉଛି।

# ବିଜେଡିରେ ଅନ୍ୟ ଦଳର ଶତାଧିକ କର୍ମୀ



ବିଜେଡିରେ ଯୋଗଦେଇଥିବା ଅନ୍ୟ ଦଳର କର୍ମୀ।

ମାଲକାନଗିରି,୧୫।୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୯୧ ଗ୍ରାମରେ ବିଜେଡିରେ ଶୁକ୍ରବାର ଅନ୍ୟ ଦଳର ଶତାଧିକ କର୍ମୀ ଯୋଗ ଦେଇଛନ୍ତି। ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତିଙ୍କ ଉପସ୍ଥିତରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି କର୍ମୀମାନେ ଦଳରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ସହ ଲୋକଙ୍କ ନିକଟରେ ପହଞ୍ଚି କାର୍ଯ୍ୟ କରିବେ ବୋଲି ଦଳରେ ଯୋଗ ଦେଇଥିବା ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ଜିଲା ପରିଷଦ ଜୋନ ୨ର ସଦସ୍ୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।

## ଭାଜପାରୁ ବରିଷ୍ଠ ନେତା ସୁରେନ ପାଲ, ପ୍ରଶାନ୍ତ ସ୍ୱାଇଁ ନିଲମ୍ବିତ

ପୁରୀ ଅଫିସ, ୧୫।୭

ଭାରତୀୟ ଜନତା ପାର୍ଟି ପୁରୀ ଶାଖା ପକ୍ଷରୁ ଶୁକ୍ରବାର ପୂର୍ବତନ କୋଣାର୍କ ମଣ୍ଡଳ ସଭାପତି ସୁରେନ ପାଲ ଏବଂ ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ସ୍ୱାଇଁଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ତୃଣମୂଳ ସ୍ତରରେ ଦଳକୁ ବିଭାଜନ ପାଇଁ ଉଦ୍ୟମ କରୁଥିବା ଓ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଏହି କର୍ମୀ ଦ୍ୱୟଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦଳରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

# ବାହୁବଳୀ ନେତାଙ୍କ ବିଧାୟକ ପଦ ଗଲା

ପାଟନା,୧୫।୭



ବିଧାୟକ ଅନନ୍ତ କୁମାର ସିଂ

ବିହାର ମୋକାମାର ବାହୁବଳୀ ଆରଜେଡି ବିଧାୟକ ଅନନ୍ତ କୁମାର ସିଂଙ୍କୁ ନିଷିଦ୍ଧ ଆଧୁନିକ ଅସ୍ତ୍ର ଏକେ-୪୭ ରଖିବା ଏବଂ ହ୍ୟାଣ୍ଡ ଗ୍ରେନେଡ ଜବତ ମାମଲାରେ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ଏହି ଦଣ୍ଡାଦେଶ ପରେ ଏବେ ତାଙ୍କ ବିଧାୟକ ପଦ ମଧ୍ୟ ରଦ୍ଦ ହୋଇଛି। ବିଧାନସଭା ସଚିବ ଅନନ୍ତ ସିଂଙ୍କ ବିଧାନସଭା ସଦସ୍ୟତା ପଦକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଜୁନ ୧୪ରେ ପାଟନାର ସ୍ୱତନ୍ତ୍ର ଏମ୍‌ପି-ବିଧାୟକ କୋର୍ଟ ଅନନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ୨୦୨୦, ଅକ୍ଟୋବର ୧୫ରେ ବିଧାୟକ ଅନନ୍ତ ସିଂ ଏବଂ କେୟାର୍ ଟେକର୍ ସୁନୀଲ ରାମଙ୍କ ବିରୋଧରେ ଏମ୍‌ପି-ବିଧାୟକ କୋର୍ଟରେ ଏକ ମାମଲା ଦାୟର କରାଯାଇଥିଲା। ସୂଚନାଯୋଗ୍ୟ, ପାଟନା ପୋଲିସର ଏକ ଟିମ ଅଗଷ୍ଟ ୧୬,୨୦୧୯ରେ ଲଡୱାନ ଗାଁରେ ଥିବା ମୋକାମା ବିଧାୟକ ଅନନ୍ତ କୁମାରଙ୍କ ପୈତୃକ ଘରେ ଚଢାଉ କରିଥିଲା। ଏହି ସମୟରେ ପୋଲିସ ବିଧାୟକଙ୍କ ଘରୁ ନିଷିଦ୍ଧ ଅସ୍ତ୍ର ଏକେ-୪୭ ଏବଂ ଦୁଇଟି ଗ୍ରେନେଡ ଜବତ କରିଥିଲା। ଏହି ମାମଲାରେ ବିଧାୟକଙ୍କୁ ଗିରଫ କରାଯାଇଥିଲା।


## TENDER CANCELLATION NOTICE

**Advt. No. 2955** **Date: 10.07.2022**

No. E-305: Due to some unavoidable circumstances the Tender Call Notice bearing No. 1090 Dt.21.06.2022 for operation and management of E-Rickshaw for CDM & PHO, Sundargarh is hereby cancelled.

**Sd./- Chief District Medical & Public Health Officer, Sundargarh**

OIPR-10100/11/0013/2223

## OFFICE OF THE ANGUL MUNICIPALITY, ANGUL

**e-Procurement Notice**

**Bid Identification No. EO/AGLM-04/2022-23**

**No. C-777** **email ID: angulmunicipality@gmail.com**

**No. 2987** **Date: 13.07.2022**

1. Name of Work : Supplying & Installation of FRP statue of different Freedom Fighter at Gopabandhu Park of Angul Municipality
2. Period of Delivery : 30 Days
3. Date & time of availability of bid document in the portal : Dt.14.07.2022 at 10.00 A.M.
4. Last date/time for receipt of bid in the portal : Dt.25.07.2022 upto 5.00 P.M.
5. Date of Opening Bid : Dt.26.07.2022 at 11.00 A.M.
6. Name and address of the Office Inviting Bid : Executive Officer, Angul Municipality, Angul
7. The bidders have to participate in ONLINE bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- G.S. Mallick**
**Executive Officer, Angul Municipality**

OIPR-13085/11/0012/2223

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

**ସ୍ଥାନ- ବଡ଼ ବଜାର, ଗଞ୍ଜାମ, ଦୂରଭାଷ ନଂ. ୨୫୪୩୫୭, ପିନ୍ ନଂ.- ୭୬୧୦୨୬**

ତା ୧୩୪୨ ୧୩।୭।୨୨

**ଇ-କ୍ରୟ ବିଜ୍ଞପ୍ତି ପତ୍ର ସଂଖ୍ୟା-୧୩୩୨,** **ତା-୧୨.୦୭.୨୦୨୨**

**ଟେଣ୍ଡର ସର୍ଭେ ନଂ.- ୦୧/୨୦୨୨-୨୩ ଏନ୍.ଏ.ସି., ଗଞ୍ଜାମ**

**No.C-770:-** ଗଞ୍ଜାମ ଏନ୍.ଏ.ସି. ଇ-କ୍ରୟ ମାଧ୍ୟମରେ ଏକକ କଭର ପଦ୍ଧତିରେ ଗଞ୍ଜାମ ଏନ୍.ଏ.ସି. ଅନ୍‌ଲାଇନ୍ ବିଡ୍ ଆମନ୍ତ୍ରଣ କରେ ।

୧. କାର୍ଯ୍ୟର ମୋଟ ସଂଖ୍ୟା:- ୧୪ ଗୋଟି ।
୨. କାର୍ଯ୍ୟଗୁଡ଼ିକର ମୂଲ୍ୟ:- ୧ ଲକ୍ଷଠାରୁ ୧୪.୯୯ ଲକ୍ଷ ପର୍ଯ୍ୟନ୍ତ ।
୩. ପୋର୍ଟାଲ୍‌ରେ ବିଡ୍ ଡକ୍ୟୁମେଣ୍ଟ ଉପଲବ୍ଧ ହେବାର ତାରିଖ ଏବଂ ସମୟ:- ୧୧.୦୭.୨୨ ଦିବା ୧୦.୦୦ ଘଟିକା ଠାରୁ ତା୨୧.୦୭.୨୦୨୨ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ ।
୪. ପୋର୍ଟାଲ୍‌ରେ ବିଡ୍ ଗ୍ରହଣ କରିବା ଶେଷ ତାରିଖ: ୨୧.୦୭.୨୨ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ।
୫. ଏହି କାର୍ଯ୍ୟାଳୟରେ ମୂଳ ଦଲିଲ୍ ଦାଖଲ କରିବାର ଶେଷ ତାରିଖ:- ୨୫.୦୭.୨୦୨୨ ଅପରାହ୍ନ ୫.୦୦ ଘଟିକା ।
୬. ଟେଣ୍ଡର ଖୋଲିବାର ଶେଷ ତାରିଖ: ୨୬.୦୭.୨୦୨୨ ଦିବା ୧୧.୦୦ ଘଟିକା ।

ଅଧିକ ଜାଣିବା ନିମନ୍ତେ ବନ୍ଧୀ ୱେବ୍‌ସାଇଟ୍ www.tendersorissa.govt.in ରୁ ଦେଖିପାରିବେ ।

**ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ**

OIPR-13164/11/0004/2223

## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

**No. 9084** **Dated: 13.07.2022**

**Bid Identification No. MC/RMC/56/2022**

No. C-775: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/56/2022 for 02 Nos. different Civil works with value of Rs.13.82 lakh to 35.60 lakh.

1. Bid documents will be available in website **www.tendersorissa.gov.in** from 13.07.2022.
2. Bids must be submitted on "Online" on or before 22.07.2022 by 17.00 hours.
3. Bids shall be opened at 11.00 hours on 25.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0066/2223

## OFFICE OF THE NOTIFIED AREA COUNCIL, TUSURA

**(Under Housing & Urban Development Deptt., Govt. of Odisha)**
**At/P.O.: Tusura, Dist.: Balangir - 767030**
**e-mail: nactusura@gmail.com, website: nactusura.in**

**No. 1310** **Dt.14.07.2022**

### QUOTATION CALL FOR SANITATION OUTSOURCING

No. C-762: Sealed quotations are invited from intending registered firms/ NGOs/Organization and private companies satisfying criteria as per detailed quotation call notice for outsourcing of Sanitation work in 11 wards of Tusura NAC with 64 Nos. of sanitation workers and door to door collection in 11 wards, spreading of bleaching powder, bush cutting, transporting/ segregation of Wet & Dry waste to MCC/MRF site. The quotation should reach the Office of the Executive Officer, Tusura NAC by **1.00 P.M. of 28.07.2022** through Speed Post only. The quotations so received shall be opened on **28.07.2022 at 03.00 P.M.** in presence of the quotationers or their authorized representatives.

Detailed terms and conditions will be available from the Office of the undersigned from **15.07.2022 to 27.07.2022** (except Govt. holidays)

I. Cost of quotations paper Rs.6000/- (Non refundable) Security Deposit - Rs.3,00,000/- (Rupees three lakhs) only NSC/DD/KVP/STDR duly pledged favour of Executive Officer, Tusura NAC.
II. Sale of quotations paper **15.07.2022 to 27.07.2022** (except Govt. Holidays).
III. Receipt of quotations (through Speed Post) - upto **28.07.2022 (upto 1.00 P.M.)**.
IV. Opening of quotations at Council Hall of Tusura NAC, on **Dt.28.07.2022 at 3.00 P.M.**

NAC office will not be responsible for any postal service delay. The authority reserves the right to cancel any or all quotations without assigning any reason thereof and shall bear no liability consequent upon such decision.

OIPR-13167/11/0010/2223 **Sd./- Executive Officer, NAC, Tusura**

## ODISHA PUBLIC SERVICE COMMISSION CUTTACK

## NOTICE

**No.6405/PSC, Dt.14.07.2022**
**(2PE-30-22/23) (DR-V)**

**No.D-97:**It is for information of all concerned that, document verification of 349 (three hundred forty nine) candidates having PPSAN mentioned below for the post of Assistant Professor (Stage-I) "Physics" pursuant to advertisement No.14 of 2021/22 shall be held on 25.07.2022, 26.07.2022, 27.07.2022, 28.07.2022, 29.07.2022, 30.07.2022, 01.08.2022, 02.08.2022, 03.08.2022, 04.08.2022, 05.08.2022 & 06.08.2022 as per the following programme in the office of the Commission at 19, Dr. P. K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of verification | PPSAN |
|---|---|---|
| 25.07.2022 | 10.30AM | 00088479,00086199,00077760,00084601,00085918,00086200,00090478,00091846,00082646,00077952,00088606,00047060,00088703,00092086,00094372,00085903,00091144&00095967 **= 18 Candidates** |
| | 2.30 P.M. | 00076927,00092437,00092396,00077894,00086792,00091487,00079252, 00119015, 00081183,00076662,00077134 & 00091188 **= 12 Candidates** |
| 26.07.2022 | 10.30AM | 00093001,00094132,00092528,00086287,00077133,00083663,00086789, 00088552,00098258,00092696,00088709,00091145,00090772,00087459, 00090836,00092556,00093480 & 00095490 **= 18 Candidates.** |
| | 2.30 P.M. | 00096070,00117736,00067777,00097242,00115928,00078760,00118843, 00039598,00084040,00052719,00077008 & 00078886 **= 12 Candidates.** |
| 27.07.2022 | 10.30AM | 00079000,00079067,00079623,00080378,00083004,00083107,00083706,00084620,00086007,00086019,00086393,00086638,00086691,00086873, 00087036,00087177,00087563 & 00087731 **= 18 Candidates.** |
| | 2.30 P.M. | 00087892,00088827,00088885,00089781,00090766,00090998,00091186, 00091503,00092003,00092041,00092252 & 00092546 **= 12 Candidates.** |
| 28.07.2022 | 10.30AM | 00092613,00093217,00093277,00094227,00094273,00094436,00094742,00095383,00113673,00113922,00115436,00093763,00090558,00091586, 00088646,00092247,00088324 & 00084191 **= 18 Candidates.** |
| | 2.30 P.M. | 00082386,00086248,00087351,00089434,00089685,00090737,00097214, 00096008,00091791,00087869,00090006 & 00076835 **= 12 Candidates.** |
| 29.07.2022 | 10.30AM | 00081842,00086945,00090499,00091416,00092192,00033543,00088886,00090512,00093747,00093946,00047712,00078634,00078924,00079439,00079581,00080096,00081252 & 00083795 **= 18 Candidates.** |
| | 2.30P.M. | 00086405,00087816,00088126,00088767,00088769,00088873,00089217, 00089219,00090238,00090694,00090898 & 00091129 **= 12 Candidates.** |
| 30.07.2022 | 10.30AM | 00091171,00091419,00091445,00092289,00092346,00092998,00093067,00093167,00093416,00093496,00094230,00095535,00098308,00099334,00109100,00112867,00113959 & 00114287 **= 18 Candidates.** |
| | 2.30 P.M. | 00119325,00090740,00088290,00098520,00095236,00076861,00090739,00091568,00053803,00089907,00091343 & 00057109 **= 12 Candidates.** |
| 01.08.2022 | 10.30AM | 00092907,00080250,00081068,00095756,00117379,00082665,00090503,00095158,00096597,00113701,00080530,00091829,00097342,00088253, 00077998,00092946,00087868 & 00086359 **= 18 Candidates.** |
| | 2.30P.M. | 00089269,00090406,00077169,00081047,00089150,00089874,00118795, 00090272,00081273,00079081,00098064 & 00085147 **= 12 Candidates.** |
| 02.08.2022 | 10.30AM | 00077193,00081088,00118124,00116157,00117651,00112375,00101765,00119103,00111130,00089876,00076514,00078672,00087197,00099404, 00089961,00087161,00077411 & 00087472 **= 18 Candidates.** |
| | 2.30P.M. | 00090553,00119156,00114641,00044183,00087190,00087458,00087734, 00115629,00091304,00116074,00117488 & 00095646 **= 12 Candidates.** |
| 03.08.2022 | 10.30AM | 00119414,00094892,00076711,00116673,00088683,00092206,00088500,00093385,00118609,00093406,00096204,00115551,00116748,00096444, 00091521,00091712,00092035,00092326 & 00096532 **= 19 Candidates.** |
| | 2.30 P.M. | 00097850,00100991,00115221,00090708,00076894,00096005,00093712,00113710,00081345,00096259,00096643 & 00113859 **= 12 Candidates** |
| 04.08.2022 | 10.30AM | 00081057,00119226,00087511,00091858,00089465,00092283,00096399,00093417,00091448,00092336,00099383,00117802,00090890,00091721, 00097822,00114748,00116408 & 00092357 **= 18 Candidates.** |
| | 2.30P.M. | 00093633,00094600,00095350,00098827,00102268,00115392,00094284, 00091726,00097132,00077443,00089684 & 00100242 **= 12 Candidates.** |
| 05.08.2022 | 10.30AM | 00102016,00116704,00117451,00117662,00119230,00066047,00084220,00088413,00118332,00079569,00118345,00087886,00118420,00090887,00070539,00096158,00077779&00093817 **=18 Candidates.** |
| | 2.30P.M. | 00117732,00090707,00090315,00090847,00058694,00117043,00056209, 00050307,00092986,00095978,00110929 & 00083537 **= 12 Candidates.** |
| 06.08.2022 | 10.30 AM | 00027485,00032208,00079751,00087324,00091026,00093220,00094959, 00092368,00098926 & 00082639 **= 10 Candidates.** |
| | 2.30 P.M. | 00118693,00092176,00094005,00044831,00056511,00085076,00094829 & 00018176 **= 08 Candidates.** |

The candidates are required to submit the following documents at the time of verification: -

1. Hard copy of online application form. While submitting the hard copy of online application form you are requested to mask the mobile No/alternatively mobile No and Email ID through blackening.
2. Three passport size photographs.
3. Duly filled in & attested "Attestation Form" and duly filled in "Bio-data Form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M. Phil certificate & marksheet.
8. NET/JRF/SET/SLET qualified certificate.
9. Ph. D Degree certificate.
10. Conversion certificate from the concerned University indicating the actual equivalent percentage of marks.
11. Odia Test pass certificate.
12. Caste certificate wherever applicable.
13. Identity card issued by the Director of Sports, Odisha in case of Sports Person.
14. Permanent Disability Certificate (indicating permanent disability of 40% or more).
15. One set Xerox copy of Published Research Papers.
16. Teaching/ Post-Doctoral experience certificate.
17. Awards.
18. No objection certificate from the competent authority in case of Govt. Servants.
19. Any proof of identity.

**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**

**OIPR-12002/11/0107/2223**

## ଏନ୍‌ଆର୍‌ଇ ସୁଧହାର ଘୋଷଣା

**ଭୁବନେଶ୍ୱର:** ବିଦେଶ ମୁଦ୍ରା ପ୍ରବାହକୁ କୋହଳ କରିବା ଲାଗି ରିଜର୍ଭ ବ୍ୟାଙ୍କ ଗାଇଡ୍‌ଲାଇନ୍ ଜାରି କରିଥିବା ପରିପ୍ରେକ୍ଷୀରେ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନନ୍ ରେସିଡେଣ୍ଟ ଏକ୍ସଟରନାଲ୍ (ଏନ୍‌ଆର୍‌ଇ) ବା ପ୍ରବାସୀ ବାହ୍ୟ ଜମା ଉପରେ ସ୍ୱତନ୍ତ୍ର ସୁଧ ହାର ଘୋଷଣା କରାଯାଇଛି। ବ୍ୟାଙ୍କ ପକ୍ଷରୁ ଏ ନେଇ ମଧ ନିକଟରେ ବିଧିବଦ୍ଧ ବିଜ୍ଞପ୍ତି ସମ୍ପର୍କରେ ଘୋଷଣା ହୋଇଛି। ବିଶେଷକରି ପ୍ରବାସୀ ଗ୍ରାହକମାନେ ସେମାନଙ୍କ ୧ବର୍ଷରୁ ୩ବର୍ଷିଆ ଅବଧିର ଏନ୍‌ଆର୍‌ଇ ଜମା ଉପରେ ଅତିରିକ୍ତ ୫୦% ସୁଧ ପାଇପାରିବେ। ଜମା ଉପରେ ସଂଶୋଧିତ ସୁଧ ୨୦୨୨ ଜୁଲାଇ ୧୪ରୁ ଲାଗୁ କରାଯାଇଛି।

## ସଂକ୍ଷେପରେ

### ଷ୍ଟାର୍ ହେଲ୍‌ଥ ଓ ସିଏସ୍‌ସି ମଧ୍ୟରେ ରାଜିନାମା

**ନୂଆଦିଲ୍ଲୀ,୧୫।୭:** ଦେଶର ପ୍ରମୁଖ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଷ୍ଟାର୍ ହେଲ୍‌ଥ ଆଣ୍ଡ୍ ଆଲାଏଡ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ସହ କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଜନସେବା କେନ୍ଦ୍ର (ସିଏସ୍‌ସି) ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷର ହୋଇଯାଇଛି, ଯେଉଁଥିରେ ୫ ଲକ୍ଷରୁ ଅଧିକ ସିଏସ୍‌ସିରେ ସାରା ଦେଶର ଦ୍ୱିତୀୟ, ତୃତୀୟ ଶ୍ରେଣୀ ସହର ଓ ଗ୍ରାମୀଣ ବଜାରରେ ଥିବା ଗ୍ରାମୀଣ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଷ୍ଟାର୍ ହେଲ୍‌ଥ ଇନ୍‌ସ୍ୟୁରାନ୍ସର ନିର୍ଦ୍ଦିଷ୍ଟ ପ୍ରକାର ଉତ୍ପାଦ ଉପଲବ୍ଧ ହେବ। ଗୋଟିଏ ଡେଲିଭରି ପ୍ଲାଟ୍‌ଫର୍ମରେ ବଡ଼ ପରିମାଣର ଇ-ସେବା, ସ୍ଥାନୀୟ ଭାବେ ସୁହାଉଥିବା ହେଲ୍‌ପ-ଡେସ୍କ ସହାୟତା ଓ ପରିଚାଳନା ପାଇଁ ସର୍ବାଧିକ କମିସନ୍ ଆବଣ୍ଟନ ମଡେଲ୍ ଦ୍ୱାରା ଭିଏଲ୍‌ଇମାନଙ୍କ ନିରନ୍ତତା ଭଳି ସିଏସ୍‌ସିଗୁଡ଼ିକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବେ।

### ୫ଜି ନେଟ୍‌ୱର୍କର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ,୧୫।୭:** ଭାରତର ପ୍ରଥମ ୫ଜି ପ୍ରାଇଭେଟ୍ ନେଟ୍‌ୱର୍କର ସଫଳ ପରୀକ୍ଷଣ ଭାରତୀୟ ଏୟାରଟେଲ ପକ୍ଷରୁ ବେଙ୍ଗାଲୁରୁସ୍ଥିତ ବୋଶ୍ ଅଟୋମୋଟିଭ୍ ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଫ୍ୟାସିଲିଟିଠାରେ କରାଯାଇଛି। ଏପରିକି ଏୟାରଟେଲ୍‌ର ଅନ୍-ପ୍ରେମିଶ୍ ୫ଜି କ୍ୟାପ୍ଟିଭ୍ ପ୍ରାଇଭେଟ୍ ନେଟ୍‌ୱର୍କକୁ ଦୂରସଞ୍ଚାର ବିଭାଗ (ଡିଓଟି) ପକ୍ଷରୁ ଆବଣ୍ଟନ କରାଯାଇଥିବା ଟ୍ରାଏଲ୍ ୫ଜି ସ୍ପେକ୍ଟ୍ରମ ଉପରେ ନିର୍ମାଣ କରାଯାଇଛି। ଏୟାରଟେଲ୍ ଗୁଣବତ୍ତାରେ ଉନ୍ନତି ଓ ପରିଚାଳନାଗତ ଦକ୍ଷତା ପାଇଁ ଟ୍ରାଏଲ୍ ସ୍ପେକ୍ଟ୍ରମର ବ୍ୟବହାର କରି ବୋଶ୍‌ର ଅତ୍ୟାଧୁନିକ ମାନୁଫ୍ୟାକ୍ଚରିଂ ଫ୍ୟାସିଲିଟିଠାରେ ଦୁଇଟି ଇଣ୍ଡଷ୍ଟ୍ରି ଗ୍ରେଡ୍ ୟୁଜ୍ କେସ୍‌କୁ କାର୍ଯ୍ୟକାରୀ କରିଛି। ଉଭୟ ମାମଲାରେ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଓ ଅତ୍ୟଧିକ ନିର୍ଭରଶୀଳ ଲୋ ଲାଟେନ୍ସି ଯୋଗାଯୋଗ ଭଳି ୫ଜି ଟେକ୍ନୋଲୋଜି ଅଟୋମେଟେଡ୍ କାର୍ଯ୍ୟକୁ ପରିଚାଳନା କରିଥିଲା।

## ଯାଜପୁର ରୋଡ୍‌ରେ ହିଟାଚିର ନୂଆ ବ୍ରାଣ୍ଡ ଶପ୍

କଳିଙ୍ଗନଗର,୧୫।୭ (ଡି.ଏନ.ଏ.)



ଏୟାର କଣ୍ଡିଶନର (ଏସି) କ୍ଷେତ୍ରରେ ଏକ ପରିଚିତ ବ୍ରାଣ୍ଡ ହେଉଛି ହିଟାଚି (ଜନସନ କଣ୍ଟ୍ରୋଲ୍ସ- ହିଟାଚି ଏୟାର କଣ୍ଡିଶନିଂ)। ଥଣ୍ଡା ଓ କମ୍ ବିଦ୍ୟୁତ୍ ଖର୍ଚ୍ଚ କ୍ଷେତ୍ରରେ ଗ୍ରାହକ ସନ୍ତୁଷ୍ଟି ହାସଲ କରିଆସିଥିବା ହିଟାଚି ଏସିଗୁଡ଼ିକ ଅନେକ ଫିଚର ଏବଂ ଟେକ୍ନୋଲୋଜିରେ ଭରପୂର। କମ୍ପାନୀ ଦ୍ୱାରା ଶୁକ୍ରବାର ଯାଜପୁର ରୋଡ୍‌ର ଧବଳଗିରିଠାରେ ଏକ ନୂଆ ବ୍ରାଣ୍ଡ ଶପ୍‌ର ଶୁଭାରମ୍ଭ ହୋଇଛି। ପ୍ରମୁଖ ଶୀତତାପ ନିୟନ୍ତ୍ରିତ ବ୍ୟବସାୟିକ ପ୍ରତିନିଧି ଡିୟୁ ପଏଣ୍ଟର ସହଭାଗିତାରେ ପୂର୍ବ ଭାରତର ଗ୍ରାହକମାନଙ୍କୁ ଉନ୍ନତ ଏବଂ ଦ୍ରୁତ ସେବା ଯୋଗାଇଦେବା ନିମନ୍ତେ ଯାଜପୁର ରୋଡ୍‌ଠାରେ ରିଟେଲ ଆଉଟଲେଟ୍‌ର ଶୁଭାରମ୍ଭ ହିଟାଚି କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ହିମାଂଶୁ ପାତ୍ରଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଜଳବାୟୁ ଉପଯୋଗୀ, ପରିବର୍ତ୍ତିତ ପାଣିପାଗ ଏବଂ ଜୀବନଶୈଳୀକୁ ନେଇ ହିଟାଚି ବର୍ତ୍ତମାନ ବିଭିନ୍ନ ପ୍ରକାରର ଏସି ପ୍ରସ୍ତୁତ କରି ବଜାର ପ୍ରବେଶ କରାଇଛି। ଏତଦ୍‌ବ୍ୟତୀତ ସମଗ୍ର ଓଡ଼ିଶାରେ ନିଜ ବ୍ରାଣ୍ଡର ଉତ୍ପାଦ ଉପଲବ୍ଧ କରାଇବା ନିମନ୍ତେ ଆଗାମୀ ଦିନରେ ରାଜ୍ୟରେ ଆଉ ୫ଟି ବ୍ରାଣ୍ଡ ଷ୍ଟୋର ଖୋଲିବା ଯୋଜନା ରହିଛି। ବର୍ତ୍ତମାନ ଯାଜପୁର ଜିଲାର ୨୩% ଏସି ବଜାର ହିଟାଚି ନିୟନ୍ତ୍ରଣ କରୁଥିବା ପାତ୍ର ସୂଚନା ଦେଇଛନ୍ତି। ହିଟାଚି ବର୍ତ୍ତମାନ ଦେଶର ଭରସାଯୋଗ୍ୟ ବ୍ରାଣ୍ଡ ଭାବେ ଅଗ୍ରଗତି କରୁଥିବାବେଳେ ଏହାର ଏକ ସହଯୋଗୀ ଭାବେ ଆମେ ଗର୍ବିତ ବୋଲି ଅଧିକ୍ରେତା ଡିୟୁ ପଏଣ୍ଟର ସ୍ୱତ୍ୱାଧିକାରୀ ଏମ.ଡି. ହୁସେନ କହିଛନ୍ତି। ଏହାସହିତ କମ୍ପାନୀ ବାଣିଜ୍ୟିକ ଏବଂ ଘରୋଇ କ୍ଷେତ୍ରରେ ନିଜର ପ୍ରତିଆରା ବଜାୟ ରଖିବା ନିମନ୍ତେ ୩ଟି ଉନ୍ନତମାନର ପ୍ରଡକ୍ଟ ଯଥା 'ସେଟ୍ ଫ୍ରି ସିଗ୍‌ମା', 'ସାଇଡ୍ ସିଗ୍‌ମା' ଏବଂ 'ସେଟ୍ ଫ୍ରି ମିନି'ର ବଜାର ପ୍ରବେଶ କରାଇଛି। ଆଗାମୀ ୨-୩ ବର୍ଷ ମଧ୍ୟରେ ଓଡ଼ିଶା ଏସି ବ୍ୟବସାୟିକ ବଜାରରେ ହିଟାଚି ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି ପାତ୍ର ଆଶାବାଦୀ ଅଛନ୍ତି।

## ୧୮ରୁ ଲାଗୁହେବ ନୂଆ ଜିଏସ୍‌ଟି ଦର

ନୂଆଦିଲ୍ଲୀ,୧୫।୭

ବର୍ତ୍ତମାନ ଦର ବୃଦ୍ଧି ଓ ଟଙ୍କାର ମୂଲ୍ୟ ହ୍ରାସ ଦେଶବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ଆସନ୍ତା ସପ୍ତାହ (ଜୁଲାଇ ୧୮)ରୁ ସାରା ଦେଶରେ ନୂଆ ଜିଏସ୍‌ଟି ଦର ଲାଗୁହେବ ବୋଲି ସୂଚନା ମିଳିଛି। ଏପରିକି ଗତ ମାସରେ ଚଣ୍ଡିଗଡ଼ଠାରେ ଅନୁଷ୍ଠିତ ୪୭ତମ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବୈଠକରେ ଜିଏସ୍‌ଟି ହାର ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଅପରପକ୍ଷରେ ଜିଏସ୍‌ଟିର ବିଭିନ୍ନ ସ୍ଲାବ୍ ବୃଦ୍ଧିହେବା ପରେ ଦର ବୃଦ୍ଧି ନେଇ ମଧ ଆଶଙ୍କା କରାଯାଇଥିଲା। ସେହିଭଳି ଜୁଲାଇ ୧୮ରୁ ଅନେକ ପ୍ରକାର ଘରୋଇ ସାମଗ୍ରୀ, ହୋଟେଲ ଏବଂ ବ୍ୟାଙ୍କ ସେବା ସମେତ ବିଭିନ୍ନ ଉତ୍ପାଦ ଏବଂ ସେବା ପାଇଁ ବର୍ଦ୍ଧିତ ହାର ମଧ ମହଙ୍ଗା ହେବ ବୋଲି କୁହାଯାଇଛି। ଜିଏସ୍‌ଟି ପରିଷଦରେ ଅଳ୍ପ କିଛି ଉତ୍ପାଦ ପାଇଁ ଟିକସ ଛାଡ ଏବଂ ଅନ୍ୟମାନଙ୍କ ପାଇଁ ହାର ପରିବର୍ତ୍ତନ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଥିବାବେଳେ ଅନ୍ୟମାନଙ୍କ ପାଇଁ ଛାଡ଼ ହଟାଯାଇଥିଲା।

## ଆଲିଶାନ୍‌ର ସୁପର ଆନୁଆଲ ସେଲ୍

ଭୁବନେଶ୍ୱର,୧୫।୭

ଆକର୍ଷଣୀୟ ଅଫର ସାଙ୍ଗକୁ ୫୦% ପର୍ଯ୍ୟନ୍ତ ରିହାତି

Alishan

ରାଜ୍ୟର ପ୍ରମୁଖ ପୁରୁଷ ପରିଧାନ ଶୋ'ରୁମ୍ ଆଲିଶାନ ପକ୍ଷରୁ ଆରମ୍ଭ ହୋଇଥିବା ସୁପର ଆନୁଆଲ ସେଲ୍‌ରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି। ୫,୦୦୦ ବର୍ଗଫୁଟ ବିଶିଷ୍ଟ ଏହି ଶୋ'ରୁମ୍‌ରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ବ୍ରାଣ୍ଡର ପୁରୁଷ ପରିଧାନ ଉପଲବ୍ଧ। ଏହି ଶୋ'ରୁମ୍‌ରେ ସମସ୍ତ ବର୍ଗର ଏବଂ ସମସ୍ତ ଉତ୍ସବ ନିମନ୍ତେ ବିଭିନ୍ନ ଡିଜାଇନର ପରିପାଟୀର ସମ୍ଭାର ରହିଛି। କାଜୁଆଲ ପୋଷାକଠାରୁ ଆରମ୍ଭକରି ପାରମ୍ପରିକ ପରିଧାନ, ଡିଜାଇନର ପୋଷାକ, କୁର୍ତ୍ତା ପାଇଜାମା, ଜିନ୍ସ-ଟି ଶାର୍ଟ, ସୁଟିଂ ଶାର୍ଟିଂ, ରେଡିମେଡ୍ ଗାର୍ମେଣ୍ଟ, ଜ୍ୟାକେଟ, ୱେଷ୍ଟକୋଟ ଶୀତବସ୍ତ୍ର ଏବଂ ବିବାହ ଭଳି ବିଶେଷ ମୁହୂର୍ତ୍ତ ନିମନ୍ତେ ଶେରୱାନି ସହିତ ମ୍ୟାଚ୍ କରୁଥିବା ଟ୍ରେଣ୍ଡି ଆକ୍ସେସୋରିଜ୍ ମଧ ଉପଲବ୍ଧ। ଏହା ଅନ୍ତର୍ଗତ ଆଲିଶାନ ବିଭିନ୍ନ ଲୋକପ୍ରିୟ ବ୍ରାଣ୍ଡ ଯେପରିକି ଆଲେନ୍‌ସୋଲି, ଲୁଇଫିଲିପ୍, ଭାନ୍‌ହୁସେନ୍, କଲରପ୍ଲସ୍, ଲିଭାଇସ, ପାର୍କ ଆଭେନ୍ୟୁ, ରେମଣ୍ଡ, ବ୍ଲାକ୍‌ବେରି, ୟୁଏସ୍ ପୋଲୋ, ଟର୍ଟଲ, ପିଟର ଇଂଲଣ୍ଡ ଭଳି ବ୍ରାଣ୍ଡର ଫର୍ମାଲ, କାଜୁଆଲ୍ ଓ ପାର୍ଟି ପରିଧାନ ଏବଂ ବିଭିନ୍ନ ପାରମ୍ପରିକ ଉତ୍ସବ ପରିଧାନ ଉପରେ ପ୍ରାୟ ୫୦% ପର୍ଯ୍ୟନ୍ତ ରିହାତି ଦେବା ସହ ଗୋଟିଏ କିଣିଲେ ଆଉ ଏକ ମାଗଣା ଅଫର ଦିଆଯାଉଛି। ଏତଦ୍‌ବ୍ୟତୀତ କେତେକ ବଛା ବଛା ବ୍ରାଣ୍ଡ ଉପରେ 'ଗୋଟିଏ କିଣିଲେ ଦୁଇଟି ମାଗଣା' ସହ କେତେକ ବ୍ରାଣ୍ଡ ଉପରେ ୫୦% ରିହାତି ମଧ ପ୍ରଦାନ କରାଯାଉଛି। ଆଲିଶାନର ପ୍ରୋପ୍ରାଇଟର ଯୁଗଳ ଅଗ୍ରୱାଲ ଏହି ସୁପର ଆନୁଆଲ ସେଲ୍ ସମ୍ପର୍କରେ ଖୁସି ବ୍ୟକ୍ତ କରିବା ସହ ଉକ୍ତ ଆକର୍ଷଣୀୟ ଅଫର ଗ୍ରାହକମାନଙ୍କ ମନରେ ବେଶ୍ ଉଲ୍ଲାସ ଆଣିଦେବା ସହ ସମସ୍ତ ବର୍ଗର ପୁରୁଷ ଏଠାରେ ଉପଲବ୍ଧ ଅତ୍ୟାଧୁନିକ ପରିପାଟୀ ପରିଧାନ କରି ଷ୍ଟାଇଲିଶ୍ ଦେଖାଯିବେ ବୋଲି ବିଶ୍ୱାସ ରଖିଛନ୍ତି।

## ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରିବ ଟିପିଏସ୍‌ଡିଆଇ

ଭୁବନେଶ୍ୱର,୧୫।୭

TATA POWER

ଶକ୍ତି କ୍ଷେତ୍ରର ଏକ ଷ୍ଟେଟ୍ ଅଫ୍ ଦି ଆର୍ଟ ଦକ୍ଷତା ଉନ୍ନତୀକରଣ ପ୍ରତିଷ୍ଠାନ ଟାଟା ପାୱାର ସ୍କିଲ୍ ଡେଭେଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ (ଟିପିଏସ୍‌ଡିଆଇ) ର ତାଲିମ ଅଭିଯାନକୁ ସବୁଜ ଶକ୍ତି ନିଯୁକ୍ତି ପାଇଁ ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଦାନ କରିବା ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଛି। ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ପରିପ୍ରେକ୍ଷୀରେ ଟିପିଏସ୍‌ଡିଆଇ ପକ୍ଷରୁ ଦକ୍ଷତା ବିକାଶ ପାଠ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସବୁଜ ଶକ୍ତି ନିଯୁକ୍ତି ଉପରେ ପ୍ରାୟ ୩,୦୦୦ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେବା ଓ ୨୦୨୫ ସୁଦ୍ଧା ତାହାକୁ ପ୍ରାୟ ୫,୦୦୦ ପର୍ଯ୍ୟନ୍ତ ବଢ଼ାଇବା ଲାଗି ଯୋଜନା ରହିଛି। ଟିପିଏସ୍‌ଡିଆଇ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଉଭୟ ପାରମ୍ପରିକ ଓ ଅକ୍ଷୟ ଶକ୍ତି ପ୍ରଯୁକ୍ତିରେ ଏହାର ସମସ୍ତ ପାଠ୍ୟକ୍ରମରେ ୧.୪ ଲକ୍ଷ ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଗତ ଆର୍ଥିକ ବର୍ଷରେ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ୪୫୦୦୦ରୁ ଅଧିକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ଯେଉଁଥିରୁ ପ୍ରାୟ ୨,୫୦୦ ସବୁଜ ନିଯୁକ୍ତି ସମ୍ପର୍କିତ ଦକ୍ଷତାରେ ସାର୍ଟିଫାଏ ହୋଇଥିଲେ।

ଟିପିଏସ୍‌ଡିଆଇର ନୂଆ ପାଠ୍ୟକ୍ରମ ପ୍ରଶିକ୍ଷାର୍ଥୀମାନଙ୍କୁ ଆବଶ୍ୟକ ଦକ୍ଷତା ବିକାଶ ଶିକ୍ଷା ପ୍ରଦାନ କରିବ। ଏହାଦ୍ୱାରା ସବୁଜ ନିଯୁକ୍ତିରେ ଆଶା କରାଯାଉଥିବା ବୃଦ୍ଧିର ସେମାନେ ଲାଭ ପାଇପାରିବେ।

## ସ୍ମାର୍କ ମିଣ୍ଡାର ନୂତନ ପ୍ରଡକ୍ଟ ଉନ୍ମୋଚନ

ଭୁବନେଶ୍ୱର,୧୫।୭

ସ୍ମାର୍କ ମିଣ୍ଡା ଗ୍ରୁପ୍ ପକ୍ଷରୁ ଭାରତୀୟ ରିଟେଲ ବଜାରରେ ୧୪୫ଟି ଭାରିଆଣ୍ଟ ସହ ୧୭ ହେଲ୍‌ମେଟ୍ ମଡେଲର ଉନ୍ମୋଚନ କରାଯାଇଛି। ଆସନ୍ତା କିଛି ବର୍ଷ ମଧ୍ୟରେ କମ୍ପାନୀ ୨୦୦ରୁ ଅଧିକ ବିତରକ ଯୋଡ଼ିବା ସହ ସ୍ୱତନ୍ତ୍ର ସ୍ମାର୍କ ମିଣ୍ଡା ଆଉଟ୍‌ଲେଟ୍ ଖୋଲିବାକୁ ଯୋଜନା ରଖିଛି। କମ୍ପାନି ପକ୍ଷରୁ ନାଇଟ୍ ସିରିଜ୍,ଗାରିସନ୍ ସିରିଜ୍ ଓ ଆରମୋର୍‌ଡ଼ ସିରିଜ୍ ଭଳି ୩ ପ୍ରକାର ଗ୍ରାହକ ବର୍ଗ ପାଇଁ ହେଲ୍‌ମେଟ୍ ଉନ୍ମୋଚନ କରାଯାଇଛି। ସ୍ମାର୍କ ମିଣ୍ଡା ପକ୍ଷରୁ ୨ଚକିଆ ଯାନ ପାଇଁ ୧୫୦୦ ଫାଇବର ପାର୍ଟସ୍ ମଧ ଉନ୍ମୋଚନ କରାଯାଇଛି। ଆସନ୍ତା ୨ବର୍ଷରେ ଏହି ସଂଖ୍ୟା ୨୪୦୦ରୁ ଅଧିକ ହେବ ବୋଲି ମିଣ୍ଡା କର୍ପୋରେଶନର ଅଧକ୍ଷ ଓ ଗ୍ରୁପ୍ ସିଇଓ ଅଶୋକ ମିଣ୍ଡା କହିଛନ୍ତି।

## ଗ୍ରାମୀଣ ଯୁବକଙ୍କୁ ସଶକ୍ତ କରାଉଛି ବେଦାନ୍ତ

ଭୁବନେଶ୍ୱର,୧୫।୭



ଦେଶର ପ୍ରମୁଖ ଘରୋଇ ସଂସ୍ଥା ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଯୁବଦକ୍ଷତା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଭାରତର ଗ୍ରାମାଞ୍ଚଳ ଯୁବକମାନଙ୍କର ଦକ୍ଷତା ବିକାଶ ଓ ସେମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ପାଇଁ ପ୍ରତିବଦ୍ଧ। ଏପରିକି କମ୍ପାନୀ ବିଭିନ୍ନ ଦକ୍ଷତାବିକାଶ କାର୍ଯ୍ୟକ୍ରମ ଜରିଆରେ ଏ ପର୍ଯ୍ୟନ୍ତ ୧୨,୦୦୦ ଯୁବତୀଯୁବକଙ୍କୁ ସୌର ଶକ୍ତି ଟେକ୍ନୋଲୋଜି, ହାଉସକିପିଂ, ଇଣ୍ଡଷ୍ଟ୍ରିଆଲ ସିଲେଇ ମେଶିନ ପରିଚାଳନା, ଖାଦ୍ୟ ଓ ପାନୀୟ, ସିଲାଇ, ଇଲେକ୍‌ଟ୍ରୋନିକ୍ସ, ଫିଟିଂ ଓ ୱେଲ୍‌ଡିଂ,ଉନ୍ନତ କୃଷି ଉପରେ ତାଲିମ ପ୍ରଦାନ କରିଆସୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ସ୍ଥାନୀୟ ଅଞ୍ଚଳରେ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହ ଜ୍ଞାନକୌଶଳକୁ ପ୍ରସାରିତ କରିବା ଲକ୍ଷ୍ୟ ରଖିଛୁ। ଏହାଦ୍ୱାରା ଯୁବକମାନେ ଭବିଷ୍ୟତ ପାଇଁ ନିଜକୁ ଯୋଗ୍ୟ ରୂପେ ଗଢ଼ିପାରିବେ। ଫଳରେ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହ ତୃଣମୂଳ ସ୍ତରରେ ସାମାଜିକ ଅର୍ଥନୀତିର ବିକାଶ ଆଣିବା ପାଇଁ କମ୍ପାନୀ ପକ୍ଷରୁ ସବୁ ପ୍ରକାର ପ୍ରୟାସ କରାଯାଉଛି।

## ଫୁର୍‌ସତ୍

# ଏଯାଏ ପିନ୍ଧିନି ମୋଦିଙ୍କ ମୁଦି

ମୁମ୍ବାଇ

ବଲିଉଡ୍‌ର ୱାଣ୍ଡର ଓମ୍ୟାନ୍ ସୁସ୍ମିତା ସେନ୍ ଓ ୫୬ ବର୍ଷୀୟ ଲଳିତ ମୋଦିଙ୍କ ପ୍ରେମ ସମ୍ପର୍କକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପୂର୍ବତନ ଅଧକ୍ଷ ଲଳିତ ମୋଦି ସୁସ୍ମିତାଙ୍କୁ ଡେଟ୍ କରୁଥିବାର ଖବର ପ୍ରକାଶ ପାଇବା ପରେ ସୋସିଆଲ ମିଡିଆରେ ସୁସ୍ମିତା ଦୁଇ ଝିଅଙ୍କ ସହ ଏକ ଫଟୋ ପୋଷ୍ଟ କରିଛନ୍ତି। କିଛିଦିନ ହେବ ଦୁହେଁ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଥିବାବେଳେ ଆଗାମୀ ଦିନରେ ସେମାନେ ବିବାହ ପାଇଁ ଯୋଜନା ରଖିଥିବା ଲଳିତ କହିଛନ୍ତି। ଲଳିତଙ୍କ ସୋସିଆଲ ମିଡିଆ ପୋଷ୍ଟର ଗୋଟିଏ ଦିନ ପରେ ସୁସ୍ମିତା ଟୁଇଟରରେ ଏକ ପୋଷ୍ଟ ଶେୟାର କରିଛନ୍ତି। କ୍ୟାପସନ୍‌ରେ ସେ ଲେଖିଛନ୍ତି ଯେ, ମୁଁ ଖୁସିରେ ଅଛି। 'ବାହା ହୋଇନାହିଁ କି ମୁଦି ନାହିଁ। ନିସ୍ୱାର୍ଥ ପ୍ରେମରେ ଆବଦ୍ଧ। ଏହା ଯଥେଷ୍ଟ ସ୍ପଷ୍ଟୀକରଣ।' ତେବେ ସୁସ୍ମିତା ଯେଉଁ ଫଟୋ ପୋଷ୍ଟ କରିଛନ୍ତି ସେଥିରେ ଲଳିତ ନ ଥିବା ପ୍ରକାଶି ଖବର ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଟୁଇଟରରେ ଲଳିତ ଏକାଧିକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସୁସ୍ମିତା ଲଳିତଙ୍କର ଅତି ନିକଟରେ ବସିଛନ୍ତି। ଫଟୋରେ ସୁସ୍ମିତା ଏକ ମୁଦି ପିନ୍ଧିଥିବାର ଦେଖାଯାଇଥିବାବେଳେ ମୁଦିଟି ଲଳିତ ଗିଫ୍ଟ କରିଥିବା ଏବଂ ଦୁହିଁଙ୍କର ନିର୍ବନ୍ଧ ସରିଯାଇଥିବା ଗୁଜବ ସୃଷ୍ଟି ହୋଇଛି।

### ତାଙ୍କ ଲାଇଫ୍, ତାଙ୍କ ଡିସିଶନ: ଲଳିତଙ୍କ ପୁଅ

ଲଳିତ ସୁସ୍ମିତାଙ୍କୁ ଡେଟ୍ କରିଥିବା ଖବର ଉପରେ ନିଜ ପ୍ରତିକ୍ରିୟା ରଖିଛନ୍ତି ଲଳିତଙ୍କ ପୁଅ ରୁଚିର। ୨୮ ବର୍ଷୀୟ ରୁଚିର ମୋଦି କହିଛନ୍ତି ଯେ, ଦୁହିଁଙ୍କ ସମ୍ପର୍କକୁ ନେଇ ପରିବାର ଆଗରୁ ଅବଗତ ଥିଲେ। କିନ୍ତୁ ଏହା ଉପରେ ପରିବାରର ଅନ୍ୟ ସଦସ୍ୟଙ୍କ ସହ କୌଣସି ଆଲୋଚନା କରାଯାଇ ନାହିଁ। ତାଙ୍କ ଜୀବନର ନିଷ୍ପତ୍ତି ସେ ନେବାର ଅଧିକାର ଅଛି। ଆମ ଫ୍ୟାମିଲି ପଲିସି ଅନୁସାରେ କୌଣସି ବ୍ୟକ୍ତି କାହାରି ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରନ୍ତି ନାହିଁ।


ରୁଚିର ମୋଦି

**ସୁସ୍ମିତା ସେନ:** ଫ୍ୟାଶନ୍ ଆଇକନ୍ କୁହାଯାଉଥିବା ସୁସ୍ମିତା ସେନ୍‌ଙ୍କୁ ଅନେକେ ନିଜ ଆଇଡଲ୍ ଭାବେ ଗ୍ରହଣ କରନ୍ତି। ନିଜର ଷ୍ଟାଇଲ୍ ପାଇଁ ଏହି ନାୟିକା ବେଶ୍ ପରିଚିତ। ତେବେ ଜଣେ ସିଙ୍ଗଲ ମଦର ଭାବେ ସୁସ୍ମିତା ନିଜ କର୍ତ୍ତବ୍ୟକୁ ସୁଚାରୁରୁପେ ତୁଲାଉଥିବା ନେଇ ମଧ ତାଙ୍କୁ ବେଶ୍ ପ୍ରଶଂସା କରାଯାଏ। ଫିଲ୍ମ କ୍ୟାରିୟରରେ ସୁସ୍ମିତା ସେତେ ସଫଳ ନୁହନ୍ତି। ୧୯୯୬ରେ ଫିଲ୍ମ 'ଦସ୍ତକ' ଜରିଆରେ ସେ ବଲିଉଡ୍‌ରେ ପ୍ରବେଶ କରିଥିଲେ। ବିବି ନମ୍ବର ୱାନ,ସିର୍ଫ ତୁମ୍, ମେ ହୁଁ ନା ପରି ଏକାଧିକ ଚଳଚ୍ଚିତ୍ରରେ ସେ କାମ କରିଛନ୍ତି। ୱେବ୍ ସିରିଜ୍ ଆରିୟା ଜରିଆରେ ସୁସ୍ମିତା ଓଟିଟି ପ୍ଲାଟଫର୍ମକୁ ଏଣ୍ଟ୍ରି କରିଥିବାବେଳେ ଆର୍ୟାରେ ଅଭିନେତ୍ରୀ ଜଣଙ୍କୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ତେବେ ଏହାର ତୃତୀୟ ସଂସ୍କରଣ ପାଇଁ ଏବେ ସେ ପ୍ରସ୍ତୁତ ହେଉଥିବା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି।

ତେବେ ଦୁହିଁଙ୍କ ସମ୍ପର୍କ ବାବଦରେ ସୁସ୍ମିତାଙ୍କ ବାପା ସୁବୀର ସେନ ଓ ଭାଇ ରାଜୀବ କିଛି ଜାଣି ନ ଥିବା କହିଛନ୍ତି। ଅନ୍ୟପଟେ ସୁସ୍ମିତାଙ୍କ ଏକ୍ସ ବୟଫ୍ରେଣ୍ଡ ରୋହମନ ଶାୱଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସୁସ୍ମିତା ଯଦି ଲଳିତଙ୍କୁ ନିଜ ଜୀବନସାଥୀ ଭାବେ ବାଛିଛନ୍ତି ତେବେ ନିହାତିଭାବେ ସେ ଭାବିଚିନ୍ତି ଏହି ନିଷ୍ପତ୍ତି ନେଇଥିବେ। ଲଳିତଙ୍କ ପରିବାର ସହ ସୁସ୍ମିତାଙ୍କ ସମ୍ପର୍କ ଖୁବ୍ ପୁରୁଣା। ତେବେ ସୁସ୍ମିତା ଓ ଲଳିତଙ୍କ ସମ୍ପର୍କ ଖୁବ୍ ପୁରୁଣା। ଏକାଧିକ ପାର୍ଟି, ଫଙ୍କଶନ୍‌ରେ ସୁସ୍ମିତା ଲଳିତ ଓ ସ୍ତ୍ରୀ ମିନଲ ଏକାଠି ନଜରକୁ ଆସିଥିବାବେଳେ ତିନିଜଣ ମିଶି ଆଇପିଏଲ୍ ମ୍ୟାଚ୍ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ପ୍ରେମ ସମ୍ପର୍କକୁ ନେଇ ସୁସ୍ମିତାଙ୍କ ନାମ ଅନେକ ସେଲିବ୍ରିଟି ଏବଂ ନାମୀ ବ୍ୟବସାୟୀଙ୍କ ନାମ ସହ ଯୋଡ଼ା ଯାଇଛି। ସେମାନେ ହେଲେ ଫିଲ୍ମ ନିର୍ଦ୍ଦେଶକ ବିକ୍ରମ ଭଟ୍ଟ, ପାକିସ୍ତାନୀ କ୍ରିକେଟର ୱାସିମ ଆକ୍ରମ, ରଣଦୀପ ହୁଡ୍ଡା, ଟ୍ୟାଲେଣ୍ଟ କମ୍ପାନୀ ମାଲି ବଣ୍ଟି ସଚଦେବ, ଚେନ୍ ହୋଟେଲ ମାଲିକ ସଞ୍ଜୟ ନାରଙ୍ଗ ଓ ମଡେଲ ରୋହମନ ଶାୱଲ। ରୋହମନ ସୁସ୍ମିତାଙ୍କଠାରୁ ୧୫ ବର୍ଷ ସାନ ହୋଇଥିବାବେଳେ ଗତବର୍ଷ ଡିସେମ୍ବରରେ ଦୁହିଁଙ୍କ ବ୍ରେକ୍‌ଅପ୍ ହୋଇଛି।



**ଲଳିତ ମୋଦି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍‌ର ପୂର୍ବତନ ଅଧକ୍ଷ ଲଳିତ ମୋଦି ୧୯୯୧ରେ ମିନଲଙ୍କୁ ବାହା ହୋଇଥିଲେ। ଦୁହେଁ ପ୍ରେମ ବିବାହ କରିଥିବାବେଳେ ମିନଲ ଲଳିତଙ୍କଠାରୁ ବୟସରେ ୧୦ ବର୍ଷ ବଡ଼ ଥିଲେ। ବିବାହ ପୂର୍ବରୁ ମିନଲଙ୍କର ଜଣେ କନ୍ୟା ସନ୍ତାନ ଥିଲେ। ପୁଅ ରୁଚିର ଓ ଝିଅ ଆଲିଆ ହେଉଛନ୍ତି ଲଳିତଙ୍କ ଦୁଇ ସନ୍ତାନ। କର୍କଟ ରୋଗରେ ପୀଡ଼ିତ ମିନଲଙ୍କର ୨୦୧୮ରେ ପ୍ରାଣହାନି ଘଟିଥିଲା। ଲଳିତଙ୍କ ବିରୋଧରେ ଟିକସ ଠକେଇ ଓ ମନି ଲଣ୍ଡରିଂ ଅଭିଯୋଗ ପରେ ଏନେଇ ତଦନ୍ତ ଆରମ୍ଭ ହୋଇଥିଲା। ୨୦୧୦ରେ ଭାରତ ଛାଡ଼ି ପୁଅ ରୁଚିରଙ୍କ ସହ ଲଣ୍ଡନରେ ଲଳିତ ରହୁଛନ୍ତି।





## ସାପ ଜୈବ ଶୃଙ୍ଖଳ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ



### ବିଶ୍ୱ ସର୍ପ ଦିବସ

ପ୍ରତିବର୍ଷ ଜୁଲାଇ ୧୬ରେ ବିଶ୍ୱ ସର୍ପ ଦିବସ ପାଳିତ ହୋଇଥାଏ। ବିଭିନ୍ନ ପ୍ରଜାତିର ସାପ ବିଷୟରେ ସଚେତନତା ବୃଦ୍ଧି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ସାପ ପ୍ରତି କେତେକଙ୍କ ମନରେ ଭୟ ରହିଛି। ତେବେ ସାପ ପୃଥିବୀର ଜୈବ ଶୃଙ୍ଖଳ (ଇକୋସିଷ୍ଟମ) ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱ ସାପ ଦିବସ ଲୋକମାନଙ୍କୁ ଏହି ସରୀସୃପଙ୍କ ବିଷୟରେ ଅଧିକ ଜାଣିବାରେ ସୁଯୋଗ ପ୍ରଦାନ କରିଥାଏ। ବିଶ୍ୱ ସାପ ଦିବସରେ ଏହି ଶୀତଳ ରକ୍ତଧାରୀ ସରୀସୃପମାନେ କିପରି ଜୀବନଯାପନ କରନ୍ତି ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥାଏ। ଉତ୍ତର କାନାଡ଼ାର ସେମି ଫ୍ରିଜ ତୁନ୍ଦ୍ରାଠାରୁ ଆରମ୍ଭ କରି ଆମାଜନର ସବୁଜ ଜଙ୍ଗଲ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ପ୍ରାୟ ୩,୪୫୮ ପ୍ରଜାତିର ସାପ ଦୃଷ୍ଟିଗୋଚର ହୋଇଥାନ୍ତି। ପୃଥିବୀର ମହାସାଗରରେ ମଧ ସାପ ଦେଖାଯାଇଥାନ୍ତି। ସାପ ଦକ୍ଷ ଶିକାରୀ ଏବଂ ଏହା ପ୍ରକୃତିର ସନ୍ତୁଳନ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସରୀସୃପ ଡାଇନୋସରଙ୍କ ବଂଶରୁ ଆସିଛନ୍ତି। ସମଗ୍ର ବିଶ୍ୱରେ ଦେଖାଯାଉଥିବା ବିଭିନ୍ନ ପ୍ରଜାତିର ସାପ ମଧ୍ୟରୁ କେବଳ ୬୦୦ଟି ବିଷାକ୍ତ ପ୍ରଜାତିର ଅଛନ୍ତି।

## ରିୟଲିଟି ଶୋ'ରେ ଆମିର



**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଲାଲ ସିଂ ଚଡ୍ଢା'ର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଫିଲ୍ମର ପ୍ରମୋଶନ ପାଇଁ ଆମିର ପ୍ରଥମ ଥର କୌଣସି ରିୟଲିଟି ଶୋ'ରେ ସାମିଲ ହେବାକୁ ଯାଉଛନ୍ତି। ବହୁ ଚର୍ଚ୍ଚିତ ଶୋ' 'କୌନ ବନେଗା କରୋଡପତି' ମଞ୍ଚରେ ଆମିର ଅମିତାଭ ବଚ୍ଚନଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି। ଏହାର ୧୪ତମ ସଂସ୍କରଣ ଅଗଷ୍ଟ ୭ରେ ବ୍ରଡ୍‌କାଷ୍ଟ ହେବ। ତେବେ ପ୍ରଥମ ଏପିସୋଡ଼ର ସ୍ପେଶାଲ ଶୋ'ରେ ଦେଶର ରିୟଲ ହିରୋମାନଙ୍କୁ ସାମିଲ କରାଯିବ। ଏଥିରେ ଆଥଲେଟଙ୍କଠାରୁ ଆରମ୍ଭ କରି ପୋଲିସ ଓ ସେନା ଅଧିକାରୀମାନେ ଯୋଗ ଦେବେ। ତେବେ ଏମାନଙ୍କ ଗ୍ରୁପ୍‌କୁ ଆମିର ଲିଡ୍ କରିବେ ବୋଲି ଖବର ପ୍ରକାଶ ପାଇଛି। ନିକଟରେ ଡ୍ୟାନ୍ସ ରିୟଲିଟି ସୋ 'ଡ୍ୟାନ୍ସ ଦିୱାନା ଜୁନିଅୟର୍ସ' ମଞ୍ଚରେ ଆମିର ନଜରକୁ ଆସିଥିଲେ।

# ମଶାଣି

**ଅନୁବାଦ ଗଳ୍ପ**

ମୂଳ ହିନ୍ଦୀ: ମନ୍ନୁ ଭଣ୍ଡାରୀ
ଅନୁବାଦ: କୃଷ୍ଣା ମିଶ୍ର

ସମୟ ରାତି ଦଶଟା। ମଶାଣିର ଗୋଟିଏ ପାଖରେ ଡମ ନିଶ୍ଚିନ୍ତରେ ଖଟ ଉପରେ ଗଡ଼ିଯାଇ କବୀରଙ୍କ ଦୋହା ଗାଇବା ଆରମ୍ଭ କଲା, 'ଯେହି ଘଟ ପ୍ରେମ ନ ସଞ୍ଚରେ ସୋଇ ଘଟ ଜାନ ମଶାନ।'

ମଶାଣିର ହୃଦୟ କୋହରେ ଭରିଗଲା। ଦୀର୍ଘନିଃଶ୍ୱାସ ନେଇ ପାର୍ଶ୍ୱରେ ଦଣ୍ଡାୟିତ ଶୃଙ୍ଗୀକୁ କହିଲା ସେ, ମୁଁ ମନୁଷ୍ୟକୁ ଯେତେ ଭଲପାଏ ସେ ମୋତେ ସେତିକି ଘୃଣା କରେ। ସବୁ ମନୁଷ୍ୟ ଚାହାନ୍ତି ଯେ, ମୋ' ମୁଖ ଦେଖିବାକୁ ନ ପଡୁ। କିନ୍ତୁ ମୁଁ ଏତେ ଖରାପ ନୁହେଁ। ଏଇ ଦୁନିଆରେ ଯେବେ ମଣିଷକୁ ଦିନେ ସ୍ଥାନ ମିଳେ ନାହିଁ, ମୁଁ ମୋ' କୋଳରେ ସ୍ଥାନ ଦିଏ। ସିଏ ଗରିବ ହେଉ କି ଧନୀ, ବୃଦ୍ଧ ହେଉ ଅବା ବାଳକ, ମୁଁ ସଭିଙ୍କୁ ସମାନ ଦୃଷ୍ଟିରେ ଦେଖେ। କିନ୍ତୁ ମୋ' ପାଖରେ ପ୍ରେମ ନାହିଁ, ଯାହା ମନୁଷ୍ୟର ସବୁଠାରୁ ବଡ଼ ସମ୍ପତ୍ତି। ମୋ' ହୃଦୟରେ ଭଲ ପାଇବାର ପ୍ରଦୀପଟି ଜଳେନା। ତେଣୁ ମୁଁ ମନୁଷ୍ୟ ହୃଦୟରେ ମୋ' ପାଇଁ ଛୋଟ ସ୍ଥାନଟିଏ ପ୍ରାପ୍ତ କରିପାରେନା। କେଜାଣି କାହିଁକି ଭଗବାନ ମୋ' ସହିତ ଏପରି ଅନ୍ୟାୟ କଲେ?

ସହର ଆଉ ମଶାଣି ମଝିରେ ଠିଆ ଶୃଙ୍ଗୀ ଟିକିଏ ହସିଲା। ତା'ର ଏଇ ବ୍ୟଙ୍ଗାତ୍ମକ ହସ ମଶାଣିର ହୃଦୟ ଭେଦକଲା। ପଚାରିଲା– ତୁମର ଇଚ୍ଛା ହୁଏନି କି, ତୁମ ପାଖରେ ମନୁଷ୍ୟ ପରି ପ୍ରେମପୂର୍ଣ୍ଣ ହୃଦୟ ଥା'ନ୍ତା, ଯେଉଁଥିରେ ନିଜ ପ୍ରିୟଜନଙ୍କ ପାଇଁ ଜୀବନ ଦେବାର ଇଚ୍ଛାରେ ମନ ଚହଲି ଯାଆନ୍ତା! ଅନେକ ସମୟରେ ପବନ ବହିଯାଇ ଲୈଲା–ମଜନୁ, ଶୀରୀ–ଫରହାଦଙ୍କ ପ୍ରେମ କାହାଣୀ ମୋତେ ଶୁଣେଇଯାଏ ଆଉ ମୋ' ମନ ଛଟପଟ ହୋଇଉଠେ। ଯଦି ମୁଁ ମଜନୁ ହୁଅନ୍ତି, ଲୈଲାର ବିୟୋଗରେ ନିଜ ଜୀବନ ତ୍ୟାଗ କରନ୍ତି। ପ୍ରିୟାର ପ୍ରତୀକ୍ଷାରେ ପଥ ଚାହିଁ ବସି ରହନ୍ତି। ଶ୍ରାବଣର ବର୍ଷା ମୋ' ଅନ୍ତରରେ ଆବେଗ ସୃଷ୍ଟି କରନ୍ତା। ଆଉ ବସନ୍ତର ସୌମ୍ୟ ସନ୍ଧ୍ୟାରେ ମନ ମୋ' ଛଟପଟ ହୋଇଥା'ନ୍ତା। ପ୍ରିୟାର ଜୀବନରେ ମୋ' ଜୀବନ, ମୃତ୍ୟୁରେ ମୋ' ମୃତ୍ୟୁ ହୁଅନ୍ତା। କିନ୍ତୁ ମୋ' ଦୁର୍ଭାଗ୍ୟ। ଭଗବାନ ମୋତେ ମଶାଣି କଲେ, ଯାହା ହୃଦୟରେ ପ୍ରେମ ନାହିଁ, ସରସତା ନାହିଁ, କେବଳ ଧୁ ଧୁ ଉଠୁଥିବା ନିଆଁ।

ଥରେ ମଶାଣି ଆଉ ଥରେ ସହରକୁ ଦୃଷ୍ଟି ନିକ୍ଷେପ କରି ଶୃଙ୍ଗୀ କହିଲା– ବହୁତ ଇଚ୍ଛା ହେଉଛି ତୋ'ର ମନୁଷ୍ୟ ଜନ୍ମ ନେବାକୁ? ଶ୍ମଶାନ ଉତ୍ତର ଦେଲା, ଇଚ୍ଛା! ମନୁଷ୍ୟ ପରି ପ୍ରେମମୟ ଜୀବନ ପାଇବାକୁ, ମୁଁ ଏଇଭଳି ଶହେ ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ।

ଶୃଙ୍ଗୀ ସ୍ମିତହାସ୍ୟ କଲା।

ଏହି ସମୟରେ କୌଣସି ମନୁଷ୍ୟର କରୁଣ ରୋଦନ, ମଶାଣିର ଶୁଷ୍କ ହୃଦୟକୁ ବିଦାରିତ କଲା। ଛୋଟ ଭିଡ଼ଟିଏ ଏକ ଶବକୁ ନେଇ ଆସୁଥିଲା। ସେମାନଙ୍କ ମଧ୍ୟରୁ ଏକ ସୁନ୍ଦର ଯୁବକ ବାହୁନି କାନ୍ଦୁଥାଏ। ଶବଟି ଯୁବକର ପତ୍ନୀ। ସମସ୍ତ କ୍ରିୟା ଶେଷରେ ଲୋକେ ଅନେକ ବୁଝେଇ ଯୁବକଟିକୁ ନେଇଗଲେ।

ମଶାଣି ଭାବିଲା, କେତେ ଭଲ ପାଉଥିବ ସେ ତା' ପତ୍ନୀକୁ! ମୁଁ ଯଦି କାହାକୁ ଏମିତି ଭଲପାଆନ୍ତି! ତା' ପରଦିନ ଗୋଧୂଳି ସନ୍ଧ୍ୟାରେ ମଶାଣି ଦେଖିଲା– ସେଇ ଯୁବକଟି ଆସିଲା। ଗୋଟିଏ ରାତିରେ ଯେମିତି ସେ ବୁଢ଼ା ପାଲଟିଯାଇଛି। ତା' ଚେହେରାରୁ ଦିବ୍ୟ ସ୍ୱରୂପ ଯେମିତି ଉଭେଇ ଯାଇଛି। ସେ ପାଗଳ ପରି ପଡ଼ିଉଠି ପହଞ୍ଚିଲା, ପତ୍ନୀର ଅସ୍ଥି ସାଉଁଟିଲା। ଚକ୍ଷୁରୁ ତା' ନିରନ୍ତର ଅଶ୍ରୁ ବହି ଯାଉଥାଏ। ସେ ମୁଣ୍ଡ ବାଡ଼େଇ କାନ୍ଦିବାକୁ ଲାଗିଲା– ତୁମେ ମୋତେ ଛାଡ଼ି କୁଆଡ଼େ ଚାଲିଗଲ ସୁକେଶୀ? ତୁମେ କେତେ ଥର ରାଣ ନିୟମ କରି କହିଥିଲ, ଜୀବନସାରା ମୋ' ସାଥେ ସାଥେ ରହିବ। ମାତ୍ର ଦୁଇଟି ବର୍ଷ ନ ପୂରୁଣୁ ମୋତେ ଏକା କରି ଚାଲିଗଲ! ମୁଁ କେମିତି ବଞ୍ଚିବି ପ୍ରିୟେ! ତୁମେ ମୋତେ ନିଜ ପାଖକୁ ଡାକିନିଅ, ନ ହେଲେ ମୁଁ ନିଜେ ତୁମ ପାଖକୁ ଯିବାର ଉପାୟ କରିବି। ତୁମ ବିନା ମୋ' ଜୀବନ ଅସମ୍ଭବ। ଏହିପରି ବିଳାପ କରୁଥାଏ ଯୁବକ। ମଶାଣି ଭାବୁଥାଏ, ମୁଁ ମଧ୍ୟ କାହାକୁ ଜୀବନ ଦେଇ ଭଲପାଆନ୍ତି!

ପାର୍ଶ୍ୱରେ ଥାଇ ଶୃଙ୍ଗୀ ସ୍ମିତହାସ୍ୟ ଦେଉଥାଏ। ଯୁବକଟି ତ ଚାଲିଗଲା, କିନ୍ତୁ ତା' ଆଖିର ଲୁହ, ମଶାଣି ହୃଦୟକୁ ଜ୍ୱଳନ୍ତ ଅଂଗାର ପରି ଦଗ୍ଧିଭୂତ କଲା। ସେ ଶୃଙ୍ଗୀକୁ କହିଲା– ପ୍ରତ୍ୟହ ଅନେକ ବ୍ୟକ୍ତି ଶବ ଧରି ଆସନ୍ତି। କିନ୍ତୁ ଏଇ ଯୁବକଟିର ଦୁଃଖ ମୁଁ କେବେ ଭୁଲିପାରିବିନି। ସେ ଆଉ ବଞ୍ଚିବନି। ନିଶ୍ଚୟ ସେ ନିଜ ଜୀବନର ଆହୁତି ଦେଇଥିବ, ଆଉ ମୁଁ ମଧ୍ୟ ଚାହେଁ, ସେ ମୋ' କୋଳକୁ ଆସିଲେ ମୁଁ ଜନ୍ମ ଜନ୍ମ ପାଇଁ ଦୁହିଁଙ୍କ ମିଳନ କରାଇ ଦେବି।

ଦିନସାରା ସେ ଯୁବକର ଶବର ପ୍ରତୀକ୍ଷା କରିଥାଏ, କିନ୍ତୁ ଶବ ଆସିଲା ନାହିଁ। ଏହିଭଳି ଅନେକ ଦିନ ବିତିଗଲା। ମଶାଣି ଶୃଙ୍ଗୀକୁ ପଚାରିଲା, ତୁମକୁ ତ ସହରର କୋଣ ଅନୁକୋଣ ଦିଶୁଥିବ।



ସେ ଯୁବକଟି ସମ୍ବନ୍ଧରେ କହିପାରିବ କି?

ଶୃଙ୍ଗୀ ମୃଦୁ ହସି କହିଲା–ନା।

ମଶାଣି କହିଲା–ମୋ' ଅନ୍ତର କହୁଛି, ସେ ଯୁବକଟି ନିଶ୍ଚୟ ଆତ୍ମହତ୍ୟା କରିଥିବ। ଏମିତି କୌଣସି ଉପାୟରେ ନିଜକୁ ଶେଷ କରିଥିବ ଯେ, ତା' ଶବ କାହାକୁ ପ୍ରାପ୍ତ ହୋଇନାହିଁ।

ଶୃଙ୍ଗୀ ପଚାରିଲା– ତୁମକୁ ବିଶ୍ୱାସ ହେଉଛି କି ସେ ମୃତ୍ୟୁ ପ୍ରାପ୍ତ କରିଛି?

ମଶାଣି ଚିଡ଼ିଗଲା, ତୁମେ ତ ସମ୍ପୂର୍ଣ୍ଣ ପଥର ବୁଝିବ କିପରି? ଯାହା ହୃଦୟ ପ୍ରେମବାଣ ବିଦ୍ଧ, ସେ ବଞ୍ଚିବ କିପରି?

ଶୃଙ୍ଗୀ କେବଳ ହସିଲା। ଦିନ ପରେ ରାତି ବିତିଲା। ମଶାଣି କୋଳରେ ମନୁଷ୍ୟ ତା' ପ୍ରିୟଜନଙ୍କ ପାଇଁ ଲୁହ ବୁହାଇବା ଦେଖି ତା' ମନରେ ମନୁଷ୍ୟ ପ୍ରତି ଅଧିକ ଶ୍ରଦ୍ଧା ଜାତ ହେଲା। ଏହିଭଳି ତିନି ବର୍ଷ ଅତିକ୍ରମ ହେଲା। ଏତେ ଲମ୍ବା ସମୟରେ ମଧ୍ୟ ସେଇ ସୁନ୍ଦର ଯୁବକର ବ୍ୟଥା ଶ୍ମଶାନ ମନରୁ ପୋଛି ହୋଇଯାଇ ନାହିଁ। ସେଇ କରୁଣ ରୋଦନ, ଆଜି ବି ତା' କର୍ଣ୍ଣରେ ପ୍ରତିଧ୍ୱନିତ ହୁଏ।

ହଠାତ୍ କୌଣସି ଏକ ପରିଚିତ ସ୍ୱରର କରୁଣ କ୍ରନ୍ଦନରେ ମଶାଣିର ହୃଦୟ ଦୋହଲି ଉଠିଲା। ସେଇ ସୁନ୍ଦର ଯୁବକ, ଏକ ଛୋଟ ଭିଡ଼ ସହିତ ଗୋଟିଏ ଶବ ନେଇ ଆସୁଥାଏ। ତେବେ ଯୁବକଟି ଜୀବିତ! ଏ ଅଭାଗାଟିକୁ ପୁଣି କି ଦୁଃଖ ଦେଲେ ଭଗବାନ କେଜାଣି! ମଶାଣି ଭାବିଲା।

କିଛି ସମୟ ମଧ୍ୟରେ ଜଣାଗଲା ଯେ, ଶବଟି ତା'ର ପତ୍ନୀ। ଉପସ୍ଥିତ ଲୋକେ କହି ଚାଲିଥିଲେ, ବିଚରା ଭାଗ୍ୟରେ ପତ୍ନୀ ସୁଖ ନାହିଁ। ତେଣୁ ପାଞ୍ଚ ବର୍ଷ ମଧ୍ୟରେ ଦୁଇଟି ପତ୍ନୀ ତାକୁ ଏକାକରି ଚାଲିଗଲେ। ବର୍ତ୍ତମାନ ତା' ବୟସ ବା କେତେ?

ଏଥର ମଧ୍ୟ ଯୁବକର କ୍ରନ୍ଦନ ଅତ୍ୟନ୍ତ କରୁଣ ଥିଲା। ଗରମ ଅଙ୍ଗାର ପରି ତା' ଆଖିର ଲୁହ ହୃଦୟକୁ ଦଗ୍ଧ କରୁଥିଲା। ପ୍ରଥମ ଦିନର ରୂପ ଆଉ ଆଜିର ରୂପରେ ବିଶେଷ କିଛି ତଫାତ୍ ନ ଥିଲା।

ବର୍ଷବର୍ଷ ଧରି ମଶାଣି ମନରେ ମନୁଷ୍ୟର ଅଲୌକିକ ପ୍ରେମ ସମ୍ବନ୍ଧୀୟ ଧାରଣାକୁ ପ୍ରଥମ ଥର ଧକ୍କା ଲାଗିଲା। ସନ୍ଧ୍ୟା ସମୟରେ ଯୁବକଟି ପୁଣି ଆସିଲା। ପତ୍ନୀ ଶବର ଅଙ୍ଗାର ଉପରେ ଲୋଟି ବିଳାପ କରିବାକୁ ଲାଗିଲା– ମୁଁ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି କି ତୁମେ ମୋତେ ଏମିତି ମଝିନଈରେ ଛାଡ଼ି ଚାଲିଯିବ। ତୁମର ସେ ମଧୁର ହସ ଗୋଟିଏ ଦିନରେ ମୋ' ମନରୁ ସୁକେଶୀର ବିୟୋଗଜନିତ ଦୁଃଖ ପୋଛି ଦେଇଥିଲା। ମୁଁ ମନପ୍ରାଣରେ ତୁମର ହୋଇଗଲି। ଏବେ ଏଇ ପ୍ରାଣହୀନ ଶରୀରକୁ ନେଇ କେମିତି ବଞ୍ଚିବି? ମୋତେ ତୁମ ପାଖକୁ ଡାକିନିଅ। ମୁଁ ଆଉ ଏ ଦୁନିଆରେ ବଞ୍ଚି ରହି ପାରିବିନି। ସୁକେଶୀ ତ ମୋର ଅନୁଗାମିନୀ ଥିଲା। ସେଥିପାଇଁ ବୋଧହୁଏ, ତା' ବିୟୋଗ ମୋତେ ଏତେ କଷ୍ଟ ଦେଇ ନ ଥିଲା। କିନ୍ତୁ ତୁମେ ତ ମୋର ସହଗାମିନୀ ଥିଲ। ଆମ୍ଭେ ଦୁଇଟି ଶରୀର, ଗୋଟିଏ ପ୍ରାଣ ଥିଲୁ। ଯେବେ ପ୍ରାଣ ହିଁ ନାହିଁ ଶରୀର ରହି କ'ଣ କରିବ?

ଏଇଭଳି କିଛିଦିନ ପର୍ଯ୍ୟନ୍ତ ସେଇ ଯୁବକଟି ମଶାଣିକୁ ଆସୁଥିଲା, ପ୍ରଳାପ କରୁଥିଲା ଆଉ ଚାଲିଯାଉଥିଲା। ତା'ର କରୁଣ ରୋଦନରେ ଏଭଳି ସତ୍ୟତା ଓ ଶକ୍ତିଥିଲା ଯେ, ମଶାଣି ମନରେ ଯେଉଁ ଟିକିଏ ସନ୍ଦେହ ଜାତ ହୋଇଥିଲା ତାହା ଦୂରିଭୂତ ହେଲା। ଏହା ପରେ ମଶାଣି ଯୁବକଟିର ପ୍ରତୀକ୍ଷାରେ ରହିଲା। ତା'ର ବିଶ୍ୱାସ ଏଇଥର ଯୁବକ ନିଶ୍ଚିତ ଭାବରେ ଜୀବନ ହାରିବ। ମଶାଣି ମନରେ ଆଶା ଦୃଢ଼ୀଭୂତ। କେବେ ସେ ଦିନ ଆସିବ, ସେ ଦୁହିଁଙ୍କୁ ନିଜ କୋଳରେ ଧରି ମିଳନ କରାଇବ।

ପ୍ରତିଦିନ ଅନେକ ଶବ ଆସେ, ଜଳେ, ପ୍ରିୟଜନମାନେ କାନ୍ଦନ୍ତି ଆଉ ଚାଲିଯାଆନ୍ତି। ମଶାଣି ଏସବୁ ଦେଖି ମନୁଷ୍ୟର ଅଲୌକିକ ପ୍ରେମର ଗୁଣ ଗାନକରେ ଆଉ ଶୃଙ୍ଗୀ, କଟାକ୍ଷରେ ମୃଦୁ ହସେ।

ଦୁଇ ବର୍ଷ ହୋଇ ନ ଥାଏ। ହଠାତ୍ ମଶାଣି କାନରେ ସେଇ ପରିଚିତ ସ୍ୱର ଶୁଣାଗଲା। ସେ ଆଶ୍ଚର୍ଯ୍ୟାନ୍ୱିତ ହେଲା, ଯେତେବେଳେ ସେ ଯୁବକଟିକୁ ତା'ର ତୃତୀୟ ପତ୍ନୀର ଶବ ସହ ଦେଖିଲା। ଆଜି ମଧ୍ୟ ତା' କରୁଣ କ୍ରନ୍ଦନ ହୃଦୟ ବିଦାରକ ଥିଲା। ଆଖିର ଲୁହ ଗରମ ଅଙ୍ଗାର ଦଗ୍ଧ କଲାପରି ଥିଲା। ଯୁବକଟିର ପ୍ରଥମ ରୂପ ଓ ଆଜିର ରୂପରେ କୌଣସି ଭିନ୍ନତା ନ ଥିଲା। ତା'ର ବିଳାପ ମଧ୍ୟ ପୂର୍ବବତ୍ ଥିଲା। କେବଳ ଗୋଟିଏ କଥା ଭିନ୍ନ ଯେ, ଆଜି ତା'ର ତୃତୀୟ ପତ୍ନୀ ସବୁଠାରୁ ଗୁଣବତୀ ଲାଗୁଥିଲା। ଯୁବକର ମତରେ ପ୍ରଥମ ଦୁଇଟି ପତ୍ନୀଙ୍କୁ ଭଲ ପାଇବା ତା'ର ବାଲ୍ୟପଣ ଥିଲା, ଚଞ୍ଚଳତା ଥିଲା। ପ୍ରଥମଟି ତା'ର ଅନୁଗାମିନୀ, ଦ୍ୱିତୀୟଟି ସହଗାମିନୀ ଓ ତୃତୀୟଟି ଅଗ୍ରଗାମିନୀ ଥିଲା। ସେ ପଥପ୍ରଦର୍ଶିକା ଥିଲା। ତା' ବିନା ସେ ପାଦେ ଆଗେଇ ପାରିବନି। ତେଣୁ ମୃତ୍ୟୁ ହିଁ ପ୍ରାପ୍ୟ। ସେଇ ପୁରୁଣା ବିଳାପ, ସତେକି କଣ୍ଠସ୍ଥ ପାଠ। ହୃଦୟରେ କୌଣସି ଭାବନା ନାହିଁ।

ମନୁଷ୍ୟର ପ୍ରେମଭାବନାକୁ ମଶାଣି ତା' ଯେଉଁ ହୃଦୟରେ ସାଇତିଥିଲା, ସେଇ ହୃଦୟ ଏ ଦୃଶ୍ୟ ଦେଖିଲା ପରେ ପଥର ପାଲଟିଲା। ତା' ଦୃଷ୍ଟି ପ୍ରଶ୍ନବାଚୀ ହୋଇଉଠିଲା। ମଶାଣିର ଏଭଳି ଅବସ୍ଥା ଦେଖି ଶୃଙ୍ଗୀ କହିଲା– ସତରେ ତୁମେ ମୂର୍ଖ! ଏତିକି ବୁଝିପାରୁନ ଯେ, ମନୁଷ୍ୟ ଅନ୍ୟକୁ ଯେତିକି ଭଲପାଏ, ନିଜ ଜୀବନକୁ ମଧ୍ୟ ସେତିକି ଭଲପାଏ। ମନୁଷ୍ୟ କେବଳ ପ୍ରେମର ସ୍ମୃତି, କଳ୍ପନା ଆଉ ଆଧ୍ୟାତ୍ମିକ ଭାବନା ଉପରେ ବଞ୍ଚିପାରେନା। ଜୀବନକୁ ସମ୍ପୂର୍ଣ୍ଣ କରିବାକୁ ସେ ପୁଣି ଥରେ ଭଲପାଏ। ବଞ୍ଚି ରହିବାର ଲାଳସା ଯୋଗୁଁ, ସେ ସମସ୍ତ ଦୁଃଖ, ବ୍ୟଥା, ବିୟୋଗ ସହିଯାଏ। ମନୁଷ୍ୟ ସବୁଠାରୁ ଅଧିକ ନିଜକୁ ପ୍ରେମ କରେ।

ମୋ: ୯୩୦୧୦୧୨୩୩୩

## କବିତା

### ରାସ୍ତା–୬

ହରେକୃଷ୍ଣ ଦାସ

ରାସ୍ତାକୁ ଫିଟି ଆସିଚି ମାନେ
କୁଆଡ଼େ ହେଲେ ତ ଯିବି।
ପାଦମାନେ ଯୁଆଡ଼େ ବି ଟାଣିନେବେ
ଯିବି କିମ୍ବା
ଆଦୌ କୁଆଡ଼େ ବି
ଯାଇ ନ ପାରେ ହୁଏତ।
ଚାଲିବା ଚେଷ୍ଟାରେ ରାସ୍ତା ହରେଇ ବସି
ହୁଏତ ସ୍ଥାଣୁ ପାଲଟି ଯାଇପାରେ ବି।
ତେବେ
ପାଦମାନେ ମୋର ଅଧୀନ ନା
ସେମାନଙ୍କର ଦାସ ମୁଁ?

ମୂଳରୁ ହିଁ ଲକ୍ଷ୍ୟ ସ୍ଥିର ନ କଲେ
ବାଟବଣା ହେଇଯିବାକୁ ହୁଏ କାଳେ।
ସମର୍ପି ଦେଲେ ନିଜକୁ
ରାସ୍ତା ବି କେବେକେବେ
ବାଟ କଢ଼େଇନିଏ।
ହେଲେ, ମୁଁ କୋଉ ଗୋଟେ
ସିଦ୍ଧାର୍ଥ ହେଇଚି ଯେ
ମାର୍ଗ କି ଲକ୍ଷ୍ୟକୁ ନେଇ
ଏତେ ଭାଳି ହେବି?

ରାଜପ୍ରାସାଦର ଐଶ୍ୱର୍ଯ୍ୟ ନ ଥିଲେ ବି
କିଛି କମ୍ ବନ୍ଧନରେ ବନ୍ଧା ହେଇନି ମୁଁ।
ନିଜକୁ ମନ୍ଦର ପର୍ବତ ବନେଇ
ଅଦେଖା ରତ୍ନ ସାଉଁଟିବାକୁ
ଜୀବନଟା ମନ୍ଥି ଚାଲିଚି ମୁଁ।
ଏକାଠି ପାଣି ପିଏଇବାକୁ
ବାଘ ଛେଳିଙ୍କୁ ଶଙ୍ଖୋଳି
ତୁଠର ଜଗୁଆଳ ବନିଯାଇଚି ମୁଁ।
ଏବେ ରାସ୍ତା ହେଉ କି ପାଦ–
ଯିଏ ଚାହିଁଲେ ବି
ମୋର ଘୁଞ୍ଚିବା ଅସମ୍ଭବ।

ଜାକିଜୁକି ହେଇ ମୁଣ୍ଡ ଉପରେ
ସଜେଇ ହେଇଯାଉଥିବା
ବୋଝମାନଙ୍କୁ, ଦୁଃଖମାନଙ୍କୁ
ଓହ୍ଲାଇଦେବା ସହଜ ନୁହଁ।
ସୁତରାଂ
ସଂକ୍ରମିତ ଭାଗ୍ୟ ପଞ୍ଝାରୁ ନ
ବର୍ତ୍ତିବାଯାଏ
ରାସ୍ତା ଏବଂ ପାଦଯୋଡ଼ିକୁ
ରାଣ ଦେଇ ରୋକି ଦେବାକୁ ହେବ।

ମୋ: ୯୮୬୧୩୪୫୬୫୮

### ଅଦେଶ

କୃଷ୍ଣ କୁମାର ମହାନ୍ତି

ଶହୀଦ୍‌ର ଏ ଦେଶକୁ ତୁମେ
ପକେଟ୍‌ରେ ନେଇ ବୁଲୁଛ।
ବଳିଦାନର ସେ ରକ୍ତକୁ ତୁମେ
ମ୍ୟାଚିଂ ବ୍ଲାଉଜ୍‌ର ରଙ୍ଗ କରି ପିନ୍ଧୁଛ
ତୁମେ ଲେଖିଥିବା ଅସଂଖ୍ୟ କବିତାର ଧାଡ଼ିରୁ
ପୂର୍ଣ୍ଣଚ୍ଛେଦମାନେ ବାହାରି ଆସିଲେଣି ଦେଖ
ଦେଶଭକ୍ତର ଖଦଡ଼ ପିନ୍ଧି।

ଯେଉଁ ନଦୀରେ ଦିନେ ମିଶିଯାଇଥିଲା
ଅହିଂସାର ଚନ୍ଦ୍ରବନ୍ଧନୀ
ଯା'ର ପାଣିରେ ଦିନେ ଫୁଟିଥିଲେ
ସଭ୍ୟତାର ସୂର୍ଯ୍ୟୋଦୟ ସବୁ
ସେଇ ନଦୀରେ ତୁମେ କେଳି କରୁଛ
ଗୋଟିଏ ମାତ୍ର ଦାନ ମାଛିକୁ ଧରି!

ଦାଦନିଆ ଢଙ୍ଗରେ କେନ୍ଦରା ବଜେଇ
ତୁମେ ସେଇ ସମାଧିରେ ପିକ୍‌ନିକ୍ କରୁଛ
କେତୋଟି ମାତ୍ର ଶୁଣାଶିଖା ଶବ୍ଦଙ୍କୁ ଧରି।

ଯେଉଁଠି କେବେ ଦିନେ
ପିତୃପୁରୁଷଙ୍କୁ ଠେକି ଯାଚିଥିଲ
ଯେଉଁଠି ଆଣ୍ଠୁ ଅଲୁଚା ଖୋର୍ଦ୍ଧା ଗାମୁଛା ପିନ୍ଧି
ତୁମେ ବୁଡ଼ ପକେଇଥିଲ
ଦେଶକୁ ନିଜ ଘରେ
ଚାବି ପକେଇ ରଖନା ଆଉ
ନିଜେ ହୁଅ ଦେଶ।
ନିଜ ରକ୍ତରେ ଧୋଇ ପକାଅ ଧୂଳିମାଟି
ନିଜ ହାଡ଼ରେ ଖଞ୍ଜିଦିଅ ଦେଶଭକ୍ତିର ଶସ।

ଝୁଣ୍ଟିପଡ଼ି ଲହୁଲୁହାଣ ହୋଇଥିବା ଲୋକଙ୍କୁ
ବୃଥାଟାରେ ଶିଖାଅନା ଭାଗଭାଗ ହେବାର ସୂତ୍ର
ପ୍ରେମଟୀକା ପିନ୍ଧେଇ ଦେଶପ୍ରେମୀକୁ କେବେ
ମିଛଟାରେ ପଢ଼ାଅନା ମିଳନର ମନ୍ତ୍ର।
ପାଦରେ କଣ୍ଟା ଫୁଟିଛି ତ ରକ୍ତ ଏ ଦେଶର।
ଛାତିରେ ଗୁଳି ବାଜିଛି ତ ରକ୍ତ ଭାରତବର୍ଷର।
ଶହୀଦ୍‌ର ଏ ଦେଶରେ
ତୁମେ ଶହୀଦ୍ ହେବା ଶିଖ।

ମୋ: ୭୦୦୮୮୪୫୯୨୦

**ଗୀତି–କବିତା**

### ଜୀବନ ନଈ

ହଂସନାଥ ମୁଦୁଲି

ଜୀବନ ନଈ
ଏ ମନର ଯେତେସବୁ କାମନା ନେଇ
ବହିଯାଏ କୁଳୁକୁଳୁ ସଙ୍ଗୀତ ଗାଇ ।୦।

ସେ ନଈରେ ଭାସେ ଯେତେ ସପନମାନ
କିଛି ସତ ହୁଏ କିଛି ହୁଏ ତ ଆନ
ସେ ସପନ କେତେବେଳେ କୂଳକୁ ଛୁଇଁ
କେତେବେଳେ ମଝିଧାରେ ଯାଏ ତ ଧାଇଁ ।୧।
ଜୀବନ ନଈ...

କେତେବେଳେ ଜଳ ତା'ର ସ୍ଫଟିକ ପରି
କେତେବେଳେ ହୋଇଯାଏ ଗୋଳିଆ ଭାରି
ଖୋଲା ମନ ହେଲେ ଚାଲେ ସ୍ୱଚ୍ଛତା ନେଇ
କପଟେ ସଭିଙ୍କୁ ଲାଗେ କାଳିମା ଛାଇ ।୨।

ମୋ: ୯୭୭୭୯୬୮୭୧୯

## ପୁସ୍ତକ ପରିଚୟ

### ଗାନ୍ଧିଙ୍କ ଚଷମା ଓ ଅନ୍ୟାନ୍ୟ ଗଳ୍ପ

**ଗାଳ୍ପିକ:** ସୁନୀଲ ବୋଷ
**ପ୍ରକାଶକ:** କାହାଣୀ, କଲ୍ୟାଣୀ ନଗର, କଟକ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୦୦/–




ସୁନୀଲ ବୋଷଙ୍କୁ କେତେ ପାଠକ ପଢ଼ିଛନ୍ତି ବା ପଢ଼ନ୍ତି, କହିବା କଷ୍ଟ। କିନ୍ତୁ କହିବା କଷ୍ଟକର ନୁହେଁ ଯେ, ବର୍ତ୍ତମାନର ଓଡ଼ିଆ ସାନ ଗଳ୍ପରେ ସେ ଅବଧାରିତ ଭାବେ ଏକ ବିସ୍ମୟ। ଆଲୋଚ୍ୟ ଗପ ବହିଟି ସେହି ବିସ୍ମୟରୁ ଝଲକାଏ। 'ଉତ୍ସର୍ଗ'ଠୁଁ ଗପପୂର୍ବର ଛୋଟ 'ଗଦ୍ୟଲେଖ' ଏବଂ ସର୍ବୋପରି ବହିରେ ସ୍ଥାନିତ ୧୬ଟିଯାକ ଗଳ୍ପରେ ଗଳ୍ପର ପ୍ଲଟ୍ ଓ ପରିଭାଷା ଖୁବ୍ ନିଖୁଣ, ଏପରିକି ଈର୍ଷଣୀୟ ବି! 'ଉତ୍ସର୍ଗ'ରେ ଲେଖିଛନ୍ତି ସୁନୀଲ: ''ସେଇସବୁ ସ୍ମୃତି ଆଉ ସ୍ୱପ୍ନମାନଙ୍କୁ, ଯେଉଁମାନେ ମୋ' ବଞ୍ଚିବାକୁ ଉପଭୋଗ୍ୟ କରାଇଛନ୍ତି ଆଉ ମୋ'ଠୁଁ ଗଳ୍ପ ଲେଖେଇ ନେଇଛନ୍ତି।'' ''ଗାନ୍ଧିଙ୍କ ଅଦେଖା ସ୍ୱପ୍ନ ଏବେ ଗପର ପ୍ଲଟ୍'' ଶୀର୍ଷକ ଗଦ୍ୟରେ କହିଛନ୍ତି: ''ଗାନ୍ଧିଙ୍କ ସ୍ୱପ୍ନ ସାକାର ହୋଇନି ବୋଲି ତ ଗପ ପାଇଁ ଆଜି ପ୍ଲଟ୍‌ର ଅଭାବ ନାହିଁ'', ପୁଣି ''ଏ ବହିର ଅନେକ ଗଳ୍ପ ଗାନ୍ଧୀ ଦେଖି ନ ଥିବା ସ୍ୱପ୍ନର କଞ୍ଚାମାଲରେ ଗଢ଼ା।'' ସୁନୀଲଙ୍କ ଗପଗୁଡ଼ିକର ସବୁଠୁଁ ବଡ଼ ବିଶେଷତ୍ୱ ହେଉଛି ଏଗୁଡ଼ିକ ପଢ଼ିଲେ ସତ ଭଳି ଲାଗେ। ପାଠକ ତା' ନିଜର ଅନୁଭବ ବୋଲି ମନେ କରେ। ଅନ୍ୟ ଭାବରେ କହିଲେ ସୁନୀଲଙ୍କର ପ୍ରାୟ ଗପରୁ ପାଠକ ନିଜକୁ ମନ ପୂରେଇ ପାଏ। ବହିର ଶେଷ ଗଳ୍ପ 'ଶେଷ କାଗଜ ଡଙ୍ଗା'ରେ ଲେଖକ ନୁହନ୍ତି କି ଚରିତ୍ର ନୁହନ୍ତି, ଖୋଦ୍ ପ୍ରେମ ଯେପରି ତା' ନିଜ ଗପ କହିଛି– ଏମିତି ମନେହୁଏ। ଗପରେ ଚୋରାଚୋରା ଉତ୍କଣ୍ଠା ଥାଏ। ଆପତ୍ତି ଉଠିବ କମ୍ ଯଦି ସୁନୀଲଙ୍କୁ କେହି କହେ ଓଡ଼ିଆ ଗପର ସେ 'ଓ ହେନ୍‌ରି'।

### ତମେ ଚାଲିଗଲା ପରେ

**ଗାଳ୍ପିକା:** ସରସ୍ୱତୀ ବେହେରା
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୫/–




ମୋଟ ୧୫ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ପ୍ରତ୍ୟେକଟି ଗଳ୍ପ ଜୀବନ ତଥା ଜଗତର ନୂଆ କାହାଣୀ କହେ। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି: ''ମାନବୀୟ ଆଦର୍ଶ ଓ ଅସଙ୍ଗତିକୁ ଆପଣା ଗଳ୍ପରେ ଉପସ୍ଥାପନ କଲାବେଳେ ସେ ପାରମ୍ପରିକତା ପ୍ରତି ଥାଆନ୍ତି ଖୁବ୍ ସମ୍ବେଦନଶୀଳ। ସାମାଜିକ ସ୍ଥିତି, ଦୁଃସ୍ଥିତି ତାଙ୍କ ଗଳ୍ପରେ କଳାତ୍ମକ ଭାବେ ରୂପ ପାଇଥାଏ।'' ସରସ୍ୱତୀଙ୍କର ଏହା ହେଉଛି ସପ୍ତମ ଗଳ୍ପ ସଂକଳନ। ଏଥିରେ ଥିବା ପ୍ରତ୍ୟେକଟି ଗଳ୍ପରେ, କାନଡେରି ଶୁଣିଲେ ଶୁଭେ ନିଃସଙ୍ଗ ନାରୀର କାନ୍ଦ ଓ ଦୀର୍ଘଶ୍ୱାସ। 'ତମେ ଚାଲିଗଲା ପରେ', 'ଶିଉଳି ଆସିଥିଲା', 'କ୍ଲାନ୍ତ କପୋତୀ', 'ଡରିବୁନି ଝିଅ', 'କୁଳବଧୂ', 'ରାଜଧାନୀର ରୂପସୀ ରାତି', 'କମଳା ଅପାର ବର', 'ହାତମୁଠାରେ ସଇତାନ' ଓ 'ଭାଇ ବୋଲି ଡାକିଦେଲେ ଥରେ' ଭଳି ଗଳ୍ପକୁ ପଢ଼ିବସିଲେ ପାଠକର ମନ ଲାଖିଯାଏ। ପ୍ରତ୍ୟେକଟି ଚରିତ୍ର ନିଜ ନିଜର ଦୁଃଖସୁଖ ବାଢ଼ିବସନ୍ତି– ସେସବୁ ନ ଶୁଣି, ଆଶ୍ୱାସନା ନ ଦେଇ ପାଠକ ବିଚରା ଯାଏ କୁଆଡ଼େ! ସରସ୍ୱତୀ ଗଳ୍ପରେ ଯେଉଁ ଭାଷା ବ୍ୟବହାର କରନ୍ତି, ତାହା ଆଶ୍ୱିନ ମାସରେ କ୍ଷୀର ଢୋକିଥିବା ଧାନ ପରି ଅର୍ଥବୋଧରେ ଟିଣ୍ଟିଣ୍। ଯଥା: ୧. ''ସୁଶୀଳା କହିଲେ, ଡିଙ୍କି ମୁଣ୍ଡରେ ଚାଉଳ। ମଝିରେ ମାତ୍ର ତିନିଟା ଦିନ। ବ୍ରାହ୍ମଣ ଭୋଜନ, ଭାଇଭାତ, ଶୁଦ୍ଧିକର୍ମ ଏସବୁ ପାଇଁ ଯୋଗାଡ଼ କରିବାକୁ ହେବ। x x କିଏ କେତେ ଦେଇପାରିବ? ଚୂନା ଦେଖି ପିଠା।'' (ତମେ ଚାଲିଗଲା ପରେ, ପୃ: ୧୨)। ୨. ''ଏ ହେଉଛନ୍ତି ଆମ ପାରାଦୀପର କମ୍ରେଡ୍ ଗୌରାଙ୍ଗ ଆଉ ଏ ତାଙ୍କର ସ୍ତ୍ରୀ ଶେଫାଳି। ଭେରି ଡ୍ୟାସିଙ୍ଗ୍ ଲେଡି। ହାଡ଼ ମାଜିଦେଲେ ନିଆଁ। ନୂଆନୂଆ ପାର୍ଟି ମେମ୍ବରଶିପ୍ ନେଇଛନ୍ତି।'' (ଭାଇ ବୋଲି ଡାକିଦେଲେ ଥରେ, ପୃ: ୧୪୬)। ଇଂଲିଶ୍‌କୁ ଓଡ଼ିଆ ଭାଷାର ଗୋଠରେ ଯେପରି ମଣେଇ ନିଅନ୍ତି ଗାଳ୍ପିକା, କ୍ୱଚିତ୍ ଏହାର ନଜିର ମିଳେ।

## କାଳକାଳକୁ

### ''କେବଳ ଲେଖିବା ପାଇଁ ମୁଁ କେବେ ବି ଲେଖେ ନାହିଁ'' – ଏମା ଲାଜାରସ୍



**ଏମା ଲାଜାରସ୍‌ଙ୍କ** ଜନ୍ମ ୨୨ ଜୁଲାଇ ୧୮୪୯ରେ ଓ ପରଲୋକ ୧୯ ନଭେମ୍ବର ୧୮୮୭ରେ, ନ୍ୟୁୟର୍କରେ; ଯେତେବେଳେ ତାଙ୍କୁ ବୟସ ମାତ୍ର ୩୮ ବର୍ଷ। କବିତା, ଗଦ୍ୟ ଓ ଅନୁବାଦରେ ଧୁରୀଣା ଏହି ଲେଖିକା ତାଙ୍କର ସନେଟ୍ 'The New Colossus' ପାଇଁ ବିଶ୍ୱ ପ୍ରସିଦ୍ଧ, ଯାହାର କାଳଜୟୀ ଧାଡ଼ି ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି'ର ପେଡେଷ୍ଟାଲ୍‌ରେ ଖୋଦିତ ହୋଇଛି। ୧୮୮୩ରେ ଏମା ତାଙ୍କର ଏହି ସନେଟ୍‌ଟି ଲେଖିଥିଲେ। ସେ କହନ୍ତି: ''ଯଦି ଗୋଟିଏ ମାତ୍ର ଛୋଟ ଝରକା ମୋ' ପାଇଁ ମଂଜୁର୍, ତେବେ ସେଇ ଝରକାଟି କେବଳ ଜୀବନ ଆଡ଼କୁ ଖୋଲାଥିବା ଚାହି।''

## ବର୍ଷାର ଗଜଲ

**ଗଳ୍ପ**

ଝରଣା ପଟ୍ଟନାୟକ

ପ୍ରକାଶଙ୍କ ସହିତ ଯୁକ୍ତି କରିବାକୁ ଚାହିଁଲାନି ସ୍ୱପ୍ନା। ଝିଅଟା ଘରେ ଚଞ୍ଚଳା ପାଖରେ। ମା'ର ଛୁଟିବେଳ ତାକୁ ଜଣା। ବ୍ୟତିବ୍ୟସ୍ତ ହେଉଥିବ ସେ। ପ୍ରକାଶଙ୍କ କଥାକୁ ଶୁଣି ଚୁପ୍ ରହିଲା ସେ। ଇଆଡ଼େ ନିଜ ଅସୁବିଧା ମାଡ଼ି ବସିଲାଣି। ଯିବ ଓଡ଼ିଆ ଅନର୍ସ ପିଲାଙ୍କୁ ନେଇ ବର୍ଷା ଆସରରେ ଯୋଗଦେବାକୁ। ହୋଇପାରିବନି। ସତରେ ପଡ଼ିଲା ବେଳୁ ପ୍ରକାଶ ଜିଦ୍ କରି ପାଗଳାମି ଦେଖାନ୍ତି।

ବାହାରେ ପ୍ରବଳ ବର୍ଷା। ଗଙ୍ଗାଧର ମେହେର କଲେଜ କମନରୁମ୍ ଓ କଲେଜ ଗେଟ୍ ଭିତରେ ପାଖାପାଖି ଦୁଇଶହ ମିଟରର ବ୍ୟବଧାନ। କିଛି ଯାନବାହନ କଲେଜ କ୍ୟାମ୍ପସକୁ ଆସୁନି। କମନରୁମ୍ ଭିତରେ ଏକୁଟିଆ ସ୍ୱପ୍ନା ସାମଲ।

ଅଧଘଣ୍ଟେ ହେଲାଣି ତା'ର ସହକର୍ମୀ ପ୍ରକାଶ କମନରୁମ୍ ଛାଡ଼ିଲେଣି। ଅଧଘଣ୍ଟେ ଝଗଡ଼ିଲେ ସ୍ୱପ୍ନା ସାଙ୍ଗରେ। କହୁଥିଲେ ସ୍ୱପ୍ନପ୍ରବଣ କବିମାନଙ୍କ ପାଇଁ କୁଆଡ଼େ ବର୍ଷା ଋତୁଟା ଭାବବିନିମୟ କରିବାର ଋତୁ। କବିତା ଆସର, ସେ ପୁଣି ବର୍ଷା ଉପରେ। ଆଃ, ମଜାଦାର। ତାଙ୍କ କଥାରେ କୌଣସି ପ୍ରତିକ୍ରିୟା ଦେଖେଇଲାନି ସ୍ୱପ୍ନା। କଲେଜ ଖୋଲୁଖୋଲୁ ପିଲାଙ୍କୁ ନେଇ ଦୌଡ଼ିବ କିଏ ଯେ?

ଝର୍କା ଖୋଲା ଥିଲା। ଝଡ଼ବର୍ଷାର ଛିଞ୍ଚଡ଼ା ସ୍ୱପ୍ନାକୁ ଓଦା କରୁଥିଲା। ପିଲାବେଳେ ବର୍ଷାରେ ଭିଜିବାର ଯୋଉ କୋମଳ ଆଗ୍ରହ ତାକୁ କିଏ ବା ମନରୁ ଲିଭେଇ ପାରିବ।

ଆଦ୍ୟ ଶ୍ରାବଣର ବର୍ଷା ସାତ ପୁଅର ମା' ପରି ରୋବ୍ ଦେଖେଇ ଚାଲିଛି। ଆଣ୍ଠୁଆଣି କଲାଣି କଲେଜ ହତାକୁ। କିଛି ପୁଅ ଝିଅ ଏପାଖ ସେପାଖ ହେଉଛନ୍ତି କଲେଜ ହତାରେ। ଆଣ୍ଠୁଯାଏ ପାଣିରେ ବୁଡ଼ି ବି ସେମାନେ ହସୁଛନ୍ତି। ଦେହ ଓଦା, ମନ ଓଦା। ଘରେ ସାତବର୍ଷର ଝିଅ ଲୁସ୍‌ନା। ତା' ମାମା ଜଲ୍‌ଦି ଘରକୁ ନ ଫେରିଲେ ଖାଇବା ଫିଙ୍ଗାଫୋପଡ଼ା କରେ। ତାକୁ ଛାଡ଼ି ଛୁଟିଦିନରେ କୋଉ ଆସରକୁ ଯିବ ସ୍ୱପ୍ନା?

କରୋନା ମାଡ଼ରେ ଦେଢ଼ବର୍ଷ ହେଲାଣି ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। କଲେଜ ଖୋଲୁଖୋଲୁ ପିଲା ଚାହିଁଲେଣି ଆମୋଦପ୍ରମୋଦ। ପାଣିରେ ଖେଳୁଛନ୍ତି। ବହୁଦିନ ଆକଟ ଭିତରେ ରହିବା ପରେ ଖୁଆଡ଼ରୁ ବାହାରି ବେପରୁଆ ହୋଇଯାଇଛନ୍ତି। କଲେଜ ଖୋଲିବାକୁ ଅନୁମତି ଦେଇଥିବାରୁ ସରକାରଙ୍କୁ କେତେ ଥ୍ୟାଙ୍କ୍ ଇୟୁ, ଧନ୍ୟବାଦ, ସଲାମ କରୁଛନ୍ତି।

ଆସ୍ତେଆସ୍ତେ କଲେଜ ହତା ଖାଲି ହେବାକୁ ବସିଲାଣି। ଅରବିନ୍ଦ ଥିଲାବେଳର କଥା ଅଲଗା ଥିଲା। ଝିଅ ଘରେ ମା' ବିନା ରହୁଛି ବୋଲି ଡ୍ରାଇଭର ଗାଡ଼ି ସହିତ କଲେଜ ହତାରେ ଅଟକିଥାଏ ସ୍ୱପ୍ନାକୁ ଘରେ ନେଇ ଛାଡ଼ିବ ବୋଲି। ସ୍ୱାମୀଙ୍କର କରୋନାରେ ଚାଲିଯିବା ଓ ଏକା ରହିବାର ଅସହାୟତା ତାକୁ ଖିନ୍‌ଭିନ୍ କରୁଛି ପ୍ରତି ମୁହୂର୍ତ୍ତରେ।

ସ୍ୱପ୍ନାର ଐକାନ୍ତିକ ଇଚ୍ଛାରେ ଏବେ ଭଟ୍ଟା ପଡ଼ିଯାଇଛି। କୁଆଡ଼େ ଯିବ କୁଆଡ଼େ ନ ଯିବ ସେ ନିଜେ ବୁଝିପାରୁନି। ଗତ ସେପ୍ଟେମ୍ବରରେ ଅରବିନ୍ଦ ସରକାରୀ ଡ୍ୟୁଟି କରୁକରୁ ଜୀବନ ହରେଇଲେ କରୋନାରେ।

ବାପର ଅଭାବ ମାତ୍ର ସାତବର୍ଷର ଝିଅ ଲୁସ୍‌ନା ବୁଝିଛି। ତା' ମଥା ଉପରୁ ମହାକାଳ ଛାଉଣି ହଟେଇ ଦେଇଛି ଏକଥା ବି ସେ ବୁଝିଛି। ମା'ର କଲେଜ ଯିବା ଦରକାର ଏକଥା ବି ସେ ବୁଝିଛି। ମନ ଉଣା କରି ସ୍ୱପ୍ନା ବାଟକୁ ଚାହିଁ ବସିଥିବ ଝିଅ।

ବର୍ଷା ଛାଡୁନି। ଥଳକୂଳ ମାନୁନି ପାଣି। ବନ୍ଧୁପ୍ରକାଶ କେତେ ଉପଦେଶ ଦେଲେ? ମଣିଷଟା ଅଜବ ଚିନ୍ତାରେ ପହଁରୁଥାଏ। ପାଟିରେ ବାତୁଳି ବାଜେନି କଥା କହିଲାବେଳେ। କହୁଥିଲେ,

ଜଣେ ଚାଲିଗଲେ କ'ଣ ଆଉଜଣେ ସ୍ଥାଣୁ ହୋଇଯାଏ? ତମେ ଅଧ୍ୟାପିକା। ସାହିତ୍ୟ ସାଧିକା। ପରିସ୍ଥିତିକୁ କୋଳେଇ ନେଇ ଜୀବନ ଜିଇବାକୁ ହେବ। ଆସର ବନ୍ଦ କରିବନି ସ୍ୱପ୍ନା! ପିଲାମାନେ ଯିବାଲାଗି ଖୁସିରେ ପାଗଳ ହେଲେଣି।

ସ୍ୱପ୍ନା କହିଲା, ''ଏତେ ତରତର କାହିଁକି ପ୍ରକାଶ! ଏ ବର୍ଷ ନ ହେଲେ ଆସନ୍ତା ବର୍ଷ ଦେବଗଡ଼ ଯିବା। ବର୍ଷା ଟୋପାର ମାଟି ସହିତ କୋଳାକୋଳି କ'ଣ ଗୋଟିଏ ମେଘରେ ସରିଯାଏ? ଇଏ ତ ଋତୁର ଋତୁସ୍ରାବ! ଆସି ଚାଲିଯାଏନି। ଚାଲିଥାଏ ତା'ର ପ୍ରକ୍ରିୟା।''

ପ୍ରକାଶ ଅନେକବେଳୁ କମନରୁମ୍ ଛାଡ଼ିଲେଣି। ତାଙ୍କର ମନୋଇ ନବବିବାହିତା ସ୍ତ୍ରୀ ଚା' ନ ପିଇ ବସିଥିବ। ପ୍ରକାଶ ଜୋସ୍‌ରେ ଥାଆନ୍ତି। ସମସ୍ତଙ୍କୁ ଖୁସି କରିବାରେ ତାଙ୍କର ଆନନ୍ଦ। ଜୀବନକୁ ଉପଭୋଗ କରିବାର ବାଟ ଲୋକଟିକୁ ଜଣା।

ବର୍ଷା ଛାଡୁନି। ଆକାଶର ଛାତିକୁ ଭାଗଭାଗ କରିଦେଉଛି ବିଜୁଳି, ଘଡ଼ଘଡ଼ି। ଘରେ ଚଞ୍ଚଳାର ଜୀବନ ଖାଉଥିବ ଲୁସ୍‌ନା। ଚଞ୍ଚଳା ବି ବ୍ୟସ୍ତ ହେଉଥିବ ଘରକୁ ଫେରିବାକୁ। ଛଅ ମାସର ଛୁଆକୁ ତା' ଶାଶୁଙ୍କ ପାଖେ ଛାଡ଼ିଆସିଛି। କେତେଥର ଏମିତି ଡେରି ହେଲାଣି। ତା'ର ଓଜରଆପତ୍ତି ବି ବଢ଼ିଲାଣି ଦିନକୁ ଦିନ। କେତେଥର କହିଲାଣି, କ୍ଷୀର ପାଉନି ଛୁଆଟା। ମା' ଛାତି ବିନ୍ଧିଲାଣି, ଟେକା ପାଣିରେ ଛୁଆଟା ଏତେବେଳଯାଏଁ କ'ଣ ରହିବା କଥା? ସ୍ୱପ୍ନା ଶୁଣେ। ବୁଝେ। ଉତ୍ତର ଦିଏନି।



ଏଯାଏଁ ଫେରିପାରିନି ସ୍ୱପ୍ନା। ମେଘର ବେଗ କମିବାକୁ ଆରମ୍ଭ କଲାଣି। ଆକାଶ ଛାତିରେ ବର୍ଷାର କ୍ରୀଡ଼ା ଧୀରେଧୀରେ ବନ୍ଦ ହୋଇଯିବ। ମେଘ ତା'ର ପତିଆରା ଦେଖେଇ ଧରିତ୍ରୀକୁ ବୁଡ଼େଇ ଉଠେଇ ହାଲିଆ ହୋଇଯିବ। କିଏ ସୁଖ ପାଇବ ତ କିଏ ଦୁଃଖ ପାଇବ। ମେଘ କ'ଣ ସବୁବେଳେ ଡୁବେଇବାକୁ ଆସେକି? ମେଘର ମିଠାମିଠା ଟୋପା ନାକ, ଓଠ ପାର୍ ହୋଇ ଛାତି ଛୁଇଁଲେ ଯୋଉ ଶିହରଣ! ପ୍ରକାଶ କିଛି ଭୁଲ୍ କହିନାହାନ୍ତି। ଋତୁର ଆପଣାପଣ ଆଉ ବର୍ଷା ଟୋପାର ଲୀଳାଖେଳା ସାଧାରଣ ଲୋକଟିକୁ ବି କବି କରିଦିଏ।

ସ୍ୱପ୍ନାର ଭାବନାର ଖିଅ ଛିଣ୍ଡିଗଲା ପ୍ରକାଶଙ୍କ ଡାକରେ। ତାକୁ ଚକିତ କରି କମନରୁମ୍ ଭିତରକୁ ପଶିଆସିଲା ଲୁସ୍‌ନା। ବର୍ଷା ପାଗ ଖେଳେଇ ଦେଲାଣି ଋଂଜୁ ଋଂଜୁ ଅନ୍ଧାର। ପ୍ରକାଶ କହିଲେ, ''ଲୁସ୍‌ନା ବ୍ୟସ୍ତ ହୋଇ ମୋତେ ଫୋନ୍ କଲା। ଆମେ ଆସିଲୁ। ଅନେକ ଡେରି ହେଲାଣି। ଚାଲ କୋଉଠି ଗୋଟେ ଖାଇଦେବା।''

ପଛ ଡୋର୍ ଖୋଲି ସ୍ୱପ୍ନା ଗାଡ଼ିକୁ ପାଦ ବଢ଼େଇଲା ବେଳକୁ ଲୁସ୍‌ନା କହିଲା, ନାଇଁ ମାମା! ତମେ ଆଗ ସିଟ୍‌ରେ ବସ। କାହିଁକି? ତୁ' ବସ୍। ତମେ ବସ ତ ମାମା। ମାଡାମ୍‌ମାନେ ଆଗରେ ବସିବା କଥା ପରା?

ଋତୁମ୍ବରା ମେଘର ରାଜକୀୟ ଯାତ୍ରାରେ ଆତ୍ମୀୟତାର ସାମଗାନ। ସ୍ୱପ୍ନାର ମୁହଁରୁ ଖସି ପଡ଼ିଲେ କିଛି ଶବ୍ଦ।

''ସତରେ ଏ ବର୍ଷାଟା ଯୋଡ଼ିବା ପଣରେ ମାହିର୍।''

ମୋ: ୯୪୩୭୫୪୪୦୪୫

# ପୁରୀରେ ପ୍ଲାନେଟାରିୟମ

## ଭୁବନେଶ୍ୱରରେ ସାଇନ୍ସ ସିଟି

■ ସାତକୋଶିଆରେ ବାୟୋସ୍ପିୟର ମ୍ୟୁଜିୟମ୍
■ ସବୁ ଜିଲାରେ ପ୍ରତିଷ୍ଠା ହେବ ସାଇନ୍ସ ପାର୍କ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରିଥିବାବେଳେ ଏବେ ଏଥିରେ ଯୋଡ଼ି ହୋଇଛି ଆଉ ଏକ ଫର୍ଦ୍ଦ। ପୁରୀ ଜିଲାର ସିଦ୍ଧମହାବୀର ମୌଜା ୟୁନିଟ୍-୩ରେ ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟାରିୟମ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ୨୫ରୁ ୩୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପୁରୀକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକ, ତୀର୍ଥଯାତ୍ରୀ, ଛାତ୍ରୀଛାତ୍ର ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ଲାନେଟାରିୟମ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ବିଧାନସଭା ପ୍ରଶ୍ନକାଳରେ ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏହି ବିଜ୍ଞାନ କେନ୍ଦ୍ର ପୁରୀକୁ ଆସୁଥିବା ପର୍ଯ୍ୟଟକ, ଛାତ୍ରୀଛାତ୍ର ଓ ସାଧାରଣ ଲୋକମାନଙ୍କୁ ଜଗନ୍ନାଥ ସଂସ୍କୃତି, ସାମୁଦ୍ରିକ ସମ୍ପଦ, ପୁରାତନ ବିଜ୍ଞାନ, ମନ୍ଦିର ଐତିହ୍ୟ, ବିଜ୍ଞାନ ଆଦି ବିଷୟରେ ସୂଚନା ପ୍ରଦାନ କରିବ। ବିଜ୍ଞାନ ବିଷୟରେ ଲୋକମାନଙ୍କୁ ଜ୍ଞାନ ଦେବା ସହ ରାଜସ୍ୱ ବୃଦ୍ଧିରେ ମଧ୍ୟ ସହାୟକ ହେବ। ଏହାଛଡ଼ା ଭୁବନେଶ୍ୱର ଉପକଣ୍ଠରେ ଏକ ବିଜ୍ଞାନ ସହର (ସାଇନ୍ସ ସିଟି) ସ୍ଥାପନ ପାଇଁ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୩୦ ଏକର ଜମି ଚିହ୍ନଟ ହୋଇଛି। ନ୍ୟାଶନାଲ କାଉନ୍ସିଲ ଅଫ୍ ସାଇନ୍ସ ମ୍ୟୁଜିୟମକୁ ପ୍ରସ୍ତାବ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେହିପରି କଟକ ଜିଲା ଆଠଗଡ଼ ନିକଟ ସାତକୋଶିଆଠାରେ ଆଞ୍ଚଳିକ ଜାତୀୟ ବାୟୋସ୍ପିୟର ମ୍ୟୁଜିୟମ ନିର୍ମାଣ କରାଯିବ। ଏଥିଲାଗି ଜାଗା ଚିହ୍ନଟ ଚାଲିଛି। ମହାନଦୀ ଉପତ୍ୟକାରେ ଥିବା ସାତକୋଶିଆକୁ ୧୯୭୬ରେ ମିଳିଥିଲା ଅଭୟାରଣ୍ୟ ମାନ୍ୟତା। ୨୦୦୭ରେ ଏହାକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାବେ ଘୋଷଣା କରାଯାଇଥିଲା। ଦେଶର ଶ୍ରେଷ୍ଠ ଜୈବବିବିଧତା ମଣ୍ଡଳ ମଧ୍ୟରୁ ଅନ୍ୟତମ ସାତକୋଶିଆ ଅଭୟାରଣ୍ୟ ଅନୁଗୋଳ, କଟକ, ନୟାଗଡ଼ ଏବଂ ବୌଦ୍ଧ ଆଦି ୪ଟି ଜିଲା ପରିବ୍ୟାପ୍ତ। ଏଠାରେ ସାତକୋଶିଆ ଗଣ୍ଡ, ବାଇସିପାଲି ସାଙ୍କ୍‌ଚୁଆରି, ଟିକରପଡ଼ା ନେଚର କ୍ୟାମ୍ପ, ଭାଗମୁଣ୍ଡା ବନାଞ୍ଚଳ, ସାତକୋଶିଆ ସ୍ୟାଣ୍ଡ ରିସର୍ଟ, ଛୋଟକେଇ, ତରଭା, ଭାଗମୁଣ୍ଡା ବନାଞ୍ଚଳ, ପୁରଣାକୋଟ ପାହାଡ଼, କୁଆଁରିଆ ଡ୍ୟାମ୍, କଣ୍ଟିଲୋ ନୀଳମାଧବ ମନ୍ଦିର ଇତ୍ୟାଦି ରହିଛି। ସାତକୋଶିଆ ବାୟୋସ୍ପିୟର ମ୍ୟୁଜିୟମ ହେଲେ ଛାତ୍ରୀଛାତ୍ର, ଗବେଷକମାନେ ଗବେଷଣା ପାଇଁ ସୁବିଧା ସୁଯୋଗ ପାଇପାରିବେ। ଜୈବ ପର୍ଯ୍ୟଟନର ବିକାଶ ହେବା ସହ ସ୍ଥାନୀୟ ଲୋକଙ୍କ ଆର୍ଥିକ ବିକାଶ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ରାଜ୍ୟର ୩୦ ଜିଲାରେ ବିଜ୍ଞାନ କେନ୍ଦ୍ର/ପ୍ଲାନେଟାରିୟମ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏବେ ଭୁବନେଶ୍ୱର ଓ ବୁର୍ଲାରେ ୨ ପ୍ଲାନେଟାରିୟମ ରହିଛି। ଆସନ୍ତା ଅଗଷ୍ଟ ୧୫ କିମ୍ବା ଅକ୍ଟୋବର ୨ରେ ରାୟଗଡ଼ାରେ ନିର୍ମାଣାଧୀନ ପ୍ଲାନେଟାରିୟମ ଉଦ୍‌ଘାଟନ ହେବ। ସେହିପରି ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗୀର, ରାଉରକେଲା, ବାରିପଦା ଏବଂ କେନ୍ଦୁଝରଠାରେ ନିର୍ମାଣ ହେଉଥିବା ବିଜ୍ଞାନକେନ୍ଦ୍ରଗୁଡ଼ିକର ଖୁବ୍‌ଶୀଘ୍ର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ଇଂଲିଶ ପୁସ୍ତକ ଲେଖି ଚର୍ଚ୍ଚାରେ ଓଡ଼ିଆ ଯୁବକ



ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟରେ ଯୁବ ଲେଖକ ପିୟୂଷ ତାଙ୍କ ଲିଖିତ ପୁସ୍ତକ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୫।୭

ଛାତ୍ର ଜୀବନରେ ଇଂଲିଶ ପୁସ୍ତକ ଲେଖି ଚର୍ଚ୍ଚାକୁ ଆସିଛନ୍ତି ଓଡ଼ିଆ ଯୁବକ ପିୟୂଷ ପ୍ରତୀକ ମହାନ୍ତି। ପିଲାଟି ବେଳୁ ସେ ଲେଖିବାର ଆଗ୍ରହ ରଖିଥିଲେ ହେଁ, ଲକ୍‌ଡାଉନ୍ ସୁଯୋଗ ଦେଇଥିଲା। ୨୦୨୦ ଲକ୍‌ଡାଉନ ସମୟରେ ପିୟୂଷ ଲେଖା ଆରମ୍ଭ କରିଥିଲେ। ତାଙ୍କ ଲେଖା, ପୁସ୍ତକକୁ ପାଠକୀୟ ଆଦୃତି ମିଳିଛି। ଲେଖା ପାଇଁ ଜାତୀୟସ୍ତରରେ 'ଇଲାଇଟ ବୁକ୍ ଆୱାର୍ଡ, ରାଇଟର ଇଂକ୍ ଆୱାର୍ଡ, ସ୍ୱେକ୍ଟମ୍ ଆୱାର୍ଡ ପ୍ରଭୃତି ସେ ପାଇଛନ୍ତି। ପିୟୂଷ ଇତିମଧ୍ୟରେ ଟାଇମ୍ସ ଇନ୍ ସରସନ, ଓଡିଶୀ ଅଫ୍ ମିସ୍ ଆପ୍ରିହେନସନ, କସମସ୍ ଅଫ ୟୁଟୋପିଆ, ଥ୍ରୀଏଲ ବୋରିସ୍, ଡୁ ଉଇ ରିଅଲି ଅଣ୍ଡରଷ୍ଟାଣ୍ଡ ବହି ଲେଖିଛନ୍ତି। ଏହିପରି ଲେଖା ଜାରି ରଖି ଜାତୀୟସ୍ତରରେ ଓଡ଼ିଶାର ପରିଚୟ ସୃଷ୍ଟି ପାଇଁ ତାଙ୍କର ଲକ୍ଷ୍ୟ ରହିଛି। ଅଧୁନା ପିୟୂଷ ଏସ୍‌ଭି ନିରତାରରେ ୪ର୍ଥ ବର୍ଷ ଛାତ୍ର। ପିୟୂଷ, ଶୁକ୍ରବାର ଧରିତ୍ରୀ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ଭେଟି ତାଙ୍କ ଲିଖିତ ପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପାଦକ ଖୁସିବ୍ୟକ୍ତ କରିବା ସହିତ ଏହିଭଳି ଲେଖା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଯୋଡ଼ାର ମାନସ ରଞ୍ଜନ ମହାନ୍ତି ଓ ସିମୀ ମହାନ୍ତିଙ୍କର ସେ ଜ୍ୟେଷ୍ଠପୁତ୍ର।

# ଚଳନ୍ତା ଟ୍ରେନ୍‌ରେ ଯୁବକଙ୍କୁ ଛୁରି ଭୁସି ହତ୍ୟା

ବ୍ରହ୍ମପୁର ଅଫିସ,୧୫।୭/ ଗଞ୍ଜାମ(ଡି.ଏନ୍.ଏ.)

ଚଳନ୍ତା ଟ୍ରେନରେ ଏକ ହତ୍ୟାକାଣ୍ଡ ଘଟିଛି। ଗଞ୍ଜାମ ଜିଲା ଦେଇ ଯାଉଥିବା ଚେନ୍ନାଇ-ହାୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଶୁକ୍ରବାର ଅପରାହ୍ନରେ ଜଣେ ଯୁବକଙ୍କୁ ତାଙ୍କ ବନ୍ଧୁ ଛୁରି ଭୁସି ହତ୍ୟା କରିଛନ୍ତି। ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଅଭିଯୁକ୍ତଙ୍କୁ କାବୁ କରିଛି। ପରକୀୟା ପ୍ରୀତିକୁ ନେଇ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଜଣକ ତାଙ୍କ ସ୍ତ୍ରୀଙ୍କ ପ୍ରେମିକଙ୍କୁ ଟ୍ରେନରେ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲା ଜାମୁଣିଆ ଥାନା ଅନ୍ତର୍ଗତ ତାଲଚେରସରାଇ ଗ୍ରାମର ପ୍ରସନ୍ନଜିତ ଗରାଇ(୪୦) ବୋଲି ବ୍ରହ୍ମପୁର ଜିଆର୍‌ପି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ଦାଶ ସୂଚନା ଦେଇଛନ୍ତି। ଅଭିଯୁକ୍ତ ତାଲଚେରସରାଇ ଗ୍ରାମର ରାଜୀବ ଗରାଇ(୩୫)ଙ୍କୁ ପୋଲିସ ଅଟକ ରଖିଛି।

ସୂଚନା ଅନୁଯାୟୀ, ରାଜୀବ ତାଙ୍କ ସ୍ତ୍ରୀ ବନ୍ଦନା ଗରାଇ ଏବଂ ଶ୍ୱଶୁର ପଲାନା ଗରାଇଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଗତ ପ୍ରାୟ ଏକ ସପ୍ତାହ ହେଲା ଚେନ୍ନାଇ ଯାଇଥିଲେ। ସେମାନଙ୍କ ସହିତ ପ୍ରସନ୍ନଜିତ ମଧ୍ୟ ଯାଇଥିଲେ। ପ୍ରସନ୍ନଜିତ ପୂର୍ବରୁ ଚେନ୍ନାଇ ଯାଇଥିବାରୁ ସେଠାରେ ସହଯୋଗ କରିବା ପାଇଁ ରାଜୀବ ତାଙ୍କୁ ସାଙ୍ଗରେ ନେଇଥିଲେ। ଚେନ୍ନାଇରେ ସମସ୍ତେ ଏକ ଲଜରେ ରହିଥିଲେ। ସେଠାରେ ରହଣି ସମୟରେ ବନ୍ଦନା ଓ ପ୍ରସନ୍ନଜିତଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବା ରାଜୀବ ଜାଣିବାକୁ ପାଇଥିଲେ।



ଅଭିଯୁକ୍ତ ରାଜୀବ ଗରାଇ

ରାଜୀବଙ୍କ ଅନୁପସ୍ଥିତିରେ ସେମାନେ ଏକାଠି ବୁଲାବୁଲି କରୁଥିଲେ। ରାଜୀବ ଏହାର ପ୍ରତିବାଦ କରିବାରୁ ପ୍ରସନ୍ନଜିତଙ୍କ ସହିତ ତାଙ୍କର ପ୍ରବଳ ଯୁକ୍ତିତର୍କ ହୋଇଥିଲା। ସେହିଦିନଠାରୁ ରାଜୀବ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ। ମେଡିକାଲ କାମ ସରିବା ପରେ ଗୁରୁବାର ସମସ୍ତେ ଚେନ୍ନାଇ-ହାୱଡ଼ା ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ପଶ୍ଚିମବଙ୍ଗ ଅଭିମୁଖେ ବାହାରିଥିଲେ। ଟ୍ରେନଟି ଶୁକ୍ରବାର ଅପରାହ୍ନରେ ଛତ୍ରପୁର ରିକାପଲ୍ଲୀ ଦେଇ ଯାଉଥିବା ବେଳେ ପୁଣି ସ୍ତ୍ରୀ ଓ ପ୍ରସନ୍ନଜିତଙ୍କୁ ଏକାଠି ଦେଖି ହଠାତ୍ ରାଜୀବ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ସେ ତାଙ୍କ ବ୍ୟାଗରୁ ଏକ ଛୁରୀ ବାହାର କରି ପ୍ରସନ୍ନଜିତଙ୍କ ପେଟରେ ବାରମ୍ବାର ଭୁସିଥିଲେ। ଏହା ଦେଖି ଟ୍ରେନରେ ଯାତ୍ରୀମାନେ ଆତଙ୍କିତ ହୋଇ ପଡ଼ିଥିଲେ। ଯାତ୍ରୀଙ୍କ ପାଟିତୁଣ୍ଡ ଶୁଣି ସୁରକ୍ଷା ଦାୟିତ୍ୱରେ ଥିବା ରେଳବାଇ ପୋଲିସ ସେଠାରେ ପହଞ୍ଚି ରାଜୀବଙ୍କୁ କାବୁ କରିଥିଲା। ଟ୍ରେନଟି ଗଞ୍ଜାମ ରେଲୱେ ଷ୍ଟେଶନରେ ଅଟକିଥିଲା। ରକ୍ତାକ୍ତ ଅବସ୍ଥାରେ ପ୍ରସନ୍ନଜିତଙ୍କୁ ଉଦ୍ଧାର କରାଯାଇ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ତ୍ରୀଙ୍କ ସହିତ ଅନୈତିକ ସମ୍ପର୍କ ରଖିବାରୁ ପ୍ରସନ୍ନଜିତଙ୍କୁ ହତ୍ୟା କଲେ ବୋଲି ପୋଲିସ ଆଗରେ ରାଜୀବ ସ୍ୱୀକାର କରିଛନ୍ତି। ଏ ନେଇ ଜିଆରପି ପୋଲିସ ନଂ.୪୭/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା ଛୁରି ଜବତ କରାଯାଇଛି।

**PARADIP PORT AUTHORITY**
**e-Tender-cum-e-Auction Notice**
No.AD/EST/LAND-I-44/2021/1896 Date:07.06.2022
An e-Tender-cum-e-Auction Notice invites bids for "Allotment of about 3.8. Acres of Port land for Construction of Mega Modern Shopping Mall at Marine Drive Road in the Port Township for a period of 30 (thirty) years on long term lease basis" is available in the website from 07.06.2022 to 08.08.2022. Interested bidders may log on the website https://eprocure.gov.in/eprocure/app.
Dy. Secretary
Paradip Port Authority
PPA/PR/174/22-23 dtd.15.07.2022

# କିଡ୍‌ନୀ ପ୍ରତିରୋପଣ ବିଫଳତା
# ଏସ୍‌ସିବିକୁ ରିପୋର୍ଟ ମାଗିଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

କଟକ ଏସ୍‌ସିବି ମେଡିକାଲରେ କାଡାଭେରିକ୍ ଟ୍ରାନ୍ସପ୍ଲାଣ୍ଟ ବା କିଡ୍‌ନୀ ପ୍ରତିରୋପଣ ବିଫଳତାକୁ ନେଇ ରାଜ୍ୟ ସରକାର ଷ୍ଟାଟସ୍ ରିପୋର୍ଟ ମାଗିଛନ୍ତି। ଡିଏମ୍‌ଇଟି ରମାରମଣ ମହାନ୍ତି ଏସ୍‌ସିବି ଡିନ୍ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ତୁରନ୍ତ ରିପୋର୍ଟ ଦେବାକୁ କହିଛନ୍ତି। ଏସ୍‌ସିବି କାହିଁକି ସୁଧାଂଶୁଙ୍କ କିଡ୍‌ନୀ ପ୍ରତିରୋପଣ ହୋଇ ପାରିଲା ନାହିଁ ସେନେଇ ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ବ୍ରେନ୍ ଡେଡ୍ ଘୋଷିତ ୫ ବର୍ଷର ଶିଶୁପୁତ୍ର ସୁଧାଂଶୁ ଶେଖର ଲେଙ୍କାଙ୍କ ଦୁଇ କିଡ୍‌ନୀକୁ ପ୍ରତିରୋପଣ ପାଇଁ କଟକ ଏସ୍‌ସିବିକୁ ପଠାଯାଇଥିଲା। କିନ୍ତୁ ସେଠାରେ କାହାଠାରେ ପ୍ରତିରୋପଣ କରାଯାଇ ପାରି ନ ଥିଲା। ଫଳରେ ଉକ୍ତ କିଡ୍‌ନୀ ପୁଣି ଭୁବନେଶ୍ୱର ଫେରଆସିଥିଲା। ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଗୋଟିଏ କିଡ୍‌ନୀ ପ୍ରତିରୋପଣ କରାଯାଇଥିବାବେଳେ ଆଉ ଗୋଟିଏ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଥିଲା।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WALK-IN-INTERVIEW**
College requires the post of Lecturers on Contractual basis with negotiated salary in **Odia, Pol.Sc., Mathematics, Economics and English**. Desired candidates having minimum 55% Marks at P.G. level may attend Walk-in-Interview with original Certificates on **29.07.22 at 11 A.M.** in college campus.
Sd./- Principal-cum-Secretary, Anchalika Degree Mahavidyalaya
Pragyanvihar, Siminai, Dhenkanal, Ph.No. 06762-241177

# ୧୫ ଓଏଏସ୍ ଅଫିସରଙ୍କ ବଦଳି

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ରାଜ୍ୟ ସରକାର ଶୁକ୍ରବାର ଓଏଏସ୍ ସ୍ତରରେ ଏକ ଅଦଳବଦଳ କରିଛନ୍ତି। ମୋଟ୍ ୧୫ ଓଏଏସ୍ ଅଫିସରଙ୍କୁ ବଦଳି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କୋଷାଗୁମୁଡ଼ାର ପୂର୍ବତନ ବିଡିଓ ଅକ୍ଷୟମିତା କାର୍ତ୍ତିକଙ୍କୁ ନାରାୟଣପାଟଣା ତହସିଲଦାର ଭାବେ ନିଯୁକ୍ତ କରାଯାଇଛି। ଝରିଗାଁ ପୂର୍ବତନ ବିଡିଓ ଦେବେନ୍ଦ୍ର ବାହାଦୁର ସିଂହ ଧାରୁଆଙ୍କୁ ପଟ୍ଟାଙ୍ଗୀ ତହସିଲଦାର ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଡାବୁଗାଁ ତହସିଲଦାର ଥିବା ସନ୍ଧ୍ୟା ସମର୍ଥଙ୍କର ଲମତାପୁଟ ବିଡିଓ ଭାବେ ବଦଳି ହୋଇଛନ୍ତି। ସେହିପରି ଲମତାପୁଟ ବିଡିଓ ଦାୟିତ୍ୱରେ ଥିବା ଭବାନୀ ଶଙ୍କର ମିଶ୍ରଙ୍କୁ ଡାବୁଗାଁ ତହସିଲଦାର, ତରଭା ବଡିଓ ବିନୟ କୁମାର ପଟେଲଙ୍କୁ ରେଙ୍ଗାଲି ବିଡିଓ ଭାବେ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ରେଙ୍ଗାଲି ବିଡିଓ ଶଙ୍କର ପ୍ରସାଦ ସାହୁଙ୍କୁ ତରଭାକୁ ବଦଳି ହୋଇଛି। ଏହାସହ ରାଜଗାଙ୍ଗପୁର ତହସିଲଦାର ଶରତ କୁମାର ବାଗଙ୍କୁ କୋରାପୁଟ ଉପଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। କୁନ୍ଦ୍ରା ବିଡିଓ ସ୍ନେହପ୍ରଭା ମାଝିଙ୍କୁ କୋଟପାଡ଼ ଏବଂ ଲଖନପୁର ବିଡିଓ ସଞ୍ଜୀବ କୁମାର ପଟେଲଙ୍କୁ କୁନ୍ଦ୍ରାକୁ ବଦଳି କରାଯାଇଛି। କୋଟପାଡ଼ ବିଡିଓ ଦାଶରଥି ସରାବୁଙ୍କୁ ଗଜପତି (ନୂଆଗଡ଼) ତହସିଲଦାର, ଜଳ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ଅନୁସଚିବ ସତ୍ୟଜିତ ସାହୁଙ୍କୁ ସତ୍ୟବାଦୀ ବିଡିଓ ଭାବେ ନୂଆ ଦାୟିତ୍ୱ ମିଳିଛି। ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରାଙ୍କୁ ଡେପୁଟି କଲେକ୍ଟର ଭାବେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦାୟିତ୍ୱ ଦିଆଯାଇଛି। ସେହିପରି କଣାସର ଅତିରିକ୍ତ ତହସିଲଦାର ସହଦେବ ସାହୁଙ୍କୁ ବିରିଡ଼ି ତହସିଲଦାର, ଝାରସୁଗୁଡ଼ା ଉପଜିଲାପାଳ ନିବେଦିତା ପ୍ରଧାନଙ୍କୁ ରାଉରକେଲା ଉପଜିଲାପାଳ (ଏଡିଏମ ଅଫିସ) ଏବଂ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କୁ ଜଳ ସମ୍ପଦ ବିଭାଗକୁ ବଦଳି କରାଯାଇଛି।

**WANTED**
**PERSONAL DRIVER**
For SUV at Patia, Bhubaneshwar.
Accommodation will be provided.
Experience driver will be preferred.
CALL : 9132933333

See Career Appointment on every Wednesday & Saturday

**WANTED**
ଧରିତ୍ରୀ DHARITRI Oriya daily
is looking for
**ACCOUNTS EXECUTIVES**
- Candidates should have at least 3 years+ experience in the field of Accounts.
- Experience should include cash register maintenance, day to day accounting, preparation of statutory reports and returns like GST, Internal Audit, MIS, Verification of Bills.
- Proficiency in MS Excel, MS Word & Tally is a must.

Apply immediately to :
recruitment@dharitri.com
Attractive salary commensurate with experience

सी.एस.आइ.आर-खनिज एवं पदार्थ प्रोद्योगिकी संस्थान
**CSIR - INSTITUTE OF MINERALS & METERIALS TECHNOLOGY**
वैज्ञानिक तथा औद्यागिक अनुसंधान परिषद
Council of Scientific & Industrial Research
भुवनेश्वर - 751013, ओडिशा, भारत, Bhubaneswar - 751013, Odisha, INDIA
सं/No. 16(66)/2021-E-I दिनांक/Dated: 15.07.2022
**अधिचूचना/NOTIFICATION**
Ref.: Advt. No. 02/2021 for recruitment to the 12 Posts of Jr. Secretariat Assistant & 02 Posts of Jr. Stenographer. Recruitment process for two (02) positions of Jr. Stenographer (UR), Post Code - JSTE notified vide above mentioned advertisement number published on IMMT website dated 21.04.2021, Employment news dated 08.05.2021 and Dharitri Newspaper dated 14.05.2021 stands cancelled due to some administrative reasons.
Sd./- प्रशासनिक अधिकारी/ Administrative Officer

**NATIONAL COMMISSION FOR SCH. TRIBES**
Government of India
N-1/297, IRC Village, Bhubaneswar - 751015
Ph. No. 0674-2551818/2551616, Mob. No. 8197056363
**OFFICE ACCOMMODATION REQUIRED**
An independent well furnished building having 3000 Sq.ft. Carpet Area, 5-6 rooms with attached toilets and parking space located in prime location of Bhubaneswar preferably with well communication facilities for Air, Rail & Bus services is required immediately for the Office of the NCST, Constitutional Body under Article 338-A. The fair rent to be fixed by CPWD. Interested parties may send their offers with full details within 30 days in the above address.

**ROURKELA DEVELOPMENT AUTHORITY**
**UDIT NAGAR, ROURKELA-769012**
No.1169/RDA, dated 14.07.2022
**PROCLAMATION**
It is hereby informed to the General public that, **Teherun Nisa, W/o. Late Md. Jamil,** has applied for mutation of **House No. L-1, Block No. 7 under Jawahar Nagar Housing Scheme, Nala Road,** in her favour consequent upon death of her husband **Late Md. Jamil.** If anybody has got objection to the proposed mutation, He/ She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

FORM NO. 14
[See Regulation 33(2)]
OFFICE OF THE RECOVERY OFFICER - I/II
**DEBTS RECOVERY TRIBUNAL, CUTTACK**
C-71, Sector-7, CDA, Cuttack - 753014, Odisha
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/46/2020 08-06-2022
STATE BANK OF INDIA
Versus
M/S SRI SRI RADHARAMAN CONSTRUCTION
To
**(CD-1) M/s. Sri Sri Radharaman Construction,** At/PO.: Jhimani, Via: Kujanga, Dist: Jagatsinghpur- 754141
**(CD-2) RANJAN KUMAR ROUTRAY,** S/o.: Baikunthanath Routray, Prop. M/s. Sri Radharaman Construction, At/PO.: Jhimani, Via: Kujanga, Dist: Jagatsinghpur, Pin - 754141
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL, CUTTACK in **OA/72/2018** an amount of **Rs.18,46,900.35 (Rupees Eighteen Lakhs Forty Six Thousands Nine Hundred And Paise Thirty Five Only)** along with pendentellite and future interest @ 10.00% Simple Interest Yearly w.e.f. **23/02/2018** till realization and costs of **Rs.21,000/- (Rupees Twenty One Thousands Only)** has become due against you (Jointly and severally/ Fully/ Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **07/09/2022 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **08/06/2022** Sd/- Recovery Officer
DEBTS RECOVERY TRIBUNAL, CUTTACK

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
1. TPWODL/HS/O/SU/ 075 - Supply of Vehicle Mounted Tower Wagon at TPWODL.
2. TPWODL/SA/O/SU/067- Rate Contract for Supply of 95 Sq mm LT AB Cable.
3. TPWODL/SD/O/SER/076- RC for Supply and Installation of Office Furniture at Various Circles of TPWODL.
4. TPWODL/RP/O/ SU/074– Purchase order for supply of CTPT error tester at TPWODL.
5. TPWODL/SR/O/SITC/073- SITC of highmast lighting system at TPWODL
Interested bidders to submit Tender Participation Fee and Authorization Letter through email on or before 19th July 2022 (for Sl. No- 1 & 2), 22nd July 2022 (for Sl. No- 3) & 27th July 2022 (for Sl. No- 4 & 5), 17:00Hrs respectively, after which link from e-Tender system shall be shared.
For detailed tender documents of all above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- Chief-Contracts and Stores

# ମା' ଝିଅଙ୍କ ଆତ୍ମାହୂତି ଉଦ୍ୟମ

## ଯୌତୁକ ନିର୍ଯାତନା ମାମଲାରେ ନ୍ୟାୟ ମିଳୁନି

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଲୋୟର ପିଏମ୍‌ଜିରେ ଶୁକ୍ରବାର ମା' ଓ ଝିଅ ଆତ୍ମାହୂତି ଉଦ୍ୟମ କରିଛନ୍ତି। କଂଗ୍ରେସ ଭବନ ନିକଟରେ ମଧ୍ୟାହ୍ନରେ ଉକ୍ତ ମା'-ଝିଅ ଦେହରେ କିରୋସିନ ଢାଳି ଆତ୍ମାହୂତି ଉଦ୍ୟମ କରିବାବେଳେ କ୍ୟାପିଟାଲ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ସେମାନେ ହେଲେ ବାଲେଶ୍ୱର ଜିଲା ସିଂଲା ଥାନା ରାଜପୁର ଗାଁର ମିଳନବାଳା ବେହେରା ଓ ତାଙ୍କ ଝିଅ ଶୁଭସ୍ମିତା ଦେ। ଯୌତୁକ ନିର୍ଯାତନା ମାମଲାରେ ପୋଲିସଠାରୁ ନ୍ୟାୟ ନ ମିଳିବାରୁ ଏମିତି ପଦକ୍ଷେପ ନେଇଥିବା ଦୁହେଁ ଗଣମାଧ୍ୟମ ଆଗରେ କହିଛନ୍ତି। ମା, ଝିଅଙ୍କୁ ବୁଝାଶୁଝା କରି ଛାଡ଼ିଦିଆଯାଇଥିବା କ୍ୟାପିଟାଲ ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୨ରେ ଶୁଭସ୍ମିତା ସିଂଲା ଥାନା ନାବରା ଗ୍ରାମର ହରିପଦ ଦେଙ୍କୁ ବିବାହ କରିଥିଲେ। କିଛି ମାସ ପରେ ଶ୍ୱଶୁରଘର ଲୋକେ ଯୌତୁକ ଦାବି କରି ନିର୍ଯାତନା ଦେଇଥିଲେ। ଏନେଇ ଶୁଭସ୍ମିତା ଜିଲା ପରିବାର ଅଦାଲତରେ ଏତଲା ଦେଇଥିଲେ। କୋର୍ଟ ଶୁଭସ୍ମିତା ଓ ତାଙ୍କ ୮ ବର୍ଷର ପୁଅକୁ ଭରଣପୋଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଭରଣପୋଷଣ ମିଳି ନ ଥିଲା।

**BAIF Institute for Sustainable Livelihoods and Development-Odisha**
ଆବେଦନ ବିଜ୍ଞପ୍ତି
**Multipurpose Artificial Insemination Technicians for Rural India**
**(MAITRI)**
ଦକ୍ଷତା ଆଧାରିତ ଆତ୍ମନିଯୁକ୍ତି ସୁଯୋଗ ପାଇଁ ସମଗ୍ର ଓଡ଼ିଶାରେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ MAITRI ଭାବରେ ଆବେଦନ ଆମନ୍ତ୍ରଣ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀମାନେ ୱେବସାଇଟରେ ଉଲ୍ଲେଖ କରାଯାଇଥିବା ପ୍ରକ୍ରିୟା ଅନୁଯାୟୀ ଆବେଦନ କରିପାରିବେ।
Website: www.baifodisha.org / www.baif.org.in
ଅଧିକ ବିବରଣୀ ପାଇଁ ସୋମବାରରୁ ଶୁକ୍ରବାର, ଦିନ ୧୧ ଟାରୁ ଅପରାହ୍ନ ୪ ଟା ମଧ୍ୟରେ ନିମ୍ନରେ ଦିଆଯାଇଥିବା ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ।
ଫୋନ ନମ୍ବର : 7894418530

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୧୬/୨୦୨୨ Sambalpur, Saturday, July 16/ 2022





୪୪ତମ ଫିଡେ ଚେସ୍ ଅଲିମ୍ପିଆଡ୍ ପୂର୍ବରୁ ଓଡ଼ିଆ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଭିନିଲ କ୍ରିଷ୍ଣା, କମିଶନର ଓ ସଚିବ କ୍ରୀଡା ଓ ଯୁବ ବ୍ୟାପାର, ସୁରେଶ ଚନ୍ଦ୍ର ସାହୁ, ଅପରାଜିତା ଗୋଚ୍ଛିକାର, ପଦ୍ମିନୀ ରାଉତ, କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତ, ରଞ୍ଜନ ମହାନ୍ତି, ଜି.ସି. ମହାପାତ୍ର ଏବଂ ଦେବବ୍ରତ ଭଞ୍ଜ।




ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଚେସ୍ ଅଲିମ୍ପିଆଡ୍ ମଶାଲକୁ ସ୍ୱାଗତ କରାଯାଉଛି।

# ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆଜିଠାରୁ

**ଭୁବନେଶ୍ୱର, ୧୫।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସୁଇମିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ୪୮ ତମ ଜାତୀୟ ଜୁନିୟର ଆକ୍ୱାଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ବିଜୁ ପଟ୍ଟନାୟକ ସୁଇମିଂପୁଲ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବାକୁ ଥିବା ଏହି ୫ ଦିନିଆ ପ୍ରତିଯୋଗିତା ଲାଗି ବିଭାଗ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଖେଳାଳି ଓ ଅଫିସିଆଲ ମାନଙ୍କ ରହିବା, ଖାଦ୍ୟପେୟ ଓ ପ୍ରତିଯୋଗିତାର ସୁପରିଚାଳନା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରତିଯୋଗିତା ଲାଗି ବିଭିନ୍ନ ରାଜ୍ୟରୁ ଖେଳାଳି ଓ ଅଫିସିଆଲମାନେ ବିମାନ ଓ ରେଳ ଯୋଗେ ଆସି ରାଜଧାନୀରେ ପହଞ୍ଚିଛନ୍ତି। ସେମାନଙ୍କ ଲାଗି ବିଭିନ୍ନ ହୋଟେଲ, କିଟ୍ ବିଶ୍ୱବିଦ୍ୟାଳୟର ଅତିଥିଶାଳା ଓ ହଷ୍ଟେଲରେ ରହିବା ବ୍ୟବସ୍ଥା ହୋଇଛି। ଏହି ପ୍ରତିଯୋଗିତାରେ ୩୦ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୮୫୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସୁଇମିଂରେ ୨୫୪ ଜଣ ମହିଳା ସମେତ ମୋଟ ୫୨୮ ଜଣ ପ୍ରତିଯୋଗୀ ରହିଥିବା ବେଳେ ୱାଟର ପୋଲୋରେ ୧୦୫ ଜଣ ମହିଳା ସମେତ ମୋଟ ୩୨୫ ଜଣ ପ୍ରତିଯୋଗୀ ରହିଛନ୍ତି। ପ୍ରତିଯୋଗିତା ନିମନ୍ତେ ୭୫ଜଣ ଟେକ୍ନିକାଲ ଅଧିକାରୀ ଏବଂ ୫୦ ଜଣ ସହାୟକ କର୍ମଚାରୀ ରହିଛନ୍ତି। ଓଡିଶାରୁ ୧୨ ଜଣ ବାଳକ ଓ ୮ ଜଣ ବାଳିକା ସମେତ ମୋଟ ୨୦ ଜଣ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଶନିବାର ପୂର୍ବାହ୍ନରୁ ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବାବେଳେ ଅପରାହ୍ନରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତାର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିୟନଶିପ ଅବସରରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ପାଇଁ କଳାହାଣ୍ଡିରୁ ଆସିଥିବା କଳାକାରଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରାଯିବ।



ଓଡ଼ିଶା ସୁଇମିଂ ଦଳ।

# ପ୍ରଥମ ସିଜନ ଚିଠାରେ ୧୪୩ ଖେଳାଳି

**ପୁଣେ, ୧୫।୭ (ପି.ଟି.)**

ସ୍ଥାନୀୟ ବାଲେୱାଡିଠାରେ ଅଗଷ୍ଟ ୧୪ରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ହେବାକୁଥିବା ଅଲ୍‌ଟିମେଟ ଖୋ ଖୋ ଲିଗ୍ ପ୍ରଥମ ସିଜନ ପାଇଁ ଚିଠାରେ ୧୪୩ ଜଣ ଖେଳାଳିଙ୍କ ନାମ ସ୍ଥାନ ପାଇଛି, ଯେଉଁମାନଙ୍କୁ ୬ଟି ଫ୍ରାଞ୍ଚାଇଜ୍ ବାଛିଛନ୍ତି। ଚିଠାରେ ସାଉଥ ଏସିଆନ ଗେମ୍ସ ପଦକ ବିଜେତା ପ୍ରତୀକ ୱାଇକାର ଓ ଷ୍ଟାର ପୋଲ୍ ଡାଇଭର ପୋଥିରେଡ୍ଡି ଶିବାରେଡ୍ଡିଙ୍କ ଭଳି ଖେଳାଳି ରହିଛନ୍ତି।

**ଅଲ୍‌ଟିମେଟ ଖୋ ଖୋ ଲିଗ୍**

ପ୍ରଥମେ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଦର୍ଶନକୁ ଭିତ୍ତି କରି ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୪୦ ଖେଳାଳି ବଛାଯାଇ ପ୍ରଦର୍ଶନୀଭିତ୍ତିରେ ଏ, ବି, ସି ଓ ଡି ଚାରୋଟି କାଟେଗୋରିରେ ବିଭକ୍ତ କରାଯାଇଥିଲା। ଫ୍ରାଞ୍ଚାଇଜ୍‌ଗୁଡ଼ିକ ସେଥିରୁ ଖେଳାଳି ଚୟନ କରିଥିଲେ। ୧୪୩ ଟପ୍ ଖେଳାଳିଙ୍କ ମଧ୍ୟରୁ ୭୭ ଜଣ କାଟେଗୋରି ଏ'ରେ ସ୍ଥାନ ପାଇଛନ୍ତି। ସେମାନଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅଫର ଦିଆଯାଇଛି। ୱାଇକର, ଆନ୍ଧ୍ରପ୍ରଦେଶର ପୋଥିରେଡ୍ଡି ଶିବାରେଡ୍ଡି, ତାମିଲନାଡୁର ଏମ୍. ବିଗ୍ନେଶ ଓ କର୍ଣ୍ଣାଟକର ଗୌତମ ଏମ୍‌କେଙ୍କ ଭଳି ଖେଳାଳି ରହିଛନ୍ତି। ଟିମ୍ ୱାଇକର ଓ ଡିଫେଣ୍ଡର ଗୌତମଙ୍କୁ ଯଥାକ୍ରମେ ତେଲୁଗୁ ଯୋଦ୍ଧା ଓ ଓଡ଼ିଶା ଜୁଗରନଟ୍ସ ସେମାନଙ୍କ ପ୍ରଥମ ପସନ୍ଦ ଖେଳାଳି ଭାବେ ଦଳରେ ନେଇଥିବା ବେଳେ ସ୍ଥାନୀୟ ବାଳକ ବିଗ୍ନେଶଙ୍କୁ ଚେନ୍ନାଇ କୁଇକ୍ ଗନ୍ସ ଦଳରେ ସାମିଲ କରିଛି। ଦେଶର ଅନ୍ୟତମ ଶ୍ରେଷ୍ଠ ପୋଲ୍ ଡ୍ରାଇଭର୍ସ ତଥା ଅଲରାଉଣ୍ଡର ୨୬ ବର୍ଷୀୟ ଶିବାରେଡ୍ଡି ଗୁଜରାଟ ଫ୍ରାଞ୍ଚାଇଜରୁ ପ୍ରତିନିଧିତ୍ୱ କରିବେ। ଐତିହାସିକ ଖେଳାଳି ଚିଠାରେ ପ୍ରଥମ ଖେଳାଳି ଭାବେ ମହାରାଷ୍ଟ୍ରର ମହେଶ ଶିନ୍ଦେ (ଚେନ୍ନାଇ କୁଇକ୍ ଗନ୍ସ) ସ୍ଥାନ ପାଇଥିଲେ। ବର୍ତ୍ତମାନ ଫ୍ରାଞ୍ଚାଇଜ୍‌ଗୁଡ଼ିକ ସେମାନଙ୍କୁ ନେଇ କ୍ୟାମ୍ପ ଓ କୋଚିଂ କ୍ୟାମ୍ପ ଅଗଷ୍ଟ ୧ ପର୍ଯ୍ୟନ୍ତ କରିପାରିବେ। ଅଲ୍‌ଟିମେଟ୍ ଖୋଖୋର ସିଇଓ ତେନ୍ଜିଂ ନିୟୋଗି ଲିଗ୍‌ର ସଫଳତା କାମନା କରିଛନ୍ତି।

## ଭାଗନେବେ ଓଡ଼ିଶାରୁ ୨

**ଭୁବନେଶ୍ୱର, ୧୫।୭ (ସ୍ପୋର୍ଟସ ବ୍ୟୁରୋ):** ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ପାଇଁ ଖେଳାଳିଙ୍କ ନିଲାମୀ ହୋଇଥିବା ବେଳେ ଓଡ଼ିଶାରୁ ଦୁଇ ଜଣ ଖେଳାଳି ସାମିଲ ହୋଇଛନ୍ତି। ଅର୍ଜୁନ ସିଂ ଏବଂ ଅଜୟ କୁମାର ମାନ୍ଦ୍ରା ଏହି କ୍ରୀଡ ଟୁର୍ନାମେଣ୍ଟରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। କିସ୍ ଏବଂ କିଟ୍ ପକ୍ଷରୁ ଖୋ ଖୋ ଖେଳୁଥିବା ଏହି ଦୁଇ ଖେଳାଳିଙ୍କୁ ନିଲାମରେ କିଣିଛନ୍ତି ଓଡ଼ିଶା ଜଗରନଟସ ଏବଂ ଗୁଜରାଟ ଜିଆଣ୍ଟସ। ଅର୍ଜୁନ ସିଂଙ୍କୁ ଓଡ଼ିଶା ଜଗରନଟ୍‌ସ ୫ ଲକ୍ଷ ଟଙ୍କାରେ କିଣିଥିବା ବେଳେ ଅଜୟଙ୍କୁ ୧.୧୫ ଲକ୍ଷ ଟଙ୍କାରେ କିଣିଛି ଗୁଜରାଟ ଜିଆଣ୍ଟସ। କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହିତ ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ମଧ୍ୟ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତୀୟ ଆଥ୍‌ଲେଟ ୫ ଭିଲେଜରେ ରହିବେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

**ରାଜ୍ୟଗୋଷ୍ଠୀ କ୍ରୀଡ଼ା**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେବାକୁ ଥିବା ଭାରତୀୟ ଆଥଲେଟ ଓ ଅଫିସିଆଲମାନେ ୫ଟି ପୃଥକ୍ ପୃଥକ୍ 'ଭିଲେଜ'ରେ ଅବସ୍ଥାନ କରିବେ। ମହିଳା କ୍ରିକେଟ ଦଳ ପାଇଁ ବର୍ମିଂହାମ୍ ସିଟି ସେଣ୍ଟରରେ ସ୍ୱତନ୍ତ୍ର ସୁବିଧା କରାଯାଇଛି। ଜୁଲାଇ ୨୮ରୁ ଆରମ୍ଭ ହେବାକୁଥିବା ଗେମ୍ସରେ ଭାରତ ୧୬ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବ। ଏଥିପାଇଁ ଭାରତ ୨୧୫ ଜଣିଆ ଆଥଲେଟ ଦଳ ପଠାଇଛି। ମୋଟ ଉପରେ ଆଥ୍‌ଲେଟ ଓ ଅଫିସିଆଲଙ୍କ ସଂଖ୍ୟା ୩୨୫ ରହିଛି। କୌଣସି ବଡ଼ କ୍ରୀଡ଼ା ଇଭେଣ୍ଟରେ ସାଧାରଣତଃ ସମସ୍ତ ଆଥ୍‌ଲେଟ ସେମାନଙ୍କ ଲାଗି ଉଦ୍ଦିଷ୍ଟ ଗେମ୍ ଭିଲେଜରେ ଅବସ୍ଥାନ କରିଥାନ୍ତି। ବର୍ମିଂହାମ୍ ୨୦୨୨ର ଆୟୋଜକଗଣ ଆଥଲେଟମାନଙ୍କ ଲାଗି ୫ଟି ଅଲଗା ଅଲଗା ରହଣି ସ୍ଥାନ କରିଛନ୍ତି। ଏହି କ୍ରୀଡ଼ା ମହୋତ୍ସବରେ ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଭାଗ ନେବେ। ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ରେ ପହଞ୍ଚିବାର ୭୨ ଘଣ୍ଟା ପୂର୍ବରୁ କୋଭିଡ୍ ପାଇଁ ଭାରତୀୟ ଦଳର ସଦସ୍ୟମାନଙ୍କର ଆରଟି-ପିସିଆର୍ ଟେଷ୍ଟ ହେବ। ସୁଇମିଂ, ଆଥ୍‌ଲେଟିକ୍ସ, ଜିମ୍ନାଷ୍ଟିକ୍ସ, ସ୍କ୍ୱାଶ, ହକିରେ ଭାଗ ନେବାକୁ ଥିବା ଆଥଲେଟମାନେ କମନୱେଲ୍‌ଥ ଭିଲେଜ ବର୍ମିଂହାମ୍ (ସିଜିବି)ରେ ଅବସ୍ଥାନ କରିବେ। ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ଟେବୁଲ ଟେନିସ, ୱେଟଲିଫ୍ଟିଂ ଓ ଟ୍ରାଇଥଲନରେ ଭାଗ ନେବାକୁ ଥିବା ଖେଳାଳିମାନେ କମନୱେଲ୍‌ଥ ଭିଲେଜ ଏନ୍‌ଇସି (ସିଜିଏନ୍)ରେ ରହଣି କରିବେ। ସେହିପରି ରେସ୍‌ଲିଂ, ଜୁଡୋ ଓ ଲନ୍ ବୋଲ୍ସ ପ୍ରତିଯୋଗୀମାନେ କମନୱେଲ୍‌ଥ ଭିଲେଜ ୱାର୍‌ୱିକ୍ (ସିଜିଡବ୍ଲ୍ୟୁ)ଠାରେ ଏବଂ କ୍ରିକେଟରମାନେ କମନୱେଲ୍‌ଥ ଗେମ୍ସ ଭିଲେଜ ସିଟି ସେଣ୍ଟର (ସିଜିସି)ରେ ରହିବେ। କ୍ରିକେଟ ପ୍ରତିଯୋଗିତାର ସମସ୍ତ ମ୍ୟାଚ ପ୍ରସିଦ୍ଧ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ହେବ। ସାଇକ୍ଲିଂ ଇଭେଣ୍ଟ ଲଣ୍ଡନରେ ହେବ। ଟ୍ରାକ୍ ଟିମ୍ ସାଟେଲାଇଟ୍ ଭିଲେଜ୍‌ରେ ଅବସ୍ଥାନ କରିବ। ସିଡବ୍ଲୁଜି ପାଇଁ ପ୍ରସ୍ତୁତ କୋଡ୍ ଅଫ୍ କଣ୍ଡକ୍ଟ (ସିଓସି) ଆଥ୍‌ଲେଟ ଓ ଅଫିସିଆଲମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ।

## ଲିଜେଣ୍ଡ ଲିଗ୍ କ୍ରିକେଟ ଖେଳିବେ ପାର୍ଥିବ

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ପୂର୍ବତନ ଭାରତୀୟ ଉଇକେଟକିପର ପାର୍ଥିବ ପଟେଲ ଆକ୍ସନକୁ ଫେରିବେ। ସେପ୍ଟେମ୍ବରରେ ହେବାକୁଥିବା ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି)ର ଦ୍ୱିତୀୟ ସିଜନରେ ସେ ଭାଗ ନେବେ। ଭାରତର ଅନ୍ୟ ୩ ପୂର୍ବତନ ଖେଳାଳି ସ୍ପିନର ପାର୍ଥିବ ପଟେଲ, ଅଲରାଉଣ୍ଡର ରୀତିନ୍ଦର ସୋଧି ଓ ପେସର ଅଶୋକ ଦିଣ୍ଡା ଲିଗ୍‌ର ଚିଠା ପ୍ରକ୍ରିୟାରେ ସାମିଲ ହେବେ ବୋଲି ସ୍ପଷ୍ଟ କରିଛନ୍ତି।

# ଆମେରିକା-କାନାଡା ଫାଇନାଲ

**ମଣ୍ଟେରେ (ମେକ୍ସିକୋ), ୧୫।୭ (ପି.ଟି):** କୋନ୍‌କାକାଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଆମେରିକା ଏବଂ କାନାଡା ମହିଳା ଦଳ ମଧ୍ୟରେ ହେବ ଫାଇନାଲ ଲଢେଇ। ୨୦୨୪ ଅଲିମ୍ପିକ୍ସରେ ନିଜର ସ୍ଥାନ ସୁରକ୍ଷିତ ରଖିବା ପାଇଁ ଉଭୟ ଟିମ୍ ମଧ୍ୟରେ ହେବ ଲଢେଇ। ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ କୋଷ୍ଟାରିକାକୁ ୩-୦ରେ ପରାସ୍ତ କରିଥିଲା ଆମେରିକା। ଏମିଲି ସୋନେଟ୍, ମ୍ୟାଲୋରୀ ପଗ୍ ଏବଂ ଆସଲେ ସାଞ୍ଚେଜ୍ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଅନ୍ୟପକ୍ଷରେ କାନାଡା ୩-୦ରେ ଜାମାଇକାକୁ ପରାସ୍ତ କରି ଫାଇନାଲ ବର୍ଥରେ ଜାଗା ସୁରକ୍ଷିତ କରିଛି।

# ୧୧୦ ବର୍ଷ ପରେ ମିଳିଲା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ

**ଲାଉସାନେ, ୧୫।୭ (ପି.ଟି)**

ବର୍ଷେ କି ଦୁଇ ବର୍ଷ ନୁହେଁ ଦୀର୍ଘ ୧୧୦ ବର୍ଷ ପରେ ମିଳିଲା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ। ୧୯୧୨ ଷ୍ଟକ୍‌ହୋମ୍ ଅଲିମ୍ପିକ୍ସରେ ପେଣ୍ଟାଥଲନ ଏବଂ ଡେକାଥଲନରେ ସ୍ୱର୍ଣ୍ଣ ବିଜେତା ଜିମ୍ ଥୋର୍ପେଙ୍କୁ ଶେଷରେ ତାଙ୍କ ପଦକ ସହିତ ମାନ୍ୟତା ଫେରସ୍ତ ଦିଆଯାଇଛି। ଆମେଚର ନିୟମ ଭଙ୍ଗ କାରଣରୁ ଥ୍ରୋପଙ୍କ ପଦକ ପ୍ରତ୍ୟାହାର କରାଯିବା ସହିତ ତାଙ୍କ ନାମ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଥିଲା। ତେବେ ଶୁକ୍ରବାର ଥୋର୍ପେଙ୍କ ପଦକ ବିଜୟକୁ ୧୧୦ ବର୍ଷ ପୂରିବାକୁ ଯାଉଥିବା ବେଳେ ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସ୍ୱିଡେନର ରାଜା ଗୁସ୍ତାଭ-୫ଙ୍କ ପକ୍ଷରୁ ଥୋର୍ପେଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟ ଭାବରେ ମଧ୍ୟ ଘୋଷଣା କରାଯାଇଥିଲା।

ଆମେରିକୀୟ ବାସିନ୍ଦା ଥୋର୍ପେ ଏକ ଟିକର୍ ଟେପ୍ ପରେଡରେ ଅଂଶଗ୍ରହଣ କରିବା ପାଇଁ ନ୍ୟୁୟର୍କ ଆସିଥିଲେ। ତେବେ ଏହି ଗସ୍ତର କିଛି ମାସ ପରେ ଏକ ତଥ୍ୟ ସାମ୍ନାକୁ ଆସିଲା। ଏହି ତଥ୍ୟ ଅନୁସାରେ ଏକ ବେସବଲ୍ ଲିଗ୍ ଖେଳିବା ପାଇଁ ଥୋର୍ପେ ପଇସା ନେଇଥିଲେ। ଅଲିମ୍ପିକ୍ସର ଆମେଚର ନିୟମ ଉଲ୍ଲଂଘନ ପାଇଁ ତାଙ୍କର ଅଲିମ୍ପିକ୍ସ ପଦକ ଫେରସ୍ତ ନିଆଗଲା। ଏହାକୁ ବିଶ୍ୱର ପ୍ରଥମ ସ୍ପୋର୍ଟିଂ ସ୍କାଣ୍ଡାଲ ଭାବରେ ଅଭିହିତ ମଧ୍ୟ କରାଯାଇଥିଲା। ଏସବୁ ଅଭିଯୋଗ ସତ୍ତ୍ୱେ ଥୋର୍ପେଙ୍କୁ ଜଣେ ଶ୍ରେଷ୍ଠ ଆଥଲେଟର ମାନ୍ୟତା ମିଳିଥିଲା। ଏହା ସହିତ ୧୯୫୦ରେ ଥୋର୍ପେଙ୍କୁ ଅର୍ଦ୍ଧଶତାବ୍ଦୀର ଆସୋସିଏଟେଡ୍ ପ୍ରେସ୍ ଆଥଲେଟ୍‌ର ମାନ୍ୟତା ମଧ୍ୟ ମିଳିଥିଲା। ଥୋର୍ପେଙ୍କ ମୃତ୍ୟୁର ୨୯ ବର୍ଷ ପରେ ଅର୍ଥାତ୍ ୧୯୮୨ରେ ତାଙ୍କ ପରିବାରକୁ ଡୁପ୍ଲିକେଟ୍ ପଦକ ପ୍ରଦାନ କରାଯାଇଥିଲା। ମାତ୍ର ଦୁଇ ବର୍ଷ ପୂର୍ବରୁ ଥୋର୍ପେଙ୍କ ରେକର୍ଡକୁ ପୁନଃଅବସ୍ଥାପିତ କରିବା ପାଇଁ ଏକ ପିଟିଶନ୍ ଦାଖଲ କରାଯାଇଥିଲା।

ଏହି ପିଟଶନ୍ ଆଧାରରେ ଆଇଓସି ପକ୍ଷରୁ ଥୋର୍ପେଙ୍କ ରେକର୍ଡକୁ ପୁନଃଅବସ୍ଥାପିତ କରାଯାଇଛି। ଆଇଓସି ଅଧ୍ୟକ୍ଷ ଥୋମାସ୍ ବାକ୍ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏପରିକି ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଆସୋସିଏଶନ୍ ମଧ୍ୟ ଏହାକୁ ରେକର୍ଡ ବୁକ୍‌ରେ ସାମିଲ କରିବାକୁ ସହମତି ପ୍ରକାଶ କରିଛି। ଥୋର୍ପେ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୩ ଗୁଣ ଅଧିକ ସ୍କୋର କରିଥିବା ବେଳେ ସ୍ୱିଡେନର ରାଜା ଗୁସ୍ତାଭ-୫ ତାଙ୍କୁ ବିଶ୍ୱର ଶ୍ରେଷ୍ଠ ଆଥଲେଟ କହିଥିଲେ।



ଜିମ୍ ଥୋର୍ପେ

## ରୁଷୀୟ ଫୁଟ୍‌ବଲ ଟିମ୍ ଉପରେ ବାସନ୍ଦ ଦଣ୍ଡ କାଏମ

**ଲାଉସାନେ (ସୁଇଜରଲାଣ୍ଡ), ୧୫।୭ (ଏପି):** କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍) ରୁଷିଆର ଫୁଟ୍‌ବଲ ଟିମ୍ ଉପରେ ଲାଗୁ କରାଯାଇଥିବା ବାସନ୍ଦ ଦଣ୍ଡ କାଏମ ରଖିଛନ୍ତି। ଫଳରେ ଚାମ୍ପିୟନ୍ସ ଲିଗ୍ ସମେତ ୟୁରୋପର ଅଗ୍ରଣୀ ଫୁଟ୍‌ବଲ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣରୁ ରୁଷିଆ ବଞ୍ଚିତ ହେବ। ଜାତୀୟ ମହାସଂଘ ଓ ୪ଟି କ୍ଲବ ରେ କରାଯାଇଥିବା ଆବେଦନକୁ କାସ୍ ଅଗ୍ରାହ୍ୟ କରିଛି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ) ଓ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ) ରୁଷିଆର ଜାତୀୟ ଦଳ ଓ କ୍ଲବଗୁଡ଼ିକୁ ସେମାନଙ୍କ ଦ୍ୱାରା ପରିଚାଳିତ ଟୁର୍ନାମେଣ୍ଟରୁ ବାରଣ କରିଥିଲେ। ରୁଷିଆ ଇତିମଧ୍ୟରେ ପୁରୁଷ ବିଶ୍ୱକପ୍ କ୍ୱାଲିଫାଇଂ ଏବଂ ମହିଳା ୟୁରୋପିଆନ ଚାମ୍ପିୟନଶିପ୍‌ରୁ ବାଦ୍ ପଡ଼ିସାରିଛି।

# ସାଇନା, ପ୍ରଣୟ ପରାସ୍ତ: ସିନ୍ଧୁ ସେମିରେ

**ସିଙ୍ଗାପୁର, ୧୫।୭(ପି.ଟି.)**

ଡବଲ ଅଲିମ୍ପିକ ସ୍ୱର୍ଣ୍ଣପଦକ ବିଜୟିନୀ ପି. ଭି. ସିନ୍ଧୁ ସିଙ୍ଗାପୁର ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ଟିମ୍‌ମେଟ୍ ସାଇନା ନେହ୍ୱାଲ ଓ ଏଚ୍.ଏସ୍. ପ୍ରଣୟଙ୍କୁ କିନ୍ତୁ ପରାଜୟ ସ୍ୱୀକାର କରିବାକୁ ହୋଇଛି। ମହିଳା ସିଙ୍ଗଲ୍ସରେ ତୃତୀୟ ସିଡ୍ ସିନ୍ଧୁ ଚାଇନାର ହାନ୍ ୟୁଇଙ୍କଠାରୁ ଦୃଢ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ମ୍ୟାଚକୁ ୧୭-୨୧, ୨୧-୧୧, ୨୧-୧୯ରେ ଜିତିନେଇଥିଲେ। ଗତ ମେ'ରେ ଥାଇଲାଣ୍ଡ ଓପନ ପରେ ସେ ପ୍ରଥମଥର ଏକ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ପ୍ରବେଶ କରିବାକୁ ହେଲେ ସିନ୍ଧୁଙ୍କୁ ବର୍ତ୍ତମାନ ଜାପାନର ତଥା ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ ଅଣସିଡ୍ ସାଇନା କ୍ୱାୱାକାମିଙ୍କୁ ଭେଟିବାକୁ ପଡ଼ିବ। କ୍ୱାୱାକାମି କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ପର୍ନପାୱି ଚୋଚୁୱଙ୍ଗଙ୍କୁ ୨୧-୧୭, ୨୧-୧୯ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲ ପୂର୍ବ ମ୍ୟାଚରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନାର ହି ବିଙ୍ଗ୍ ଜିଆଓଙ୍କୁ ହରାଇ ଦେବା ପରେ ସେ ଫର୍ମ ଫେରିପାଇଛନ୍ତି ବୋଲି ଅନୁମାନ କରାଯାଉଥିଲା। ମାତ୍ର କ୍ୱାର୍ଟରଫାଇନାଲରେ ଜାପାନର ବାମହାତି ଆୟା ଓହୋରୀଙ୍କଠାରୁ ସେ ୧୩-୨୧, ୨୧-୧୫, ୨୦-୨୧ ଗେମ୍‌ରେ ହାରିଯାଇଥିଲେ। ୩୨ବର୍ଷୀୟା ଭେଟେରାନ ଦୁଇଥର ତାଙ୍କ ମ୍ୟାଚ ପଏଣ୍ଟ ରୂପାନ୍ତର କରି ନ ପାରି ଜାପାନିଜ ପ୍ରତିପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଦେଇଥିଲେ। ଅନ୍ୟପକ୍ଷରେ ପ୍ରଣୟ ପ୍ରଥମ ଗେମ୍ ୯ ପଏଣ୍ଟରେ ଜିତିଥିଲେ। ତେବେ କୋଡାଇ ନାରାଓକା ଦ୍ୱିତୀୟ ଗେମ୍ ଜିତି ସମାନ ସ୍ତରକୁ ଆଣିବା ପରେ ମ୍ୟାଚକୁ ୧୨-୨୧, ୨୧-୧୪, ୨୧-୧୮ରେ ଜିତିନେଇଥିଲେ। ଭାରତୀୟ ଡବଲ୍ସ ଯୋଡ଼ି ଏମ୍‌ଆର୍ ଅର୍ଜୁନ ଓ ଧ୍ରୁବ କାପିଲା ଦ୍ୱିତୀୟ ସିଡ୍ ଯୋଡ଼ି ଇଣ୍ଡୋନେସିଆର ମହମ୍ମଦ ଅହସାନ ଓ ହେଣ୍ଡ୍ରା ସେଟିୱାନଙ୍କ ବିପକ୍ଷ ପ୍ରଥମ ଗେମ୍ ଜିତିବା ପରେ ୧୦-୨୧, ୨୧-୧୮, ୨୧-୧୭ରେ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ଫଳରେ ଟୁର୍ନାମେଣ୍ଟରେ ସିନ୍ଧୁ ବର୍ତ୍ତମାନ ଏକମାତ୍ର ଭାରତୀୟ ଖେଳାଳି ଭାବେ ଟିକି ରହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ସ୍ୱାସ୍ଥ୍ୟ ସମସ୍ୟା ନେଇ ସଭ୍ୟାସଭ୍ୟଙ୍କ ଉଦ୍‌ବେଗ

ବରଗଡ଼ ଅଫିସ୍‌,୧୫।୭



ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଅଧିକାରୀବୃନ୍ଦ।

## ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକ

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡ଼ତୀୟା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ସାହୁ, ପୂର୍ଣ୍ଣିମା ରଣା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ) ଡା. ସାଧୁଚରଣ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ସିଡିଏମଓ ଦାଶ ଜିଲାରେ ଆବଶ୍ୟକ ଡାକ୍ତର, କର୍ମଚାରୀଙ୍କ ଅଭାବ, ଖେଦାପାଲିକୁ ସଂଯୋଗ କରୁଥିବା ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ରୋଗୀ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡାକ୍ତରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ କରି ସଭ୍ୟାସଭ୍ୟ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଏକ୍ୱାଗାର୍ଡ଼ କେତେକ କେନ୍ଦ୍ରରେ ବ୍ୟବହାର କରା ନ ଯାଇ କେତେକ କର୍ମୀ ନିଜ ଘରେ ବ୍ୟବହାର କରୁଥିବା ନେଇ ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ଅଭିଯୋଗ କରିଥିଲେ। ଜିଲାରେ ଖାଲି ପଡ଼ିଥିବା ଡାକ୍ତର, ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ ପାଇଁ ଜିଲା ପରିଷଦ ସଭ୍ୟ ଗଡ଼ତୀୟା ଗୃହରେ ଦାବି ଉପସ୍ଥାପନ କରିଥିଲେ। ସେହିପରି କେତେକ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଛତୁଆ ନିମ୍ନମାନର ରହିଥିବା ଅଭିଯୋଗ କରି ସଭ୍ୟାସଭ୍ୟ ଉଦ୍‌ବେଗ ପ୍ରକାଶ କରିଥିଲେ। ଗାଁ କଲ୍ୟାଣ ସମିତିକୁ ଯୋଗାଇ ଦିଆଯାଉଥିବା ଅନୁଦାନର ଦୁରୁପଯୋଗ ହେଉଥିବା ନେଇ ଜିଲା ପରିଷଦ ସଭ୍ୟ ଗଡ଼ତୀୟା ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଥିଲେ। ଜିଲାରେ ମ୍ୟାଲେରିଆ ନିୟନ୍ତ୍ରଣାଧୀନ ରହିଥିବା ନେଇ ସିଡିଏମଓ ଦାଶ କହିଥିଲେ।

# ବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାସ୍ତାରେ ଆଣ୍ଠୁଏ ପାଣି

ଖଡ଼ିଆଳ,୧୫।୭(ଡି.ଏନ.ଏ.)



ରାସ୍ତା ଉପରେ ବର୍ଷା ପାଣି ଜମି ରହିଛି।

ନୂଆପଡ଼ା ଜିଲା ଖଡ଼ିଆଳ ସହର ନିକଟସ୍ଥ ଜାତୀୟ ରାଜପଥ ୩୫୩ରୁ ବାଦୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାସ୍ତା ଉପରେ ଆଣ୍ଠୁଏ ବର୍ଷା ପାଣି। ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଏହି ରାସ୍ତ ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ଏହି ସଡ଼କ ଉପରେ ଆଦର୍ଶ ବିଦ୍ୟାଳୟ, ଶିଳ୍ପ ତାଲିମ କେନ୍ଦ୍ର, ବାଦୀ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରନ୍ତି। ଏହି ସଡ଼କ ମରାମତି କରି ତୁରନ୍ତ ଜଳ ନିଷ୍କାସନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ରାସ୍ତାର ନିର୍ମାଣ, ମରାମତି ପାଇଁ ଅନେକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଇଁ ବର୍ଷା ଦିନରେ ସମସ୍ୟା ଦ୍ୱିଗୁଣିତ ହେଉଛି। ଛାତ୍ରୀଛାତ୍ରଙ୍କ ସହିତ ଜନସାଧାରଣ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଶୀଘ୍ର ସମାଧାନ ପାଇଁ ଜିଲାପାଳଙ୍କୁ ଆଦର୍ଶ ବିଦ୍ୟାଳୟର ଅଭିଭାବକ ସଂଘ ସଦସ୍ୟ ଅଲେଖ ସାହୁ, ତାରକ ମହାଉତି, ରାତ୍ରାନନ୍ଦ ମନହିରା, ସଂଜୟ ମହାଉତି ଓ ବିଶଜିତ କୈବର୍ତ୍ତ ସୋସିଆଲ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଏ ନେଇ ଖଡ଼ିଆଳ ବିଡିଓ ନାରାୟଣ ସାହୁ ସହ ଯୋଗାଯୋଗ କରିବାରୁ ଏହାର ଶୀଘ୍ର ସମାଧାନ ହେବ ବୋଲି କହିଛନ୍ତି।

# ଧରୁଆପଡ଼ାକୁ କାଠପୋଲ ଭରସା

ବୋଡେନ,୧୫।୭(ଡି.ଏନ.ଏ.)



ପିଲାମାନେ କାଠପୋଲରେ ଯାଉଛନ୍ତି।

ନୂଆପଡ଼ା ଜିଲା ବୋଡେନ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅନେକ ଗ୍ରାମ ଏବେ ବି ଗମନାଗମନ ସୁବିଧା ପାଇବାରୁ ବଞ୍ଚିତ ଅଛି। ଏଭଳି ଏକ ଗ୍ରାମ ଭଇଁସାଦାନୀ ପଞ୍ଚାୟତ ସିଆଲଟି ଗ୍ରାମର ପଡାଗ୍ରାମ ଧରୁଆପଡା। ଏହି ପଡାବାସୀଙ୍କ ଗମନାଗମନର ଭରସା ହୋଇଛି ଏକ କାଠ ପୋଲ। ଧରୁଆପଡାବାସୀ ପଞ୍ଚାୟତ ହେଉ କି ବ୍ଲକ, ଡାକ୍ତରଖାନା ହେଉ କି ବଜାର ଯେଉଁ ସ୍ଥାନକୁ ଯିବାକୁ ହେଲେ ସିଆଲଟି ଆସିବାକୁ ପଡେ। ଏହି ପଡା ଓ ସିଆଲଟି ମଝିରେ କାହିଁ କେଉଁ ଦିନରୁ ପଡି ରହିଛି ଏକ ଭଙ୍ଗା ପୋଲ। ପୋଲ ତିଆରି ହୋଇଥିଲା ହେଲେ ପୋଲର ସ୍ଲାବ୍ ଭାଙ୍ଗି ଯିବା ପରେ ଦୁଇ ପଟେ ପୋଲର କାନ୍ଥ ଠିଆ ହୋଇଛି। ଗମନାଗମନ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ତିଆରି କରିଛନ୍ତି କାଠପୋଲ। ଏହି ବିପଦ ସଙ୍କୁଳ କାଠପୋଲ ଉପରେ ଦୈନିକ ଅଙ୍ଗନୱାଡିଠାରୁ ସ୍କୁଲ ପର୍ଯ୍ୟନ୍ତ କୋମଳମତୀ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇ ପାରି ନାହିଁ। ପ୍ରଶାସନ ଏହାପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପୋଲ ମରାମତି ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ବ୍ଲକ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶର ୪ ଘଣ୍ଟାରେ ରାସ୍ତା ମରାମତି

ଗୋଲାମୁଣ୍ଡା,୧୫।୭(ଡି.ଏନ.ଏ.)



ରାସ୍ତା ମରାମତି କରାଯାଉଛି।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ତାଙ୍କର କାର୍ଯ୍ୟ ଦକ୍ଷତା, ଲୋକାଭିମୁଖୀ କାର୍ଯ୍ୟ ପ୍ରଣାଳୀ ପାଇଁ ସର୍ବସାଧାରଣ ଲୋକଙ୍କ ମନରେ ପ୍ରଶଂସାର ପାତ୍ର ହୋଇ ପାରିଥିବା ବେଳେ ପୁଣି ବ୍ଲକ ଅଧ୍ୟକ୍ଷଙ୍କ ଏକ କାର୍ଯ୍ୟକୁ କେଗାଁ ଅଞ୍ଚଳବାସୀ ଭୂରୀୟସୀ ପ୍ରଶଂସା କରିଛନ୍ତି। ଲଗାଣ ବର୍ଷା ଯୋଗୁ ଗୋଲାମୁଣ୍ଡା କେଗାଁ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଚପ୍ରିଆ ନିକଟରେ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଭରିଯାନ ଯିବା ଆସିବା ସମୟରେ ଘୋର ଅସୁବିଧା ହେଉଥିଲା। ଅଧିକ ବର୍ଷା ହେଲେ ଏହି ରାସ୍ତା ବନ୍ଦ ହୋଇ ଯିବା ସମ୍ଭାବନା ଥିଲା। ଗୁରୁବାର ଏହି ରାସ୍ତା ଦେଇ ବ୍ଲକ ଅଧ୍ୟକ୍ଷ ମହାନନ୍ଦ କେଗାଁ ଗସ୍ତ କରୁଥିବା ବେଳେ ରାସ୍ତାର ଏପରି ଅବସ୍ଥା ଦେଖିଥିଲେ। ଘଟଣାସ୍ଥଳରୁ ଏହି ରାସ୍ତା ମରାମତି ଯଥାଶୀଘ୍ର କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଦେବାର ୪ ଘଣ୍ଟା ମଧ୍ୟରେ ପୂର୍ତ୍ତ ବିଭାଗ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ଶେଷ କରିଥିଲା। ବ୍ଲକ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କରିବା ୪ ଘଣ୍ଟା ମଧ୍ୟରେ ରାସ୍ତା ମରାମତି ହୋଇଥିବାରୁ ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ତାଙ୍କୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ବନ୍ଦ ହୋଇ ଯାଇଥିଲେ କେଗାଁ ଅଞ୍ଚଳର କେଗାଁ, ସିନାପାଲି, ନୂଆଗାଁ, ଉଛୁଲା,ଚହକା, ବଡ଼ଚେରଗାଁ ଗ୍ରାମପଞ୍ଚାୟତ ଲୋକେ ପ୍ରଭାବିତ ହୋଇଥାନ୍ତେ।

# ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୧୫।୭(ସ୍ୱ.ପ୍ର.)



ବୈଠକରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

କଳାହାଣ୍ଡି ଜିଲା ଭବାନୀପାଟଣା ରେଡକ୍ରସ ଭବନଠାରେ ଶୁକ୍ରବାର ଭାଜପା ପକ୍ଷରୁ ସ୍ଥାନୀୟ ନଗର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ସନ୍ତୋଷ ବିଷିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ, ବରିଷ୍ଠ ନେତା ବସନ୍ତ ପୁରୋହିତ, ଦିବ୍ୟଯୋତି ମୁଣ୍ଡ, ଜିଲା ଯୁବ ସଭାପତି ବିଜୟ ଦେବ ସାହୁ, ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଦଳକୁ ମଜଭୁତ କରି ଆଗକୁ ଆସୁଥିବା ବିଧାନସଭା ନିର୍ବାଚନରେ ଦଳ କେଉଁ ଭଳି ଭାବେ ମୁକାବିଲା କରି ନିଜର ଆସନ ହାସଲ କରିବ ଓ ଦଳକୁ ସଂଘଠିତ କରି ଗଢିତୋଳିବ ଏହାକୁ ନେଇ ଉପସ୍ଥିତ କର୍ମକର୍ତ୍ତା ବୈଠକରେ ଆଲୋଚନା କରିଥିଲେ।

# ଦେଶସେବା ପାଇଁ ଯୁବବର୍ଗଙ୍କୁ ପରାମର୍ଶ



ବିଶ୍ୱ ଯୁବ ଦକ୍ଷତା ଦିବସରେ ଅତିଥିଙ୍କ ଗହଣରେ ବିକାଶ କର୍ତ୍ତୃପକ୍ଷ।

ବରଗଡ଼ ଅଫିସ୍‌,୧୫।୭

## ବିକାଶରେ ବିଶ୍ୱ ଯୁବ ଦକ୍ଷତା ଦିବସ

ବରଗଡ଼ର ବିକାଶ ଲ ସ୍କୁଲରେ ଶୁକ୍ରବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଛି। ଏହି ଅବସରରେ ବିକାଶ ଲ ସ୍କୁଲ, ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଏବଂ ବିକାଶ ନର୍ସିଂ କଲେଜର ମିଳିତ ଆନୁକୂଲ୍ୟରେ ଏକ ଯୁବ କୌଶଳ କର୍ମଶାଳା ଆୟୋଜିତ ହୋଇଥିଲା। ଲ ସ୍କୁଲ ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଏହି ଅବସରରେ ସେସନ୍ସ ଜଜ୍ ଅସୀମ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବବର୍ଗ ନିଜ ବ୍ୟକ୍ତିଗତ ସମସ୍ୟାରେ ବିଚଳିତ ନ ହୋଇ ଛାତ୍ର ଜୀବନରୁ ହିଁ ଦେଶରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ଚେୟାର ପର୍ସନ ବିଦ୍ୟୁତ୍ କୁମାର ଦାଶ ବକ୍ତା ଭାବେ ଯୋଗଦେଇ ୟୁଥ୍ ସ୍କିଲ ଡେଭଲପମେଣ୍ଟ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ବଲପୁର ଜିଲା କଞ୍ଜ୍ୟୁମର୍ସ ରିଡ୍ରେସାଲ କମିଶନ୍ ସଭାପତି ଡ. ରମାକାନ୍ତ ଶତପଥୀ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ସ୍କିଲ ଡେଭଲପମେଣ୍ଟ ଅନ୍ ରାଇଟ୍ ଟୁ ଇନଫର୍ମେଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଯୁବବର୍ଗରେ ଦକ୍ଷତା ଓ କୌଶଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା ଯୁବବର୍ଗରେ ରହିଥିବା ଲୁକ୍କାୟିତ ଦକ୍ଷତାର ସନ୍ଧାନ ଉପରେ ଆଲୋକପାତ କରିଥିଲେ। ଲ ସ୍କୁଲ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ନୀରଜା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ, ବରଗଡ଼ ଡିଷ୍ଟ୍ରିକ୍ଟ କୋର୍ଟର ରେଜିଷ୍ଟ୍ରାର ବିଶ୍ୱ ବିସ୍ତୃତ କର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ବିକାଶ ଲ ସ୍କୁଲ ଅଧ୍ୟାପକ ଶିବାନନ୍ଦ ସାହୁ, ନୟନଜ୍ୟୋତି ଦାସ, ରୋଜି ମେହେର, ସାରିକା ଦାଶ, ସାଗରିକା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିକାଶ ଅଣ୍ଡର ଗ୍ରାଜୁଏଟ୍ କ୍ୟାମ୍ପସ୍ ସମସ୍ତ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

## ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଯୋଜନା

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ଲାଗି ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି ଯୋଜନା ହେଉଛି ରାଜ୍ୟ ସରକାର ତଥା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନଙ୍କ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯାଉଥିବା ଏକ ଛାତ୍ରବୃତ୍ତି ଯୋଜନା । ଏସ୍‌ସି ଏବଂ ଅନ୍ୟାନ୍ୟ ବଞ୍ଚିତ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଯୋଗାଇବା ଏହାର ଲକ୍ଷ୍ୟ ଅଟେ । ଭାରତରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଯୋଜନା ପାଇଁ ଯୋଗ୍ୟ ଅଟନ୍ତି, ଯାହାକୁ ଆବେଦନକାରୀଙ୍କ ଅର୍ଥାତ୍ ସେ ବାସ କରୁଥିବା ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ ଦ୍ୱାରା ପ୍ରଦାନ କରାଯିବ ।

**ଉଦ୍ଦେଶ୍ୟ:**

ଅନୁସୂଚିତ ଜାତି ଏବଂ ଅନ୍ୟାନ୍ୟ ବଞ୍ଚିତ ବର୍ଗର ଛାତ୍ରଛାତ୍ରୀଙ୍କ ପିତାମାତାଙ୍କୁ ସେମାନଙ୍କ ପ୍ରାକ୍-ମାଟ୍ରିକ ପର୍ଯ୍ୟାୟରେ ଅଧ୍ୟୟନରତ ସନ୍ତାନଙ୍କ ଶିକ୍ଷାରେ ସହାୟତା କରିବା, ଯାହାଦ୍ୱାରା ସେମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରାଯାଇପାରିବ ।

ବିଶେଷ ରୂପେ ପ୍ରାଥମିକରୁ ମାଧ୍ୟମିକ ସ୍ତରରେ ଅଧାରୁ ପାଠପଢ଼ା ଛାଡ଼ିବାର ଘଟଣାକୁ ପ୍ରତିରୋଧ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଅଟେ ।

ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଥାନ୍ତି ଏବଂ ଶିକ୍ଷାର ମାଟ୍ରିକୋତ୍ତର ପର୍ଯ୍ୟାୟକୁ ଅଗ୍ରଗତି କରିବା ପାଇଁ ସେମାନଙ୍କ ନିକଟରେ ଅଧିକ ଉତ୍ତମ ସୁଯୋଗ ରହିଥାଏ ।

**ଯୋଗ୍ୟତା:**

**ଉପାଦାନ ୧:**

ଏସ୍‌ସି ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି

- ଛାତ୍ରଛାତ୍ରୀ ନବମ ଏବଂ ଦଶମ ଶ୍ରେଣୀରେ ପୂର୍ଣ୍ଣକାଳୀନ ଅଧ୍ୟୟନ କରୁଥିବା ଆବଶ୍ୟକ ।
- ଛାତ୍ରଛାତ୍ରୀମାନେ ଅନୁସୂଚିତ ଜାତିରୁ ହୋଇଥିବା ଆବଶ୍ୟକ ।
- ସେମାନଙ୍କ ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ଟ.୨.୫୦ ଲକ୍ଷରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

**ଉପାଦାନ ୨:**

ଅସ୍ୱଚ୍ଛ ଏବଂ ବିପଜ୍ଜନକ ବୃତ୍ତିରେ ନିୟୋଜିତ ପିତାମାତା/ଅଭିଭାବକଙ୍କ ପିଲାଙ୍କ ପାଇଁ ପ୍ରାକ୍-ମାଟ୍ରିକ ଛାତ୍ରବୃତ୍ତି

- ଛାତ୍ରଛାତ୍ରୀ ପ୍ରଥମରୁ ଦଶମ ଶ୍ରେଣୀରେ ପୂର୍ଣ୍ଣକାଳୀନ ଅଧ୍ୟୟନ କରୁଥିବା ଆବଶ୍ୟକ ।
- ଚମଡ଼ା ବିଶୋଧନ ଓ ତତ୍‌ସମ୍ବନ୍ଧୀୟ ବର୍ଗ; ଆବର୍ଜନା ଗୋଟାଳି; ବିପଜ୍ଜନକ ସଫେଇ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷ; ଏବଂ ମେହେନ୍ତର କାମ କରୁଥିବା ବ୍ୟକ୍ତିବିଶେଷଙ୍କ ପିଲା ।
- ଏହି ଉପାଦାନ ଅଧୀନରେ କୌଣସି ପାରିବାରିକ ଆୟର ସୀମା ନାହିଁ ।

**ଛାତ୍ରବୃତ୍ତିର ଉପାଦାନ:**

**୨୦୨୨-୨୩ଠାରୁ, ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ସମ୍ମିଳିତ ଶିକ୍ଷାଗତ ଭତ୍ତା ପାଇବେ ।**

ଦିବାଧାୟୀ – ଟ.୩୫୦୦ ବାର୍ଷିକ

ଛାତ୍ରାବାସ ନିବାସୀ–

ଉପାଦାନ ୧ – ଟ.୭୦୦୦ ବାର୍ଷିକ

ଉପାଦାନ ୨ – ଟ.୮୦୦୦ ବାର୍ଷିକ (ଶ୍ରେଣୀ ୩ୟ–୧୦ମ ପାଇଁ)

**୨୦୨୨-୨୩ ପାଇଁ ପଞ୍ଜୀକରଣ ଖୋଲା:**

- ପଞ୍ଜୀକରଣ ପାଇଁ ପୋର୍ଟାଲକୁ ୧୪ ଏପ୍ରିଲ, ୨୦୨୨ଠାରୁ ଖୋଲିଦିଆଯାଇଛି
- **https://scholarship.gov.in/**ରେ ଏବେ ହିଁ ଆବେଦନ କରନ୍ତୁ

ଯୋଜନା ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ପାଇଁ ଏହାକୁ ସ୍କାନ୍ କରନ୍ତୁ

CBC 38101/11/0015/2223

## ସଂକ୍ଷେପରେ

### କୌଣସି ଶିକ୍ଷା ମୂଲ୍ୟହୀନ ନୁହେଁ

**ବିଶ୍ୱ ଦକ୍ଷତା ତାଲିମ ଶିବିର**

**କଣ୍ଟାବାଞ୍ଜି,୧୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ସରକାରୀ ଆଇଟିଆଇରେ ଶୁକ୍ରବାର ବିଶ୍ୱ ଦକ୍ଷତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଇ.ଟି.ଆଇ. ଭାରପ୍ରାପ୍ତ ଅଧକ୍ଷ ମିଳନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ପୋଲିସ ଡି.ଏସ.ପି. ଡ. ହୃଷୀକେଶ ମେହେର, କଣ୍ଟାବାଞ୍ଜି କେ.ଭି.କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ତୁରେକେଲା ଦେବାଶିଷ ସାମଲ,ଅଧାପକ ସଞ୍ଜୟ କୁମାର ମିଶ୍ର, ଜାମୁଟଝୁଲା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ପଟ୍ଟନାୟକ ମଞ୍ଚସୀନ ଥିଲେ। ଶିବିରରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ ଯେ, କୌଣସି ଶିକ୍ଷା ମୂଲ୍ୟହୀନ ନୁହେଁ। ଜୀବନର ଲକ୍ଷ୍ୟକୁ ଆଧାର କରି ଜଣେ ସଫଳ ମଣିଷ ହେବାକୁ ହେଲେ ଗ୍ରହଣ କରିଥିବା ଶିକ୍ଷାକୁ ସଦ୍‌ବିନିଯୋଗ କରିପାରିଲେ ସଫଳତା ନିଶ୍ଚିତ ମିଳିପାରିବ। କାର୍ଯ୍ୟକ୍ରମରେ ନିକଟସ୍ଥ ଜାମୁଟଝୁଲା ଆଦିବାସୀ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ସହ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଭା ଶେଷରେ ଆଇ.ଟି.ଆଇ. ପରିସରରେ ଛାତ୍ରୀଛାତ୍ର ଏବଂ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

### ଚାଳକଙ୍କର ନ ଥିଲା ଡ୍ରାଇଭିଂ ଲାଇସେନ୍ସ

**ସୋନପୁର,୧୫।୭(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ତରଭା ଥାନା ଅନ୍ତର୍ଗତ ଏନଏଚ୍ ୫୭ର ଖାରୀ ନିକଟ ବଡବାହାଲି ଛକ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ସୋନପୁର ପଟୁ ଆସୁଥିବା ଏକ ମାରୁତି ଆର୍ଟିଗା କାର(ଓଡି୧୬ଜେ-୧୩୫୫) ରାସ୍ତାର ବାମ ପାର୍ଶ୍ୱରେ ଛିଡା ହୋଇଥିବା ଏକ ଅଟୋ ରିକ୍ସା(ଓଡି୦୩ଜେ-୩୬୮୨) ଓ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ସମେତ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଥିଲେ। ତେବେ କାର ଡ୍ରାଇଭର ଅଜୟ ଜେଠୀଙ୍କର ଡ୍ରାଇଭିଂ ଲାଇସେନ୍ସ ନ ଥିବା ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା କହିଛନ୍ତି। ଏହି କାରର ମାଲିକ ହେଉଛନ୍ତି ମହିଳା ପୋଲିସ ଇନ୍ସପେକ୍ଟର ସ୍ୱିଗ୍ଧାରାଣୀ ସୁନା। କାର ମାଲିକ ସୁନା ଜଣେ ଅନଭିଜ୍ଞ ଲୋକଙ୍କୁ ଡ୍ରାଇଭିଂ ପାଇଁ ସୁଯୋଗ ଦେଇଥିଲେ। ମୋଟର ଯାନ ଆଇନ ସମ୍ପର୍କରେ ଜାଣି ମଧ ସେ ଭୁଲ କରିଥିବା ଏସ୍‌ପି ପଣ୍ଡା କହିଛନ୍ତି। ଅନ୍ୟପକ୍ଷେ କାର ଚାଳକଙ୍କ ବେପରୁଆ ଡ୍ରାଇଭିଂ ପାଇଁ ଏହି ଦୁର୍ଘଟଣା ଘଟିଛି। କାରଣ ରଙ୍ଗରୁଟ୍‌ରେ ଯାଇ କାର୍ ଅଟୋ ଓ ବାଇକ୍‌କୁ ମାଡ କରିଛି। ଉକ୍ତ କାରରେ ମହିଳା ଇନ୍ସପେକ୍ଟର ବଲାଙ୍ଗୀର ଅଭିମୁଖେ ଯାତ୍ରା କରୁଥିଲେ। ତେବେ ଦୁର୍ଘଟଣାରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ନ କରି ଇନ୍ସପେକ୍ଟର ସ୍ୱିଗ୍ଧାରାଣୀ ଓ ଡ୍ରାଇଭର ଅଜୟ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ପୋଲିସ ଉଭୟଙ୍କୁ ବଲାଙ୍ଗୀରରୁ ଧରି ତରଭା ଆଣିଥିଲେ। ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରା ଯାଇଥିଲା। ଡ୍ରାଇଭର ଅଜୟ ଗୋଟିଏ ଦିନ ସୋନପୁର ସବ୍‌ଜେଲରେ ଥିଲେ। ତେବେ ବିଚାରପତି ସର୍ତ୍ତମୂଳକ ଜାମିନ ମଞ୍ଜୁର କରିବାରୁ ସେ ପରେ ଜେଲରୁ ମୁକ୍ତ ହୋଇଥିଲେ।

# ୩,୮୩,୭୨୧ ହେକ୍ଟର ଜମିରେ ଚାଷ କରିବା ଲକ୍ଷ୍ୟ

■ଖରିଫ ଋତୁ
■ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ ବୈଠକ

**ଭବାନୀପାଟଣା,୧୫।୭(ସ୍ୱ.ପ୍ର.)**


ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ ବୈଠକରେ ଉପସ୍ଥିତ ଅଧିକାରୀ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଚଳିତ ଖରିଫ ଋତୁ ପାଇଁ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ଶ୍ରୀଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସମେତ ସମସ୍ତ ଜଳ ସମ୍ପଦ ବିଭାଗ, କୃଷି, ସମବାୟ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଜଳସେଚନ, ବ୍ୟାଙ୍କ, କୃଷି ବିଜ୍ଞାନ କେନ୍ଦ୍ରର ପ୍ରମୁଖ ଅଧିକାରୀ ଓ ଚାଷୀ ପ୍ରତିନିଧି ଯୋଗଦେଇଥିଲେ।

ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ କୁମାର ସାହୁ ଗତ ୨୦୨୧-୨୨ରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଓ ଉପଲବ୍ଧି ଉପରେ କହିବା ସହ ଚଳିତ ଖରିଫ ଋତୁ ଧାର୍ଯ୍ୟ ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ଚଳିତ ଖରିଫ ଋତୁରେ ଧାନ ୧,୮୬,୯୬୧ ହେକ୍ଟର, ମକା ୧୫୪୦୨ ହେକ୍ଟର, କ୍ଷୁଦ୍ର ଶସ୍ୟ ୯୩୦୦ ହେକ୍ଟର, ଡାଲି ଜାତୀୟ ଶସ୍ୟ ୬୫୭୪୨ ହେକ୍ଟର, ତୈଳବୀଜ ୧୨୬୨୦ ହେକ୍ଟର, କପା ଜାତୀୟ ୭୪୫୦୮ହେକ୍ଟର, ପନିପରିବା ୧୫୭୫୩ ହେକ୍ଟର, ମସଲା ଜାତୀୟ ୨୭୦୦ ହେକ୍ଟର, ଆଖୁ ୭୩୫ ହେକ୍ଟର ଏଭଳି ସମୁଦାୟ ୩,୮୩,୭୨୧ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ନେଇ ଜଣାଇଥିଲେ। ଏଥିମଧ୍ୟରୁ ୨,୪୧,୦୬୯ ହେକ୍ଟର ଜଳସେଚିତ ଓ ୧୪୨୬୫୨ ହେକ୍ଟର ଅଣ ଜଳସେଚିତ ଜମିରେ ଚାଷ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ବୃହତ୍ତ ଜଳସେଚନ ଏବଂ ଅନ୍ୟାନ୍ୟ ଜଳସେଚନ ବିଭାଗ ଯନ୍ତ୍ରୀ ବର୍ଷା ଠିକ ହେଲେ ଧାର୍ଯ୍ୟ ଜଳସେଚନ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ବୃହତ୍ତ ଜଳସେଚନ ପ୍ରକଳ୍ପ ଯନ୍ତ୍ରୀ ଗତ ୬।୭।୨୦୨୨ରୁ ଇନ୍ଦ୍ରାବତୀ ଜଳସେଚନ କେନାଲରେ ଜଳ ଛଡାଯାଉଛି। ଏହା ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଚଳିତ ଖରିଫ ଋତୁ ପାଇଁ ବିଭିନ୍ନ ରାସାୟନିକ ସାର ୭୩୭୦୦ ମେଟ୍ରିକ ଟନ ଆବଶ୍ୟକତା ଥିବାବେଳେ ଏ ପର୍ଯ୍ୟନ୍ତ ୪୫୬୯୮ ମେଟ୍ରିକ ଟନ ପହଞ୍ଚିଥିବା କହିଥିଲେ। ୨୦୨୧-୨୨ରେ ୨୦୫୫୯ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦିଆଯାଇଥିବା ବେଳେ ୨୦୨୨-୨୩ରେ ୨୫୦୦୦ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉତ୍ତମ ଧାନ ଓ ଅଣଧାନ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ପାଇଁ ଚଳିତ ଖରିଫ ଋତୁରେ ୨୩୭୧୦ କୁଇଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଡିଲରମାନଙ୍କୁ ତନଖି କରି ଉଚିତ୍ ମୂଲ୍ୟରେ ଚାଷୀମାନଙ୍କୁ ସାର, ବିହନ ଓ କୀଟନାଶକ ଯୋଗାଣ ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ପରସ୍ପର ସହ ସମନ୍ୱୟ ରକ୍ଷା କରି ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି ଚାଷୀ ଯେଭଳି ଚାଷ ସମ୍ପର୍କିତ ସମସ୍ତ ସରକାରୀ ସହାୟତା ପାଇପାରିବେ ତା ଉପରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଘର ଭାଙ୍ଗିବା ସହ କଦଳୀ ଚାଷ ନଷ୍ଟ କଲେ ହାତୀପଲ

**ଲାଞ୍ଜିଗଡ,୧୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗ ବ୍ଲକ ଦୁର୍ଗମ ଅଞ୍ଚଳରେ ଦୀଘଦିନ ହେଲା ହାତୀଙ୍କ ଉପଦ୍ରବ ବୃଦ୍ଧି ପାଇଛି। ବୁଧବାର ରାତିରେ ବସନ୍ତପଡା ପଞ୍ଚାୟତ ଅନ୍ତର୍ଗତ କନ୍ଧବସନ୍ତପଡା ଗ୍ରାମରେ ନିୟମଗିରି ଜଙ୍ଗଲରୁ ହାତୀ ଆସି କନ୍ଧବସନ୍ତପଡା ଗାଁରେ ଉପଦ୍ରବ କରି ବ୍ୟାପକ କ୍ଷତି କରିଛନ୍ତି। ୪ଟି ପରିବାର ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ହାତୀ ନଷ୍ଟ କରିଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ ହାତୀପଲ ନିୟମଗିରି ଜଙ୍ଗଲରୁ ଆସି କନ୍ଧ ବସନ୍ତପଡା ଗାଁର ହରି ମାଝି, ଝିପିରି ମାଝି, ପ୍ରକାଶ ମାଝି ଓ ଲତ୍ର ମାଝିଙ୍କ ଘର ସମ୍ପୂର୍ଣ୍ଣ ଭାବେ ଘର ଭାଙ୍ଗିବା ସହ ହରି ମାଝିଙ୍କ କଦଳୀ ଚାଷ ନଷ୍ଟ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ହାତୀ ଉପଦ୍ରବରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବା ବେଳେ ବନ ବିଭାଗ ନାମକୁ ମାତ୍ର ଏଲିଫେଣ୍ଟ ସ୍କ୍ୱାର୍ଡ ଗଠନ କରି କାଗଜପତ୍ରରେ ହାତୀଙ୍କ ଗତିପଥକୁ ଲକ୍ଷ୍ୟ କରୁଛନ୍ତି। ଦୁର୍ଗମଅଞ୍ଚଳବାସୀ ହାତୀ ଭୟରେ ରାତିରେ ଶୋଇପାରୁନାହାନ୍ତି।

# ବିଶ୍ୱ ଦକ୍ଷତା ବିକାଶ ଦିବସ ପାଳିତ



ଦକ୍ଷତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଭବାନୀପାଟଣା,୧୫।୭(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଦକ୍ଷତା ବିକାଶ ବିସ୍ତାର କେନ୍ଦ୍ରଠାରେ ଶୁକ୍ରବାର ଜିଲା ନିୟୋଜନ ସଂସ୍ଥା ଓ ଓରମାସ ପକ୍ଷରୁ ବିଶ୍ୱ ଦକ୍ଷତା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲ, ଜିଲା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ, ଡେପୁଟି ସି ଇଓ, ଓର୍ମାସ ଜଜ୍ କେରକେଟା, ଡିଆଇପିଆର ମନୋଜ ବେହେରା, ଡିପିଏମ ଓଏଲଏମ ସୁଶାନ୍ତ ମିଶ୍ର, ଡିପିସି, ମିସନ ଶକ୍ତି ଅମ୍ରୀତ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଦେଶର ବିକାଶ କ୍ଷେତ୍ରରେ ଯୁବାବର୍ଗଙ୍କ ଭୂମିକା, ରୋଜଗାର ଓ ସେଥିପାଇଁ ଦକ୍ଷତା ଉପଲବ୍ଧ କରାଇବା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ମୁଖ୍ୟଅତିଥି ଜିଲାପାଳ ଉପସ୍ଥିତ ସମସ୍ତ ଶିକ୍ଷାର୍ଥୀ ଓ ତାଲିମ ଗ୍ରହିତାମାନଙ୍କୁ ରୋଜଗାର ତଥା ଆତ୍ମ ନିର୍ଭରଶିଳ ହେବା ପାଇଁ ବୈଷିୟିକ ଓ ଧନ୍ଦାମୂଳକ ଶିକ୍ଷା ଆଜିର ଯୁଗରେ ନିହାତି ଜରୁରୀ। ସେଥିପାଇଁ ନିଜକୁ ଭାରତ ସରକାର ତଥା ରାଜ୍ୟ ସରକାରଙ୍କ ଯୋଜନାରେ ସାମିଲ ହୋଇ ଦକ୍ଷତା ବିକାଶରେ ସକ୍ଷମ ହୁଅନ୍ତୁ ବୋଲି କହିଥିଲେ। ଏହିଅବସରରେ ବିଭିନ୍ନ ଦକ୍ଷତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରୀ ପଲିଟେକନିକ ଅନୁଷ୍ଠାନ ପରିସରରେ ଅତିଥି ଚାରାରୋପଣ କରିଥିଲେ। ପରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା। ସଭାରେ ସାହି ଏକ୍ସପୋର୍ଟ, କ୍ୱେସ କର୍ପୋରେସନ, ଜନ ଶକ୍ତି ସଂସ୍ଥାନ, ଦିନ ଦୟାଲ ଉପାଧ୍ୟାୟ ସ୍କିମରେ ତାଲିମ ନେଇଥିବା ପୂର୍ବ ତାଲିମ ଗ୍ରହୀତା ଓ ତାଙ୍କ ପିତାମାତାଙ୍କ ସହ ଦକ୍ଷତା ବିକାଶ କେନ୍ଦ୍ରର କର୍ମଚାରୀ, ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ) ଅଂଶୁମାନ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

### ବୁଲା କୁକୁର କାମୁଡାରେ ୮ ଆହତ

**ସଇଁତଲା,୧୫।୭(ଡି.ଏନ.ଏ.)**

ଶୁକ୍ରବାର ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଗୋଟିଏ ବୁଲା କୁକୁର କାମୁଡାରେ ୮ ଜଣ ଆହତ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏକ ବୁଲା କୁକୁର ହଠାତ୍ ଜଣେ ରୋଗୀଙ୍କ ସହଯୋଗୀଙ୍କୁ କାମୁଡ଼ିଥିଲା। ସେଠାରେ ଉପସ୍ଥିତ ଲୋକେ କୁକୁରକୁ ଘଉଡ଼ାଇବା ସହ ଆହତ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଡ଼ାକ୍ତରଖାନା ପରିସରରୁ କୁକୁରଟି ନିକଟରେ ଥିବା ବାଳିକା ଉଚ୍ଚ ଆବାସିକ ବିଦ୍ୟାଳୟ ପରିସରକୁ ପଶିଯାଇ ସେଠାରେ ଜଣେ ଛାତ୍ରୀଙ୍କୁ କାମୁଡ଼ିଥିଲା। ଛାତ୍ରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକତ୍ସା କରାଯାଇଥିଲା। ଏହାପରେ ବ୍ଲକ ଛକ ଅଞ୍ଚଳର ଜଣେ ମହିଳା, କାମ କରିବାକୁ ଯାଉଥିବା ଜଣେ ଯୁବକ, ଡ଼ାକ୍ତରଖାନାକୁ ଆସିଥିବା ଆଉ ୩ଜଣ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ କୁକୁରଟି କାମୁଡ଼ିଥିଲା। ବୁଲା କୁକୁରର ଆତଙ୍କ ଯୋଗୁ ଲୋକେ ବ୍ଲକ ଛକରୁ ଡ଼ାକ୍ତରଖାନା ଯିବା ପାଇଁ ଭୟ କରୁଥିବା ବେଳେ ପ୍ରଶାସନ ଦୃଷ୍ଟି ଦେଇ କୁକୁରକୁ ଧରିବା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

### ଛାତ୍ରଙ୍କୁ ମାଡ଼ ମରାଯିବା ପ୍ରତିବାଦରେ ଶିକ୍ଷକଙ୍କ ବଦଳି ଦାବି

**ଲାଠୋର,୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଜଣେ ଶିକ୍ଷକ ନିସ୍ଠୁର ମାଡ଼ ମାରିବା ଘଟଣାକୁ ନେଇ ଶୁକ୍ରବାର ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ବିଦ୍ୟାଳୟକୁ ଆସି ସଂପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଛନ୍ତି।

୧୯୧୪ ମସିହାରେ ସ୍ଥାପିତ ଉକ୍ତ ନୋଡ଼ାଲ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୨୫୫ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ ପରିସର ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିଲେ ହେଁ କିଛି ଦିନ ହେଲା ଛାତ୍ରୀଛାତ୍ରଙ୍କୁ ନିୟମିତ ବିଦ୍ୟାଳୟ ପରିସର ସଫା ସୁତୁରା କରିବା ସହ ଅନାବନା ଘାସ ଲଟା ସଫା କରିବାକୁ କୁହାଯାଉଛି। ଏହାକୁ ବିରୋଧ କଲେ ପିଲାଙ୍କୁ ଅପମାନଜନକ କଥା କୁହାଯାଉଛି। ମଙ୍ଗଳବାର ବିଦ୍ୟାଳୟ ପରିସରରେ ସପ୍ତମ ଶ୍ରେଣୀର କେତେଜଣ ଛାତ୍ରଙ୍କ ସହ ଗ୍ରାମର ଗୋବିନ୍ଦ ମେହେରଙ୍କ ପୁଅଙ୍କୁ କୌଣସି କାରଣବଶତଃ ସମ୍ପୃକ୍ତ ଶିକ୍ଷକ ଜଣକ ମାଡ଼ ମାରିଥିଲେ ଏବଂ ଘରେ କହିଲେ ଆହୁରି ମାଡ଼ ଦିଆଯିବ ବୋଲି ଧମକ ଦେଇଥିଲେ। ମାଡ଼ ଭୟରେ କେତେଜଣ ପିଲା ଘରେ କାହାକୁ କିଛି ନ କହି ଜ୍ୱର ହେଉଛି କହି ବିଦ୍ୟାଳୟକୁ ଆସୁ ନ ଥିଲେ। ଗୋବିନ୍ଦଙ୍କ ପୁଅ ମାଡ଼ ଯନ୍ତ୍ରଣା ସହି ନ ପାରି ବାଧ ହୋଇ ମେଡ଼ିସିନ କିଣି ଖାଉଥିବା ଜଣାପଡ଼ିଥିଲା। କୌଣସି ସୂତ୍ରରୁ ଏହା ଜାଣିପାରି ବିଦ୍ୟାଳୟ ପରିସରରେ ହେଉଥିବା ଏପରି ବେନିୟମ କାମର ପ୍ରତିବାଦ ସ୍ୱରୂପ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ତଥା ଡ୍ରାଇଭର ୟୁନିୟନର କେତେକ ସଦସ୍ୟ ଏକତ୍ରିତ ହୋଇ ଶୁକ୍ରବାର ସକାଳେ ବିଦ୍ୟାଳୟକୁ ଆସି ସଂପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଉ ବୋଲି ଦାବି କରିଥିଲେ। ପରେ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ତଥା ପରିଚାଳନା ସମିତିର ସଭାପତି ଜୟଦେବ ଷାଣ୍ଢ, ଉପ ସଭାପତି ତେଜସ୍ୱିନୀ ଭଇଁଷାଲ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ବିଦ୍ୟାଳୟରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ଫଳରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ପଡିଥିଲେ। ତେବେ ଦାବିପୂରଣ ନ ହେଲେ ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହେବ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଶାଖା ନାଏକଙ୍କୁ ପଚାରିବାରେ ଘଟଣା ବିଷୟରେ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରାଯିବ ବୋଲି କହିଥିଲେ।


ମାଡ ମରାଯିବା ଯୋଗୁ ଛାତ୍ରଙ୍କ ପିଠିରେ ହୋଇଥିବା ଦାଗ।

# ସାମାଜିକ ବୈଠକରେ ମରଣାନ୍ତକ ଆକ୍ରମଣ ଘଟଣାରେ ୪ ଗିରଫ

**ସିନାପାଲି,୧୫।୭(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଥାନାରେ ଗତ ଜୁନ ୫ ତାରିଖରେ ସ୍ୱାମୀସ୍ତ୍ରୀଙ୍କ ଏକ ସାମାଜିକ ବୈଠକରେ ଗଣ୍ଡଗୋଳ ବେଳେ ସ୍ୱାମୀ ପକ୍ଷର ଲୋକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଶୁକ୍ରବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଡରାମାଲ ଗ୍ରାମର ବ୍ରଜମୋହନ ସା (୪୪), କମଲ ସା (୫୪), ରୁପଧର ସା (୪୯) ଓ ସୁଦାମ ସା (୨୪)। ସୂଚନା ଅନୁସାରେ ସିନାପାଲି ବ୍ଲକ ଅନ୍ତର୍ଗତ ଗଡରାମାଲ ଗ୍ରାମର ସାହୁ ସମାଜର ଝିଅଙ୍କୁ ବୋଡେନ ବ୍ଲକ ବୁଢିପଦର ଗ୍ରାମର ଜଣେ ବ୍ୟକ୍ତି ୨୦୨୦ରେ ବିବାହ କରିଥିଲେ। ହେଲେ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ବଚସା ହେବା ପରେ ଗତ ଜୁନରେ ସାହୁ ସମାଜର ଏକ ବୈଠକ ଗଡରାମାଲଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜର ବରିଷ୍ଠ ଲୋକ ଉପସ୍ଥିତ ରହିଥିବା ବେଳେ ଉଭୟଙ୍କୁ ବୁଝାଉଥିଲେ। ଏହି ସମୟରେ ହଠାତ୍ ଝିଅ ପକ୍ଷର କିଛି ଲୋକ ପୁଅ ପକ୍ଷ ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ୨ଜଣ ଗୁରୁତର ହୋଇଥିଲେ। ବୁଢିପଦର ଗ୍ରାମର ଡିଙ୍ଗର ସା ସିନାପାଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୪୦/୨୨) ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଶୁକ୍ରବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖଡିଆଳ ଏସ୍‌ଡିପିଓ ସନ୍ତକ ଜୈନା ସୂଚନା ଦେଇଛନ୍ତି।

# ୧୪ଦଫା ଦାବି ନେଇ ଧାରଣା

**ମୁରିବାହାଲ,୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ କୃଷକସାଥୀ ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଏହି ଅବସରରେ ସଂଘ ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ୧୪ଦଫା ସମ୍ବଳିତ ଏକ ଦାବିପତ୍ର ମୁରିବାହାଲ କୃଷି ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ସଞ୍ଜୟ କୁମାର ଦୀପଙ୍କ ଅଧକ୍ଷତାରେ କୃଷି ବିଭାଗ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ମୁରିବାହାଲ ବ୍ଲକ କୃଷକ ସଂଘର ସଭାପତି ଚକ୍ରଧର ହେର୍ଣ୍ଣା ମୁଖ୍ୟଅତିଥି ରୂପେ ଯୋଗଦେଇ କୃଷକସାଥୀମାନଙ୍କ ଦାବିକୁ ସମର୍ଥନ କରିବା ସହ ଆଗାମୀ ଦିନରେ କୃଷକ ସାଥୀ ଓ କୃଷକଙ୍କ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟତମ ଅତିଥି ଭାବେ କୃଷକ ସଂଘର ଉପ ସଭାପତି ମଦନ ମୋହନ କୁମ୍ଭାର ଯୋଗ ଦେଇଥିଲେ। ଏହାପରେ କୃଷି ଅଧିକାରୀ ଅନୁପସ୍ଥିତ ଥିବାରୁ ଏଟିଏମ ବିଶ୍ୱରଞ୍ଜନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ କୃଷକସାଥୀଙ୍କୁ ତାଲିମ ଓ ସାର୍ଟିଫିକେଟ ପ୍ରଦାନ, ଅଗ୍ରାଧିକାର ଭିତ୍ତିରେ ଅମିନ ନିଯୁକ୍ତି, କୃଷି କର୍ମଚାରୀର ମାନ୍ୟତା, ବିହନ ବିଶୋଧନ, ମତ୍ସ୍ୟଚାଷ ପୋଖରୀ ଖନନ, ଧାନ ସଂଗ୍ରହ, କ୍ଷେତ୍ର ପରିଦର୍ଶନ, ମାସିକ ଭତ୍ତା ବୃଦ୍ଧି ଆଦି ରହିଛି। ବ୍ଲକ କୃଷକସାଥୀ ଗୋବର୍ଦ୍ଧନ ଖରସେଲ,ସବ୍ୟସାଚୀ ବେହେରା, ଗାନ୍ଧୀଲାଲ ମହାକୁର, ଗୋଲାପ ଚନ୍ଦ୍ର ସାହୁ,କିଶୋର ବେହେରା, ମାନପତି ଷାଣ୍ଢ, ହିମାଂଶୁ ଭରାସଗରିଆ,ବିଷମ ପଧାନ, ଲମ୍ବୋଦର ବଗର୍ତ୍ତି ଓ ବେଣୁଧର କମ୍ପଙ୍କ ସହ ବ୍ଲକର ସମସ୍ତ କୃଷକସାଥୀ ଧାରଣା ଦେଇଥିଲେ।


ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବସ୍ତ୍ରେନ ମାଉଳିଙ୍କ ମଣ୍ଡେଇ ଯାତ୍ରା

**କୋକସରା,୧୫।୭(ଡି.ଏନ.ଏ.)**


ଟେମରା ଗାଁରେ ଅନୁଷ୍ଠିତ ଆଷାଢ କେନା ମଣ୍ଡେଇ ଯାତ୍ରା।

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନ ଟେମରାଠାରେ ଥିବା ଦେବୀ ବସ୍ତ୍ରେନ ମାଉଳିଙ୍କ ବାର୍ଷିକ ଆଷାଢକେନା ମଣ୍ଡେଇ ଯାତ୍ରା ଶୁକ୍ରବାର ପାଳିତ ହୋଇଯାଇଛି। ଗତ ୨ ବର୍ଷ କୋଭିଡ୍ ପାଇଁ ମଣ୍ଡେଇ ଯାତ୍ରା ଉପରେ ପ୍ରଶାସନର ରୋକ ଲାଗିଥିବା ବେଳେ ଚଳିତବର୍ଷ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପ୍ରତିବର୍ଷ ବାହୁଡା ଯାତ୍ରା ପରେ ପଡୁଥିବା ଶୁକ୍ରବାର ମଣ୍ଡେଇ ଯାତ୍ରା ହୋଇଆସୁଛି। ଏହି ଯାତ୍ରାକୁ ଆଷାଢ଼ କେନା ମଣ୍ଡେଇ ଯାତ୍ରା ମଧ କୁହାଯାଏ। ଆଷାଢ଼ ମାସ ପ୍ରାରମ୍ଭରେ ଚାଷ ପାଇଁ ଚାଷୀ ବିହୁଡା ଓ ରୁଆ ପ୍ରସ୍ତୁତି ଆରମ୍ଭ କରନ୍ତି। ମଣ୍ଡେଇ ଯାତ୍ରା ସରିବା ପରେ ଏ ଅଞ୍ଚଳର ଚାଷୀ ବିହୁଡା ଓ ରୁଆ କାର୍ଯ୍ୟ ଆରମ୍ଭ କରିବା ପରମ୍ପରା ରହିଛି। ସକାଳୁ ଗ୍ରାମର ଗୌନ୍ତିଆ ରୁମନ ପାତ୍ର ଓ ପୂଜକ ଚିତ୍ରସେନ ମାଝିଙ୍କ ଘରୁ ପୂଜା ସାମଗ୍ରୀ, ଦେବୀଙ୍କ ଲାଠି, କାଳସୀ ବାଜା ବଜାଇ ଶୋଭାଯାତ୍ରାରେ ଦେବୀ ପିଠକୁ ପହଞ୍ଚିବା ପରେ ଆମପାଣି ଗ୍ରାମରୁ ବୁଢାରଜା, ଡେଙ୍ଗାଗୁଡା ଗ୍ରାମରୁ ହିଙ୍ଗୁଳା, ମାଝିଗୁଡା ଗ୍ରାମରୁ ବରସାଲମାଝି ସହ ଠାକୁରାଣି, ଲଙ୍କେଶ୍ୱରୀ ଓ ଦ୍ୱାରସିନୀ ଦେବୀଙ୍କ ଲାଠି ଓ କାଳସି ଦେବୀ ପୀଠକୁ ପହଞ୍ଚିଥିଲା। ପୀଠରେ ପ୍ରଥମେ ପୂଜାର୍ଚ୍ଚନା ପରେ ଦେବୀଙ୍କ ମଣ୍ଡେଇ ହାଟ ପରିକ୍ରମା ଆରମ୍ଭ ହୋଇଥିଲ। ମଣ୍ଡେଇ ଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଦେବଦେବୀ ଏକତ୍ର ହୋଇ ମଣ୍ଡେଇ ହାଟକୁ ୩ଥର ପରିକ୍ରମା କରି ପୁଣିଥରେ ଦେବୀ ପୀଠକୁ ଫେରିଆସିଥିଲେ। ଦେବୀମାନଙ୍କ ପରିକ୍ରମା ସମୟରେ ଶହ ଶହ ଭକ୍ତ ବାଟ ଓଗାଳି ନିଜ ନିଜର ମାନସିକ ଜଣାଇଥିଲେ। ସେହି ସମୟରେ କାଳିସୀମାନେ ହାତରେ ଧରିଥିବା ବିନ୍ତି(ଦେବୀ ଚାଉଳ) ଭକ୍ଷଣ କରିବା ପାଇଁ କହି ଆର୍ଶିର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। ପରେ କଣ୍ଟା ଦୋଳିରେ ଝୁଲିବା କାଳିସିଙ୍କ ସହ ଗ୍ରାମର ଗୌନ୍ତିଆ, ପୂଜକ, ଗ୍ରାମରକ୍ଷୀ, ଲାଠି ବୋହିଥିବା ବ୍ୟକ୍ତି ସହ ଏପରି ୧୦/୧୫ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି କଣ୍ଟା ଦୋଳିରେ ଝୁଲି ଭକ୍ତ ଓ ଦର୍ଶକମାନଙ୍କୁ ବିଭୋର କରିଥିଲେ। ଭକ୍ତ ନିଜ ନିଜର ମାନସିକ ପୂରଣ ସଦୃଶ୍ୟ କୁକୁଡା, ପାରା, ବୋଦା ବଳି ଦେଇଥିବା ବେଳେ ଅଧିକାଂଶ ଭକ୍ତ ନଡିଆ ଚଢାଇ ପୂଜାର୍ଚ୍ଚନା କରି ଆର୍ଶିର୍ବାଦ ନେଇଥିଲେ। ମଣ୍ଡେଇ ଯାତ୍ରା ପୂଜା କାର୍ଯ୍ୟ ପୂଜକ ଚିତ୍ରସେନ ମାଝିଙ୍କ ନେତୃତ୍ୱରେ ହୋଇଥିଲା। ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, କମିଟି ସଭାପତି ପଦ୍ମଲୋଚନ ଦଳପତି, ସମ୍ପାଦକ ମହାଦେବ ବେଶ୍ରା, ସୁଧିର କୁମାର ପାତ୍ର, ଗୋଦାବରୀଶ ପାତ୍ର, ହେମନ୍ତ ବାଣୁଆ, ଅଶୋକ କୁମାର ଦାସ, ରାଜେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କୋକସରା ଥାନା ପୋଲିସ ନିୟୋଜିତ ହୋଇଥିଲେ।

**ଲାଠିଯାତ୍ରା, କଣ୍ଟା ଦୋଳିରେ ଝୁଲିଲେ କାଳିସି**

## ସଂକ୍ଷେପରେ

### ରେଳ ବିଭାଗକୁ ଜମି ପଟ୍ଟା ପ୍ରଦାନ

**ବରପାଲି,୧୫।୭(ଡି.ଏନ.ଏ.):** ସମ୍ବଲପୁର ଟିଟିଲାଗଡ ରେଳ ପଥ ଦୋହରୀକରଣ ପାଇଁ ରେଳ ବିଭାଗ ପକ୍ଷରୁ ରୟତି ଜମି ଅଧିଗ୍ରହଣ ହୋଇଯାଇଛି। ବରପାଲି ତହସିଲ ଅଧୀନରେ ଥିବା ଗ୍ରାମଗୁଡ଼ିକ ହେଲା ବରପାଲି, ଅଇଁଠାପାଲି, ବାବୁପାଲି, ବାରଗୁଡା, ସୁଜିଆ, ଭଟିଗାଁ, ମୁନୁପାଲି ଗ୍ରାମ ର ରୟତି ଜମିଗୁଡ଼ିକୁ ପୂର୍ବତଟ ରେଳ ବିଭାଗ ସମ୍ବଲପୁର ନାମରେ ଜମି ପଟ୍ଟା କରାଯାଇ ବରପାଲି ତହସିଲଦାର ଅକ୍ଷୟ କୁମାର ବାଗ ରେଳ ବିକାଶ ନିଗମ ପକ୍ଷରୁ କୀର୍ତ୍ତନ ଭୋଇ ଉପସ୍ଥିତ ରହି ଏହି ପଟ୍ଟା ସବୁ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝିଙ୍କ ସମେତ ରଞ୍ଜନ ଗଡତିୟା, ଭାରତୀ ମେହେର, ଶିଖା ଷଡ଼ଙ୍ଗୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

### ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ ହେଲା ଅଟୋ ଷ୍ଟାଣ୍ଡ

**ବଲାଙ୍ଗୀର ଅଫିସ,୧୫।୭:** ନୂତନ ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ ହୋଇଛି ଅଟୋ ଷ୍ଟାଣ୍ଡ । ପୂର୍ବରୁ ଘରୋଇ ବସଷ୍ଟାଣ୍ଡ ସମ୍ମୁଖରେ ଯାତ୍ରୀଙ୍କ ସୁବିଧା ପାଇଁ ଅଟୋ ଷ୍ଟାଣ୍ଡ ରହିଥିଲା। ଘରୋଇ ବସଷ୍ଟାଣ୍ଡ ସ୍ଥାନାନ୍ତରିତ ହେବା ପରେ ଅଟୋ ଚାଳକମାନେ ଅଡୁଆରେ ପଡିଥିଲେ। ପ୍ରାୟ ୫୦ ଅଟୋ ଚଳାଚଳ ଠପ୍ ହୋଇଯାଇଥିଲା । ଏ ନେଇ ଜିଲା ପ୍ରଶାସନକୁ ଅଟୋ ଚାଳକ ସଂଘ ଏକ ଜାଗା ଚିହ୍ନଟ ପାଇଁ ଜିଲାପାଳଙ୍କୁ ଅନୁମତି ମାଗିଥିଲେ । ପ୍ରଶାସନଙ୍କ ସହଯୋଗରେ ଶୁକ୍ରବାର ଜାଗା ଚିହ୍ନଟ ହୋଇ ଅଟୋ ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଥିବା ଜଣାପଡିଛି। ସୂଚନାକର୍ମୀ ତଥା ଘରୋଇ ବସ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡା ଉକ୍ତ ଅଟୋଷ୍ଟାଣ୍ଡକୁ ଉଦ୍‌ଘାଟନ କରିଛନ୍ତି । ଏ ନେଇ ପ୍ରଶାସନକୁ ଅଟୋ ଚାଳକ ସଂଘ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ନାବାଳକଙ୍କ ଆତ୍ମହତ୍ୟା

**ତରଭା,୧୫।୭(ଡି.ଏନ.ଏ.):** ଶୁକ୍ରବାର ଅପରାହ୍ନରେ ତରଭା ଅଞ୍ଚଳର ଖାରିରେ ଜଣେ ନାବାଳକ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି । ସେ ହେଲେ ଦିନେଶ ସାଗର ଦାସ (୧୭)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୪/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ. ଆରତୀ କହଁର ପ୍ରକାଶ କରିଛନ୍ତି । ନାବାଳକ ଜଣେ ମେଧାବୀ ଛାତ୍ର ତଥା ମେଳାପୀ ଛାତ୍ର ଥିଲେ ।

### ମାଟି ଚୋରା ଚାଲାଣ, ୧ ଲକ୍ଷ ଟଙ୍କା ଜରିମାନା

**ସୋନପୁର,୧୫।୭(ନି.ପ୍ର.):** ସରକାରୀ ଜମିରୁ ମାଟି ଚୋରାଚାଲାଣ ମହଙ୍ଗା ପଡିଛି । ରାଜସ୍ୱ ବିଭାଗର ବିନା ଅନୁମତିରେ ସୋନପୁର ବ୍ଲକର ଖାରି ନିକଟରୁ ଏକ ହାଇୱା ଯୋଗେ ମାଟି ଚୋରା ଚାଲାଣ କରାଯିବା ବେଳେ ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଶୁକ୍ରବାର ଚଢ଼ାଉ କରି ଏକ ଲକ୍ଷ ଟଙ୍କା ଜରିମାନା କରିଥିବା ସୂଚନା ମିଳିଛି ।

# ଖରିଫ୍‌ରେ ୧,୨୮,୫୦୪ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ

**ସୋନପୁର,୧୫।୭(ନି.ପ୍ର.)**



ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୁବର୍ଣ୍ଣପୁର ଜିଲା**
- ଧାନ ଚାଷ ହ୍ରାସ କରି ପନିପରିବା ଚାଷ ପାଇଁ ଯୋଜନା

୨୦୨୨-୨୩ ଖରିଫ୍ ଋତୁରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲାରେ ୧, ୨୮,୫୦୪ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହା ଗତବର୍ଷର ଲକ୍ଷ୍ୟ ହାସଲ ଠାରୁ ୨୮୯ ହେକ୍ଟର କମ୍। ସେହିପରି ଗତ ଖରିଫରେ ମାତ୍ର ୫,୬୮୧ ହେକ୍ଟର ଜମିରେ ପନିପରିବା ଚାଷ ହୋଇଥିବା ବେଳେ ଚଳିତ ଥର ୨୮,୮୩୦ ହେକ୍ଟର ଜମିରେ ପନିପରିବା ଚାଷ ପାଇଁ ଯୋଜନା ହୋଇଛି। ଯାହା ଗତ ବର୍ଷର ଲକ୍ଷ୍ୟ ଧାର୍ଯ୍ୟ ଠାରୁ ୨୩,୧୪୯ ହେକ୍ଟର ଅଧିକ। ତେବେ ପନିପରିବା ଚାଷରେ କୃଷି ବିଭାଗର ଧାର୍ଯ୍ୟ ଲକ୍ଷ୍ୟର ବାସ୍ତବତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଏପରିକି ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମଧ୍ୟ ଏହି ଲକ୍ଷ୍ୟକୁ ନେଇ ପ୍ରଶ୍ନ ଉଠାଇଥିଲେ। ତେବେ ଏହି ଲକ୍ଷ୍ୟ ଉପରସ୍ତରରୁ ଆସିଛି ବୋଲି କୃଷି ବିଭାଗର ଅଧିକାରୀମାନେ ସଫେଇ ଦେଇଥିଲେ। ଏହି ଲକ୍ଷ୍ୟ ନିକଟରେ ପହଞ୍ଚିବା ଆଦୌ ସମ୍ଭବ ନୁହଁ ବୋଲି ଜିଲାର ଅଗ୍ରଣୀ କୃଷକମାନେ ମତ ଦେଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କୃଷି କୌଶଳ ନିର୍ଦ୍ଧାରଣ କମିଟି ବୈଠକରେ ଏ ବିଷୟରେ ସୂଚନା ଦେଇଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ରମାକାନ୍ତ ଡିଗାଲ। ଜିଲାପାଳ ଅବୋଲି ସୁନିଲ ନରୱଣେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ନରୱଣେ ଜିଲାରେ ଥିବା ଭିତ୍ତିଭୂମି ଓ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଉପଯୋଗରେ ଖରିଫ ଚାଷ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିବା ପାଇଁ କୃଷି ଅଧିକାରୀମାନେ ବଦ୍ଧ ପରିକର ହେବା ପାଇଁ ପରାମର୍ଶ ଦେଇଥିଲେ। ଗତ ଖରିଫରେ ୯୬,୬୧୦ ହେକ୍ଟର ଜମିରେ ଧାନ ଚାଷ କରା ଯାଇଥିବା ବେଳେ ଚଳିତ ଥର ୭୦,୫୦୦ ହେକ୍ଟର ଜମିରେ ଧାନ ଚାଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଯାହାକି ଗତ ଖରିଫ୍‌ରେ ମୋଟ ୭୧ହଜାର ୭୦୦ହେକ୍ଟର ଜମିରେ ଧାନ, ମକା ଓ ମାଣ୍ଡିଆ ଭଳି ଅନ୍ୟ ଶସ୍ୟ ଜାତୀୟ ଫସଲ, ୧୫ହଜାର ୮୦୦ହେକ୍ଟର ଜମିରେ ଡାଲି ଜାତୀୟ, ୩,୨୯୦ହେକ୍ଟର ଜମିରେ ତୈଳବୀଜ, ୭,୩୪୦ହେକ୍ଟର ଜମିରେ ତନ୍ତୁ ଜାତୀୟ, ୨୮,୮୩୦ହେକ୍ଟର ଜମିରେ ପନିପରିବା, ୧,୦୦୦ହେକ୍ଟର ଜମିରେ ମସଲା ଜାତୀୟ, ୪୦ହେକ୍ଟର ଜମିରେ ଆଖୁ ଚାଷ ଓ ୫୦୪ ହେକ୍ଟର ଜମିରେ ଉଦ୍ୟାନ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତ ଖରିଫ୍‌ରେ ୧, ୧୩, ୨୧୬ ହେକ୍ଟର ଜମିକୁ ବୃହତ, କ୍ଷୁଦ୍ର, ମଧ୍ୟମ, ବୃହତ ଉଠା ଜଳସେଚନ, ଉଠା ଜଳସେଚନ, ଡଗ୍ ୱେଲ ଓ ଅନ୍ୟାନ୍ୟ ଉତ୍ସରୁ ଜଳଯୋଗାଣ କରାଯିବ। ଅଣଜଳସେଚିତ ଜମିରେ ଆଦ୍ରତାରେ ମୁଗ, ବିରି ଓ କୋଳଥ ଚାଷ କରାଯିବା ବୋଲି ସୂଚନା ଦିଆ ଯାଇଥିଲା । ଜିଲାର ୪୭ଟି ପ୍ୟାକ୍ସ ଓ ୧୪୪ପ୍ରାଇଭେଟ୍ ଡିଲରଙ୍କ ମାଧ୍ୟମରେ ୮,୮୦୦କୁଇଣ୍ଟାଲ ଧାନ, ୪୬କୁଇଣ୍ଟାଲ ହରଡ, ୭୨କୁଇଣ୍ଟାଲ ମୁଗ, ୩୮କୁଇଣ୍ଟାଲ ବିରି ଓ ୪୦କୁଇଣ୍ଟାଲ ବାଦାମ ବିହନ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ହେକ୍ଟର ପ୍ରତି ୭୯.୨୯ କିଲୋଗ୍ରାମ ହିସାବରେ ମୋଟ ୧୦,୧୪୯ମେଟ୍ରିକ୍ ଟନ୍ ଏନପିକେ ସାର ବ୍ୟବହାର କରିବାକୁ ଲକ୍ଷ୍ୟ ରହିଛି। ଜିଲାରେ ଥିବା ମୃତ୍ତିକା ପରୀକ୍ଷାଗାରରେ ମାଟି ନମୂନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯିବ। ସେହିପରି ଚାଷୀଙ୍କୁ ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର, ଟ୍ରାନ୍ସପ୍ଲାଣ୍ଟର ଓ ପମ୍ପସେଟ୍ ଦିଆଯିବାକୁ ଯୋଜନା ରହିଛି। ସମବାୟ ବ୍ୟାଙ୍କ, ଷ୍ଟେଟବ୍ୟାଙ୍କ, ୟୁଜିବି ଓ ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ କୃଷି ଋଣ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଜୈବିକ ସାର, ରୋଗପୋକ ନିୟନ୍ତ୍ରଣ, ଅଧିକ ଅମଳକ୍ଷମ ଓ ଶଙ୍କରଜାତୀୟ ବିହନ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ଡଃ ଇପ୍ସିତା ମିଶ୍ର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଡୁଙ୍ଗୁରିପାଲି ଏଡିଓ ବିନୋଦ କୁମାର ଲାକ୍ରା, ମୃତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ହୃଷିକେଶ ଦାସ, ସ୍କିମ୍ ଅଧିକାରୀ ଲଳିତ କୁମାର ସାହୁ ଓ କୃଷି ବିଭାଗର ସମସ୍ତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ମଦଭାଟି ନିକଟରୁ ଗଳିତ ମୃତଦେହ ଜବତ

**ହତ୍ୟା ସନ୍ଦେହରେ ବଡ ଭାଇ, ୨ ପୁତୁରା ଅଟକ**

**କେସିଙ୍ଗା,୧୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ମଶାଣିମୁଣ୍ଡା ମଦଭାଟି ନିକଟରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ମୃତକ ହେଲେ କେସିଙ୍ଗା ସହର ଭୂଷଣ ପ୍ରସାଦ କଶ୍ୟପ (୫୭)। ସେ ଗତ ୧୨ ତାରିଖରୁ ନିଖୋଜ ଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଥିଲା। ଶୁକ୍ରବାର ତାଙ୍କର ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଦେହରେ ପୋଲିସ ମୃତକଙ୍କ ବଡଭାଇ ଓ ୨ ପୁତୁରାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସୂଚନା ଯେ, ପ୍ରତିଦିନ ଭଳି ଭୂଷଣ ଗତ ୧୨ ତାରିଖରେ ସନ୍ଧ୍ୟାଭ୍ରମଣରେ ବାହାରି ରାତିରେ ଆଉ ଘରକୁ ଫେରି ନ ଥିଲେ। ଉକ୍ତ ଦିନ ସ୍ଥାନୀୟ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ମଶାଣୀମୁଣ୍ଡା ଦେଶୀ ମଦଭାଟି ନିକଟରୁ ଏକ ବାଇକ୍‌କୁ ବିଳମ୍ବିତ ରାତିରେ ଜବତ କରିଥିଲା। ୧୩ ତାରିଖ ସକାଳେ ପରିବାର ଲୋକେ କଶ୍ୟପ ନିଖୋଜ ନେଇ ଥାନାରେ ଜଣାଇଥିଲେ। ଲଗାଣ ବର୍ଷା ହେଉଥିବାରୁ ମଦଭାଟି ନିକଟ ନାଳରୁ ମୃତଦେହ କୌଣସି ଲୋକ ଦେଖିପାରି ନ ଥିଲେ। ବର୍ଷା ଛାଡିଯିବାରୁ ନାଳରୁ ପ୍ରବଳ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କେସିଙ୍ଗା ପୋଲିସ ଏସ୍‌ଡିପିଓ ଅଭିନବ ସୋନକର ଓ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଳିତ ମୃତଦେହ ଜବତ କରିଥିଲା। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୨୮୩/୧୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ମାଲବାହୀ ଗାଡ଼ିକୁ ପିଟିଲା ଯାତ୍ରୀବାହୀ ବସ, ୨୬ ଆହତ



ଦୁର୍ଘଟଣାରେ ଆହତ ଯାତ୍ରୀ।

**ବଲାଙ୍ଗୀର ଅଫିସ/ଲୋଇସିଂହା, ୧୫।୭(ଡି.ଏନ୍.ଏ.)**

- ୫ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି , ବସ ଜବତ
- ଅଗ୍ନିଶମ ବିଭାଗ, ପୋଲିସର ଉଦ୍ଧାର କାର୍ଯ୍ୟ

ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ହୀରାପୁର ଛକ ନିକଟ କୁଶୁଙ୍ଗାଲ ପୋଲ ପାଖ ରାସ୍ତାକଡରେ ଠିଆ ହୋଇଥିବା ଏକ କମ୍ପାନୀର ମାଲବାହୀ ଗାଡିକୁ ଏକ ଯାତ୍ରୀବାହୀ ବସ ଧକ୍କା ଦେବାରୁ ବସରେ ଥିବା ୨୬ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣ ଯାତ୍ରୀଙ୍କ ଅବସ୍ଥା ଗୁରୁତର ରହିଥିବା ଜଣାପଡିଛି। ସନ୍ଧ୍ୟା ପ୍ରାୟ ୭ଟା ୪୦ ମିନିଟ୍ ସମୟରେ ବଲାଙ୍ଗୀରରୁ ବରଗଡ ଅଭିମୁଖେ ଯାଉଥିବା କୁମୁଦିନୀ ବସ (ଓଡି୧୭ସି ୭୭୨୬) ଭାରସାମ୍ୟ ହରାଇ ରାସ୍ତାକଡରେ ବ୍ରେକ୍ ଡାଉନ୍ ହୋଇ ପଡିଥିବା କମ୍ପାନୀର ଏକ ମାଲବାହୀ ଗାଡିର ପଛପଟେ ଧକ୍କା ଦେଇଥିଲା। ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଲୋଇସିଂହା ଓ ବଲାଙ୍ଗୀର ଅଗ୍ନିଶମ ଟିମ୍, ଲୋଇସିଂହା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀବାହୀ ବସରୁ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ୫ ଜଣଙ୍କୁ ଲୋଇସିଂହା ଡାକ୍ତରଖାନାରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଗୁରୁତର ଆହତ ଯାତ୍ରୀମାନେ ହେଲେ ଡୁଲୁସରର ମହେନ୍ଦ୍ର ମଲ୍ଲିକ, ଡୁଙ୍ଗୁରିପାଲି ସମଲେଇଚୁଆଁ ଗ୍ରାମର ପାର୍ବତୀ ପ୍ରଧାନ, ବୁର୍ଦ୍ଧା ଗ୍ରାମର ଗିରିଧାରୀ ସା, ଚୁଡାପାଲିର ସୁରେନ୍ଦ୍ର ପ୍ରଧାନ, କଣ୍ଟାବାଞ୍ଜିର ଯଦୁମଣି ବେହେରା। ଦୁର୍ଘଟଣା ପରେ କିଛି ସମୟ ଧରି ଟ୍ରାଫିକ୍ ଜାମ୍ ହୋଇଥିଲା। ପରେ ପୋଲିସ ଟିମ୍ ରାସ୍ତା ଅବରୋଧ ଦୂର କରିଥିଲେ। ଦୁର୍ଘଟଣାଗ୍ରସ୍ତ ବସକୁ ପୋଲିସ ଜବତ କରିଛି। ଜାତୀୟ ରାଜପଥ କଡରେ ବ୍ରେକ୍‌ଡାଉନ୍ ଏବଂ ଭାରୀ ଯାନ ପାର୍କିଂ ଯୋଗୁ ଏହି ଦୁର୍ଘଟଣା ହୋଇଥିବା ଆଲୋଚନା ହେଉଛି। ଜାତୀୟ ରାଜପଥ ନିୟମ ପାଳନ ଦିଗରେ ଆଞ୍ଚଳିକ ପରିବହନ ବିଭାଗ, ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ପୋଲିସ ଦୃଷ୍ଟି ଦେଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି।

## ସରଗାଡ଼ରେ ବନମହୋତ୍ସବ ପାଳିତ

**ଲୋଇସିଂହା,୧୫।୭(ଡି.ଏନ.ଏ)**

ବଲାଙ୍ଗୀର ନେହେରୁ ଯୁବା କେନ୍ଦ୍ର ନିର୍ଦ୍ଦେଶରେ ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ବାଳିକା ବିଦ୍ୟାଳୟରେ ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ସଭାପତି ରାଜକିଶୋର ସେଠ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ରଣା ମୁଖ୍ୟଅତିଥି, ଶିକ୍ଷକ କୈବର୍ତ୍ତ ରଣା, ସନତ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ନାରାୟଣ ବାରିକ, ପ୍ରକାଶ ବାରିକ ଓ ସୋହନ ସେଠଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ଅତିଥି ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ ।

## ଭାଲୁ ଆକ୍ରମଣରେ ୩ ମୃତ

**ନୂଆପଡ଼ା ଅଫିସ/ଖଡିଆଲ, ୧୫।୭(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଲଖନା ଥାନା ଅନ୍ତର୍ଗତ ସମରସିଂ ଗ୍ରାମ ନିକଟ ଜଙ୍ଗଲରେ ଶୁକ୍ରବାର ଭାଲୁ ଆକ୍ରମଣରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ସମରସିଂ ଗ୍ରାମର ରବି ରଣ(୩୦), ନକୁଳ ମାଝି (୫୮) ଓ ରତନ ମାଝି (୬୨)। ସକାଳୁ ସେମାନେ ଉକ୍ତ ଜଙ୍ଗଲ ନିକଟ ବିଲକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିଥିଲେ । ଏହି ସମୟରେ ଭାଲୁ ଆକ୍ରମଣ କରିବାରୁ ୨ଜଣ ଗୁରୁତର ହୋଇଥିଲେ। ଗ୍ରାମବାସୀଙ୍କ ମିଳିତ ଆକ୍ରମଣରେ ଭାଲୁର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆହତ ୨ଜଣ କୁନା ମାଝି (୨୩) ଓ ପରମେଶ୍ୱର ମାଝି(୨୫)ଙ୍କୁ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ବଲ ଖେଳୁ ଖେଳୁ ଚାଲିଗଲା ଶିଶୁ ଜୀବନ

**ସୁନ୍ଦରଗଡ଼,୧୫।୭(ଡି.ଏନ.ଏ.)**

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ମସନିକାନୀ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗୁରୁବାର ରାତି ପ୍ରାୟ ୧୦ଟାରେ ଘରେ ବସି ବଲ ଖେଳୁ ଖେଳୁ ଚାଲିଯାଇଛି ଜଣେ ତିନି ବର୍ଷ ବୟସର ଶିଶୁ ପୁତ୍ରର ଜୀବନ। ମିଳିଥିବା ଖବର ଅନୁସାରେ, ମସନିକାନୀ ଗ୍ରାମର ଡିଲେଶ୍ୱର୍ ରକ୍ସା ଏବଂ ରଞ୍ଜୁ ରକ୍ସାଙ୍କ ଶିଶୁ ପୁତ୍ର ହାତରେ ରବର୍ ବଲ ଧରି ଖେଳୁଥିଲେ। ଭୁଲବଶତଃ ବଲ ପାଟିକୁ ଚାଲି ଯାଇଥିଲା। ପରିବାର ଲୋକେ ତାଙ୍କୁ ଧରି ରାତିରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତରଖାନାରେ ପାଟିରେ ଲଟକି ଥିବା ବଲକୁ ଡାକ୍ତର ବାହାର ମଧ୍ୟ କଲେ। ମାତ୍ର ଶିଶୁର ଜୀବନ ରହିଲା ନାହିଁ।

## ବ୍ଲକ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଖପ୍ରାଖୋଲ,୧୫।୭(ଡି.ଏନ.ଏ.)**

ସ୍ଥାନୀୟ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକ ସାଥୀ ସଂଘ ତରଫରୁ ସର୍ବନିମ୍ନ ମଜୁରି ସହ ସାମାଜିକ ସୁରକ୍ଷା ପ୍ରଦାନ ଦାବିରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ଏହି ଅବସରରେ ୧୪ ଦଫା ସମ୍ବଳିତ ଦାବିପତ୍ର ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେରଙ୍କୁ ପ୍ରଦାନ କରାଯାଇଥିଲା। ପାଟଣାଗଡ଼ କୃଷି ଜିଲା ଅଧିକାରୀ ଗୋରେନ୍ଦ୍ର ନାଥ ସିଂ, ଖପ୍ରାଖୋଲ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇ ଉପସ୍ଥିତ ଥିଲେ। ଏହି ଅବସରରେ କୃଷକ ସାଥୀ ସଂଘ ସଭାପତି ନିଳମ୍ବର ବିଶ୍ୱାଳ, ସମ୍ପାଦକ ସମ୍ପତି ଭୋଇ, ଛାୟାକାନ୍ତ ବାରିକ, ବୀରେନ୍ଦ୍ର ବାରିକ, ସଞ୍ଜୟ ବୁଢ଼େକ, ବିଭିଷଣ ମାଝୀ, ଜଳନ୍ଧର ବେହେରା, ଘନଶ୍ୟାମ ଭୋଇ, ଲମ୍ବୋଦର ସୁନା, ବିନୋଦ ଠେଲା, ସୁନ୍ଦର ବରିହା, ଆନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୮ ରୁ ୫୯ ବର୍ଷର ବ୍ୟକ୍ତିଙ୍କୁ ମାଗଣାରେ ବୁଷ୍ଟର ଡୋଜ ଟିକା ପ୍ରଦାନ

**ସୋନପୁର,୧୫।୭(ନି.ପ୍ର.)**

ଦେଶରେ କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଶୁକ୍ରବାର ଠାରୁ ୭୫ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ଜିଲାର ସମସ୍ତ ସରକାରୀ ଟିକାକରଣ କେନ୍ଦ୍ରଗୁଡିକରେ ୧୮ ରୁ ୫୯ ବର୍ଷର ବ୍ୟକ୍ତିଙ୍କୁ ମାଗଣାରେ କୋଭିଡ-୧୯ ବୁଷ୍ଟର ଡୋଜ ଟିକା ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ଟିକାକରଣ କେନ୍ଦ୍ର ଠାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏହି ମାଗଣା ବୁଷ୍ଟର ଡୋଜ ଟିକା ପ୍ରଦାନ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ରଞ୍ଜନ ପତି, ଡିଏମଓ ତଥା ସୁପରିଟେଣ୍ଡେଣ୍ଟ ପ୍ରଦୀପ କୁମାର ଗୁରୁ, ଡିପିଏମ ବିଶ୍ୱମ୍ଭର ବେହେରା, ପ୍ରମୋଦ କୁମାର ସାହୁ, ସନ୍ତୋଷ କୁମାର ସାହୁ, ଆଇସିଏ ସଞ୍ଜୟ କୁମାର ପଣ୍ଡା ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।


ଅତିରିକ୍ତ ଜିଲାପାଳ ଟିକା ପ୍ରଦାନ ଅଭିଯାନର ଶୁଭାରମ୍ଭ କରୁଛନ୍ତି

# ୨ ବର୍ଷ ହେଲା ରାସ୍ତାରେ ପଡ଼ିଛି ମେଟାଲ

- ଯାତାୟାତରେ ଅସୁବିଧା ଭୋଗୁଛନ୍ତି ଲୋକେ
- ପ୍ରଶାସନ ନୀରବ ଦ୍ରଷ୍ଟା

**ସିନାପାଲି,୧୫।୭(ଡି.ଏନ.ଏ.)**


ରାସ୍ତା ଉପରେ ମେଟାଲ ପଡ଼ି ରହିଛି।

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଡରମାଲଠାରୁ ନିଲଜୀ ମୁଖ୍ୟରାସ୍ତା ମରାମତି ପାଇଁ ଗତ ୨ ବର୍ଷ ହେଲା ରାସ୍ତା ଉପରେ ମେଟାଲ ପକାଇ ଛାଡି ଦିଆଯାଇଛି। ଫଳରେ ଉକ୍ତ ରାସ୍ତାରେ ଲୋକେ ଯିବାଆସିବା କରିବାରେ ନାନା ଅସୁବିଧା ଭୋଗିବା ସହ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ପ୍ରଶାସନ ଜାଣିଶୁଣି ମଧ୍ୟ ନିରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଗଡରାମାଲ ଗ୍ରାମରୁ ନିଲଜୀ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ମରାମତି ଅତି ଜରୁରୀ ହୋଇପଡିଛି। କୌଣସି ଏକ ପାର୍ଟିରୁ ସ୍ଥାନୀୟ ଜଣେ ଠିକାଦାର ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଏହି ମେଟାଲ ପକାଇ ଥିଲେ। ହେଲେ କୌଣସି କାରଣରୁ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଆଜକୁ ପ୍ରାୟ ଦୁଇ ବର୍ଷ ହେବ ରାସ୍ତା ଉପରେ ସେହିଭଳି ମେଟାଲ ପଡି ରହିଛି। ଦୀର୍ଘ ଦିନ ହେଲା ମେଟାଲ ପଡିରହିଥିବାରୁ ମେଟାଲ ସବୁ ଏଣେତେଣେ ପଡି ରାସ୍ତା ଅବରୋଧ ହୋଇଛି। ଲୋକେ ଯିବାଆସିବାରେ ଅସୁବିଧା ଦେଖାଯାଉଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ କୌଣସି ସୂଚନା ମିଳିପାରି ନାହିଁ। ଜିଲା ତଥା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।